୪୬

# ଧରିତ୍ରୀ
DHARITRI

୧୬+୧୨ ପୃଷ୍ଠା

ବାଲେଶ୍ୱର, ରବିବାର, ନଭେମ୍ବର ୨୪/୨୦୧୯ (୧୬ + ୧୨ ପୃଷ୍ଠା) | Balasore, Sunday, November 24/2019 | ★★★★

୪୬ଶ ଭାଗ ୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-






**STORES ONLY AT: BHUBANESWAR:** 621, Saheed Nagar, Janpath I **BHUBANESWAR:** 309, District Centre, Chandrashekarpur I **BERHAMPUR:** Venkataraju Arcade, Sano Bazar I **CUTTACK:** 558/834, Cantonment Road I **ROURKELA:** Kesar Bhavan, Main Road I **Toll Free:** 1800 3131 777 • **Open on Sundays.**



ଦେବେନ୍ଦ୍ର ଫଡ଼୍‌ନବିସଙ୍କ ସପକ୍ଷରେ ଜନାଦେଶ ଥିଲା। ଆସ୍ଥାଭୋଟରେ ଭାଜପା ବିଜୟୀ ହେବ। ମହାରାଷ୍ଟ୍ର ସରକାର ଗଠନରେ ସମସ୍ତ ସାମ୍ବିଧାନିକ ଔପଚାରିକତା ପାଳନ କରାଯାଇଛି।
-ରବିଶଙ୍କର ପ୍ରସାଦ,
ଆଇନ ମନ୍ତ୍ରୀ

# 'ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇପାରିବନି ଭାଜପା'



**ମୁମ୍ବାଇ, ୨୩।୧୧(ପି.ଟି.) :** ମହାରାଷ୍ଟ୍ରରେ ଦେବେନ୍ଦ୍ର ଫଡ଼୍‌ନବିସ୍ ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିଥିଲେ ହେଁ ଆବଶ୍ୟକ ସଂଖ୍ୟା ଭାଜପା ପାଖରେ ନାହିଁ ବୋଲି ଏନ୍‌ସିପି ମୁଖ୍ୟ ଶରଦ ପାୱାର ଶନିବାର କହିଛନ୍ତି। ଭାଜପାକୁ ଅଜିତ୍ ସମର୍ଥନ କରିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଅନୁଶାସନହୀନତା ବୋଲି ସେ ମତ ଦେଇଛନ୍ତି। ଏନ୍‌ସିପି-ଭାଜପା ମେଣ୍ଟ ସପକ୍ଷରେ ଦଳର କୌଣସି ନେତା ନାହାନ୍ତି। ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ଏନ୍‌ସିପି ନେତା ଅଜିତ୍ ପାୱାରଙ୍କ ସହ ୧୦ରୁ ୧୧ ବିଧାୟକ ରହିଛନ୍ତି। ଭାଜପା ପାଖରେ ଆବଶ୍ୟକ ସଂଖ୍ୟା ନ ଥିବାରୁ ସରକାର ତିଷ୍ଠିରହିବା ମୁସ୍କିଲ ବୋଲି ଶରଦ ପ୍ରକାଶ କରିଛନ୍ତି। ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କ ସହ ମିଳିତ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେବା ଅବସରରେ ଶରଦ ଏଭଳି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଗତ ୩୦ରେ ଦଳର ବିଧାୟକ ଦଳ ନେତା ନିର୍ବାଚିତ ହୋଇଥିବା ଅଜିତ୍‌ଙ୍କୁ ଏନ୍‌ସିପିରୁ ବିଦା କରାଯିବାର ଆଶଙ୍କା ରହିଛି। ଏନେଇ ବୈଠକରେ ନିଷ୍ପତ୍ତି ନିଆଯାଇ ନୂଆ ବିଧାୟକ ଦଳ ନେତା ବଛାଯିବ ବୋଲି ଶରଦ କହିଛନ୍ତି। ଭାଜପା-ଏନ୍‌ସିପି ସହଯୋଗରେ ସରକାର ଗଠନ କରାଯିବାକୁ ଉଦ୍ଧବ ରାତି ଅଧିଆ ସର୍ଜିକାଲ୍ ଷ୍ଟ୍ରାଇକ୍ ବୋଲି କହିଛନ୍ତି।




# କିପରି ବଦଳିଲା ମହାରାଷ୍ଟ୍ର ଗଣିତ

**ମୁମ୍ବାଇ,୨୩।୧୧**

ମହାରାଷ୍ଟ୍ରରେ ଏନ୍‌ସିପି-କଂଗ୍ରେସ ସମର୍ଥନରେ ଶିବସେନା ସରକାର ଗଢ଼ିବ ବୋଲି ଶୁକ୍ରବାର ରାତିରେ ଚୂଡ଼ାନ୍ତ ନିଷ୍ପତ୍ତି ଘୋଷଣା ହେବା ସତ୍ତ୍ୱେ ଶନିବାର ସକାଳେ ଭାଜପା ନେତା ଦେବେନ୍ଦ୍ର ଫଡନବିସ୍ ମୁଖ୍ୟମନ୍ତ୍ରୀ ଓ ଏନ୍‌ସିପି ନେତା ଅଜିତ ପାୱାର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ଏହା ସମ୍ଭବ ହେଲା କିପରି ତାକୁ ନେଇ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଇଛି। ରାତିକ ଭିତରେ କିପରି ରାଜନୈତିକ ଦୃଶ୍ୟପଟ ବଦଳିଲା ତାହାର ଘଟଣାକ୍ରମ ନମ୍ନରେ ଦିଆଗଲା।


ଦେବେନ୍ଦ୍ର ଫଡନବିସ୍ — ଅଜିତ ପାୱାର

**ଶୁକ୍ରବାର ରାତି ୧୧.୪୫:** ମହାରାଷ୍ଟ୍ରରେ ସରକାର ଗଠନ ନେଇ ଅଜିତ ପାୱାର ଏବଂ ଭାଜପା ମଧ୍ୟରେ ଡିଲ୍ ଚୂଡ଼ାନ୍ତ ହେଲା।

**୧୧.୫୫:** ଶିବସେନା-ଏନ୍‌ସିପି-କଂଗ୍ରେସ ସରକାର ଗଠନ ଦାବି ଜଣାଇବା ପୂର୍ବରୁ ଶପଥ ନେବା ସମ୍ପର୍କରେ ଦେବେନ୍ଦ୍ର ଫଡ଼୍‌ନବିସ ଦଳୀୟ ବିଧାୟକମାନଙ୍କୁ ଜଣାଇଲେ।

**୧୨.୩୦:** ରାଜ୍ୟପାଳ ଭଗତ ସିଂ କୋଶିୟାରୀ ତାଙ୍କର ଦିଲ୍ଲୀ ଗସ୍ତ ବାତିଲ କଲେ

**୨.୧୦:** ଶନିବାର ସକାଳ ୫ଟା ୪୭ରେ ରାଷ୍ଟ୍ରପତି ଶାସନ ଉଚ୍ଛେଦ ନିର୍ଦ୍ଦେଶନାମା ଦାଖଲ ଓ ୬ଟା ୩୦ରେ ଶପଥ ଗ୍ରହଣ ଉତ୍ସବ ଆୟୋଜନ କରିବାକୁ ରାଜ୍ୟପାଳଙ୍କ ସଚିବଙ୍କୁ କୁହାଗଲା।

**୨.୩୦:** ଦୁଇ ଘଣ୍ଟା ମଧ୍ୟରେ ଫାଇଲ ଦାଖଲ କରିବେ ବୋଲି ରାଜ୍ୟପାଳଙ୍କ ସଚିବ ଜଣାଇଲେ ଓ ସକାଳ ୭ଟା୩୦ରେ ଶପଥ ଗ୍ରହଣ ପାଇଁ ପରାମର୍ଶ ଦେଲେ।

**ଶନିବାର ସକାଳ ୫.୩୦:** ଦେବେନ୍ଦ୍ର ଫଡ଼୍‌ନବିସ ଓ ଅଜିତ ପାୱାର ରାଜଭବନରେ ପହଞ୍ଚିଲେ

**୫.୪୭:** ମହାରାଷ୍ଟ୍ରରୁ ରାଷ୍ଟ୍ରପତି ଶାସନ ହଟିଲା।

**୭.୫୦:** ରାଜ୍ୟପାଳ ଶପଥ ଗ୍ରହଣ ଉତ୍ସବ ଆରମ୍ଭ କଲେ।

**୮.୦୧:** ଦେବେନ୍ଦ୍ର ଫଡ଼୍‌ନବିସ ଓ ଅଜିତ ପାୱାର ଶପଥ ନେବା ଖବର ପ୍ରସାରଣ ହେଲା।

**୮.୧୬:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ କରି ଫଡ଼୍‌ନବିସ ଓ ଅଜିତ ପାୱାରଙ୍କୁ ଅଭିନନ୍ଦନ ଜଣାଇଲେ।

# ୧୭୦ ବିଧାୟକଙ୍କ ସମର୍ଥନ ରହିଛି

**ଭାଜପାର ଦାବି**

**ମୁମ୍ବାଇ, ୨୩।୧୧(ପି.ଟି.)**

ମହାରାଷ୍ଟ୍ରରେ ଭାଜପା ପାଖରେ ୧୭୦ ବିଧାୟକଙ୍କ ସମର୍ଥନ ରହିଛି। ସମସ୍ତ ଏନ୍‌ସିପି ବିଧାୟକ ଓ ୧୧ ସ୍ୱାଧୀନ ବିଧାୟକ ଆମକୁ ସମର୍ଥନ କରୁଛନ୍ତି। ମ୍ୟାଜିକ୍ ନମ୍ବର(୧୪୫) ଛୁଇଁବା ଲାଗି କିଛି ଅସୁବିଧା ନାହିଁ ବୋଲି ଶନିବାର ଭାଜପା ପକ୍ଷରୁ ଦାବି କରାଯାଇଛି। ୨୮୮ ଆସନବିଶିଷ୍ଟ ରାଜ୍ୟ ବିଧାନସଭାରେ ଭାଜପାର ୧୦୫ ସଦସ୍ୟ ଅଛନ୍ତି। ସଂଖ୍ୟାଗରିଷ୍ଠତାର ପ୍ରମାଣ ଲାଗି ନଭେମ୍ବର ୩୦ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍‌ନବିସ୍ ଓ ଉପମୁଖ୍ୟମନ୍ତ୍ରୀ ଏନ୍‌ସିପି ନେତା ଅଜିତ୍ ପାୱାରଙ୍କ ପାଖରେ ପର୍ଯ୍ୟାପ୍ତ ସମୟ ରହିଛି ବୋଲି ଭାଜପାର ଜଣେ ବରିଷ୍ଠ ନେତା କହିଛନ୍ତି। ଅଜିତ୍ ଏନ୍‌ସିପି ବିଧାୟକ ଦଳର ନେତା ଭାବେ ନିର୍ବାଚିତ ହୋଇଛନ୍ତି। ଦଳର ସମସ୍ତ ବିଧାୟକଙ୍କ ସମର୍ଥନ ରହିଥିବା ପତ୍ର ତାଙ୍କ ପାଖରେ ରହିଛି। ରାଜ୍ୟପାଳଙ୍କୁ ମଧ୍ୟ ଏହା ପ୍ରଦାନ କରାଯାଇଛି। ଯଦି ଏନ୍‌ସିପିରେ ଫାଟ ଦେଖାଦିଏ, ତେବେ ୩୦ରୁ ଊର୍ଦ୍ଧ୍ୱ ବିଧାୟକ ସରକାର ସପକ୍ଷରେ ରହିବେ ବୋଲି ଭାଜପା କହିଛି।

# ଅଦାଲତରେ ଚ୍ୟାଲେଞ୍ଜ କରିବ କଂଗ୍ରେସ


ଅହମଦ ପଟେଲ

**ମୁମ୍ବାଇ,୨୩।୧୧**

ମହାରାଷ୍ଟ୍ରରେ ଯେପରି ଢଙ୍ଗରେ ସରକାର ଗଢ଼ାଗଲା କଂଗ୍ରେସ ଏହାକୁ ରାଜନୈତିକ ଓ ଆଇନଗତ ଭାବେ ଚ୍ୟାଲେଞ୍ଜ କରିବ ବୋଲି ଏହାର ବରିଷ୍ଠ ନେତା ଅହମଦ ପଟେଲ କହିଛନ୍ତି। ବିଧାୟକମାନଙ୍କ ସମର୍ଥନକୁ ଯାଞ୍ଚ କରା ନ ଯାଇ ସରକାର ଗଠନ ଲାଗି ସୁଯୋଗ ଦିଆଯାଇଛି। ଏହା ପଛରେ ଷଡ଼ଯନ୍ତ୍ର ରହିଥିବା ସେ ଅଭିଯୋଗ କରିବା ସହ ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କ କାର୍ଯ୍ୟକୁ ସମାଲୋଚନା କରିଛନ୍ତି। ସମ୍ବିଧାନକୁ ଅଣଦେଖା କରିବାରେ ଭାଜପା ନିର୍ଲଜ୍ଜତାର ସବୁ ସୀମା ଅତିକ୍ରମ କରିଯାଇଛି। ମହାରାଷ୍ଟ୍ର ଇତିହାସରେ ଆଜିର ଦିନ କଳାଦିବସ ବିବେଚିତ ହେବ ବୋଲି ଅହମଦ କହିଛନ୍ତି।

# 'ଅଜିତ୍ ବିଶ୍ୱାସଘାତକତା କରିଛନ୍ତି'

**ନୂଆଦିଲ୍ଲୀ, ୨୩।୧୧(ପି.ଟି.)**

କଂଗ୍ରେସ ଓ ଏନ୍‌ସିପିକୁ ନେଇ ସରକାର ଗଠନ କରିବା ଲାଗି ଶିବସେନା ଚଳାଇଥିବା ପ୍ରୟାସ ଫସର ଫାଟିଛି। ଏନ୍‌ସିପି ମୁଖ୍ୟ ଶରଦ ପାୱାର ଉଦ୍ଧବଙ୍କ ମୁଖ୍ୟମନ୍ତ୍ରିତ୍ୱରେ ମହାରାଷ୍ଟ୍ରରେ ସରକାର ଗଠନ ହେବ ବୋଲି କହିବାର କିଛି ଘଣ୍ଟା ପରେ ତାଙ୍କ ପୁତୁରା ତଥା ଏନ୍‌ସିପି ନେତା ଅଜିତ୍ ପାୱାର ଦଳୀୟ ନେତାଙ୍କ ସହ ଭାଜପାକୁ ସମର୍ଥନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏଭଳି ରାଜନୈତିକ ପଟ ପରିବର୍ତ୍ତନକୁ ନେଇ ଶିବସେନା ଏମ୍‌ପି ସଞ୍ଜୟ ରାଉତ୍ ସମାଲୋଚନା କରିଛନ୍ତି। ଅଜିତ୍ ମହାରାଷ୍ଟ୍ରବାସୀଙ୍କ ସହ ବିଶ୍ୱାସଘାତକତା କରି ପଛଆଡୁ ଛୁରି ଭୁସିବା ଭଳି କାର୍ଯ୍ୟ କରିଛନ୍ତି ବୋଲି ଶନିବାର ସେ ପ୍ରକାଶ କରିଛନ୍ତି। ଶୁକ୍ରବାର ରାତିରେ ଆଲୋଚନା ବେଳେ ଅଜିତ୍ କାହା ସହ ଠିକ୍ ଭାବେ ଆଖି ମିଳାଉ ନ ଥିଲେ ଓ ତାଙ୍କ ବ୍ୟବହାର ଠିକ୍ ନ ଥିଲା। ହଠାତ୍ ସେ ବୈଠକରୁ ଚାଲିଯିବା ସନ୍ଦେହ ସୃଷ୍ଟିକରିଥିଲା ବୋଲି ରାଉତ୍ ଅଭିଯୋଗ କରିଛନ୍ତି। ସେପଟେ ଅଜିତ୍ ଭାଜପାକୁ ସମର୍ଥନ କରି ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ତାଙ୍କ ନିଜସ୍ୱ ନିଷ୍ପତ୍ତି ବୋଲି ଶରଦ କହିଛନ୍ତି।


ସଞ୍ଜୟ ରାଉତ୍

# ଅପମାନିତ ହେବା ଭଳି ଲାଗୁଛି: ସୁଲେ



**ମୁମ୍ବାଇ, ୨୩।୧୧(ପି.ଟି.) :** ମହାରାଷ୍ଟ୍ରରେ ରାତାରାତି ରାଜନୀତି ବଦଳିବା ଓ ଅଜିତ୍ ପାୱାରଙ୍କ ସହଯୋଗରେ ଭାଜପା ନେତା ଦେବେନ୍ଦ୍ର ଫଡ଼୍‌ନବିସ୍ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ଘଟଣାକୁ ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କ ଝିଅ ସୁପ୍ରିୟା ସୁଲେ ସମାଲୋଚନା କରିଛନ୍ତି। ଅଜିତଙ୍କ ଏଭଳି ନିଷ୍ପତ୍ତି ଆମକୁ ଅପମାନିତ କରିଛି ବୋଲି ସେ କହିଛନ୍ତି। ଏନ୍‌ସିପି ଓ ସହଯୋଗୀ କଂଗ୍ରେସ ଶିବସେନାକୁ ସମର୍ଥନ କରିବା ନିଶ୍ଚିତ ହୋଇଥିବାବେଳେ ଅଜିତଙ୍କ ନେତୃତ୍ୱରେ କେତେଜଣ ବିଧାୟକ ଭାଜପା ଆଡ଼କୁ ଢଳିବା ପରିତାପର ବିଷୟ। ଏହାଦ୍ୱାରା ଦଳ ବିଭାଜନ ଓ ପରିବାରରେ ଦ୍ୱନ୍ଦ୍ୱ ଜଳଜଳ ବୋଲି ସୁଲେ ଉଲ୍ଲେଖ କରିଛନ୍ତି। ଏଭଳି ଧୋକା ଜୀବନରେ କେବେ ପାଇନାହିଁ ବୋଲି ସେ କହିବା ସହ ଏଭଳି ଧୋକାବାଜ୍ ଲୋକଙ୍କୁ ବିଶ୍ୱାସ କରାଯାଇ ନ ପାରେ ବୋଲି ଉଲ୍ଲେଖ କରିଛନ୍ତି।




# ଫଡ଼୍‌ନବିସ୍ ଓ ଅଜିତ୍‌ଙ୍କୁ ପ୍ରଧାନମନ୍ତ୍ରୀଙ୍କ ଅଭିନନ୍ଦନ

**ନୂଆଦିଲ୍ଲୀ, ୨୩।୧୧(ପି.ଟି.)**

ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍‌ନବିସ୍ ଓ ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ମହାରାଷ୍ଟ୍ରର ବିକାଶ ଲାଗି ଦୁହେଁ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଶନିବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ଭାବେ ଭାଜପା ନେତା ଦେବେନ୍ଦ୍ର ଫଡ଼୍‌ନବିସ୍‌ଙ୍କୁ ଶପଥପାଠ କରାଇଥିଲେ।

# ବିଧାୟକଙ୍କୁ ଭୋପାଳ ନେଲା କଂଗ୍ରେସ

**ମୁମ୍ବାଇ,୨୩।୧୧:** ମହାରାଷ୍ଟ୍ରରେ ଆସ୍ଥାଭୋଟ ପୂର୍ବରୁ ସମ୍ଭାବ୍ୟ ଘୋଡାବେପାର ରୋକିବା ପାଇଁ କଂଗ୍ରେସ ତାର ସବୁ ବିଧାୟକମାନଙ୍କୁ ମଧ୍ୟପ୍ରଦେଶ ରାଜଧାନୀ ଭୋପାଳକୁ ନେଇଯାଇଛି। ଏହି ବିଧାୟକମାନଙ୍କୁ ଏକାଠି ରଖିବା ଦାୟିତ୍ୱ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ନେତା ଦିଗ୍‌ବିଜୟ ସିଂଙ୍କୁ ଦିଆଯାଇଛି। ଆସ୍ଥାଭୋଟରେ ଭାଜପାକୁ ପରାଜିତ କରିବାକୁ ହେଲେ ବିଧାୟକମାନଙ୍କୁ ଏକାଠି ରଖିବା ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।

[ଇତିହାସର ଆଇନାରେ]

## ନଭେମ୍ବର ୨୪ର ପ୍ରମୁଖ ଘଟଣା

୨୦୧୨ ନଭେମ୍ବର ୨୪ରେ ବାଂଲାଦେଶର ରାଜଧାନୀ ଢାକାରେ ଥିବା ଏକ ଲୁଗା କାରଖାନାରେ ଅଗ୍ନିକାଣ୍ଡ ଘଟିବାରୁ ୧୧୭ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା। ୨୦୦ରୁ ଊର୍ଦ୍ଧ୍ୱ ଲୋକ ପୋଡ଼ିହୋଇ ଆହତ ହୋଇଥିଲେ।

୨୦୧୫ ନଭେମ୍ବର ୨୪ରେ ଇଜିପ୍ଟର ଅଲ୍ ଆରିଶ୍ ହୋଟେଲରେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଏଥିରେ ୭ ଜଣ ଗୁଳିମାଡ଼ରେ ପ୍ରାଣ ହରାଇଥିବାବେଳେ ୧୨ ଗୁରୁତର ହୋଇଥିଲେ।



**କାମ ବଦଳରେ କମ୍ପ୍ରମାଇଜ୍ କରିନି**

ବଲିଉଡ୍ ଅଭିନେତ୍ରୀ ମଞ୍ଜରୀ ଫଡ୍ନିସ କାମ ବଦଳରେ କମ୍ପ୍ରମାଇଜ୍ କରିବାର ସର୍ତ୍ତ ମିଳିବାରୁ କମର୍ଶିଆଲ୍ ବିଗ୍ ବଜେଟ୍ ଫିଲ୍ମରୁ ନିଜକୁ ଦୂରେଇ ନେଲେ ବୋଲି କହିଛନ୍ତି।

୦୮

୧୩

**ବିରାଟ କୋହଲିଙ୍କ ଶତକ**

କୋଲକାତାରେ ଚାଲିଥିବା ବାଂଲାଦେଶ ବିପକ୍ଷ ପିଙ୍କ୍‌ବଲ୍ ଦିବାରାତ୍ର କ୍ରିକେଟ ଟେଷ୍ଟରେ ଶତକ ହାସଲ କରିଛନ୍ତି ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି।



## ଶ୍ରଦ୍ଧାଞ୍ଜଳି



ଶ୍ରୀ ଅରବିନ୍ଦଙ୍କ ପବିତ୍ର ସିଦ୍ଧି ଦିବସରେ ଧରିତ୍ରୀର ସାରସ୍ୱତ ଶ୍ରଦ୍ଧାଞ୍ଜଳି ଓ ପ୍ରଣତି।

## ଅଭିନନ୍ଦନ

ଧରିତ୍ରୀର ୪୭ତମ ଜୟନ୍ତୀ ଅବସରରେ ପ୍ରିୟ ପାଠିକାପାଠକ, ଲେଖିକାଲେଖକ, ଶୁଭେଚ୍ଛୁ, ଏଜେଣ୍ଟ, ବିଜ୍ଞାପନଦାତା ଓ ବିତରକମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ।




ଧରିତ୍ରୀର ୪୭ତମ ଜନ୍ମଦିନ ଉପଲକ୍ଷେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଶୁଭେଚ୍ଛା ଜଣାଇ ପୁରୀ ବେଳାଭୂମିରେ ଶନିବାର ତିଆରି କରିଥିବା ବାଲୁକାକଳା।

ଡିସେମ୍ବର ପହିଲାରୁ ସାରା ଦେଶରେ ଏକକ ଟୋଲ ଦେୟ ବ୍ୟବସ୍ଥା

# ସାମିଲ ହେବ ଓଡ଼ିଶାର ୧୨ ଜାତୀୟ ରାଜପଥ

**ଭୁବନେଶ୍ୱର,୨୩।୧୧(ବ୍ୟୁରୋ)**

ଆସନ୍ତା ଡିସେମ୍ବର ପହିଲାରୁ ସାରା ଦେଶରେ ଏକକ ଟୋଲ ଦେୟ ବ୍ୟବସ୍ଥା ଲାଗୁ ହେବାକୁ ଯାଉଛି। ଓଡ଼ିଶାର ବିଭିନ୍ନ ଜାତୀୟ ରାଜପଥରେ ଏହି ବ୍ୟବସ୍ଥା ଲାଗୁ କରାଯିବ। ଏହି ବ୍ୟବସ୍ଥାକୁ ଜାତୀୟ ଇଲେକ୍ଟ୍ରୋନିକ ଟୋଲ କଲେକ୍ସନ(ଏନ୍ଇଟିସି) କୁହାଯାଇଛି। ରେଡିଓ ଫ୍ରିକ୍ୱେନ୍ସିଆଇଡେଣ୍ଟିଫିକେଶନ (ଆର୍ଏଫ୍ଆଇଡି) ଜରିଆରେ ଫାଷ୍ଟଟ୍ୟାଗ୍ ପଦ୍ଧତିରେ ଡିଜିଟାଲ ମାଧ୍ୟମରେ ଏଣିକି ଦେୟ ପୈଠ କରାଯାଇପାରିବ। ଭାରତୀୟ ରାଜପଥ ପରିଚାଳନା କମ୍ପାନୀ(ଆଇଏଚ୍ଏମ୍ସିଏଲ୍) ଦ୍ୱାରା ଏହି ବ୍ୟବସ୍ଥା ଦେଶ ସାରା ଲାଗୁ କରାଯିବ।




ଏ ସମ୍ପର୍କରେ କିଛି ସପ୍ତାହ ପୂର୍ବେ କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ୍ ଗଡକାରୀ ରାଜ୍ୟ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ନିକଟକୁ ଚିଠି ଲେଖିଥିଲେ। ଏହା ପରେ ଗତ ଅକ୍ଟୋବର ୧୪ରେ କେନ୍ଦ୍ର-ରାଜ୍ୟ ମଧ୍ୟରେ ଏହି ବ୍ୟବସ୍ଥା ଲାଗୁ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଗଡକାରୀ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଅଧିକାଂଶ କ୍ଷେତ୍ରରେ ପୁରୁଣା ପଦ୍ଧତିରେ ଟୋଲ ଦେୟ ଆଦାୟ କରାଯାଉଛି। ଏହା ଦ୍ୱାରା ଦେୟ ସଂଗୃହୀତ ହେଉଥିବା ଅଞ୍ଚଳ ତଥା ସଂପୃକ୍ତ ରାସ୍ତାରେ ଭିଡ଼ ସମସ୍ୟା ରହୁଛି। ଟୋଲ ଦେବା, ବିଲ୍ କାଟିବା, ଫାଟକ ପାରି ହେବା ଇତ୍ୟାଦି ପାଇଁ ବହୁ ସମୟ ଲାଗିଥାଏ, ନୂତନ ବ୍ୟବସ୍ଥା ଯାତ୍ରୀଙ୍କ ସମୟ ବଞ୍ଚାଇବ ବୋଲି କୁହାଯାଉଛି। ଏ ସମ୍ପର୍କରେ ସାଧାରଣ ଜନତାଙ୍କୁ ଅବଗତ କରିବା ନେଇ ସଚେତନତା ମଧ୍ୟ ଆରମ୍ଭ କରାଯାଇଛି। ବିଭିନ୍ନ ଆନିମେଶନ ଜରିଆରେ ଏହାର ବ୍ୟବହାର ଓ ଉପକାରିତା ନେଇ ଜନଗଣଙ୍କୁ ଅବଗତ କରାଯାଇଛି। କିଛି ଦିନ ପରେ ରାଜ୍ୟ ରାଜପଥଗୁଡ଼ିକରେ ଇଲେକଟ୍ରୋନିକ୍ ଟୋଲ କଲେକ୍ସନ(ଇଟିସି)କୁ ପ୍ରାଥମିକତା ଦିଆଯିବ। ଏହି ବ୍ୟବସ୍ଥା କେତେକ ଟୋଲରେ ଫାଙ୍କା ଯାଉଥିବା ଟିକସ ଉପରେ ରୋକ୍ ଲଗାଇବ ବୋଲି ପ୍ରଶାସନ ଆଶା କରୁଛି। ଏକକ ଟୋଲ ଦେୟ ବ୍ୟବସ୍ଥା ଭଳି ପାର୍କିଂ ଦେୟର ଏକୀକରଣ ନେଇ ଚିନ୍ତା କରାଯାଉଥିବା କୁହାଯାଉଛି।

ଜନୈକ ଏନ୍ଏଚ୍ଏଆଇ ଅଧିକାରୀ କୁହନ୍ତି ଯେ, ଓଡ଼ିଶାରେ ଥିବା ୧୨ଟି ଜାତୀୟ ରାଜପଥରେ ଏହି ବ୍ୟବସ୍ଥା ଡିସେମ୍ବର ପହିଲାରୁ ଲାଗୁ ହେଉଛି। ୪ରୁ ୫ଟି ଟୋଲ ଗେଟ୍‌ରେ ପରୀକ୍ଷାମୂଳକ ଭାବେ କେତେକାଂଶରେ ବ୍ୟବହାର କରାଯାଇଛି। ୧୨ଟି ଟୋଲ ଗେଟ୍‌ରେ ନୂଆ ବ୍ୟବସ୍ଥା ସହ ଏକ ହାଇବ୍ରିଡ୍ ଲେନ୍ ରହିବ। ଏହାଦ୍ୱାରା ପୁରୁଣା ପଦ୍ଧତିରେ ମଧ୍ୟ ଦେୟ ଦେଇ ହେବ। ବ୍ୟବସ୍ଥା ସହ ଲୋକେ ଜଡିତ ହେଲା ପରେ ପାରମ୍ପରିକ ବ୍ୟବସ୍ଥା ଉଠାଯିବ। ଫାଷ୍ଟଟ୍ୟାଗ୍ ପଦ୍ଧତିରେ ପ୍ରତି ଯାନରେ ଏକ ଚିପ୍ ଲାଗିବ। ଏକକ କର ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୋଇଥିବା ଯାନର ଦେୟ ଆପେ କଟିଯିବା ସହ ଅଟକାଉଥିବା ଇଲେକ୍ଟ୍ରିକ୍ ମୁଭର ଆପେ ଖୋଲିଯିବ ବୋଲି ଅଧିକାରୀଜଣଙ୍କ କହିଛନ୍ତି। ଉଲ୍ଲେଖଯୋଗ୍ୟ, https://www.npci.org.in/netc ଜରିଆରେ ଏହି ବ୍ୟବସ୍ଥା ସହ ଅନୁବନ୍ଧିତ ହେବାକୁ ପଡ଼ିବ। ହେଲେ ଏହା ପୂର୍ବରୁ ସମସ୍ତଙ୍କୁ ନିଜ ଯାନ ପାଇଁ ଫାଷ୍ଟଟ୍ୟାଗ୍ ବ୍ୟବସ୍ଥା ଆପଣେଇବା ଆବଶ୍ୟକ। ସଂପୃକ୍ତ ଟୋଲ ପ୍ଲାଜା ଏବଂ ଆମାଜନ୍ ଜରିଆରେ ଦେୟ ପୈଠ କରାଯାଇପାରିବ। ହେଲେ ସମସ୍ତ ପ୍ରକ୍ରିୟା ପୂର୍ବରୁ ଡିସେମ୍ବର ପହିଲାରୁ ଫାଷ୍ଟଟ୍ୟାଗ୍ ସଂଗ୍ରହ କରିବା ଆବଶ୍ୟକ।

# ରାତିରେ ପଲଟିଗଲା ବାଜି

## ଫଡ୍‌ନବିସ ମୁଖ୍ୟମନ୍ତ୍ରୀ, ଅଜିତ ଉପମୁଖ୍ୟମନ୍ତ୍ରୀ

ହିସାବ ସରିଥିଲା... ଭାଗବଣ୍ଟା ଛିଣ୍ଡିଥିଲା ଶିବସେନା, ଏନ୍‌ସିପି ଓ କଂଗ୍ରେସ ମଧ୍ୟରେ। ରାତି ପାହିଲେ ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେ ବିଧାୟକଙ୍କ ସମର୍ଥନପତ୍ର ଧରି ପହଞ୍ଚିଥାନ୍ତେ ରାଜ୍ୟପାଳଙ୍କ ନିକଟରେ। ଜଣାଇଥାନ୍ତେ ସରକାର ଗଠନ ପାଇଁ ଦାବି। ଉଦ୍ଧବ ମୁଖ୍ୟମନ୍ତ୍ରୀ ହେବେ ବୋଲି ତିନି ଦଳ ମଧ୍ୟରେ ପ୍ରକାଶ ପାଇଥିଲା ସହମତି। ହେଲେ ରାତିରେ ହିଁ ବଦଳିଯାଇଥିଲା ସମୀକରଣ, ପଲଟିଯାଇଥିଲା ବାଜି। ସକାଳେ ନିଦ ଭାଙ୍ଗିବା ପରେ ଦେଖିବାକୁ ମିଳିଲା ମହାରାଷ୍ଟ୍ରରୁ ହଟାଇ ଦିଆଯାଇଛି ରାଷ୍ଟ୍ରପତି ଶାସନ। ଭାଜପା ବିଧାୟକ ଦଳ ନେତା ଦେବେନ୍ଦ୍ର ଫଡ୍‌ନବିସ ପୁନର୍ବାର ହୋଇଛନ୍ତି ମୁଖ୍ୟମନ୍ତ୍ରୀ ଏବଂ ଏନ୍‌ସିପିର ଅଜିତ ପାୱାରଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥପାଠ କରାଇଛନ୍ତି ରାଜ୍ୟପାଳ ଭଗତ ସିଂ କୋଶିୟାରୀ। ବିଳମ୍ବିତ ରାତି ଯାଏ ନୂଆ ମେଣ୍ଟର ବୈଠକରେ ଥିବା ଅଜିତ ଯେପରି ଢଙ୍ଗରେ ପକ୍ଷ ବଦଳାଇଲେ ତାକୁ ନେଇ ତିନି ଦଳ ବିଶ୍ୱାସଘାତ ବୋଲି ଅଭିହିତ କରିଥିବାବେଳେ ରାଜ୍ୟପାଳଙ୍କ ଭୂମିକାକୁ ବି ନେଇ ଉଠାଇଛନ୍ତି ପ୍ରଶ୍ନ। ଏହି ଅପ୍ରତ୍ୟାଶିତ ରାଜନୈତିକ ଘଟଣାକ୍ରମ କେବଳ ମହାରାଷ୍ଟ୍ର ନୁହେଁ ବରଂ ଜାତୀୟ ରାଜନୀତିରେ ଭରିଦେଇଛି ଅଭୂତପୂର୍ବ ଉଷ୍ମତା।



ଶପଥପାଠ କରାଇବା ପରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଓ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ସହ ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କେଶିୟାରୀ।

**ମୁମ୍ବାଇ,୨୩।୧୧**

ମହାରାଷ୍ଟ୍ର ରାଜନୀତିର ଦୃଶ୍ୟପଟ ହଠାତ୍ ବଦଳିଯାଇଛି। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତା ଅଜିତ ପାୱାରଙ୍କ ସମର୍ଥନରେ ଭାଜପା ସରକାର ଗଠନ କରିଛି। ଦେବେନ୍ଦ୍ର ଫଡ୍‌ନବିସ ପୁଣିଥରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ମହାରାଷ୍ଟ୍ରରେ ଏନ୍‌ସିପି ଏବଂ କଂଗ୍ରେସ ସମର୍ଥନରେ ଶିବସେନା ସରକାର ଗଢ଼ିବ ବୋଲି ଶୁକ୍ରବାର ତିନିଦଳର ବୈଠକ ବସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥିଲା। ଶିବସେନା ନେତା ଉଦ୍ଧବ ଠାକ୍‌ରେ ମୁଖ୍ୟମନ୍ତ୍ରୀ ହେବା ନେଇ ତିନିଦଳ ପକ୍ଷରୁ ଘୋଷଣା କରାଯାଇଥିଲା। ଶନିବାର ସେମାନେ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ଲାଗି ଦାବି ଜଣାଇଥାନ୍ତେ। ତେବେ ହଠାତ୍ ରାତିଅଧରେ ସବୁକିଛି ବଦଳିଗଲା। ଶନିବାର ଭୋର ସମୟରେ ମହାରାଷ୍ଟ୍ରରୁ ରାଷ୍ଟ୍ରପତି ଶାସନ ଉଠାଇଦିଆଯାଇଥିଲା ଏବଂ ମୁଖ୍ୟମନ୍ତ୍ରୀ ଭାବେ ଫଡ୍‌ନବିସ ଓ ଉପମୁଖ୍ୟମନ୍ତ୍ରୀ ଭାବେ ଅଜିତ ପାୱାର ଶପଥ ନେଲେ। ଏଭଳି ଘଟଣାକୁ ବିଶ୍ୱାସଘାତକତା ବୋଲି ଶିବସେନା ଓ କଂଗ୍ରେସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଶପଥ ନେବା ପରେ ଫଡ୍‌ନବିସ କହିଛନ୍ତି, ରାଜ୍ୟରେ ଖେଚୁଡ଼ି ଶାସନ ନୁହେଁ, ଏକ ସ୍ଥାୟୀ ସରକାର ଗଠନର ଆବଶ୍ୟକତା ଥିଲା। ମହାରାଷ୍ଟ୍ରବାସୀ ଭାଜପା ନେତୃତ୍ୱରେ ସରକାର ଗଠନ ଲାଗି ଜନାଦେଶ ଦେଇଥିଲେ। ଶିବସେନା ଏହାକୁ ଗ୍ରହଣ ନ କରି ଅନ୍ୟ ଦଳ ସହ ମିଶି ସରକାର ଗଢ଼ିବାକୁ ଉଦ୍ୟମ ଚଳାଇଥିବାବେଳେ ରାଜ୍ୟପାଳ ତାଙ୍କୁ ସରକାର ଗଢ଼ିବାକୁ ଆମନ୍ତ୍ରଣ କରିଥିଲେ ବୋଲି ସେ କହିଛନ୍ତି। ଏହା ସହ ସେ ସମର୍ଥନ ପାଇଁ ଅଜିତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନଭେମ୍ବର ୩୦ ସୁଦ୍ଧା ଫଡ୍‌ନବିସଙ୍କୁ ଆସ୍ଥାଭୋଟର ସମ୍ମୁଖୀନ ହୋଇ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ରାଜ୍ୟପାଳ ଭଗତ ସିଂ କୋଶିୟାରୀ ସମୟ ଦେଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଆସ୍ଥାଭୋଟରେ ଭାଜପା ନେତୃତ୍ୱାଧୀନ ସରକାରକୁ ପରାଜିତ କରି ପୁଣିଥରେ ଶିବସେନା-ଏନ୍‌ସିପି-କଂଗ୍ରେସ ମିଳିତ ସରକାର ଗଢ଼ାଯିବ ବୋଲି ତିନିଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର କହିଛନ୍ତି, ତାଙ୍କ ପୁତୁରା ଅଜିତ ଭାଜପାକୁ ସମର୍ଥନ ଦେବା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି। ଏହାସହିତ ଦଳ ଏକମତ ନୁହେଁ। ଅଜିତ ଭାଜପାକୁ ସମର୍ଥନ ଦେବା ସମ୍ପର୍କରେ ସେ ଜାଣି ନ ଥିଲେ ବୋଲି ଶରଦ ପାୱାର ଉଦ୍ଧବଙ୍କୁ ଫୋନ୍ କରି କହିଛନ୍ତି। ଅଜିତ ପାୱାରଙ୍କୁ ବ୍ଲାକମେଲ୍ କରାଯାଇଥିବା ଶିବସେନା ନେତା ସଞ୍ଜୟ ରାଉତ୍ ଅଭିଯୋଗ କରିଛନ୍ତି।

ଏକ ନାଟକୀୟ ଘଟଣାକ୍ରମରେ ସରକାର ଗଠନ ନେଇ ଭାଜପା ରାଜ୍ୟପାଳଙ୍କ ନିକଟରେ ଦାବି ଜଣାଇଥିଲା। ରାଜ୍ୟପାଳ ତରବରିଆ ଭାବେ ରାଷ୍ଟ୍ରପତି ଶାସନ ପ୍ରତ୍ୟାହାର ଲାଗି କେନ୍ଦ୍ରକୁ ସୁପାରିସ କରିଥିଲେ। ୫ଟା ୪୭ ମିନିଟରେ ମହାରାଷ୍ଟ୍ରରୁ ରାଷ୍ଟ୍ରପତି ଶାସନ ହଟାଇଦିଆଯାଇଥିଲା। ଏନେଇ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସ୍ୱାକ୍ଷରରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସକାଳ ୮ଟାରେ ଫଡ୍‌ନବିସ ଓ ଅଜିତ ପାୱାର ଶପଥ ନେଇଥିଲେ। ଏହା ପୂର୍ବରୁ ରାଜ୍ୟପାଳ କୋଶିୟାରୀ ଶୁକ୍ରବାର ସନ୍ଧ୍ୟାରେ ତାଙ୍କର ତିନିଦିନିଆ ଦିଲ୍ଲୀ ଗସ୍ତକୁ ବାତିଲ କରିଦେଇଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଶିବସେନା-ଏନ୍‌ସିପି-କଂଗ୍ରେସ ମେଣ୍ଟ ଉଦ୍ଧବ ଠାକ୍‌ରେଙ୍କୁ ମୁଖ୍ୟମନ୍ତ୍ରୀ ଘୋଷଣା କଲାବେଳେ ଅଜିତ ପାୱାର ସେଠାରେ ଉପସ୍ଥିତ ଥିଲେ। ଅଜିତ୍‌ଙ୍କ ନିଷ୍ପତ୍ତି ସହ ଦଳ ନାହିଁ ବୋଲି ଶରଦ ପାୱାର ଦାବି କରୁଥିବାବେଳେ ଦଳର ସବୁ ବିଧାୟକଙ୍କ ସମର୍ଥନପତ୍ର ରାଜ୍ୟପାଳଙ୍କୁ ଦିଆଯାଇଥିବା ସ୍ପଷ୍ଟ ହୋଇଛି। ☞ପୃଷ୍ଠା-୨

### ମହାରାଷ୍ଟ୍ରରେ ଭାଜପା ପାସ୍

- ଭୋର ୫ଟା ୪୭ରେ ହଟିଲା ରାଷ୍ଟ୍ରପତି ଶାସନ
- ୩୦ ସୁଦ୍ଧା ଦେବେ ସଂଖ୍ୟାଗରିଷ୍ଠତାର ପ୍ରମାଣ
- ଦୁହିଁଙ୍କୁ ଅଭିନନ୍ଦନ ଜଣାଇଲେ ମୋଦି




**ଆଜିର ସମ୍ପାଦକୀୟ**

କଷ୍ଟ ସମୟ

**ଆଜିର ମନ୍ତବ୍ୟ**

"ଦେଶର ସାମ୍ବିଧାନିକ ବ୍ୟବସ୍ଥାରେ ରାଜ୍ୟପାଳ ଓ ଉପରାଜ୍ୟପାଳଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ।

-ରାମନାଥ କୋବିନ୍ଦ, ରାଷ୍ଟ୍ରପତି

Vencobb Fresh Chicken — Taste the difference!

23.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 84 | 137 | 147 |
| CTC | 84 | 137 | 147 |
| DKL | 84 | 137 | 147 |
| BDK | 84 | 137 | 147 |
| BLS | 84 | 137 | 147 |
| ANG | 84 | 137 | 147 |
| BHM | 84 | 137 | 147 |

*Conditions Apply

Issued in the Interest of Consumers

# ଅଟୋ ଚଳାଇ ପରିବାର ପୋଷୁଛନ୍ତି କବିତା

**କେନ୍ଦୁଝର,୨୩।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ନହବେ ଗାଁକୁ ପ୍ରାୟ ୧୧ ବର୍ଷ ତଳେ ବୋହୂ ହୋଇ ଆସିଥିଲେ କବିତା। ଶଙ୍କର୍ଷଣ ପ୍ରଧାନଙ୍କୁ ବିବାହ କରିଥିଲେ। ଶାଶୁଘର ଲୋକଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିଲା। କବିତାଙ୍କ ଦୁଇ ଝିଅ ଜନ୍ମ ହେବାପରେ ପରିବାର ସଦସ୍ୟ ସଂଖ୍ୟା ୧୦ ଛୁଇଁଥିଲା। ସ୍ୱାମୀ ଓ ଶାଶୁଶ୍ୱଶୁରଙ୍କ ରୋଜଗାରରେ ଘର ଚଳାଇବା ସମ୍ଭବ ନ ହେବାରୁ କିଛି ରୋଜଗାର କରିବା ଲକ୍ଷ୍ୟରେ ଘରୁ ପାଦ କାଢ଼ିଥିଲେ କବିତା। ମନରେ ସାହସ ଜୁଟାଇ ବ୍ୟାଙ୍କ ଋଣ କରି ଏକ ତାଲା ଅଟୋ କିଣିଥିଲେ। ସେବେଠାରୁ ବର୍ଷେ ହେଲା ସେ ନିଜେ ଏହି ଅଟୋ ଚଳାଇ ଆସୁଛନ୍ତି। ମାଲ ପରିବହନ ଭଳି କାର୍ଯ୍ୟକୁ ସେ ଆଦରି ପରିବାର ସମ୍ଭାଳୁଛନ୍ତି। ନିଜର ୭ ଓ ୯ବର୍ଷର ଦୁଇ ଝିଅଙ୍କୁ ପାଠ ପଢ଼ାଇ ମଣିଷ କରିବା ଲକ୍ଷ୍ୟରେ ସେ ରହିଛନ୍ତି। ☞ପୃଷ୍ଠା-୨

ଅନିବାର୍ଯ୍ୟ କାରଣରୁ ଏ ସପ୍ତାହରେ 'ଆଗାମୀ ଆଶା' ପୃଷ୍ଠା ପ୍ରକାଶ ପାଇପାରୁ ନାହିଁ।



**କିଛି ତଥ୍ୟ**
ଚଳିତ ବର୍ଷ ନଭେମ୍ବରରେ ଜିଏସ୍‌ଟି ଫାଇଲିଂ ୮.୨% ବୃଦ୍ଧି ଘଟି ୬୪.୮ ଲକ୍ଷ ରହିଛି। ଏହା ଅକ୍ଟୋବରରେ ୫୯.୯ ଲକ୍ଷ ରହିଥିଲା।
–ସିବିଆଇସି

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଦିବ୍ୟ
ପରିବାରବର୍ଗ


ଶୁଭଦ୍ରା
ପରିବାରବର୍ଗ


ସୁବ୍ରତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଆଦିତ୍ୟା ମହାନ୍ତି


ଭାଗ୍ୟଶ୍ରୀ ସାମଲ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

### ରାତିରେ ପାହାଡ଼ ଉପରେ ଅପରେଶନ

# ପିଏଲ୍‌ଏଫ୍‌ଆଇ ସଦସ୍ୟଙ୍କୁ ୪ଜଣ ଜବାବ ଦେଇଥିଲୁ

**ଥାନା ଅଧିକାରୀଙ୍କ ଅନୁଭୂତି**

ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଓ ଆଇନଶୃଙ୍ଖଳା ରକ୍ଷା ପୋଲିସର ଗୁରୁଦାୟିତ୍ୱ। ବିଶେଷ କରି ମାଓବାଦୀ ଓ ଏହାର ଟୁକୁରା ସଂଗଠନ ପିଏଲ୍‌ଏଫ୍‌ଆଇ(ପିପୁଲ୍ସ ଲିବରେଶନ ଫ୍ରଣ୍ଟ ଅଫ୍ ଇଣ୍ଡିଆ), ସିମି ଭଳି ହିଂସା ସୃଷ୍ଟିକାରୀ ସଂଗଠନ ଏବଂ କୁଖ୍ୟାତ ଅପରାଧୀମାନଙ୍କୁ ଦମନ କାର୍ଯ୍ୟରେ ପୋଲିସ ନିୟୋଜିତ ରହିଛି। ଏଥିରେ ଅନେକ ପୋଲିସ କର୍ମଚାରୀ ଶହୀଦ ହୋଇଥିବା ନଜିର ରହିଛି। ଜୀବନ ପ୍ରତି ବିପଦ ଥିବା ଯୋଗୁ ସେମାନଙ୍କୁ ଗିରଫ କରିବା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ। ହେଲେ ଏଭଳି ଏକ ଚ୍ୟାଲେଞ୍ଜରେ ସଫଳ ହୋଇଥିବା କହିଛନ୍ତି ନୟାପଲ୍ଲୀ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ। ଘଞ୍ଚ ଜଙ୍ଗଲ ସଂଲଗ୍ନ ପାହାଡ଼ ଉପରେ ଆମେ ୪ ଜଣ ରାତିଅଧିଆ ଅପରେଶନ ଚଳାଇ ପିଏଲ୍‌ଏଫ୍‌ଆଇ ସଦସ୍ୟଙ୍କୁ ଗୁଳିରେ ଜବାବ ଦେଇଥିଲୁ ବୋଲି ସ୍ୱାଇଁ କହିଛନ୍ତି। ଏହି ଘଟଣା ତାଙ୍କ ଚାକିରି ଜୀବନର ଶ୍ରେଷ୍ଠ ଅନୁଭୂତି ବୋଲି ସେ ବର୍ଣ୍ଣନା କରିଛନ୍ତି। ଉକ୍ତ ଅପରେଶନ ପାଇଁ ପରବର୍ତ୍ତୀ ସମୟରେ ତାଙ୍କ ଟିମ୍‌କୁ ଡିଜିପି ପୁରସ୍କୃତ କରିଥିଲେ।

୨୦୧୩ ଅଗଷ୍ଟ ୨ ରାତିରେ ଘଟିଥିଲା ସେହି ଘଟଣା। ସ୍ୱାଇଁ କହିଛନ୍ତି ଯେ, ମୁଁ ସେତେବେଳେ ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଅଧିକାରୀ ଭାବେ କାର୍ଯ୍ୟ କରୁଥିଲି। ସନ୍ଧ୍ୟା ସମୟରେ ବିଶ୍ୱସ୍ତ ସୂତ୍ରରୁ ଏକ ଖବର ମିଳିଥିଲା ଯେ, ଡେମ୍ବୁଲ ଝରଣ ଜଙ୍ଗଲର ପାହାଡ଼ରେ ୫ଜଣ ପିଏଲ୍‌ଏଫ୍‌ଆଇ ସଦସ୍ୟ ଲୁଚି ରହିଛନ୍ତି। ସେମାନେ ବଡ଼ଧରଣର ଅପରାଧ ଘଟାଇବାକୁ ଯୋଜନା କରୁଛନ୍ତି। ପିଏଲ୍‌ଏଫ୍‌ଆଇ ସଦସ୍ୟମାନେ ମୁଖ୍ୟତଃ ସୁନ୍ଦରଗଡ଼ ଜିଲା ସମେତ ପଡ଼ୋଶୀ ରାଜ୍ୟ ଝାଡଖଣ୍ଡ, ଛତିଶଗଡ଼ର ଘଞ୍ଚ ଜଙ୍ଗଲରେ ରହି ଅପରାଧ ଘଟାଇଥାନ୍ତି। ସେମାନେ ବ୍ୟାଙ୍କ୍ ଲୁଟ, ଡକାୟତି, ହତ୍ୟା, ଅପହରଣ, ସରକାରୀ କାର୍ଯ୍ୟରେ ବାଧା ସମେତ ରାସ୍ତା କିମ୍ବା ଅନ୍ୟ ନିର୍ମାଣ କାର୍ଯ୍ୟ କରୁଥିବା ଠିକାଦାରଙ୍କୁ ଅପହରଣ କରି ଟଙ୍କା ମାଗନ୍ତି। ଖବର ମିଳିବା ପରେ ଭାବିଲି ଯେ, ଜଙ୍ଗଲକୁ ଅଧିକ ଫୋର୍ସ ନେଇଗଲେ ପିଏଲ୍‌ଏଫ୍‌ଆଇ ଗୁପ୍ତଚର ଖବର ପାଇଯିବେ। ତେଣୁ ଜଣେ ଏସ୍‌ଆଇ, ଜଣେ କନ୍‌ଷ୍ଟେବଲ ଓ ଜଣେ ହାବିଲଦାରଙ୍କୁ ନେଇ ଅପରେଶନରେ ବାହାରିଲି। ପୋଲିସ ଗାଡ଼ି ନ ନେଇ ବାଇକରେ ରାତି ପ୍ରାୟ ଗୋଟାଏ ସମୟରେ ଡେମ୍ବୁଲ ଝରଣ ଜଙ୍ଗଲ ଅଭିମୁଖେ ବାହାରିଲୁ। ଆମ ସମସ୍ତଙ୍କ ପାଖରେ ପିସ୍ତଲ ଥିଲା। ପ୍ରଥମେ ବାଇକକୁ ପାହାଡର ଏକ କିଲୋମିଟର ଦୂର ବୁଦାରେ ଲୁଚାଇ ପାହାଡ ଉପରକୁ ଚଢ଼ିଥିଲୁ। ଜାଗା ଦେଖାଇବା ପାଇଁ ସାଥିରେ ଯାଇଥିବା ଖବରୀ ପାହାଡ଼ ଦେଖାଇ ଦେଇ ଚାଲି ଯାଇଥିଲେ। ରାତି ପ୍ରାୟ ୩ଟାରେ ଆମେ ପାହାଡ଼ ଉପରେ ପହଞ୍ଚିଥିଲୁ। ଉପରେ ପ୍ରଶସ୍ତ ସ୍ଥାନ ଥିବା ଦେଖିବାକୁ ମିଳିଥିଲା। ଏକ ଗଛମୂଳେ ଲୁଚି ରହି ପିଏଲ୍‌ଏଫ୍‌ଆଇ ସଦସ୍ୟଙ୍କ ଗତିବିଧି ଜାଣିବାକୁ ଚେଷ୍ଟା କଲୁ। ଅନ୍ଧାର ଯୋଗୁ ସେଠାକାର ସ୍ଥିତି ବିଷୟରେ ଜାଣିବା ଅତ୍ୟନ୍ତ କଷ୍ଟକର ଥିଲା। ହେଲେ ବହୁ କଷ୍ଟରେ ଜାଣିବାକୁ ପାଇଲୁ ଯେ, ଜଣେ ଲୋକେ କାନ୍ଧରେ ବନ୍ଧୁକ ପକାଇ ପଇଁତରା ମାରୁଥିଲେ ଏବଂ ଅନ୍ୟ ୪ଜଣ ଶୋଇଥିଲେ। କିନ୍ତୁ ଗଛର ପତ୍ର ଓ ଡାଳ ଖଡ଼ ଖଡ଼ ହୋଇଯିବାରୁ ସେମାନେ ପୋଲିସ ଥିବା ଜାଣିପାରି ଗୁଳିଚାଳନା କରିଥିଲେ।



ଆମେ ବି ପାଲଟା ଜବାବ ଦେଲୁ। ଏହି ସମୟ ମଧ୍ୟରେ ଏକ ଚିତ୍କାର ସାଙ୍ଗକୁ ପାହାଡ଼ ତଳକୁ ଖସି ପଳାଇଯିବାର ଶବ୍ଦ ଶୁଣାଗଲା। କିଛି ସମୟ ପରେ ଶୂନ୍‌ଶାନ ଲାଗିଲା। ଆମେ ସତର୍କତାର ସହ ଆଗକୁ ବଢ଼ିଲୁ। ଅଳ୍ପବାଟ ଯିବା ପରେ ଏକ ସ୍ଥାନରେ ରକ୍ତ ପଡ଼ିଥିବାବେଳେ ୧୦ଟି ବନ୍ଧୁକ, ୩ଟି ପିସ୍ତଲ, ୧୪୦ ଗୁଳି ଓ ଅନ୍ୟାନ୍ୟ ସାମଗ୍ରୀ ମିଳିଥିଲା। ସେମାନଙ୍କ ମଧ୍ୟରୁ ଜଣେ ଗୁଳିମାଡ଼ରେ ଆହତ ହୋଇଥିବା ରକ୍ତ ଛିଟାରୁ ଜଣାପଡ଼ିଥିଲା। ସେମାନେ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ୧୦ ଦିନ ପରେ ୨ ପିଏଲ୍‌ଏଫଆଇ ସଦସ୍ୟଙ୍କୁ ସେହି ଜଙ୍ଗଲ ନିକଟରୁ ଗିରଫ କରାଯାଇଥିଲା ବୋଲି ଆଇଆଇସି ସ୍ୱାଇଁ କହିଛନ୍ତି।

– ରିପୋର୍ଟ: ତ୍ରିନାଥ ମହାନ୍ତି, ଭୁବନେଶ୍ୱର

## ଷଣ୍ଢକୁ ବଞ୍ଚାଇବାକୁ ଯାଇ ଓଲଟିଲା ମିନିବସ୍

# ୧୨ ମୃତ, ୧୦ ଆହତ

**ଜୟପୁର, ୨୩।୧୧ :** ରାଜସ୍ଥାନର ନାଗଉର ଜିଲାରେ ଶନିବାର ସକାଳେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୧୨ ଯାତ୍ରୀଙ୍କ ଜୀବନ ଯାଇଥିବାବେଳେ ୧୦ ଆହତ ହୋଇଛନ୍ତି। ରାସ୍ତାରେ ଯାଉଥିବା ଏକ ଷଣ୍ଢକୁ ବଞ୍ଚାଇବାକୁ ଯାଇ ଏକ ମିନିବସ୍ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଏଭଳି ଦୁର୍ଘଟଣା ଘଟିଥିଲା। ମିନିବସ୍‌ରେ ଯାତ୍ରୀମାନେ ମହାରାଷ୍ଟ୍ରର ଲାଟୁର୍‌ରୁ ହରିୟାଣାର ହିସାର୍ ଅଭିମୁଖେ ଯାଉଥିଲେ। ହଠାତ୍ ଏକ ଷଣ୍ଢ ରାସ୍ତା ମଝିକୁ ଚାଲିଆସିବାରୁ ଡ୍ରାଇଭର ବ୍ରେକ୍ ମାରି ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିଲେ। ଫଳରେ ମିନିବସ୍‌ଟି ଓଲଟି ପଡ଼ିଥିଲା। ମୃତକଙ୍କ ମଧ୍ୟରେ ୬ ମହିଳା ଥିବା ଜଣାପଡ଼ିଛି। ଆହତଙ୍କ ମଧ୍ୟରୁ ଗୁରୁତର ୪ ଜଣଙ୍କୁ ଚିକିତ୍ସା ଲାଗି ଜୟପୁରର ଏସ୍‌ଏମ୍‌ଏସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।





## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଦିନେ ଝାଇଁ ପନିକି
ଅଧେ ପିତ୍ତଳ ଅଧେ ସୁନା
ହେବ ବୋଲି କ'ଣ ଜାଣିଥିଲି କି ?**

ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଉପରେ ପଡ଼ି ଅନ୍ୟକୁ ଉପଦେଶ ଦେଇଥାନ୍ତି। କୌଣସି ବିଷୟରେ ଧାରଣା ନ ଥିଲେ ସୁଦ୍ଧା ନିଜର ମତାମତ ଶୁଣାଇଥାନ୍ତି। ତେବେ କୌଣସି କଥାର ଭିତରେ ନ ପଶି ଉପରେ ଉପରେ ସଫେଇ ଦେବା ଉଚିତ ହୋଇ ନ ଥିବା ବେଳେ ଚଟୁଳା ବ୍ୟକ୍ତିଙ୍କ ଏପରି ବୟାନ୍ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଣ୍ଟାରୁ ପଇସା କାଢ଼ିବି ନାହିଁ
ଜିଭ ଲୁଡୁବୁଡୁ ଛାଡ଼ିବି ନାହିଁ।**

ଖାଦ୍ୟ ଲୋଭୀ ବ୍ୟକ୍ତିଙ୍କର ଖାଦ୍ୟ ପ୍ରତି ଅହେତୁକ ଲାଳସା ଭାବନା ରହିଥାଏ। ସୁଆଦିଆ ଖାଦ୍ୟ ଦେଖିଲେ ସେ ତାଙ୍କ ଜିହ୍ୱା ସମ୍ବରଣ କରି ପାରି ନ ଥାନ୍ତି। ଗୋଟିଏ ପଟେ ସୁସ୍ୱାଦ୍ୟ ଖାଦ୍ୟ ପ୍ରତି ଲୋଭ ତ ଅନ୍ୟପଟେ ଅର୍ଥ ଖର୍ଚ୍ଚ ହୋଇଯିବାର ଭୟ। କୃପଣ ବ୍ୟକ୍ତିଙ୍କର ଧନ ପ୍ରତି ଅହେତୁକ ଦୁର୍ବଳତା ରହୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
–ଫ୍ରେଣ୍ଡସ୍ ପବ୍ଲିଶର୍ସ

### ଜନ ଆନ୍ଦୋଳନଙ୍କ ରାଷ୍ଟ୍ରୀୟ ସମନ୍ୱୟ ସମ୍ମିଳନୀ

# ହକ୍ ମାଗିବା ଭିକ୍ଷା ନୁହେଁ: ମେଧା

**ପୁରୀ ଅଫିସ,୨୩।୧୧:**
ବର୍ତ୍ତମାନ ସରକାରଙ୍କ ବିଦେଶୀକରଣ ଓ କମ୍ପାନୀକରଣ ପ୍ରୀତି ଚାଲିଛି, ଯାହାକି ଏକ ସୁସ୍ଥ ସମାଜ ପାଇଁ ଠିକ୍ ନୁହେଁ। ଏହାକୁ ପରିତ୍ୟାଗ କରି ଗ୍ରାମୀଣ ବିକାଶ ପ୍ରତି ଗୁରୁତ୍ୱ ଦେବାକୁ ହେବ। ଏଥିଲାଗି ଆମ ଶକ୍ତିକୁ ୨୫ଗୁଣା ବୃଦ୍ଧି କରିବାକୁ ପଡ଼ିବ ବୋଲି କହିଛନ୍ତି ନର୍ମଦା ବଞ୍ଚାଅ ଆନ୍ଦୋଳନର ନେତ୍ରୀ ମେଧା ପାଟେକର। ସ୍ଥାନୀୟ ଦୁଦୁୱାଲା ଧର୍ମଶାଳା ପରିସରରେ ଶନିବାରଠାରୁ ଆରମ୍ଭ ହୋଇଥିବା ଜନଆନ୍ଦୋଳନମାନଙ୍କ ରାଷ୍ଟ୍ରୀୟ ସମନ୍ୱୟ ସମ୍ମିଳନୀ ଉଦ୍‌ଘାଟନୀ ସଭାରେ ଯୋଗଦେଇ ପାଟେକର କହିଥିଲେ, ସରକାର ତାଙ୍କ ନିଷ୍ପତ୍ତିକୁ ଜନସାଧାରଣଙ୍କ ଉପରେ ଲଦି ଦେବା ଠିକ୍ ନୁହେଁ। ଲୋକଙ୍କ ଇଚ୍ଛାକୁ ଦେଖି ସରକାରଙ୍କୁ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ ହେବ। ଆଦିବାସୀ, ଦଳିତ, ମଜ୍‌ଦୁରଙ୍କ ବିକାଶ ନେଇ ଚିନ୍ତା କରାଯିବା ଦରକାର। ସେହିପରି ପୁରୀ ବଡ଼ଦାଣ୍ଡର ଉଠାଦୋକାନୀଙ୍କ ସମସ୍ୟା କଥା ଉଠାଇ ସେ କହିଥିଲେ, ଆମେ ଆମର ହକ୍ ମାଗିବା, ଭିକ୍ଷା ନୁହେଁ। ସଙ୍ଗଠନାତ୍ମକ ସଂହିତା ଆଚାର ଭିତରେ ରହି ଅଧିକାର ପାଇଁ ଲଢେଇ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେ ଦେଶର କେତେକ ପ୍ରମୁଖ ଆନ୍ଦୋଳନ ସହ ଓଡ଼ିଶାର ନିୟମଗିରି, କାଶୀପୁର କଥା ଉଠାଇଥିଲେ। କମ୍ପାନୀ ପ୍ରୀତି ଯୋଗୁ ଲୋକଙ୍କୁ କିପରି ସେମାନଙ୍କ ହକ୍‌ରୁ ବଞ୍ଚିତ କରାଯାଉଛି ତାହା କହିଥିଲେ। ଜମି, ଜଳ ଓ ଜଙ୍ଗଲ ଉପରେ ଲୋକଙ୍କ ଅଧିକାର ପ୍ରସଙ୍ଗରେ କହିବାବେଳେ କଶ୍ମୀରରୁ ୩୭୦ ଧାରା ଉଚ୍ଛେଦର ଉଦାହରଣ ଦେଇଥିଲେ। ପ୍ରତ୍ୟେକ ରାଜ୍ୟର ଜମି, ଜଙ୍ଗଲ ଓ ଜଳ ଉପରେ ସେହି ରାଜ୍ୟବାସୀଙ୍କ ହକ୍ ରହିଛି। ଏହା ଉପରେ ଅନ୍ୟ କେହି ଅଧିକାର ଜାହିର କଲେ କଡ଼ା ଜବାବ ଦିଆଯିବ ବୋଲି ସେ କହିଥିଲେ। ଅଯୋଧ୍ୟା ପ୍ରସଙ୍ଗ ଏକତାର ବଡ଼ ଉଦାହରଣ ବୋଲି ମତ ରଖିଥିଲେ। ସରକାରଙ୍କ ନଦୀ ସଂଯୋଗୀକରଣ ନିଷ୍ପତ୍ତିକୁ ସେ ବିରୋଧ କରିଥିଲେ। ଅନ୍ୟତମ ଅତିଥି ଭାବେ ବେଜୱାଡ ଓଲସନ୍ ଯୋଗଦେଇଥିଲେ। ପ୍ରଫୁଲ୍ଲ ସାମନ୍ତରା କହିଥିଲେ, ଜଳ, ଜଙ୍ଗଲ, ଜମି ଧ୍ୱଂସ ଯୋଗୁ ପରିବେଶ ନଷ୍ଟ ହେଉଛି। ଲୋକଙ୍କ ଅଧିକାର, ବେକାରୀ ସମସ୍ୟା, ଆର୍ଥିକ ବିକାଶ ପ୍ରତି କେହି ଗୁରୁତ୍ୱ ଦେଉନାହାନ୍ତି। ପ୍ରଫେସର ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତା ଓ ଆଶିଷ ରଞ୍ଜନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଅରୁଣା ରାୟ, ତିସ୍ତା ଶୀତଲଭଦ୍ ଉପସ୍ଥିତ ଥିଲେ। ପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

ପ୍ରଥମ ପୃଷ୍ଠାରୁ...

## ଅଟୋ ଚଳାଇ...



କବିତା କହିଛନ୍ତି, ମନରେ ସାହସ ବାନ୍ଧିଲେ ମହିଳାମାନେ ପୁରୁଷଙ୍କ ଭଳି ଯେ କୌଣସି କାମ କରିପାରିବେ। ପ୍ରଥମେ ଡାଲା ଅଟୋ ଚଳାଇବା ତାଙ୍କ ପାଇଁ ଚ୍ୟାଲେଞ୍ଜ ହୋଇପଡ଼ିଥିଲା। ଲୋକେ କାଳେ ଟାହିଟାପରା କରିବେ ସେହି ଭୟ ରହିଥିଲା। କିଛିଦିନ ଅଟୋ ଚଳାଇବା ପରେ ତାଙ୍କ ମନୋବଳ ଦୃଢ଼ ହୋଇଥିଲା। ଏବେ ପ୍ରତିଦିନ ନିଜ ଅଞ୍ଚଳରେ ଥିବା ହାଟକୁ ବିଭିନ୍ନ ରାସନ ସାମଗ୍ରୀ ଅଟୋରେ ନେଇ ବିକ୍ରି କରୁଛନ୍ତି। ଏଥିରେ ସ୍ୱାମୀ ଶଙ୍କର୍ଷଣ ସହଯୋଗ କରୁଛନ୍ତି। ଅଟୋ ଚଳାଇବା ପରେ ପରିବାର ଆର୍ଥିକ ସ୍ଥିତିରେ କିଛିଟା ସୁଧାର ଆସିଛି। ଦୁଇଝିଅଙ୍କୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପଢ଼ାଇବା ସହ ପ୍ରତି ମାସରେ ଅଟୋ କିସ୍ତି ଶୁଝୁଛନ୍ତି। ଗାଁ ପୋଷ୍ଟ ଅଫିସରେ ସୁକନ୍ୟା ସମୃଦ୍ଧି ଯୋଜନାରେ ଦୁଇଝିଅଙ୍କ ଆକାଉଣ୍ଟ ଖୋଲି ଅଳ୍ପ କିଛି ଅର୍ଥ ସଞ୍ଚୟ କରିବାରେ ସଫଳ ହୋଇଛନ୍ତି। କବିତାଙ୍କ ସାହସ ଓ କର୍ମକୁଶଳତା ଦେଖି ନହବେ ଗ୍ରାମବାସୀ ଏବେ ତାଙ୍କର ପ୍ରଶଂସକ ପାଲଟିଛନ୍ତି। ଦୁଃଖକଷ୍ଟରେ ଚଳିବା ଅପେକ୍ଷା ପରିଶ୍ରମ କରି ରୋଜଗାର କରିବା ଭଲ ବୋଲି କହନ୍ତି କବିତା।

## ରାତିରେ...

ପୂର୍ବରୁ ଏନ୍‌ସିପି ଏହାର ବିଧାୟକମାନଙ୍କ ସମର୍ଥନପତ୍ର ସଂଗ୍ରହ କରିଥିବା କୁହାଯାଉଛି। ଆମେ ବୈଠକରେ ଯୋଗଦେବା ନେଇ ସ୍ୱାକ୍ଷର କରିଥିଲୁ। ଶପଥ ଗ୍ରହଣ ପାଇଁ ଏହାର ଅପବ୍ୟବହାର କରାଯାଇଥିବା ଏନ୍‌ସିପି ମୁଖପାତ୍ର ନୱାବ ମଲିକ କହିଛନ୍ତି। ଅଜିତ ପାୱାର ପଛରୁ ଛୁରିକାଘାତ କଲେ ବୋଲି ଶିବସେନା ଅଭିଯୋଗ କରିଛି। ଅଜିତ ଯାହା କଲେ ସେଥିରେ ଶରଦ ପାୱାରଙ୍କର କିଛି କରିବାର ନାହିଁ। ତେବେ ଅଜିତଙ୍କୁ ଛତ୍ରପତି ଶିବାଜୀ ଓ ମହାରାଷ୍ଟ୍ରବାସୀ କଦାପି କ୍ଷମା ଦେବେନାହିଁ ବୋଲି ଶିବସେନା ନେତା ସଞ୍ଜୟ ରାଉତ୍ କହିଛନ୍ତି। ଗତ ରାତିରେ ଅଜିତଙ୍କ ହାବଭାବ ସନ୍ଦେହଜନକ ଥିବା ସେ ଲକ୍ଷ୍ୟ କରିଥିଲେ ବୋଲି ଶିବସେନା ଏମ୍‌ପି କହିଛନ୍ତି। ଅନ୍ୟପକ୍ଷରେ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ଅଜିତ କହିଛନ୍ତି, ନିର୍ବାଚନ ଫଳାଫଳ ଘୋଷଣା ଦିନରୁ ଆଜି ପର୍ଯ୍ୟନ୍ତ କେହି ସରକାର ଗଠନ କରିବାକୁ ସମର୍ଥ ହେଲେନାହିଁ। ମହାରାଷ୍ଟ୍ର କୃଷକ ସମସ୍ୟାଠାରୁ ଆରମ୍ଭ କରି ଅନେକ ସମସ୍ୟାର ସମ୍ମୁଖୀନ। ସେଗୁଡ଼ିକର ସମାଧାନ ନିମନ୍ତେ ଏକ ସ୍ଥାୟୀ ସରକାର ଗଠନ ଲାଗି ଆମେ ନିଷ୍ପତ୍ତି ନେଲୁ ବୋଲି ଅଜିତ କହିଛନ୍ତି। କେନ୍ଦ୍ର ସରକାରରେ ଏନ୍‌ସିପି ସାମିଲ ହେବା ନେଇ ପରବର୍ତ୍ତୀ ପର୍ଯ୍ୟାୟରେ ନିଷ୍ପତ୍ତି ନିଆଯିବ ବୋଲି ଭାଜପା ସୂତ୍ରରୁ ଜଣାପଡିଛି। ଶପଥ ଗ୍ରହଣ ପରେ ଫଡ୍‌ନବିସ ଓ ଅଜିତ ପାୱାରଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଥିଲେ। ମହାରାଷ୍ଟ୍ରର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସେମାନେ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ମୋଦି ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ସୂଚନାଯୋଗ୍ୟ ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପା ୧୦୫ ଆସନରେ ବିଜୟୀ ହୋଇ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଥିବାବେଳେ ଏହା ସହ ଏକାଠି ଲଢ଼ିଥିବା ଶିବସେନାକୁ ୫୬ ଆସନ ମିଳିଥିଲା। ଏନ୍‌ସିପି ଓ କଂଗ୍ରେସ ଯଥାକ୍ରମେ ୫୪ ଓ ୪୪ ଆସନରେ ବିଜୟୀ ହୋଇଥିଲେ। ତେବେ ଫଳାଫଳ ଘୋଷଣା ହେବା ପରେ ଶିବସେନା ଅଢ଼େଇ ବର୍ଷ ମୁଖ୍ୟମନ୍ତ୍ରୀ ପଦ ୫୦:୫୦ ସୂତ୍ରରେ ମନ୍ତ୍ରୀପଦ ଦାବି କରିଥିଲା, ଯାହାକୁ ଭାଜପା ଅଗ୍ରାହ୍ୟ କରିଦେଇଥିଲା। କୌଣସି ଦଳ ସରକାର ଗଢ଼ିବାକୁ ସମର୍ଥ ନ ହେବାରୁ ରାଜ୍ୟପାଳଙ୍କ ସୁପାରିସ କ୍ରମେ ଗତ ୧୨ ତାରିଖରେ ରାଜ୍ୟରେ ରାଷ୍ଟ୍ରପତିଶାସନ ଜାରିହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଭାଗ୍ୟ ସ୍ଥାନରେ ଚତୁଃଗ୍ରହ ଯୋଗ ସୌଭାଗ୍ୟପ୍ରଦ ହେତୁ କାର୍ଯ୍ୟସିଦ୍ଧି, ବନ୍ଧୁମିଳନ ସାଙ୍ଗକୁ ଆନନ୍ଦ ଉଲ୍ଲାସ ମଧ୍ୟରେ ଦିନଟି କଟାଇବେ। ଭୂମି ସମ୍ବନ୍ଧିତ ପ୍ରତ୍ୟେକ କର୍ମ ଓ ପଦାର୍ଥ, କର୍ମକ୍ଷେତ୍ର, ସ୍ୱାସ୍ଥ୍ୟ ଉନ୍ନତ ସ୍ଥିତିରେ ରହିବେ। ସୀମାହୀନ ଧୈର୍ଯ୍ୟ ପ୍ରଭାବରେ ଅସାଧ୍ୟ ସାଧନ କରିବା ସହ ସହକର୍ମୀମାନଙ୍କ ସହାୟତାରେ ସିଦ୍ଧିଲାଭ ଅବଶ୍ୟ ଘଟିବ।

**ବୃଷ** ଷଷ୍ଠଭାବରେ ଗ୍ରହମାନେ ଆପଣଙ୍କୁ ଶତ୍ରୁତାର ସମାଧାନ, ଋଣ ପରିଶୋଧ, ଦୂରଯାତ୍ରା ଦିଗରେ ଅନୁପ୍ରେରିତ କରିପାରନ୍ତି। ଘରେ ହେଉ କିମ୍ବା ବାହାରେ ସବୁଠି ଆଜି ଅନ୍ୟମାନଙ୍କଠାରୁ ପ୍ରଶଂସା ପାଇବେ। ଏକ ନୂତନ ପରିବେଶ ମଧ୍ୟରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଅଫିସ୍ କାମରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ।

**ମିଥୁନ** ସପ୍ତମସ୍ଥ ଗ୍ରହମାନେ ଆପଣଙ୍କୁ ଆନୁଷ୍ଠାନିକ କାମରେ,ବ୍ୟବସାୟିକ ସ୍ଥିତିରେ, ପରିବହନରେ, ସଭା ସମିତିରେ ଏବଂ ମାଙ୍ଗଳିକ କାମରେ ସୁବିଧା ଓ ସୁଯୋଗ ଲାଭ କରିବେ। ଅଯଥା ବାକ୍ୟାଳାପ କରି ସାଧାରଣ କଥାରେ ଯୁକ୍ତିତର୍କ କରି କଳହକୁ ନିମନ୍ତ୍ରଣ କରିପାରନ୍ତି। କେତେକ କ୍ଷେତ୍ରରେ ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ** ଚନ୍ଦ୍ରଙ୍କ ଚତୁର୍ଥକେନ୍ଦ୍ର ଓ ଅନ୍ୟାନ୍ୟ ଗ୍ରହ ସମ୍ବନ୍ଧରୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯିବ କିନ୍ତୁ ଭାବପ୍ରବଣତା ବୃଦ୍ଧି ପାଇବା ହେତୁ ତାହା ସୁଯୋଗ ହରାଇବାରେ ସାହାଯ୍ୟ କରିବ। ବନ୍ଧୁଙ୍କ ବ୍ୟବହାରରେ ବିପରୀତ ପ୍ରତିକ୍ରିୟା ପରିଲକ୍ଷିତ ହେବ, ଯାହାକି ମାନସିକ ଚିନ୍ତାକୁ ବଢ଼ାଇବ। ବାଣିଜ୍ୟ, ବ୍ୟବସାୟ, ପରିବହନ ଏପରିକି ଆମଦାନୀ କାରବାର ବୃଦ୍ଧି ପାଇବ।

**ସିଂହ** ଆଜି ଭାଗ୍ୟଭାବକୁ ଗ୍ରହମାନଙ୍କ ଶୁଭଦୃଷ୍ଟି ଫଳରେ ଯେଉଁ କାମରେ ହାତ ଦେବେ ନିଶ୍ଚିତ ସଫଳତା ପାଇବେ। ଆଜିର କୌଣସି ସ୍ଥାନକୁ ଯିବା ସମୟରେ ନିଜର ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ। ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବାରୁ ସାମୟିକ ଆଶ୍ୱସ୍ତି ମିଳିବ । ଅଫିସରେ ନୂତନ ଚୁକ୍ତିପତ୍ର, ନୂତନ ଗୃହ , ଯାନବାହନ କ୍ରୟ ବିକ୍ରୟ କ୍ଷେତ୍ରରେ ଉନ୍ନତି ଘଟିବ।

**କନ୍ୟା** ଚନ୍ଦ୍ର ଓ ମଙ୍ଗଳଙ୍କ ଅପୂର୍ବ ଯୋଗ ପ୍ରଭାବରେ ସତ୍‌ଚିନ୍ତା ମାଧ୍ୟମରେ ସତ୍‌କର୍ମ କରିବା ସକାଶେ ପ୍ରେରଣା ପ୍ରଦାନ କରିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଷ୍ଟେଶନାରୀ ଜିନିଷ, ଧାତୁ ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ଚିତ୍ରା ନକ୍ଷତ୍ର ଅର୍ଥ ସମ୍ପର୍କରୁ ଖୁସି ରହିବେ।

**ତୁଳା** ଆଜି ଏକାଧିକ ଗ୍ରହ ରାଶିରେ ଅବସ୍ଥାନ କରୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ କରିବେ। ତଥାପି ବ୍ୟୟବୃଦ୍ଧି, ଯୁକ୍ତିତର୍କଜନିତ ଛୋଟ କଥାକୁ କେନ୍ଦ୍ରକରି ଘରେ ସାଧାରଣ କଥାରେ ଝଗଡ଼ା ହେବାର ସମ୍ଭାବନା ରହିଛି। ଯାତ୍ରା ସମୟରେ ଯାନବାହନରେ ସତର୍କ ରହିବା ଭଲ ହେବ। ସଭାସମିତିରେ ସଫଳତା ହାସଲ କରିବେ।

**ବିଛା** ମୁଖ ଭାବରେ ଗ୍ରହମାନେ ଆପଣଙ୍କୁ କଥାବାର୍ତ୍ତାରେ ଲାଳିତ୍ୟ ସହ ମଧୁରତା ରଖି କାମ ହାସଲ ପାଇଁ ଖୋରାକ ଯୋଗାଇପାରନ୍ତି। ପାପଗ୍ରହ ରାହୁଙ୍କ ଦୃଷ୍ଟିରେ ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରୁ ଅନୁରାଧା ନକ୍ଷତ୍ର ପାଇଁ କଳୁଷିତ ଚିନ୍ତାଧାରା କାରଣରୁ ମାନସିକ ସ୍ଥିତି ବିଶେଷ ଭଲ ରହ ନ ପାରେ। ଅନ୍ୟମାନଙ୍କ ବିଷୟ ଚିନ୍ତାକରି ନିଜ ପ୍ରତି ଅବହେଳା କରିପାରନ୍ତି।

**ଧନୁ** ଏକାଧିକ ଗ୍ରହ ରାଶିରେ ରହିଥିବାରୁ ଅନୁକୂଳ ବାତାବରଣ ମଧ୍ୟରେ ପ୍ରତ୍ୟେକ କର୍ମ ସମ୍ପାଦନ କରିବା ସହ ସମସ୍ୟାର ସରଳ ସମାଧାନ ଦିଗରେ ଚେଷ୍ଟିତ ହୋଇପାରନ୍ତି। ଗୃହ, ଜମିଜମା, ଏଜେନ୍‌ଶିପ ସମ୍ପର୍କୀୟ ଚିନ୍ତା କରିପାରନ୍ତି। ଆର୍ଥିକ ପରିସ୍ଥିତି କ୍ରମଶଃ ବଦଳିବ । ପୂର୍ବାଷାଢ଼ା ନକ୍ଷତ୍ର ଜାତ ବ୍ୟକ୍ତି ଧାରକରଜ କରି ଆବଶ୍ୟକତା ଚଳାଇନେବେ।

**ମକର** ଦିନଟି ସୌଭାଗ୍ୟ ପ୍ରଦାୟକସ୍ୱରୂପ ପ୍ରତ୍ୟୁଷ ଯାତ୍ରା, ସ୍ତ୍ରୀ ସମ୍ପର୍କ, ବାଣିଜ୍ୟ, ବ୍ୟବସାୟ, ପ୍ରତିଦ୍ୱନ୍ଦ୍ୱିତା ସମ୍ବନ୍ଧୀୟ କାର୍ଯ୍ୟରେ ସଫଳତା ପ୍ରଦାନ କରିବେ। ବୈବାହିକ ସମ୍ବନ୍ଧ ନେଇ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ସଙ୍ଗଠନ, ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ।

**କୁମ୍ଭ** ଏକାଦଶରେ ଦେବଗୁରୁଙ୍କ ସୁପ୍ରଭାବରୁ ଅର୍ଥନୈତିକ ପ୍ରଗତି, ମାନସିକ ସୁସ୍ଥତା ଅକ୍ଷୁଣ୍ଣ ରହିବ। ଯାହା କହିବା ପାଇଁ ଭାବୁଥିବେ ତାହା ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। କର୍ମକ୍ଷେତ୍ରରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ। ବ୍ୟବସାୟ, କଚେରି ମାମଲା, ବିଦେଶ ଯାତ୍ରା, କଳା, ସାହିତ୍ୟ, ସଙ୍ଗୀତାଦି କ୍ଷେତ୍ର ଅପରିବର୍ତ୍ତିତ ରହିବ।

**ମୀନ** ଆଜି କର୍ମଭାବସ୍ଥ ଗ୍ରହମାନଙ୍କ ସୁପ୍ରଭାବରୁ ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ, ବନ୍ଧୁମିଳନ ମଧ୍ୟରେ ଖୁସିରେ ସମୟ ଅତିବାହିତ କରିବେ। ଦିନଟିରେ ସମସ୍ତ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହେବ ଏବଂ ନୂତନ ଯୋଜନା କରିବାରେ ମନ ଦେବେ। କିନ୍ତୁ ଈର୍ଷାପର ନିକଟ ସମ୍ପର୍କୀୟମାନେ କ୍ରମଶଃ ଦୂରେଇ ଯିବାରେ ଲାଗିପାରନ୍ତି।

ଆଜି ଶ୍ରୀଅରବିନ୍ଦଙ୍କ ସିଦ୍ଧି ଦିବସ, ମାର୍ଗଶିର କୃଷ୍ଣ ତ୍ରୟୋଦଶୀ ରବିବାର, ନଭେମ୍ବର ୨୪ ତାରିଖ, ରାଶି ନକ୍ଷତ୍ର–ଚିତ୍ରା/ତୁଳା, ଦିବା ଘ୧ ।୩୫ମି. ଗତେ, ସ୍ୱାତୀ ନକ୍ଷତ୍ର, ମେଷ ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ୬ ।୪୮ମି. ଗତେ ଘ୯ ।୦୦ମି. ମଧ୍ୟେ, ଘ୧୧ ।୫୫ମି. ଗତେ ଘ୨ ।୫୦ମି. ମଧ୍ୟେ ଅମୃତ ବେଳା। ଦିବା ଘ୮ ।୫୬ମି. ଗତେ ଘ୧୦ ।୨୦ମି. ମଧ୍ୟେ, ଘ୧ ।୦୮ମି. ଗତେ ଘ୨ ।୩୨ମି. ମଧ୍ୟେ ମାହେନ୍ଦ୍ର ବେଳା।




# ଆରମ୍ଭ ହେଲା ଇ-ବସ୍ ‘ଡେମୋ ରନ୍’

**ଭୁବନେଶ୍ୱର, ୨୩।୧୧(ବ୍ୟୁରୋ)**

ଭୁବନେଶ୍ୱରରେ ଶନିବାରଠାରୁ ଇ-ବସ୍‌ର ଡେମୋ ରନ୍ ଆରମ୍ଭ ହୋଇଛି। କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ ଲିମିଟେଡ୍ (କ୍ରୁଟ) ଏହି ବସ୍ ସେବା ଯୋଗାଇବାକୁ ଥିବାବେଳେ ଏହା ପୂର୍ବରୁ ହାଇଦ୍ରାବାଦର ଜଣେ ବିଡ଼ର ଦ୍ୱାରା ପ୍ରଥମେ ଆସିଥିବା ଇ-ବସ୍ ଡେମୋ ମଡେଲକୁ ରାଜଧାନୀ ରାସ୍ତାରେ ଚଳାଯାଇଛି। ଅପରାହ୍ନ ୨ଟାରେ ମାଷ୍ଟର କ୍ୟାଣ୍ଟିନ୍‌ରୁ ଇ-ବସ୍‌ର ଡେମୋ ରନ୍ ଆରମ୍ଭ ହୋଇଥିବାବେଳେ ରୁଟ ନଂ.୨୦ରେ ବାଣୀବିହାର ଦେଇ ଏହା ଖୋର୍ଦ୍ଧା ଅଭିମୁଖେ ଯାଇଥିଲା। ଅନୁରୂପ ଭାବେ ରବିବାର ଉକ୍ତ ବସ୍‌ଟି ମାଷ୍ଟର କ୍ୟାଣ୍ଟିନ୍‌ରୁ ବାହାରି ରୁଟ୍ ନଂ. ୧୨ରେ ଜୟଦେବ ବିହାର ଦେଇ ନନ୍ଦନକାନନ ଯିବ। ଉକ୍ତ ବିଡର ଏହି ବସ୍‌କୁ ୧୦ ଦିନ ପାଇଁ ଡେମୋ ରନ୍ କରାଇବେ ବୋଲି କ୍ରୁଟ ପକ୍ଷରୁ ଜଣାପଡ଼ିଛି।

କ୍ରୁଟ ଜେନେରାଲ ମ୍ୟାନେଜର ଦୀପ୍ତି ମହାପାତ୍ର କହିଛନ୍ତି, ଇ-ବସ୍‌ଟି ସମ୍ପୂର୍ଣ୍ଣ ଭାବେ ପ୍ରଦୂଷଣ ମୁକ୍ତ। ଚାର୍ଜ ପାଇଁ ସେସୁ ସହ ଆଲୋଚନା ସରିଛି। ସିସିଟିଭି ବ୍ୟବସ୍ଥା ସହ ସମସ୍ତ ସିଟ୍ ନିକଟରେ ଚାର୍ଜିଂ ପଏଣ୍ଟ ରହିଛି। ବସ୍‌ରେ ଷ୍ଟପ୍ ବଟନ୍ ଦିଆଯାଇଛି। ବସ୍‌ଟି ଶୀତତାପ ନିୟନ୍ତ୍ରିତ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ମୋ’ ବସ୍ ପରିଚାଳନା କରୁଥିବା କ୍ରୁଟ ଦେଶର ନଂ .୧ ପବ୍ଲିକ୍ ଟ୍ରାନ୍ସପୋର୍ଟ ଭାବେ ପୁରସ୍କୃତ ହୋଇଛି। ତେଣୁ କେନ୍ଦ୍ର ସରକାରଙ୍କ ଦ୍ୱାରା ମିଳିବାକୁ ଥିବା ଇ-ବସ୍‌ର ଦାୟିତ୍ୱ ମଧ୍ୟ କ୍ରୁଟକୁ ଦିଆଯାଇଛି। ଏହି ବସ୍ ଚଳାଚଳ ପାଇଁ ଏବେ ବିଡିଂ ପ୍ରକ୍ରିୟା ଆରମ୍ଭ ହୋଇଛି। ଦେଶରୁ ବହୁ ଉଦ୍ୟୋଗୀ ଓ ସଂସ୍ଥା ନିଜର ଇ-ବସ୍ ମଡେଲକୁ ଡେମୋ ରନ୍ ଦ୍ୱାରା ଦେଖାଇବେ। ପ୍ରତିଦିନ ଉକ୍ତ ବସ୍‌ରେ କେବଳ ବାଲି ବସ୍ତା ରଖାଯାଇ ସହରରେ ବୁଲାଯିବ। ଆଗକୁ ଅନ୍ୟ ବିଡରମାନେ ସେମାନଙ୍କ ଇ-ବସ୍ ମଡ଼େଲକୁ ରାଜଧାନୀ ରାସ୍ତାରେ ଡେମୋ ରନ୍ କରାଇବେ। ଏହାପରେ ସବୁଠୁ ଭଲ ପ୍ରଦର୍ଶନ କରିଥିବା ବିଡର ୫୦ ଇ-ବସ୍ ଯୋଗାଇବ ବୋଲି ଜଣାପଡ଼ିଛି।




# ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା

“ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା”
କୃଷିଭିତ୍ତିକ ଉଦ୍ୟୋଗ ସ୍ଥାପନ ନିମନ୍ତେ ଆବେଦନ ଓ ରିହାତି ପାଇବାର ଏକ ସରଳ, ସ୍ୱଚ୍ଛ, ସମୟାନୁମୋଦିତ ସମ୍ପୂର୍ଣ୍ଣ ଅନ୍‌ଲାଇନ ପ୍ରକ୍ରିୟା

**ଆଭିମୁଖ୍ୟ :**

- ★ ଏକ ନୂତନ ୱେବ୍ ପୋର୍ଟାଲ : **www.apicol.nic.in** ଓ ମୋବାଇଲ୍ ଆପ୍ **MKUY**ର ପ୍ରଚଳନ
- ★ କୃଷି ଓ ଆନୁସଙ୍ଗିକ ସମସ୍ତ ବିଭାଗର ବ୍ଲକସ୍ତରୀୟ ଅଧିକାରୀମାନେ ପ୍ରତ୍ୟକ୍ଷ ଭାବରେ ଏହି ପ୍ରକ୍ରିୟାରେ ସାମିଲ୍ ।
- ★ ଏଥି ନିମନ୍ତେ ଆବଶ୍ୟକୀୟ ପରାମର୍ଶ ଯୋଗାଇ ଦେବା ପାଇଁ ଜିଲ୍ଲା ସ୍ତରରେ ଆପିକଲ୍ ଦ୍ୱାରା ନୋଡାଲ୍ ଅଫିସର୍ ନିଯୁକ୍ତ ।
- ★ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରକଳ୍ପ ଅନୁମୋଦନ ଓ ପ୍ରକଳ୍ପ ସଂଶ୍ଳିଷ୍ଟ ସମସ୍ତଙ୍କୁ **SMS** ମାଧ୍ୟମରେ ସୂଚିତ କରିବା ବ୍ୟବସ୍ଥା ।
- ★ ବ୍ରୟଲର କୁକୁଡ଼ା ପାଳନ, ଗୋ-ପାଳନ ଓ କୃଷିସେବା କେନ୍ଦ୍ରର ପୁନଃପ୍ରଚଳନ ।
- ★ କୃଷି ଭିତ୍ତିକ ଉଦ୍ୟୋଗ ସ୍ଥାପନ ନିମନ୍ତେ ଓଡ଼ିଶାର ସ୍ଥାୟୀବାସିନ୍ଦା ସମସ୍ତ ବର୍ଗର ପୁରୁଷ ଓ **PACS/FPO/FPC/SHG/NGO/** ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ମାନଙ୍କ ପାଇଁ ଶତକଡ଼ା ୪୦ ଭାଗ ଓ ତଫସିଲଭୁକ୍ତ ଜାତି, ଜନଜାତି, ସବୁବର୍ଗର ମହିଳା ଏବଂ କୃଷି ଓ ଆନୁସଙ୍ଗିକ ବିଷୟରେ ସ୍ନାତକ ମାନଙ୍କ ପାଇଁ ଶତକଡ଼ା ୫୦ ଭାଗ ତଥା ସର୍ବୋଚ୍ଚ ୫୦ ଲକ୍ଷ ଟଙ୍କାର ସ୍ଥାୟୀ ପୁଞ୍ଜି ରିହାତି ବ୍ୟବସ୍ଥା ।

କୃଷି ଉଦ୍ୟୋଗ ପ୍ରତିଷ୍ଠା ସହିତ କୃଷକଙ୍କ ଆୟ ବୃଦ୍ଧି ଦିଗରେ ରାଜ୍ୟ ସରକାରଙ୍କର ଏକ ବଳିଷ୍ଠ ପଦକ୍ଷେପ ।

**ଆପିକଲ**
(ଓଡ଼ିଶା କୃଷି ପ୍ରୋତ୍ସାହନ ଓ ପୁଞ୍ଜି ଲଗାଣ ନିଗମ ଲିଃ)
ବରମୁଣ୍ଡା, ଭୁବନେଶ୍ୱର - ୭୫୧୦୦୩
ଦୂରଭାଷ : ୦୬୭୪-୨୩୫୪୧୨୫

**କୃଷି ଓ କୃଷକ ସଶକ୍ତିକରଣ ବିଭାଗ**
ଓଡ଼ିଶା ସରକାର, ଭୁବନେଶ୍ୱର-୭୫୧୦୦୧
ଦୂରଭାଷ : ୦୬୭୪-୨୩୯୧୩୨୫


■ ରାଜ୍ୟରୁ ନିଶା ବନ୍ଦ ଦାବିରେ ନବୀନ ନିବାସ ଘେରାଉ ଉଦ୍ୟମ

# ପୋଲିସ-ଆନ୍ଦୋଳନକାରୀ ଧସ୍ତାଧସ୍ତି, ୩୦ ଗିରଫ

**ଭୁବନେଶ୍ୱର, ୨୩।୧୧(ବ୍ୟୁରୋ)**

ରାଜ୍ୟରେ ନିଶା ବନ୍ଦ ଦାବିରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ତା’ର ଆନ୍ଦୋଳନକୁ ଜୋର୍‌ଦାର କରିଛି। ସଙ୍ଗଠନ ପକ୍ଷରୁ ଲୋୟର ପିଏମ୍‌ଜିଠାରେ ଧାରଣା ଚାଲିଥିବାବେଳେ ଶନିବାର ନବୀନ ନିବାସ ଘେରାଉ ଉଦ୍ୟମ କରାଯାଇଥିଲା। ସଭାପତି ପଦ୍ମଚରଣ ନାୟକଙ୍କ ନେତୃତ୍ୱରେ ସଙ୍ଗଠନର ପ୍ରାୟ ଶହେରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ସଦସ୍ୟ ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରି ନବୀନ ନିବାସ ଆଡ଼କୁ ଯାଉଥିଲେ। ଶିଶୁ ଭବନ ଛକରେ ପୋଲିସ ଅଟକାଇବାରୁ ଉଭୟଙ୍କ ମଧ୍ୟରେ ଠେଲାପେଲା ଓ ଧସ୍ତାଧସ୍ତି ହୋଇଥିଲା। ମହିଳା ଆନ୍ଦୋଳନକାରୀମାନେ ରାସ୍ତାରେ ଶୋଇଯାଇଥିଲେ। ଏହାକୁ ନେଇ ସେଠାରେ ବହୁ ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିବାବେଳେ ପୋଲିସ ୩୦ ଆନ୍ଦୋଳନକାରୀଙ୍କୁ ଗିରଫ କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ସନ୍ଧ୍ୟାରେ ସେମାନଙ୍କୁ ଛାଡ଼ି ଦେଇଥିବା ଜଣାପଡିଛି।


ରାସ୍ତାରେ ଶୋଇଥିବା ମହିଳାଙ୍କୁ ପୋଲିସ ଉଠାଇ ନେଉଛି।

ସଂଗଠନ ସଭାପତି ପଦ୍ମଚରଣ କହିଛନ୍ତି, ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଓଡିଶାରେ ନିଶା ନିବାରଣ ଆଇନ ପାରିତ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ କୌଣସି ସରକାର ଏ ଦିଗରେ ଆନ୍ତରିକତା ଦେଖାଉନାହାନ୍ତି। କିନ୍ତୁ ବର୍ତ୍ତମାନର ସରକାର ଏହି ଆଇନକୁ ଓଲଟାଇ ଦେଇଛନ୍ତି। ସରକାର ମଦ ବନ୍ଦ କରିବା ବଦଳରେ ଅଧିକ ରାଜସ୍ୱ ଲାଗି ଏହି ବ୍ୟବସାୟକୁ ବଢ଼ାଇବା ପାଇଁ ପୁରସ୍କାର ଘୋଷଣା କରିଛନ୍ତି। ଫଳରେ ନାବାଳକଙ୍କଠାରୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ପରିବାର ଓ ଗାଁରେ ନାନା ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ବହୁ ପରିବାର ଉଜୁଡ଼ି ଯାଇଥିବାବେଳେ ଛୋଟ ଛୋଟ ପିଲାଙ୍କ ଭବିଷ୍ୟତ ମଧ୍ୟ ବାଟବଣା ହୋଇଛି। ଏଥିଯୋଗୁ ବହୁ ଅପରାଧ ବଢୁଛି। ଅନେକ ଜୀବନ ଯାଉଛି। ତେଣୁ ତୁରନ୍ତ ନିଶା ନିବାରଣ ଆଇନ କାର୍ଯ୍ୟକାରୀ ହେଉ ବୋଲି ସେ ଦାବି କରିଛନ୍ତି। ନଚେତ ଆଗକୁ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ବିକ୍ଷୋଭରେ ସଂଗଠନର କାହ୍ନୁଚରଣ ବେହୁରା, ଡ.ବିଜୟ ସ୍ୱାଇଁ, ରମାକାନ୍ତ ମଣ୍ଡଳ, ଖଗେଶ୍ୱର ବଳ, ବାଣୀ ଦାସ ପ୍ରମୁଖ ସାମିଲ ଥିଲେ।




"ଏହା ଏକ ଅଦ୍ଭୁତ ଘଟଣାଯେ, ମଣିଷ ଭଗବାନ୍‌ଙ୍କୁ ଭଲ ପାଇପାରେ। ଅଥଚ, ସେ ମନୁଷ୍ୟକୁ ଭଲ ପାଇପାରେ ନାହିଁ। ତା'ହେଲେ କାହାକୁ ସେ ଭଲପାଏ ?"
– ଶ୍ରୀଅରବିନ୍ଦ

# କଷ୍ଟ ସମୟ

ଗଣତନ୍ତ୍ର ଉପରେ ଯେତେବେଳେ ଚାପ ବୃଦ୍ଧି ପାଉଛି, ସେତେବେଳେ ଗଣମାଧ୍ୟମର ଗୁରୁତ୍ୱ ମଧ୍ୟ ବଢୁଛି। ଏହା ସତ୍ୟ ଯେ, ୧୯୪୭ ମସିହାଠାରୁ ଆଜି ପର୍ଯ୍ୟନ୍ତ ଭାରତ ସଫଳତାର ସହ ଗଣତାନ୍ତ୍ରିକ ଦେଶ ଭାବେ ପରିଚିତ ହୋଇଆସୁଛି। ସେହି ସମୟରୁ ଜନସଂଖ୍ୟା ଓ ତା' ସହ ତାଳମିଳାଇ ଦାରିଦ୍ର୍ୟ ବୃଦ୍ଧି ପାଉଥିବାରୁ ସରକାରୀ ଲଲିପପ୍ ସାଧାରଣ ଲୋକଙ୍କ ପାଇଁ ଅତ୍ୟଧିକ ଗୁରୁତ୍ୱ ବହନ କଲାଣି। ୫ବର୍ଷରେ ଥରେ ଭୋଟ ଦେଇ ଯଦି ବସିଖାଇବାର ସୁଯୋଗ ମିଳେ, ତେବେ ତାହା ଭାରତୀୟଙ୍କ ପାଇଁ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ହେଉଛି। ବିଭିନ୍ନ ରାଜନୈତିକ ଦଳର କର୍ମୀମାନେ ପରସ୍ପରକୁ ସମାଲୋଚନା କରୁଥାଇପାରନ୍ତି, କିନ୍ତୁ ଆଜି ଦେଶବ୍ୟାପୀ ସବୁ ଦଳର ଗୋଟିଏ ଲକ୍ଷ୍ୟ- ଭୋଟ୍‌ରେ ଜିତିବା। ସେଥିପାଇଁ କୌଣସି ଦୀର୍ଘମିଆଦୀ ପ୍ରଭାବ ପକାଇବା ଭଳି ଅର୍ଥନୈତିକ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଇବାକୁ କେହି ମନ ବଳାଉନାହାଁନ୍ତି। କଂଗ୍ରେସ ଯେତେବେଳେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଆରମ୍ଭ କଲା, ତାହାକୁ ଭାଜପା ତାଚ୍ଛଲ୍ୟ କରୁଥିଲା। ହେଲେ କ୍ଷମତାକୁ ଆସିବା ପରେ ଭାଜପା ସେହି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ଖୁସିରେ ଆପଣାଇ ନେଲା। କଂଗ୍ରେସ ବୁଦ୍ଧିରେ ଜନ୍ମିତ ଆଧାର କାର୍ଡକୁ କାର୍ଯ୍ୟକାରୀ କରାଇବା ପାଇଁ ମନମୋହନ ସିଂଙ୍କ ସରକାର ନୈତିକ ବଳର ଅଭାବ ହେବା ସହିତ ସାମଗ୍ରୀ ଓ ସେବା କର (ଜିଏସ୍‌ଟି) ଲାଗୁ କରିବାର ଦୃଢ଼ତା ଦେଖାଇ ନ ଥିଲା। ସେହି ଚିନ୍ତାଧାରାରେ କୌଣସି ପରିବର୍ତ୍ତନ ଆଣିବା ସ୍ଥଳେ, ଆଜିର ଭାଜପା ସରକାର ତାହାକୁ ଅଧିକ ତ୍ୱରାନ୍ୱିତ କରିଦେଲା। ଆଜି ପର୍ଯ୍ୟନ୍ତ ସେହି ଜିଏସ୍‌ଟି ଫର୍ମ ପୂରଣ କରିବାକୁ କ୍ଷୁଦ୍ର ବ୍ୟବସାୟୀ ହଇରାଣ ହେଉଥିବାବେଳେ ଆଧାର କାର୍ଡ ସଂଯୋଗ କରାଇ ନ ପାରି ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରୁ ଅନେକ ନାଗରିକ ବଞ୍ଚିତ ହେଉଛନ୍ତି। କେବଳ ଏତିକି ନୁହେଁ, ଏଭଳି ପ୍ରାୟ ସବୁ କାର୍ଯ୍ୟକ୍ରମକୁ ଦେଖିଲେ ନୂତନ ଚିନ୍ତାଧାରା କାହାରି ପାଖରେ ଜନ୍ମୁନାହିଁ। ନିଜସ୍ୱ କାର୍ଯ୍ୟକ୍ରମ ଭାବେ ଯଦି ଦେଖାଯାଏ, ତେବେ ଭାଜପାର ବାହାଦୁରି ବିମୁଦ୍ରୀକରଣ। କଳାଧନ ଲୋପପାଇବା ଦୂରେ ଥାଉ, ସେହି ଗୋଟିଏ ରାଜନୈତିକ ପଦକ୍ଷେପ ଦେଶର ଅର୍ଥନୀତିକୁ ଭୁଶୁଡ଼ାଇ ଦେଇଛି।

ଏହା ସତ୍ୟ ଯେ, ଆଜି ଭାରତର ଗଣମାଧ୍ୟମ ଉପରେ ପ୍ରବଳ ଅର୍ଥନୈତିକ ଚାପ ପଡୁଛି। ପ୍ରତ୍ୟେକ ଖବରକାଗଜ ଏବଂ ଇଲେକ୍ଟ୍ରୋନିକ୍ ଗଣମାଧ୍ୟମର ବ୍ୟବହାର ଉପରେ କଡ଼ା ନଜର ରଖାଯାଉଛି। ଏପରି କି ସରକାରୀ କର୍ମଚାରୀଙ୍କ ଦ୍ୱାରା ସିଧାସଳଖ ଧମକ ମଧ୍ୟ ଦେଶବ୍ୟାପୀ ଗଣମାଧ୍ୟମ ଉପରେ ଦିଆଯାଉଛି। 'ରାଜସ୍ଥାନ ପତ୍ରିକା' ନାମକ ଏକ ବୃହତ୍ ହିନ୍ଦୀ ଖବରକାଗଜର ଉଦାହରଣ ଅନ୍ୟତମ। 'ଧରିତ୍ରୀ' ଭଳି ସେହି କାଗଜର ବିଜ୍ଞାପନକୁ ବନ୍ଦ କରି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ପ୍ରେସ୍ କାଉନ୍‌ସିଲ ଅଫ୍ ଇଣ୍ଡିଆ (ପିସିଆଇ)ର ଦ୍ୱାରସ୍ଥ ହୋଇ ନ୍ୟାୟ ମାଗିବାରୁ 'ରାଜସ୍ଥାନ ପତ୍ରିକା'କୁ କିଛିଟା ବିଜ୍ଞାପନ ମିଳୁଛି। ସେହି ଖବରକାଗଜକୁ ବାରମ୍ବାର ତାଗିଦ ହେଉଥିବା ବିଷୟ ତାହାର ଓକିଲ ପିସିଆଇକୁ ଜଣାଇଥିଲେ। ଯୁକ୍ତି ବାଢ଼ି ଓକିଲ କହିଥିଲେ ଯେ, ରାଜ୍ୟର ତତ୍କାଳୀନ ଭାଜପା ସରକାର ସମେତ କେନ୍ଦ୍ରର ଭାଜପା ସରକାରର ବୁକ୍‌ଚାବୁହା ନ ହେବାରୁ ଆର୍ଥିକ ଚାପ ପକାଇବାକୁ ସର୍ବୋଚ୍ଚ କାର୍ଯ୍ୟାଳୟରୁ ଅଲିଖିତ ନିର୍ଦ୍ଦେଶ ଥିଲା। କେବଳ 'ରାଜସ୍ଥାନ ପତ୍ରିକା' ନୁହେଁ, ଭାରତର ଅନେକ ଜାତୀୟ ସ୍ତରର ଇଂଲିଶ ଓ ଅନ୍ୟ ଆଞ୍ଚଳିକ ଭାଷାର ଗଣମାଧ୍ୟମ ଉପରେ ଏହିଭଳି ଚାପ ପଡୁଛି।

**ତଥାଗତ ସତପଥୀ**

ଅର୍ଥନୀତି ଯେତେବେଳେ ଦୁର୍ବଳ ହେଉଛି, ସେତେବେଳେ ସାଧାରଣ ଗରିବ ନାଗରିକର ମନରେ ଉଲ୍ଲାସ ଜନ୍ମ ନେଉଛି। ସେହି ଗରିବ ଭାରତୀୟ ଭାବୁଛି ଯେ, ଅନ୍ୟମାନେ ତା'ଭଳି କଷ୍ଟ ପାଇବା ଦରକାର। କିନ୍ତୁ ଦେଶର ଭବିଷ୍ୟତକୁ ଭାବିଲେ ଜନସାଧାରଣଙ୍କ ନିର୍ଭରଶୀଳତା ସରକାରୀ ଯୋଜନା ଉପରେ ଯେତେ ବୃଦ୍ଧି ପାଇବ, ଭାରତର ଭବିଷ୍ୟତ ସେତିକି ଅନ୍ଧକାରମୟ ହେବ। ଇଂଲିଶରେ ଢଗ ଅଛି ଯାହାର ଅର୍ଥ ହେଲା 'ଆମର ବର୍ତ୍ତମାନ ପୂର୍ବପୁରୁଷଙ୍କ ଗତକାଲିଠାରୁ ଆସିନାହିଁ। ବରଂ ଆମର ଆଜିକୁ ଭବିଷ୍ୟତ ପିଢ଼ିଠାରୁ ଧାର ମାଗି ଆଣିଛୁ।' ଏଥିରୁ ବୁଝିବାକୁ ହେବ ଯେ, ଆସନ୍ତାକାଲି ପିଢ଼ିର ଆର୍ଥିକ ସ୍ୱଚ୍ଛଳତା ଆଣିବାକୁ ହେଲେ ପ୍ରତ୍ୟେକ ଭାରତୀୟଙ୍କୁ ସରକାର ପରିବର୍ତ୍ତେ ନିଜର ବୁଦ୍ଧି ଓ ପରିଶ୍ରମରେ ସ୍ୱାବଲମ୍ବୀ ହେବାକୁ ପଡ଼ିବ। ଏକ ସୁସ୍ଥ ଆଧୁନିକ ଗଣତାନ୍ତ୍ରିକ ସରକାର ନାଗରିକର ଏହି ମନୋଭାବ ବୃଦ୍ଧି କରାଇ ସହଯୋଗ କରିବା ଉଚିତ ହୁଅନ୍ତା। ପୃଥିବୀର ଅବିକଶିତ ଦେଶଗୁଡ଼ିକରେ ସେହି ଦିଗରେ କାର୍ଯ୍ୟ କରାଯାଉଥିବା ବେଳେ ଭାରତରେ ଏହାର ଓଲଟା ଲକ୍ଷଣ ପରିଲକ୍ଷିତ ହେଉଛି। ଏହାର ଅନେକ ମୂଳ କାରଣ ଥିବାବେଳେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିଗ ଉଲ୍ଲେଖ କରାଯାଇପାରେ। ଆମ ଦେଶର ଭୋଟର ବିଭିନ୍ନ ଚକ୍‌ମା ଦେଖି ଭୋଟ ଦେଉଥିବାବେଳେ କେହି ରାଜନେତାଙ୍କୁ ସ୍ପଷ୍ଟ ଅର୍ଥନୈତିକ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଶ୍ନ କରିବାକୁ ଚିନ୍ତା କରୁନାହାନ୍ତି। ଫଳରେ ବିଗତ କେତୋଟି ନିର୍ବାଚନକୁ ଦେଖିଲେ ଯୋଜନା ସମ୍ପର୍କରେ ଉଲ୍ଲେଖ କରିବା ଛଡ଼ା ରାଜନୈତିକ ଦଳଗୁଡ଼ିକ ଅର୍ଥନୀତି ସମ୍ପର୍କରେ କାଣି ଆଙ୍ଗୁଠିଟିଏ ଉଠାଉନାହାନ୍ତି।

ଧରିତ୍ରୀର ୪୬ତମ ଜନ୍ମଦିବସରେ ଆମର ପାଠିକାପାଠକଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ସେମାନଙ୍କ ସମସ୍ତଙ୍କ ବ୍ୟକ୍ତିଗତ ଓ ଅର୍ଥନୈତିକ ଉନ୍ନତି କାମନା କରୁଛୁ।

## ୨୫ ବର୍ଷ ତଳର ଧରିତ୍ରୀ

**୨୪ ନଭେମ୍ବର ୧୯୯୪**

- ମହାରାଷ୍ଟ୍ରର ଗୋୱାରୀ ଆଦିବାସୀ ସମାଜ ପକ୍ଷରୁ ଏକ ଶୋଭାଯାତ୍ରା ବେଳେ ବ୍ୟାରିକେଡ ଭାଙ୍ଗି ବିଧାନସଭା କୋଠା ଭିତରକୁ ପଶିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ଲାଠି ଚାଳନାରେ ଦଳାଚକଟାରେ ୧୧୦ ଜଣଙ୍କ ମୃତ୍ୟୁ।
- କଟକ ବାଟବାଟୀ ଷ୍ଟାଡିୟମରେ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ହୋଇଥିବା ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚରେ ବିଶୃଙ୍ଖଳା ଓ ଅର୍ଥ ତୋସରପାତର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନିର୍ଦ୍ଦେଶ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

# ଇନ୍ଦ୍ରଧନୁର ସେତୁ

**ଶ୍ରୀଅରବିନ୍ଦଙ୍କ ସିଦ୍ଧି ଦିବସ ଉପଲକ୍ଷେ**

**ଡ. ହୃଷୀକେଶ ମଲ୍ଲିକ**



ନଭେମ୍ବର ୨୪। ଏଇ ଦିନଟି ଆସିଗଲେ ବା ଆସିବାର ଠିକ୍ ଆଗରୁ ଅନନ୍ତ ଅତୀତର ଅନ୍ଧକାର ଭିତରୁ ଯେଉଁ ଦିବ୍ୟ ମୁଖମଣ୍ଡଳଟି ଉଦ୍‌ଭାସିତ ହୋଇଉଠେ, ତାହା ଆଉ କାହାରି ନୁହେଁ; ତାହା ମଣିଷ ଓ ସର୍ବୋପରି ପୃଥିବୀର ମହିମ୍ନ ରୂପାନ୍ତରର ସ୍ୱପ୍ନ ଦେଖି ଆମକୁ ଏକ ଅନନ୍ୟ ଆସନ୍ତାକାଲିର ଆହ୍ଲାଦରେ ବାତୁଳ କରି ଯାଇଥିବା ଯୋଗସିଦ୍ଧ କବି ଓ ଦ୍ରଷ୍ଟା ଶ୍ରୀଅରବିନ୍ଦଙ୍କର। ଭାରତୀୟ ସଂସ୍କୃତି, ଦର୍ଶନ, ଭାଷା ଓ ସାହିତ୍ୟର ଅଭୂତପୂର୍ବ ରୂପକାର ସେ। ପ୍ରେମ ଓ ଆନନ୍ଦର ତପସ୍ୱୀ। ବିଗତ ସମୟର ସାମୂହିକ ଋଷିଦୃଷ୍ଟିକୁ ଆପଣାର ଅନୁଭବରେ ଏକତ୍ର କରି ସମକାଳର ପିଚ୍ଛିଳ ସରଣୀରେ ଅନାଗତର ଦିଗନ୍ତ ଆଡ଼େ ଗତିଶୀଳ ମହାଚେତନାର ପ୍ରତିଭୂ। ଅନ୍ତରରେ ପୀଡ଼ିତ ଓ ଅବସନ୍ନ ପୃଥିବୀକୁ ବହନ କରି ଅଭ୍ୟୁତ୍ଥାନର ଯୋଗଯାତ୍ରାରେ ଦୃଢ଼ବ୍ରତ, ନିଃସଙ୍ଗ ଏହି ପଥଚାରୀଙ୍କ ଜୀବନ କଥା ଭାବି ବସିଲେ ଅପାର ବିସ୍ମୟରେ ବୁଡ଼ିମରେ ପାର୍ଥିବ ମାନବ-ଚିତ୍ତ।

ସୁଲେଖକ ଗୌତମ ଘୋଷାଲ ଶ୍ରୀଅରବିନ୍ଦ ଓ ରବୀନ୍ଦ୍ରନାଥଙ୍କର ଏକ ବିନମ୍ର ତୁଳନା କରିବାକୁ ଯାଇ ଅତି ଅମୂଲ୍ୟ ବହି ଖଣ୍ଡିଏ ଲେଖିଛନ୍ତି, ଯାହାର ଶିରୋନାମା ସେ ରଖିଛନ୍ତି 'ଇନ୍ଦ୍ରଧନୁର ସେତୁ' (The Rainbow Bridge)। ବହିଟିରେ ଉଭୟ ଯୋଗଜନ୍ମା କିପରି ଉଭୟର ପରିପୂରକ, ତାହା ସେ ଦର୍ଶାଇଛନ୍ତି। କଲିକତାରେ ୧୯୦୬ରେ ଯେତେବେଳେ ଜାତୀୟ ଶିକ୍ଷା ପରିଷଦ ଦ୍ୱାରା ପ୍ରତିଷ୍ଠିତ ହେଲା 'ଜାତୀୟ ମହାବିଦ୍ୟାଳୟ', ତା'ର ପ୍ରଥମ ଅଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ ଶ୍ରୀଅରବିନ୍ଦ। ଏଥି ସହିତ ସେ ଥିଲେ ଇତିହାସର ପ୍ରଫେସର। ଏହି ମହାବିଦ୍ୟାଳୟରେ ସଂଯୋଗବଶତଃ ରବୀନ୍ଦ୍ରନାଥ ଥିଲେ ବଂଗଳା ଭାଷା-ସାହିତ୍ୟର ପ୍ରଫେସର। 'ବନ୍ଦେ ମାତରମ୍' ପତ୍ରିକା ବିରୁଦ୍ଧରେ ଆଗତ ରାଜଦ୍ରୋହ ମାମଲାରେ ପତ୍ରିକାର ସଂପାଦକ ଭାବେ ଶ୍ରୀଅରବିନ୍ଦ ଗିରଫ ହେବା ପରେ ତହିଁରେ ମର୍ମାହତ ରବୀନ୍ଦ୍ର ତାଙ୍କ ଉଦ୍ଦେଶ୍ୟରେ ଯେଉଁ କାଳୋତୀର୍ଣ୍ଣ 'ନମସ୍କାର' କବିତାଟି ଲେଖିଥିଲେ, ତାହା ଆଜି ବହୁଚର୍ଚ୍ଚିତ, ଯାହାର ପୁନରାବୃତ୍ତି ଅନାବଶ୍ୟକ।

୧୯୧୦ରେ ରାଜନୀତିରୁ ସନ୍ନ୍ୟାସ ନେଇ ଶ୍ରୀଅରବିନ୍ଦ ବିଧିନିରୂପିତ ତାଙ୍କ ତପୋପୀଠ ପଣ୍ଡିଚେରୀକୁ ଚାଲିଯିବା ପରେ ୧୯୨୮ ଯାଏ ଏ ଦୁଇ ସମଧର୍ମା ସହକର୍ମୀଙ୍କର ପରସ୍ପର ସହ ଆଉ ସାକ୍ଷାତ୍ ହୋଇନାହିଁ। କଲମ୍ବୋ ଯିବା ବାଟରେ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବାର ଅଭିଳାଷ ନେଇ ରବୀନ୍ଦ୍ରନାଥ ଶ୍ରୀଅରବିନ୍ଦଙ୍କ ପାଖକୁ ଏକ ଟେଲିଗ୍ରାମ୍ ପଠାଇଥିଲେ। ତାହା ଥିଲା ବହିର୍ଜନଙ୍କୁ ଶ୍ରୀଅରବିନ୍ଦ ସାକ୍ଷାତ୍ ଦେବାର ଏକାନ୍ତ ଅବେଳ, କାରଣ ୧୯୨୬ରୁ ବହିର୍ଜଗତରୁ ନିଜକୁ ସଂପୂର୍ଣ୍ଣ ଅପସାରିତ କରିନେଇ ତପୋସାଧନା ପାଇଁ ସେ ଅନ୍ତରାଳକୁ ଚାଲି ଯାଇଥିଲେ। ଏହି ସମୟରେ ଶତ ଅନୁରୋଧ ସତ୍ତ୍ୱେ ଯାହାଙ୍କ ଦର୍ଶନକୃପାରୁ ବଞ୍ଚିତ ହୋଇଥିଲେ ଖୋଦ୍ ମହାତ୍ମା ଗାନ୍ଧୀ, ବିଧିର ବିଚିତ୍ର ବିଧାନ ଯେ, ରବୀନ୍ଦ୍ରଙ୍କୁ ସାକ୍ଷାତ୍ ଦେବାକୁ ସମ୍ମତ ହୋଇଥିଲେ ଶ୍ରୀଅରବିନ୍ଦ। ୧୯୨୮ ମସିହା ମେ ୨୯ ତାରିଖରେ ଦୁହିଁଙ୍କର ଏଇ ସର୍ବଶେଷ ଦୁର୍ଲଭ ସାକ୍ଷାତ୍ ସମ୍ଭବ ହୋଇଥିଲା ମାତ୍ର ଅଧଘଣ୍ଟାଏ ପାଇଁ, ଯାହାର ନିମିତ୍ତ ଥିଲେ ଆଶ୍ରମର ସଂପାଦକ ନଳିନୀକାନ୍ତ ଗୁପ୍ତ।

ଶ୍ରୀଅରବିନ୍ଦଙ୍କୁ ଭେଟିବାର ବିରଳ ଅନୁଭୂତିକୁ ବର୍ଣ୍ଣନା କରି ପରେ ରବୀନ୍ଦ୍ରନାଥ ବଂଗଳା ଓ ଇଂଲିଶ୍‌ରେ ଦୁଇଟି ପ୍ରବନ୍ଧ ଲେଖିଥିଲେ, ଯାହା 'ପ୍ରବାସୀ' ଓ 'ଦ ମଡର୍ଣ୍ଣ ରିଭ୍ୟୁ'ରେ ପ୍ରକାଶ ପାଇଥିଲା। ଉଭୟ ପତ୍ରିକାର ସଂପାଦକ ଥିଲେ ରମଣାନନ୍ଦ ଚାଟାର୍ଜୀ। ରବୀନ୍ଦ୍ରନାଥ ଲେଖିଥିଲେ: "ପ୍ରଥମ ଦୃଷ୍ଟିପାତରେ ମୋର ଅନୁଭବ ହୋଇଥିଲା ଯେ, ଶ୍ରୀଅରବିନ୍ଦ ଯେଉଁ ଆତ୍ମାର ସନ୍ଧାନ ପାଇଁ ବ୍ୟଗ୍ର, ତାହା ସେ ପ୍ରାପ୍ତ। ଉପଲବ୍ଧିର ଦୀର୍ଘ ଯାତ୍ରାରେ ସେ ଅର୍ଜନ କରିଛନ୍ତି ପ୍ରେରଣାର ନୀରବ ଶକ୍ତି। ଅନ୍ତରାଲୋକର ଦୀପ୍ତିରେ ତାଙ୍କ ମୁଖମଣ୍ଡଳ ଉଦ୍ଭାସିତ।" ସେ ଆହୁରି ଲେଖିଥିଲେ: "ମୁଁ ଅନୁଭବ କଲି, ତାଙ୍କ ଭିତରୁ କଥା କହୁଛନ୍ତି ଭାରତୀୟ ହିନ୍ଦୁ ଋଷିସକଳ, ଯହିଁରେ ଭରି ରହିଛି ସକଳ ଭୂତରେ ମାନବାତ୍ମାର ଅବାଧ ଅଭିଗମନର ପ୍ରତିଶ୍ରୁତି।" ଶ୍ରୀଅରବିନ୍ଦଙ୍କ ଦର୍ଶନରେ ଅଭିଭୂତ ରବୀନ୍ଦ୍ର ଶ୍ରୀଅରବିନ୍ଦଙ୍କୁ କହିଥିଲେ: "କେବଳ ଆପଣଙ୍କଠାରେ ହିଁ ନିହିତ ସେଇ ସିଦ୍ଧାନ୍ତ, ଯାହାର ପ୍ରାପ୍ତି ପାଇଁ ଆମେ ପ୍ରତୀକ୍ଷାରତ। ଆପଣଙ୍କ କଣ୍ଠରେ ବିଶ୍ୱକୁ କଥା କହିବ ଭାରତ।"

ଶ୍ରୀଅରବିନ୍ଦ ଥିଲେ 'ପ୍ରକୃତି-ଯୋଗୀ' (Nature-mystic)। ସମକାଳରେ ଭାରତୀୟ ସଂସ୍କୃତି ଓ ଐତିହ୍ୟର ସବୁଠୁଁ ଜାଗ୍ରତ ପହରାଦାର। ପ୍ରାଚ୍ୟର ଆଧ୍ୟାତ୍ମିକତା ଓ ପାଶ୍ଚାତ୍ୟର ବସ୍ତୁବାଦ- ଉଭୟକୁ ଗଭୀର ଭାବେ ବୁଝି ତା'ର ସମନ୍ୱୟ ପ୍ରତିଷ୍ଠାରେ ସଦା ତତ୍ପର ସାଧକ। ସମନ୍ୱିତ ଓ ପୂର୍ଣ୍ଣାଙ୍ଗ ଜାତୀୟ ଶିକ୍ଷାର ବିଶ୍ୱସ୍ତ ଉଦ୍‌ଗାତା। ସମାଜରେ ଏକ ଶୃଙ୍ଖଳିତ, ସାମୂହିକ ଜୀବନ ପ୍ରବାହର ପ୍ରତିଷ୍ଠା ପାଇଁ ବ୍ୟକ୍ତି-ଭୂମିକା ଯେ ଅପରିହାର୍ଯ୍ୟ, ତାହା ସେ ବୁଝିଥିଲେ। ଜାଣିଥିଲେ, ପରମ ଆଡ଼େ ଜଗତକୁ ଅଡ଼େଇ ନେବାର ଦୁଇଟି ରାସ୍ତା- 'ପ୍ରେମ' ଓ 'ଆନନ୍ଦ'। ଏକ ଆଦର୍ଶ ସମାଜ ଓ ଏକ ଅଭିନବ ମାନବ-ପ୍ରଜାତିର ସୃଷ୍ଟି ଥିଲା ତାଙ୍କର ଲକ୍ଷ୍ୟ।

ଶ୍ରୀଅରବିନ୍ଦ ନାନା କ୍ଷେତ୍ରରେ କାହିଁକି ଅଦ୍ୱିତୀୟ, ତା'ର ବହୁ ସୂକ୍ଷ୍ମ କାରଣ ରହିଛି ଓ ସେ ସମ୍ପର୍କରେ ବିଭିନ୍ନ ସାଧକ ତଥା ଅନୁଗାମୀ ବିଭିନ୍ନ ଅବକାଶରେ ଗଭୀର ଆଲୋକପାତ କରିଛନ୍ତି। ପଣ୍ଡିଚେରୀକୁ ନିଜର ସାଧନାପୀଠ ଓ ଶ୍ରୀଅରବିନ୍ଦଙ୍କୁ ଚୂଡ଼ାନ୍ତ ଗୁରୁ ଭାବେ ବରଣ କରିବା ପୂର୍ବରୁ ଶ୍ରୀମା'ଙ୍କ ନିକଟରେ ବି ଅନ୍ୟ ବିକଳ୍ପ ଉପଲବ୍ଧ ଥିଲା। ଆଗ ରବୀନ୍ଦ୍ରନାଥ ଶ୍ରୀମା'ଙ୍କୁ ତାଙ୍କ ଶିକ୍ଷାନୁଷ୍ଠାନ ଶାନ୍ତିନିକେତନର ଭାର ଗ୍ରହଣ କରିବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ ମା' କବିଙ୍କର ଏହି ଅନୁରୋଧକୁ ଅବଲୀଳାକ୍ରମେ ଏଡ଼ାଇ ଯାଇଥିଲେ। ସମ୍ଭବତଃ ଆଧ୍ୟାତ୍ମିକ ସାଧନା ପାଇଁ ରବୀନ୍ଦ୍ରନାଥଙ୍କ ଅପେକ୍ଷା ଶ୍ରୀଅରବିନ୍ଦ ମା'ଙ୍କୁ ଅଧିକ ନିର୍ଭରଯୋଗ୍ୟ ମନେ ହୋଇଥିଲେ। ୧୯୧୯ରେ ଜାପାନର କ୍ୟୋଟୋଠାରେ ରବୀନ୍ଦ୍ରଙ୍କୁ ନେଇ ମା'ଙ୍କର ଏକ ବିଚିତ୍ର ଅନୁଭୂତି ହୋଇଥିଲା। ରବୀନ୍ଦ୍ରନାଥ ମା'ଙ୍କୁ କହିଥିଲେ- 'ନିର୍ବାଣର ପ୍ରଶାନ୍ତିରେ ମୁଁ ଉପନୀତ।' କବିଙ୍କର ଏହି କଥାର ସତ୍ୟତା ପରଖିବା ପାଇଁ ମା'ଙ୍କ ମନରେ କୌତୂହଳ ଜାତ ହୋଇଥିଲା। ମା'ଙ୍କ ଅନୁରୋଧ ରଖି ରବୀନ୍ଦ୍ର ମା'ଙ୍କ ସହ ଧ୍ୟାନରେ ବସିଥିଲେ। ଧ୍ୟାନରେ ତାଙ୍କୁ ଅନୁସରଣ କରି ମା' ଦେଖିଥିଲେ ଯେ ତାଙ୍କ ସାଧନା କେବଳ ପ୍ରାଣ ଓ ମନର ପାଖାପାଖି ହୋଇଛି। ସେଇଠୁ ସେ ଆଉ ଆଗେଇ ପାରୁନାହାନ୍ତି, ଅଥଚ ତାଙ୍କର ଧାରଣା ଜନ୍ମିଛି ଯେ, ସେ ନିର୍ବାଣରେ ପହଞ୍ଚି ଯାଇଛନ୍ତି। ଏହି ଘଟଣା ମା'ଙ୍କୁ ହୁଏତ ନିରାଶ କରିଥିବ ଓ ସେ ଗୁରୁ ଭାବେ ନିଃସଂଶୟରେ ଶ୍ରୀଅରବିନ୍ଦଙ୍କୁ ହିଁ ବାଛିଥିବେ।

ପଣ୍ଡିଚେରୀ ଯିବାକୁ ଶ୍ରୀଅରବିନ୍ଦ ଯେତିକି ଉଦ୍ୟତ ଥିଲେ, ପଣ୍ଡିଚେରୀ ବି ତାଙ୍କ ଆଗମନ ପାଇଁ ସେତିକି ତୃଷିତ ଥିଲା। କାରଣ ଏହା ସାଧାରଣ ଭୂଖଣ୍ଡ ମାତ୍ର ନ ଥିଲା, ଥିଲା ଅଗସ୍ତି ମୁନିଙ୍କର ପବିତ୍ର ସାଧନ-ଭୂମି। ଶ୍ରୀଚୈତନ୍ୟ ବଂଗର ନବଦ୍ୱୀପରୁ ଆକର୍ଷିତ ହୋଇ ଆସିଥିଲେ ଏଇ ଭୂମିକୁ। ପୁଣି, ପଣ୍ଡିଚେରୀର ଯେଉଁ ଘରେ ଶ୍ରୀଅରବିନ୍ଦ ପ୍ରଥମେ ଆଶ୍ରୟ ନେଇଥିଲେ, ସେଇ ଘରେ ଏକଦା ବିବେକାନନ୍ଦ ଅବସ୍ଥାନ କରିଥିଲେ। ମା' କହିଥିଲେ: "ଯେତେବେଳେ ମୁଁ ଏ ଭୂଇଁରେ ପ୍ରଥମେ ପାଦ ଥାପିଲି, ଦେଖିଲି ଯେ ବିପୁଳ ଏକ ଆଲୋକରାଶି ଏହି ସ୍ଥାନକୁ ଆବୋରି ରହିଛି।" କେବଳ ରବୀନ୍ଦ୍ରନାଥ କି ବିବେକାନନ୍ଦ ନୁହନ୍ତି, ଶ୍ରୀଅରବିନ୍ଦ ତାଙ୍କ ସାଧନାର ବିଜନ ଯାତ୍ରାରେ ଅତୀତ ବିଶ୍ୱର ବହୁ ସନ୍ଥ ଓ ସନ୍ନ୍ୟାସୀଙ୍କୁ ସହଗାମୀ କରାଇଛନ୍ତି। ନାନା ବିରୋଧାଭାସରେ ସମୁଜ୍ଜ୍ୱଳ ଏକ ପୁରୋଦୃଷ୍ଟିର ସାମଗ୍ରିକତାକୁ ସମ୍ଭାଳିବା ପାଇଁ ନିଜକୁ ସଶକ୍ତ ସେତୁଟିଏ କରିଛନ୍ତି, ଯେଉଁଥିରେ ଭରି ରହିଛି ଶତ ଇନ୍ଦ୍ରଧନୁର ଦ୍ୟୁତି। ସିଦ୍ଧି ଦିବସର ପୁଣ୍ୟ ଅବସରରେ ତାଙ୍କୁ ଧରିତ୍ରୀର ନତଶିର ପ୍ରଣାମ।

ମୋ: ୯୮୫୩୨୮୭୭୫୫

# ମିଆଦୋତ୍ତୀର୍ଣ୍ଣ ଇଲେକ୍ଟୋରାଲ ବଣ୍ଡକୁ ଅନୁମତି



**ନୀତୀନ ସେଠୀ**

କର୍ନାଟକ ବିଧାନସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ଅର୍ଥ ମନ୍ତ୍ରଣାଳୟ ଆଣ୍ଟି-ମନିଲଣ୍ଡରିଂ ନିୟମକୁ ଉଲ୍ଲଂଘନ କରି ୧୦ କୋଟି ଟଙ୍କାର ମିଆଦ ପୂରିଥିବା ଇଲେକ୍ଟୋରାଲ ବଣ୍ଡକୁ ନାମ ଜଣା ନ ଥିବା ରାଜନୈତିକ ଦଳକୁ ଦାନ କରିବାକୁ ବେନାମୀ ଦାତାଙ୍କୁ ଅନୁମତି ଦେଇଥିବା ହଫ୍‌ପୋଷ୍ଟ ଇଣ୍ଡିଆ ହାତରେ ପଡ଼ିଥିବା ଦଲିଲରୁ ଜଣାପଡ଼ିଛି। କର୍ନାଟକ ନିର୍ବାଚନ ପୂର୍ବରୁ ଅସମୟରେ ଏକ ସ୍ୱତନ୍ତ୍ର ୧୦ ଦିନିଆ ୱିଣ୍ଡୋ ଖୋଲି ଇଲେକ୍ଟୋରାଲ ବଣ୍ଡ ବିକ୍ରି କରିବା ଲାଗି ପିଏମ୍‌ଓ ପକ୍ଷରୁ ଅର୍ଥ ମନ୍ତ୍ରଣାଳୟକୁ କୁହାଯିବା ପରେ ମନ୍ତ୍ରଣାଳୟ ନିଜେ ତିଆରି କରିଥିବା ନିୟମକୁ ଭାଙ୍ଗି ଏସ୍‌ବିଆଇକୁ ଏଥିପାଇଁ ଅନୁମତି ଦେଇଥିଲା। ସ୍ୱଚ୍ଛତା କର୍ମୀ କମୋଡୋର ଲୋକେଶ ବାତ୍ରାଙ୍କ ଦ୍ୱାରା ଆର୍‌ଟିଆଇ ଆବେଦନ ମାଧ୍ୟମରେ ପ୍ରାପ୍ତ ତଥା ହଫ୍‌ପୋଷ୍ଟ ଇଣ୍ଡିଆ ଦ୍ୱାରା ସମୀକ୍ଷିତ ଦଲିଲରେ ଦାତା କିମ୍ବା ଗ୍ରହୀତା ରାଜନୈତିକ ଦଳ ମଧ୍ୟରୁ କିଏ ଅବଧି ପୂରିଥିବା ବଣ୍ଡକୁ ଗ୍ରହଣ କରିବା ପାଇଁ ଏସ୍‌ବିଆଇକୁ ଅନୁମତି ଦେବାକୁ ଅର୍ଥ ମନ୍ତ୍ରଣାଳୟରେ ଲବି କରିଥିଲେ ତାଙ୍କ ନାମ ଉଲ୍ଲେଖ ନାହିଁ। କିନ୍ତୁ ଏଭଳି ବେଆଇନ ଉପରେ ବେଆଇନ କାର୍ଯ୍ୟ ଚାଲିଥିବା ଦେଖି ବୁଝି ହେଉଛି କାହିଁକି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ), ନିର୍ବାଚନ କମିଶନ (ଇସି), କେତେକ ବିରୋଧୀ ଦଳ, ସ୍ୱଚ୍ଛତା କର୍ମୀ ଏବଂ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ ପରି ଇଲେକ୍ସନ ୱାଚ୍‌ଡଗ୍‌ମାନେ ଏହି ବଣ୍ଡକୁ ବିରୋଧ କରୁଥିଲେ।

ବେଆଇନ ଭାବେ ଖୋଲାଯାଇଥିବା ୱିଣ୍ଡୋ ମାଧ୍ୟମରେ କିଣାଯାଇଥିବା ଏକ ମିଆଦୋତ୍ତୀର୍ଣ୍ଣ ଇଲେକ୍ଟୋରାଲ ବଣ୍ଡକୁ ଗ୍ରହଣ କରିବା ପାଇଁ ଏସ୍‌ବିଆଇକୁ ଅନୁମତି ଦେଇ ମୋଦି ସରକାର ଦେଖାଇ ଦେଇଛନ୍ତି ଯେ, ରାଜନୈତିକ ଦଳଗୁଡ଼ିକୁ ବେନାମୀ ପାଣ୍ଠି ଯୋଗାଣ ପାଇଁ ଏହି ସରକାର ନିଜେ ତିଆରି କରିଥିବା ଆଇନକୁ ବି ଖାତିର କରନ୍ତି ନାହିଁ। ଇଲେକ୍ଟୋରାଲ ବଣ୍ଡର ଆଇନଗତ ବୈଧତା ଉପରେ ବର୍ତ୍ତମାନ ସୁପ୍ରିମ୍‌କୋର୍ଟ ଶୁଣାଣି କରୁଛନ୍ତି। ଗୁରୁବାର ବିରୋଧୀ ଦଳ ନେତାମାନେ ପାର୍ଲାମେଣ୍ଟରେ ଏହା ଉପରେ ଏକ ବିତର୍କ ପାଇଁ ଦାବି କରିଥିଲେ।

୨୦୧୭ ଫେବୃୟାରୀରେ ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଯେତେବେଳେ ଇଲେକ୍ଟୋରାଲ ବଣ୍ଡର ପ୍ରସ୍ତାବନା ଦେଲେ ସେତେବେଳେ ଆର୍‌ବିଆଇ ଚେତାଇ ଦେଇଥିଲା ଯେ କଳାଟଙ୍କାକୁ ଧଳା କରିବା ପାଇଁ ଏହି ବଣ୍ଡକୁ ବ୍ୟବହାର କରାଯାଇପାରେ। ହଫ୍‌ପୋଷ୍ଟ ଇଣ୍ଡିଆର ପୂର୍ବ ରିପୋର୍ଟ ଅନୁସାରେ, ଆର୍‌ବିଆଇ ଶେଷ ପର୍ଯ୍ୟନ୍ତ ଏହି ବଣ୍ଡକୁ ବିରୋଧ କରିଥିଲା। ଶେଷକୁ ସମ୍ଭାବ୍ୟ ମନି ଲଣ୍ଡରିଂକୁ ରୋକିବା ପାଇଁ ବ୍ୟାଙ୍କ ବର୍ଷରେ ମାତ୍ର ଦୁଇଥର ନିର୍ଦ୍ଦିଷ୍ଟ ଅବଧି ଭିତରେ ଏହି ବଣ୍ଡ ବିକ୍ରି କରିବା ସହ ବଣ୍ଡ କିଣା ହେବାର ୧୫ ଦିନ ଭିତରେ ତାହା ପାଇଥିବା ରାଜନୈତିକ ଦଳ ତାକୁ ନିଜ ଆକାଉଣ୍ଟରେ ଜମା କରିବା ପାଇଁ କହିଥିଲା। ଜାନୁୟାରୀ ୨୦୧୮ରେ ଅର୍ଥ ମନ୍ତ୍ରଣାଳୟ ବଣ୍ଡର କିଣା ବିକା ସମ୍ବନ୍ଧରେ ନିୟମାବଳୀ ପ୍ରକାଶ କରିଥିଲା। ସେହି ନିୟମ ଅନୁସାରେ ଏସ୍‌ବିଆଇ ବର୍ଷରେ ୪ ଥର ବଣ୍ଡ ବିକ୍ରି କରିପାରିବ, ତାହାକୁ କିଣା ହେବାର ୧୫ ଦିନ ଭିତରେ ପାଇଥିବା ରାଜନୈତିକ ଦଳ ନିଜ ଆକାଉଣ୍ଟରେ ଜମା କରିବ ଏବଂ ସେହି ଟଙ୍କା ଲୋକ ସଭା ନିର୍ବାଚନ ପ୍ରଚାରରେ ଖର୍ଚ୍ଚ କରିବ। କିନ୍ତୁ ମେ ୨୦୧୮ରେ କର୍ନାଟକ ନିର୍ବାଚନର ଅବ୍ୟବହିତ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ମେ ୧ରୁ ୧୦ ପର୍ଯ୍ୟନ୍ତ ନିର୍ବାଚନୀ ପାଣ୍ଠି ସଂଗ୍ରହ ପାଇଁ ଏକ ୧୦ ଦିନିଆ ୱିଣ୍ଡୋ ଖୋଲିବାକୁ ଅନୁମତି ଦେଲା। ୨୦୧୮ ମେ ୨୪ ତାରିଖରେ ଏସ୍‌ବିଆଇ ଅର୍ଥ ମନ୍ତ୍ରଣାଳୟକୁ ଜଣାଇଲା ଯେ ଏକ ରାଜନୈତିକ ଦଳର ପ୍ରତିନିଧି ମେ ୩ ତାରିଖରେ କିଣା ହୋଇଥିବା ଅର୍ଥାତ୍ ୧୫ ଦିନିଆ ଅବଧି ପୂରି ଯାଇଥିବା ୧୦ କୋଟି ଟଙ୍କାର ଏକ ଇଲେକ୍ଟୋରାଲ ବଣ୍ଡ ଆଣି ଏସ୍‌ବିଆଇର ଦିଲ୍ଲୀସ୍ଥିତ ମୁଖ୍ୟ ଶାଖାରେ ତାକୁ ଜମା କରିବା ପାଇଁ ଦାବି କରୁଛନ୍ତି। ସେ କହୁଛନ୍ତି ଯେ ୧୫ଟି କ୍ୟାଲେଣ୍ଡର ଦିବସରେ ନୁହେଁ ବରଂ ୧୫ଟି କାର୍ଯ୍ୟ ଦିବସ ଭିତରେ ବଣ୍ଡ ଜମା କରିବାର ନିୟମ ଅଛି। ତେଣୁ ଅର୍ଥ ମନ୍ତ୍ରଣାଳୟ ଅନୁମତି ଦେଲେ ହିଁ ଏହାକୁ ଭଙ୍ଗାଯାଇ ପାରିବ ବୋଲି ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର ମନ୍ତ୍ରଣାଳୟକୁ ଜଣାଇଲେ। ସେ କହିଲେ ଯେ କେତେଜଣ ବଣ୍ଡଧାରୀ ୧୫ଟି କାର୍ଯ୍ୟ ଦିବସ ନିମିତ୍ତ ଏହା ବୈଧ ବୋଲି ଦାବି କରୁଛନ୍ତି। ଏହାର ସ୍ପଷ୍ଟୀକରଣ ଦେବାକୁ କୁମାର ଅର୍ଥ ମନ୍ତ୍ରଣାଳୟକୁ ଅନୁରୋଧ କରି ଚିଠି ଲେଖିଲେ। କୁମାର ଲେଖିଥିବା ଏହି ଚିଠିରେ ତାଙ୍କ ତରଫରୁ ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ଦସ୍ତଖତ କରିଥିଲେ। ଅର୍ଥ ମନ୍ତ୍ରଣାଳୟର ଉପ ନିର୍ଦ୍ଦେଶକ ବିଜୟ କୁମାର ସେହିଦିନ ହିଁ ଏହାର ଉତ୍ତରରେ ଜଣାଇଲେ ଯେ ୧୫ ଦିନ ମାନେ ଅଣ-କାର୍ଯ୍ୟଦିବସକୁ ମିଶାଇ ୧୫ ଦିନ। ଅର୍ଥାତ୍ ଉକ୍ତ ବଣ୍ଡର ମିଆଦ ପୂରିଯାଇଛି। ସୁତରାଂ ଉକ୍ତ ମିଆଦୋତ୍ତୀର୍ଣ୍ଣ ବଣ୍ଡର ଅର୍ଥକୁ ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ ପାଣ୍ଠିକୁ ଦିଆଯିବା ଉଚିତ ଯେଉଁ ଅର୍ଥ ଜନମଙ୍ଗଳ କାର୍ଯ୍ୟରେ ପ୍ରାକୃତିକ ବିପର୍ଯ୍ୟୟରେ ପୀଡ଼ିତ ବ୍ୟକ୍ତିଙ୍କୁ ତତ୍କାଳ ସହାୟତା ଦେବାରେ ବିନିଯୋଗ ହେବ। କିନ୍ତୁ ଉପନିର୍ଦ୍ଦେଶକ କୁମାର ଲେଖିଲେ ଯେ, ଉକ୍ତ ବଣ୍ଡର ମିଆଦ ସମ୍ପର୍କରେ ନିୟମରେ ଯେହେତୁ ୧୫ଟି କାର୍ଯ୍ୟ ଦିବସ ବା ୧୫ଟି କ୍ୟାଲେଣ୍ଡର ଦିବସ ବୋଲି ସ୍ପଷ୍ଟ ଉଲ୍ଲେଖ ନ ଥିଲା, ତେଣୁ ଏଇ ଥରକ ପାଇଁ ବଣ୍ଡଧାରୀଙ୍କୁ ଉକ୍ତ ଅର୍ଥ ପ୍ରଦାନ କରାଯାଉ। କିନ୍ତୁ ଭବିଷ୍ୟତରେ ଏହାର ପୁନରାବୃତ୍ତିକୁ ଅନୁମତି ଦିଆଯିବ ନାହିଁ। ଅର୍ଥ ବ୍ୟାପାର ସଚିବ ଏସ୍.ସି. ଗର୍ଗ ଏହାକୁ ଅନୁମୋଦନ କଲେ, ଯାହାକୁ ସେହିଦିନ ଏସ୍‌ବିଆଇ ମୁଖ୍ୟାଳୟର କର୍ତ୍ତୃପକ୍ଷଙ୍କ ପାଖକୁ ପଠାଇ ଦିଆଗଲା। ମୁଖ୍ୟାଳୟ କର୍ତ୍ତୃପକ୍ଷ ଏହାକୁ ଦିଲ୍ଲୀ ଶାଖାକୁ ଜଣାଇବା ପରେ ଉକ୍ତ ବଣ୍ଡର ୧୦ କୋଟି ଟଙ୍କାକୁ ବେଆଇନ ଭାବେ ସମ୍ପୃକ୍ତ ରାଜନୈତିକ ଦଳର ଆକାଉଣ୍ଟରେ ଜମା କରିଦିଆଗଲା। କେଉଁ ଦଳର ସ୍ୱାର୍ଥରେ ଏଭଳି ତତ୍ପରତାର ସହ ବେଆଇନ କାର୍ଯ୍ୟକୁ ଆଇନାନୁମୋଦିତ କରାଗଲା, ସେ ସମ୍ପର୍କରେ ଅର୍ଥ ମନ୍ତ୍ରଣାଳୟକୁ ହଫ୍‌ପୋଷ୍ଟ ଇଣ୍ଡିଆ ପକ୍ଷରୁ ପଚରାଯାଇଛି ଏବଂ ମନ୍ତ୍ରଣାଳୟ ଏ ପର୍ଯ୍ୟନ୍ତ ତା'ର ଉତ୍ତର ଦେଇ ନାହିଁ। (ସୌଜନ୍ୟ: ହଫିଂଟନପୋଷ୍ଟ)

moruoak00@gmail.com

## ଏଇ ଭାରତରେ

ରାମାୟଣ ଓ ଗୀତା ଉପରେ ପ୍ରବଚନ ଦେଇ ଧାର୍ମିକ ସମନ୍ୱୟ ଓ ସଦ୍‌ଭାବନାର ବାର୍ତ୍ତା ଦେଉଛନ୍ତି ଜଣେ ମୁସଲମାନ। ତାଙ୍କ ନାମ ଫାରୁଖ ଖାନ୍। ମଧ୍ୟପ୍ରଦେଶର ନରସିଂହଗଡ଼ ଜିଲାର ଏକ ଛୋଟ ଗାଁ ଗୁନିୟାରିରେ ଫାରୁଖଙ୍କ ଜନ୍ମ। କେବଳ ଜିଲା ନୁହେଁ ସାରା ଦେଶରେ ଫାରୁଖ ୩୫୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଲୋକମାନଙ୍କୁ ରାମକଥା ଶ୍ରବଣ କରାଇ ସାରିଲେଣି। ଦୀର୍ଘ ୩୫ ବର୍ଷ ହେବ ସେ ଏହା କରୁଛନ୍ତି। ସେଥିପାଇଁ ସେ ଏବେ ଫାରୁଖ ଖାନ୍‌ରୁ ପାଲଟି ଯାଇଛନ୍ତି ଫାରୁଖ ରାମାୟଣୀ। ବେଦ, ଗୀତା ସମେତ ସବୁ ଗ୍ରନ୍ଥ ଉପରେ ସେ ଅନର୍ଗଳ ପ୍ରବଚନ ଦେଇପାରୁଛନ୍ତି। ଏହା ଭିତରେ ବି ସେ ଦିନକୁ ୫ ଥର ନମାଜ ପଢୁଛନ୍ତି। ଅନେକ ସ୍ଥାନରେ ତାଙ୍କୁ ଏଥିଲାଗି ବିରୋଧର ସମ୍ମୁଖୀନ ହେବାକୁ ପଡିଛି। କିନ୍ତୁ ସେ ଧର୍ମ ଓ ସମ୍ପ୍ରଦାୟର ଉର୍ଦ୍ଧ୍ୱକୁ ଉଠି ଲୋକମାନଙ୍କୁ ଧର୍ମର ଅସଲି ପାଠ ପଢାଇ ଚାଲିଛନ୍ତି। ଏମିତିକି ଆଜି ସୁଦ୍ଧା ତାଙ୍କର ୩୦ରୁ ଅଧିକ ହିନ୍ଦୁ ଶିଷ୍ୟ ରହିଛନ୍ତି। ମାତ୍ର ୬ ବର୍ଷ ବୟସରୁ ଫାରୁଖ ରାମାୟଣ ଓ ଗୀତା ଉପରେ ଜାଣିବା ଲଗି ଆଗ୍ରହ ପ୍ରକାଶ କରିଥିଲେ। ଯେଉଁଠି ରାମାୟଣ ପ୍ରବଚନ ହେଉଥିଲା ସେଠାରେ ଯାଇ ସେ ପହଞ୍ଚିଯାଉଥିଲେ। ୨୪ ବର୍ଷ ବେଳକୁ ସେ ରାମାୟଣ ଉପରେ ପୂରା ପାଣ୍ଡିତ୍ୟ ଅର୍ଜନ କରିସାରିଥିଲେ। ପ୍ରଥମେ ସେ ୧୯୮୪ରେ ରାୟଗଡ଼ ଜିଲାର ପଞ୍ଚୋରରେ ଏକ ସାର୍ବଜନୀନ ମଞ୍ଚରେ ପ୍ରବଚନ ଦେବା ଆରମ୍ଭ କରିଥିଲେ। ତାଙ୍କ ଗୁରୁ ପଣ୍ଡିତ ଲକ୍ଷ୍ମୀନାରାୟଣ ଶର୍ମା ୧୯୯୪ରେ ତାଙ୍କୁ 'ରାମାୟଣୀ' ଉପାଧି ପ୍ରଦାନ କରିଥିଲେ। ଏବେ ସୁଦ୍ଧା ଦେଶର ବିଭିନ୍ନ ସ୍ଥାନରୁ ରାମକଥା ଶୁଣିବା ଲାଗି ଫାରୁଖଙ୍କୁ ଆମନ୍ତ୍ରଣ କରାଯାଉଛି। ସେ ଯେଉଁ ସ୍ଥାନରେ ପ୍ରବଚନ ଦେଉଛନ୍ତି ସେଠାରେ ହଜାର ହଜାର ଲୋକ ତାଙ୍କ ପ୍ରବଚନ ଶୁଣିବା ଲାଗି ଭିଡ଼ ଜମାଉଛନ୍ତି।

## ଚିରନ୍ତନୀ

ହଜିଛି ଯେ ଦେଶ କେତେ କାଲୁ ନୋହେ କଳି
ସରିଛି ଶକତି ପଡିଛି ବିବେକ ଟଳି।
ଆଜି ସେ ଭାରତ ପୁଣି ଟେକେ ମଥା
କଙ୍କାଳ ରାଶି କହିଉଠେ କଥା
ଆଗ୍ନେୟ ଗିରି ସମ ତା'ର ବ୍ୟଥା ବିଶ୍ୱେ ଉଠଇ ଜଳି
ହଜିଛି ସେ ଦେଶ ଘେରି କେତେ ପ୍ରାଣ ବଳୀ !
(ଭାରତ ଆସିବ ଫେରି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିଏମ୍‌ସିର ହୋଲ୍ଡିଂ ଟିକସ ବୃଦ୍ଧି ପ୍ରସ୍ତାବ

ମହାଶୟ,

ଅକ୍ଟୋବର ୨୯ ଧରିତ୍ରୀରେ ବେଞ୍ଚମାର୍କ ହୋଲ୍ଡିଂ ଟିକସ ବୃଦ୍ଧି ପ୍ରସ୍ତାବ ପ୍ରକାଶିତ ହୋଇଛି। ଭୁବନେଶ୍ୱରରେ ଯେଉଁମାନେ ଅତି କଷ୍ଟରେ ଖଣ୍ଡେ ଖଣ୍ଡେ ୮୬୦,୧୦୦୦ ଓ ୧୧୨୫ ସ୍କୋୟାରଫୁଟ ଘର ହାଉସିଂ ବୋର୍ଡ କିମ୍ବା ବିଡିଏରୁ ପାଇଛନ୍ତି ତାଙ୍କ ପକ୍ଷରେ ଏତେ ଟଙ୍କା ହୋଲ୍ଡିଂ ଟିକସ ଦେବା ସମ୍ଭବ ନୁହେଁ, ଯାହା କି ଭୁବନେଶ୍ୱର ନାଗରିକ ମହାସଂଘ ପକ୍ଷରୁ ବିରୋଧ କରାଯାଇଛି। ଏତଦ୍‌ବ୍ୟତୀତ ରାଜଧାନୀରେ ଥିବା ପ୍ରତ୍ୟେକ ଘର ପାଇଥିବା ବ୍ୟକ୍ତି, ଅନ୍ୟାନ୍ୟ ଉନ୍ନୟନ ସଂସ୍ଥା ଓ ବରିଷ୍ଠ ନାଗରିକମାନେ ଏଭଳି ପ୍ରସ୍ତାବକୁ ବିରୋଧ କରୁଛନ୍ତି। ବିଏମ୍‌ସି ଯଦି ରାଜସ୍ୱ ଲକ୍ଷ୍ୟ ପୂରଣ ପାଇଁ ଏପରି କରିବାକୁ ଚାହୁଁଛନ୍ତି ତାହାହେଲେ ଯେଉଁମାନେ ବହୁ ମୂଲ୍ୟବାନ ଜମି ବର୍ଷ ବର୍ଷ ଧରି ଜବରଦଖଲ କରିଛନ୍ତି ଏବଂ ତାଙ୍କ ପାଇଁ ହୋଲ୍ଡିଂ ଟିକସ ନାହିଁ, ବେଞ୍ଚମାର୍କରେ ସେ ଜମିକୁ ବିକ୍ରି କରି ଲକ୍ଷ୍ୟ ପୂରଣ କରିପାରନ୍ତେ। ନତୁବା ଉକ୍ତ ଜମିରୁ ଜବରଦଖଲ ଉଚ୍ଛେଦ କରି ରାଜସ୍ୱ ଲକ୍ଷ୍ୟ ପୂରଣ କରିପାରନ୍ତେ। ମେ ୩ ତାରିଖ ଫନୀରେ ଲୋକଙ୍କର କ୍ଷୟକ୍ଷତି ଏ ପର୍ଯ୍ୟନ୍ତ ଭରଣା ହୋଇ ନ ଥିବାବେଳେ ଏ ଭଳି ଏକ ପ୍ରସ୍ତାବ କେତେଦୂର ପ୍ରଯୁଜ୍ୟ ବିଚାରଯୋଗ୍ୟ।

ବିଶ୍ୱନାଥ ଜେନା, ଡୁମୁଡୁମା, ଭୁବନେଶ୍ୱର

### ସ୍କୁଲରେ ଡିଜିଟାଲ ଉପସ୍ଥାନ

ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ସରକାରଙ୍କ ଦ୍ୱାରା ବିଦ୍ୟାଳୟରେ ଡିଜିଟାଲ ଉପସ୍ଥାନ ବ୍ୟବସ୍ଥା ପ୍ରଚଳନ କରାଇବା ବାସ୍ତବିକ ଏକ ଉଚିତ ପଦକ୍ଷେପ। କିନ୍ତୁ ଏହି ବ୍ୟବସ୍ଥା ଗୋଟିଏ ଜିଲାର ଗୋଟିଏ ସ୍କୁଲରେ ପାଇଲଟ ପ୍ରୋଜେକ୍ଟ ଭବେ ପ୍ରଚଳନ କରାଯିବ। ତାହା ସହରାଞ୍ଚଳ ସ୍କୁଲରେ କରା ନ ଯାଇ ଗ୍ରାମାଞ୍ଚଳ ସ୍କୁଲରେ କରାଯିବା ଉଚିତ, କାରଣ ଗ୍ରାମାଞ୍ଚଳରେ ହିଁ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଉପସ୍ଥାନରେ ହେରଫେର ହେଉଛି। ଉପସ୍ଥାନରେ ଦୋନମ୍ବରୀ କାରବାର ହେଉଛି। ଶିକ୍ଷକମାନଙ୍କୁ ଶିକ୍ଷାଦାନ ବ୍ୟତୀତ ସରକାରଙ୍କ କାମରେ ନିୟୋଜନ କରା ନ ଯାଉ।

ବିନୋଦ ଚନ୍ଦ୍ର ଜେନା, ପାରଳାଖେମୁଣ୍ଡି, ଗଜପତି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



# ଜିଲା ଚିଠି
## କନ୍ଧମାଳ

# ତଦନ୍ତକୁ ନେଇ ସନ୍ଦେହ

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ କନ୍ଧମାଳ ଜିଲାରେ ୨୦୧୧ ମସିହାରୁ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କ ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟା ଗତ ଜୁଲାଇ ମାସରୁ ଆରମ୍ଭ ହୋଇଛି। ସମସ୍ତ ବ୍ଲକ ଶିକ୍ଷାଧିକାରୀ(ବିଇଓ) ସେମାନଙ୍କ ଅଞ୍ଚଳର ସ୍କୁଲରେ ନିଯୁକ୍ତ ଶିକ୍ଷକମାନଙ୍କ ଶିକ୍ଷାଗତ ଓ ଜାତିଗତ ପ୍ରମାଣପତ୍ର ଯାଞ୍ଚ କରି ରିପୋର୍ଟ ଦେବେ। ସେପ୍ଟେମ୍ବର ୩୦ ସୁଦ୍ଧା ଯାଞ୍ଚ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଥିଲା। ହେଲେ ଏହି ଅବଧିର ୨ମାସ ପୂରିବାକୁ ବସିଥିଲେ ମଧ୍ୟ ଜିଲାରେ ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ କାର୍ଯ୍ୟ ସରିନାହିଁ। ଜିଲା ଅନ୍ତର୍ଗତ ୧୨ ବ୍ଲକର କେହି ବିଇଓ ଏହି ରିପୋର୍ଟ ଦାଖଲ କରିନାହାନ୍ତି। ଜାଲ୍ ପ୍ରମାଣପତ୍ର ଦେଇ ଚାକିରି କରିଥିବା ଶିକ୍ଷକମାନେ ଯାଞ୍ଚ ଅଧିକାରୀ ବିଇଓ, ସିଆର୍‌ସିସିଙ୍କୁ ପ୍ରଭାବିତ କରୁଥିବା ଅଭିଯୋଗ ହୋଇଛି। କନ୍ଧମାଳ ଜିଲାରେ ବାହାର ଜିଲାରୁ ଆସି ମଧ୍ୟ ବହୁ ଶିକ୍ଷକ ଚାକିରି କରୁଛନ୍ତି। ଶିକ୍ଷା ସହାୟକ ନିଯୁକ୍ତି ସମୟରେ ଏହାକୁ ବିରୋଧ କରାଯାଇଥିଲା। କେବଳ ବାହାରୁ ଆସିଥିବା ଶିକ୍ଷକ ନୁହେଁ, ଜିଲାର କେତେଜଣ ଶିକ୍ଷକ ମଧ୍ୟ ଜାଲ୍ ସାର୍ଟିଫିକେଟ ଓ ଜାତିଗତ ପ୍ରମାଣପତ୍ର ଦେଇ ଚାକିରି ହାତେଇଛନ୍ତି। ପୂର୍ବରୁ ଜିଲାରେ ୫ ଶିକ୍ଷକ ଜାଲ୍ ପ୍ରମାଣପତ୍ର ଦେଇ ଚାକିରି କରି ଧରାପଡିଥିଲେ। ସେମାନଙ୍କ ମଧ୍ୟରେ ଥିବା ଜଣେ ସହକାରୀ ଶିକ୍ଷକଙ୍କୁ ଚାକିରିରୁ ବରଖାସ୍ତ କରାଯାଇଥିବା ବେଳେ ଅନ୍ୟ କନିଷ୍ଠ ଶିକ୍ଷକଙ୍କୁ ସେବା ନିବୃତ୍ତ(ଡିସ୍‌ଏନ୍‌ଗେଜ୍) କରାଯାଇଛି। ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇ ବିଭିନ୍ନ ବିଭାଗରେ ଚାକିରି କରୁଥିବା କର୍ମଚାରୀଙ୍କ ତଦନ୍ତ ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସ୍ପେଶାଲ ଆଡମିନିଷ୍ଟ୍ରେଟର କରୁଥିଲେ। ଏବେ ତାହାକୁ ଆର୍‌ଡିସି କରୁଛନ୍ତି। କିନ୍ତୁ ଶିକ୍ଷକଙ୍କ ଶିକ୍ଷାଗତ ଏବଂ ଜାତିଗତ ପ୍ରମାଣପତ୍ରର ଯାଞ୍ଚ ଶିକ୍ଷା ବିଭାଗର ଅଧିକାରୀମାନେ କରୁଛନ୍ତି। ଗତ ୨୦ ତାରିଖରେ ଅନୁଷ୍ଠିତ କୁଇ ସମାଜ ସମନ୍ୱୟ ସମିତିର ପ୍ରତିଷ୍ଠା ଦିବସରେ ଜାଲ୍ ଶିକ୍ଷାଗତ ଏବଂ ଜାତିଗତ ପ୍ରମାଣପତ୍ର ଦେଇ ଚାକିରି କରିଥିବା ଶିକ୍ଷକଙ୍କୁ ତୁରନ୍ତ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ସେହିପରି ଏବେ ଅନ୍ୟ ବିଭାଗର ଅଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ କରି ତଦନ୍ତ କରାଇବାକୁ ବିଭିନ୍ନ ମହଲରୁ ଦାବି ହେଉଛି। କାରଣ ଯାଞ୍ଚ ଅଧିକାରୀ ସେହି ବିଭାଗର ହୋଇଥିବାରୁ ତଦନ୍ତର ସ୍ୱଚ୍ଛତାକୁ ନେଇ ସନ୍ଦେହ ଉପୁଜିବା ସ୍ୱାଭାବିକ।

– ରାକେଶ କୁମାର ରାଉତ

# ବାଇକ୍ ମୁହାଁମୁହିଁ: ୨ ମୃତ

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୨୩।୧୧(ଡି.ଏନ.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା କଡମ୍ବା ଛକରେ ଶନିବାର ଅପରାହ୍ନରେ ୨ବାଇକ ମୁହାଁମୁହିଁ ଧକ୍କା ହେବାରୁ ୨ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଥାନା କୁମ୍ଭାରିଗାଁ ପଞ୍ଚାୟତ ରାଜନଗଡ଼ ଗ୍ରାମର ପାଉଲ ଶବର ଏବଂ ଗଜପତି ଜିଲା ମୋହନା ବ୍ଲକ ଦନିଗାଁର କଲେଜ ଛାତ୍ର ଅର୍ଜୁନ ମନ୍ତ୍ରୀ। ଏଥିରେ ଦନିଗାଁର କଲେଜ ଛାତ୍ର ନରେନ୍ଦ୍ର ନାୟକ ଏବଂ ଗୋବରକୁଟି ଗ୍ରାମର ସୀମାଞ୍ଚଳ ନାୟକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ବ୍ରାହ୍ମଣୀଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ବ୍ରାହ୍ମଣୀଗାଁ ଋଷିମାଳ ମହାବିଦ୍ୟାଳୟର ଛାତ୍ର ଅର୍ଜୁନ ଏବଂ ସହପାଠି ନରେନ୍ଦ୍ର ବାଇକରେ କଲେଜରୁ ଦନିଗାଁକୁ ଫେରୁଥିଲେ। ବିପରୀତ ଦିଗରୁ ଏକ ବାଇକ୍‌ରେ ପାଉଲ ଏବଂ ସୀମାଞ୍ଚଳ ନିଜ ଗ୍ରାମକୁ ଫେରୁଥିଲେ। ଗଜପତି ଏବଂ କନ୍ଧମାଳ ସୀମାବର୍ତ୍ତି କଡ଼ମ୍ବା ଘାଟିରେ ୨ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ୪ଜଣଙ୍କୁ ଉଦ୍ଧାର କରି ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ପାଉଲ ଓ ଅର୍ଜୁନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ରାହ୍ମଣୀଗାଁ ପୋଲିସ ପହଞ୍ଚି ବାଇକ ଓ ମୃତଦେହ ୨ଟିକୁ ଜବତ କରିଛି। ଏନେଇ ନଂ.୯୮/୧୯ରେ ମାମଲା ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ସଂଗ୍ରାମ ଜେନା କହିଛନ୍ତି।

# ଷ୍ଟିୟରିଂ ଛିଣ୍ଡି ବିଲକୁ ଖସିଲା କ୍ୟାଣ୍ଟର: ୧୩ ଆହତ

ଭୁବନ, ୨୩।୧୧(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନ ଥାନା ଅଧୀନ ୫୩ନଂ. ଜାତୀୟ ରାଜପଥର ବାଲିଝାଟି ଗ୍ରାମ ନିକଟରେ ଶନିବାର ଷ୍ଟିୟରିଂ ଛିଣ୍ଡିଯିବାରୁ ଏକ କ୍ୟାଣ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୧୩ଜଣ ଯାତ୍ରୀ ଆହତ ହୋଇଛନ୍ତି। ଘରୋଇ ଯାତ୍ରୀବାହୀ କ୍ୟାଣ୍ଟର 'ଶକ୍ତି' ୨୯ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ଧରି ଢେଙ୍କାନାଳରୁ କାମାକ୍ଷାନଗର ଦେଇ ଭୁବନ ଆସୁଥିଲା। ବାଲିଝାଟି ନିକଟରେ ହଟାତ୍ ଗାଡ଼ିର ଷ୍ଟିୟରିଂ ଛିଣ୍ଡି ଯାଇଥିଲା। ଫଳରେ ଏହା ଭାରସାମ୍ୟ ହରାଇ ବିଲ ଭିତରକୁ ପଶିଯାଇଥିଲା। କାଚ ଭାଙ୍ଗି ଦେହରେ ପଶିଯିବାରୁ ୧୩ଜଣ ଯାତ୍ରୀ ଜାକିର ଖାନ୍, ସଞ୍ଜୟ ମଲ୍ଲିକ, ମନ୍ଦାକିନୀ ସାହୁ, ବାବାଜୀ ସେଠୀ, ନୀଳାବତୀ କର, ଅମର ବେହେରା, ଗାୟତ୍ରୀରାଣୀ ସାମନ୍ତ, ଶାନ୍ତିଲତା ପୁହାଣ, ପ୍ରାଣବନ୍ଧୁ ପୁହାଣ, ପବନ ସାମଲ, ଗଙ୍ଗାଧର ପାତ୍ର, ଦଣ୍ଡହରି ନାୟକ, ଥୁରିଆ ଗରାଇ ଆହତ ହୋଇଛନ୍ତି। ସୂଚନା ପାଇ ଅଗ୍ନିଶମ କର୍ମଚାରୀ ଦୁର୍ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଚିକିତ୍ସା ପରେ ସମସ୍ତେ ଘରକୁ ଫେରିଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ ଆରମ୍ଭ କରିଛି।

# ସୀମାନ୍ତରେ ଏନ୍‌କାଉଣ୍ଟର, ଜଣେ ମାଓବାଦୀ ନିହତ

ମାଲକାନଗିରି, ୨୩।୧୧ (ଡି.ଏନ୍.ଏ.)

ଅନେକ ଦିନର ନୀରବତା ପରେ ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡରେ ପୋଲିସ ସହ ମାଓବାଦୀ ପୁଣି ମୁହାଁମୁହିଁ ହୋଇଛନ୍ତି। ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ସୁକୁମା ଜିଲା ମଦେପାରା ଥାନା ଅନ୍ତର୍ଗତ ମୁଲେର ନିକଟରେ ବଡଧରଣର ହିଂସା ଘଟାଇବା ଲାଗି ମାଓବାଦୀମାନେ ମେଳି କରୁଥିବା ଖବର ପାଇ ଡିଆରଜି ପକ୍ଷରୁ କୋମ୍ବିଂ ଅପରେଶନ କରାଯାଇଥିଲା। ଏହି ସମୟରେ ମାଓବାଦୀଙ୍କ ସହ ପୋଲିସ ମୁହାଁମୁହିଁ ହୋଇଥିଲା। ଉଭୟ ପକ୍ଷ ମଧ୍ୟରେ ପ୍ରାୟ ୩ ଘଣ୍ଟା ଧରି ଗୁଳି ବିନିମୟ ହୋଇଥିଲା। ଶେଷରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଯବାନମାନେ ତନଖି କରିବା ବେଳେ ଜଣେ ମାଓବାଦୀଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ତାଙ୍କ ପରିଚୟ ଜଣାପଡିନାହିଁ। ଘଟଣାସ୍ଥଳରୁ ବନ୍ଧୁକ, ବିସ୍ଫୋରକ ସାମଗ୍ରୀ, ପୋଷାକ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିବା ଜଣାପଡ଼ିଛି।










# ସଙ୍ଗୀତରେ ନିଜେ ହଜି ଅନ୍ୟକୁ ହଜାନ୍ତି

## ଯୁବ ପ୍ରତିଭା ରୁଦ୍ରମାଧବ

ଭକ୍ତି ସଙ୍ଗୀତ ହେଉ କି ଆଧୁନିକ ଗୀତ ଏହାର ଦରଦୀ ସ୍ୱର ଭିତରେ ରୂପ ନେଇଥାଏ ଜୀବନ-ସଙ୍ଗୀତ। ଆନନ୍ଦ ହିଁ ସଙ୍ଗୀତର ଉତ୍ସ, ଯାହା ମଣିଷ ମନର ଆଶା, ବିଶ୍ୱାସକୁ ଊର୍ଦ୍ଧ୍ୱଗାମୀ କରିଥାଏ। ଓଡ଼ିଆ ଭାଷା ସାହିତ୍ୟରେ ଭକ୍ତି ସଙ୍ଗୀତର ଧାରା ଶୀର୍ଷସ୍ଥାନ ମଣ୍ଡନ କରି କାହିଁ କେଉଁ କାଳରୁ ଜନମାନସକୁ ପ୍ରଭାବିତ କରିଆସିଛି। ଏହି ଭକ୍ତି ସଙ୍ଗୀତର ଧାରାକୁ ନୂଆ ରୂପ ଦେଇ ନୂତନ କଳାକାର ସୃଷ୍ଟି ଲକ୍ଷ୍ୟରେ କାର୍ଯ୍ୟ କରି ଚାଲିଛନ୍ତି ଯୁବ ଗୀତିକାର, ସଙ୍ଗୀତ ନିର୍ଦ୍ଦେଶକ ରୁଦ୍ରମାଧବ। ସେ ନିଜେ ଗୀତ ରଚନା କରି ତାକୁ ସ୍ୱରରେ ସଜାଇ ଦିଅନ୍ତି। ଏହି କାର୍ଯ୍ୟରେ ତାଙ୍କ ଜୀବନ ସଙ୍ଗିନୀ ମଧୁସ୍ମିତା ସହାୟତା କରିଥାନ୍ତି। ଏହି ଦମ୍ପତି କଣ୍ଠଶିଳ୍ପୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। କେବଳ ଗୀତ ଲେଖି ବୋଲିବାରେ ନିଜ ପ୍ରତିଭାକୁ ସୀମିତ ରଖିନାହାନ୍ତି ରୁଦ୍ରମାଧବ। ଭକ୍ତିସଙ୍ଗୀତର ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ପରିବେଷିତ ଗୀତକୁ ସେ ମଧ ଅବିକଳ ସ୍ୱରରେ ଗାଇ ପାରନ୍ତି। ଜଗନ୍ନାଥଙ୍କ ଭଜନ ସମେତ ଘଟଗାଁ ତାରିଣୀ, ଭଦ୍ରକର ଆଖଣ୍ଡଳମଣି, ମା' ଧାମରାଇ, ଭଦ୍ରକାଳୀ, ଶ୍ରୀଲୋକନାଥ, ମା' ବଙ୍କବାସୁଲୀ, ବୁଢ଼ାଗଣେଶଙ୍କୁ ନେଇ ଅନେକ ଭଜନ ଅଡିଓ ଏବଂ ଭିଡିଓ ପ୍ରସ୍ତୁତ କରି ସେ ଚର୍ଚ୍ଚାକୁ ଆସିଛନ୍ତି।

ରୁଦ୍ରମାଧବଙ୍କ ଘର ଭଦ୍ରକ ସହରର ଅପର୍ତ୍ତିବିନ୍ଧା ନିୟୁ କଲୋନୀରେ। ତାଙ୍କ ବାପା ରଘୁନାଥ ବାରିକ ଓ ମା' ମଞ୍ଜୁଲତା। ବାପା ମଧ ଜଣେ ଗୀତିକାର ଓ କଣ୍ଠଶିଳ୍ପୀ। ମା'ବାପାଙ୍କଠାରୁ ପ୍ରେରଣା, ପ୍ରୋତ୍ସାହନ ପାଇ ସଙ୍ଗୀତ ଦୁନିଆରେ ସେ ପାଦ ରଖିଥିବା କହନ୍ତି। ବିବାହ ପରେ ପତ୍ନୀ ମଧୁସ୍ମିତା ତାଙ୍କ ସଙ୍ଗୀତ ଦୁନିଆରେ ସାଥୀ ପାଲଟିଛନ୍ତି। ରୁଦ୍ରମାଧବଙ୍କ ଶିକ୍ଷାଗତ ଯୋଗ୍ୟତା କଳାରେ ସ୍ନାତକ, ଓଡ଼ିଶୀ କଣ୍ଠ ସଙ୍ଗୀତରେ ବିଶାରଦ, ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତରେ ଡିପ୍ଲୋମା। ସେ ହରିବନ୍ଧୁ ସାହୁ, ଧନେଶ୍ୱର ଦାସ ଓ ରଞ୍ଜିତ ମହାପାତ୍ରଙ୍କୁ ଗୁରୁ ଭାବେ ଗ୍ରହଣ କରି ବିଭିନ୍ନ ସଙ୍ଗୀତ ଜ୍ଞାନ ଆହରଣ କରିଛନ୍ତି। ୪୨ ବର୍ଷରେ ପଦାର୍ପଣ କରିଥିବା ରୁଦ୍ରମାଧବ ଏକ କ୍ୟାସେଟ କମ୍ପାନୀ ପ୍ରତିଷ୍ଠା କରି କଣ୍ଠଶିଳ୍ପୀ ଭାବେ ନୂଆ ଯୁବ ପ୍ରତିଭା ଅନ୍ୱେଷଣ ଜାରି ରଖିଛନ୍ତି। ବର୍ତ୍ତମାନ ସୁଦ୍ଧା ତାଙ୍କର ୨୦ରୁ ଊର୍ଦ୍ଧ୍ୱ କ୍ୟାସେଟ ବଜାରରେ ଲୋକପ୍ରିୟତା ହାସଲ କରିଛି। ସେ କହନ୍ତି, ବିଭିନ୍ନ ମନ୍ଦିର, ସଭା, ଭଜନସ୍ଥଳୀ ଏବଂ ବିଦ୍ୟାଳୟରେ ଗୀତ ବୋଲୁ ବୋଲୁ ସେ ତାଙ୍କ ଭିତରର ପ୍ରତିଭାକୁ ଚିହ୍ନିଥିଲେ। ଏହାପରେ ସେ ଭଦ୍ରକ ମନମୋହନ ସଙ୍ଗୀତ ପରିଷଦରୁ ଧାରାବାହିକ ସଙ୍ଗୀତ ଶିକ୍ଷା କରିଥିଲେ। ଜଣେ ଆଗଧାଡ଼ିର ଗୀତିକାର ଓ ସଙ୍ଗୀତ ନିର୍ଦ୍ଦେଶକ ଭାବେ ସେ ଜିଲା ଏବଂ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବିଭିନ୍ନ ସମୟରେ ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି। ଭକ୍ତିସଙ୍ଗୀତ ତାଙ୍କ ଜୀବନ। ଏହି ସଙ୍ଗୀତର ସୁରେ ସୁରେ ନିଜେ ହଜି ଅନ୍ୟକୁ ହଜେଇବା ପ୍ରୟାସ କରିଥାନ୍ତି। ଯୁବପିଢ଼ି ନିଜ ଭାଷା, କଳା ଓ ସଂସ୍କୃତିକୁ ଭଲପାଇବା ଶିଖିଲେ ଜୀବନରେ ସାର୍ଥକତା ହାସଲ କରିପାରିବେ ବୋଲି ସେ ଦୃଢ଼ତାର ସହ କହନ୍ତି।



*ରିପୋର୍ଟ: ବିଭୁପ୍ରସାଦ ବେହେରା*

# ଚିହ୍ନଟ ହେବେ ଅପାରଗ କର୍ମଚାରୀ

## ଜିଲାସ୍ତରରେ ୫-ଟି ସମୀକ୍ଷା ବୈଠକ

- ପ୍ରଶାସନକୁ ଅଧିକ ଦକ୍ଷ ଓ ଲୋକାଭିମୁଖୀ କରାଯିବ
- ଉଚିତ ସେବା ପ୍ରଦାନ ଉପରେ ଗୁରୁତ୍ୱ

**ବାଲେଶ୍ୱର ଅଫିସ, ୨୩।୧୧**

ପ୍ରଶାସନକୁ ଅଧିକ ଦକ୍ଷ ଓ ଲୋକାଭିମୁଖୀ କରିବା ଲାଗି ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ ଶନିବାର ପୂର୍ବାହ୍ନରେ ୫-ଟି କାର୍ଯ୍ୟକାରିତା ଉପରେ ଅନୁଷ୍ଠିତ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଜିଲାରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଯେଉଁମାନଙ୍କ ନାମରେ ୩ଟି ପ୍ରୋସିଡିଂ ଥିବ ଏବଂ ୫୦ବର୍ଷ ବୟସରୁ ଅଧିକ ହୋଇଥିବେ କିମ୍ବା ଅପାରଗ ହୋଇଥିବେ ସେଭଳି କର୍ମଚାରୀଙ୍କୁ ଚିହ୍ନଟ କରିବା ନିମନ୍ତେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଯେଉଁମାନେ କାର୍ଯ୍ୟରେ ଖିଲାପ କରି ସରକାରୀ ନିୟମ ପାଳନରେ ଟାଳଟୁଳ ମନୋଭାବ ପୋଷଣ କରୁଛନ୍ତି, ସମୟାନୁବର୍ତ୍ତିତା ପାଳନ କରୁନାହାନ୍ତି କିମ୍ବା ଜନସାଧାରଣଙ୍କୁ ଉଚିତ୍ ସେବା ପ୍ରଦାନ କରୁନାହାନ୍ତି ସେମାନଙ୍କୁ ବାଧ୍ୟତାମୂଳକ ଅବସର ଦେବା ପାଇଁ ତାଲିକା ପ୍ରସ୍ତୁତ କରାଯିବ ବୋଲି ସୂଚନା ଦିଆଯାଇଥିଲା।

ବୈଠକରେ ସର୍ବ ଶିକ୍ଷା ଅଭିଯାନର ସମୀକ୍ଷା କରାଯାଇ ମଧ୍ୟାହ୍ନଭୋଜନ ଓ ୟୁନିଫର୍ମ ପ୍ରଦାନ ଉପରେ ନାନା ଅଭିଯୋଗ ଆସୁଥିବାରୁ ସେଥିରେ ସ୍ୱଚ୍ଛତା ଆଣିବାକୁ କୁହାଯାଇଥିଲା। ସେହିପରି ସମାଜ ମଙ୍ଗଳ ବିଭାଗ ଦ୍ୱାରା ଶିଶୁଙ୍କୁ ଦିଆଯାଉଥିବା ଛତୁଆ ଏବଂ ୟୁନିଫର୍ମ ବଣ୍ଟନକୁ ୧୦ ଦିନ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଅନ୍ୟ ଉନ୍ନୟନ କାର୍ଯ୍ୟ ସଂକ୍ରାନ୍ତ ଆଲୋଚନା ବେଳେ ପୋଖରୀ ଖୋଳା ଆବେଦନ ପତ୍ରଗୁଡ଼ିକୁ ବହୁତ ଦିନ ନ ପକାଇ ତୁରନ୍ତ ପଦକ୍ଷେପ ନେବାକୁ ମତ୍ସ୍ୟ ବିଭାଗ ଅଧିକାରୀଙ୍କୁ କୁହାଯାଇଥିଲା। ଏଥିସହିତ ରାସ୍ତା ଓ ଗୃହ ବିଭାଗ ଦ୍ୱାରା ରାସ୍ତାଗୁଡ଼ିକରେ ନିର୍ମାଣାଧୀନ କଲଭର୍ଟ ପାଖରେ ଖାଲ ରହିବା ଏବଂ କେତେକ ସ୍ଥାନରେ ମାଟି ଜମା ରଖାଯିବା ଯୋଗୁ ପ୍ରତ୍ୟହ କିଛି ନା କିଛି ଦୁର୍ଘଟଣା ଘଟୁଥିବାରୁ ସେଥିପ୍ରତି ଦୃଷ୍ଟି ଦେବାକୁ ତାଗିଦ୍ କରାଯାଇଥିଲା।

ଚାଷୀଙ୍କଠାରୁ ଧାନ କିଣିବା ଲାଗି ଆସନ୍ତା ୨୫ତାରିଖରୁ ଜିଲାରେ ମଣ୍ଡି ଖୋଲାଯିବା ନେଇ ଆଲୋଚନା କରାଯାଇଥିଲା। ଟୋକନ୍ ପ୍ରସ୍ତୁତିରେ ଅନ୍ୟ ଜିଲାରେ ଯେଉଁ ଅବ୍ୟବସ୍ଥା ସୃଷ୍ଟି ହୋଇଛି ତାହା ଯେପରି ଏ ଜିଲାରେ ନ ହୁଏ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା । ଜିଲା ଯୋଗାଣ ବିଭାଗ ତରଫରୁ ମିଲର୍ସମାନେ ଯୋଗାଉଥିବା ନିକୃଷ୍ଟମାନର ଚାଉଳ ଓ ମଧ୍ୟବର୍ତ୍ତୀ ଗୋଦାମ ସୃଷ୍ଟି କରିବା ଭଳି ଗୁରୁତର ଅଭିଯୋଗ ଉପରେ ନଜର ରଖିବାକୁ ତାଗିଦ୍ କରାଯାଇଥିଲା। ଡାକ୍ତରଖାନାରେ ରୋଗୀଙ୍କୁ ବାହାର ଔଷଧ କିଣିବା ଲାଗି ଡାକ୍ତରମାନେ ଚିରକୁଟ୍ ଲେଖିବା ଓ ରୋଗୀଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗର ଯାଞ୍ଚ କରିବା ଲାଗି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କୁହାଯାଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ମଧ୍ୟସ୍ଥ ସାଜୁଥିବା କେତେକ କର୍ମଚାରୀଙ୍କ ଉପରେ କଡ଼ା ନଜର ରଖିବା ସହ କିପରି କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଦଲାଲମୁକ୍ତ ହେବ ସେ ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ଆରଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅବକାରୀ ବିଭାଗ ପକ୍ଷରୁ ଯେଉଁ ଧରପଗଡ଼ କରାଯାଉଛି ତାହା ସମୁଦ୍ରକୁ ଶଙ୍ଖେ ପାଣି ଭଳି। ତେଣୁ ବେନିୟମ ମଦ ଓ ନିଶା କାରବାର ବନ୍ଦ କରିବା ଦିଗରେ ବିଭାଗ ଅଧିକ ପ୍ରଭାବୀ ପଦକ୍ଷେପ ନେବାକୁ କୁହାଯାଇଥିଲା। ଜିଲା ଶ୍ରମ କାର୍ଯ୍ୟାଳୟରେ ଅନୁରୂପ ଦଲାଲଙ୍କ ପ୍ରାଦୁର୍ଭାବ ନଜରକୁ ଆସିଥିବାରୁ ସେଠାରେ ସ୍ୱଚ୍ଛତା ରକ୍ଷା କରି କାର୍ଯ୍ୟ ପରିଚାଳନା କରିବାକୁ ତାଗିଦ କରାଯାଇଥିଲା।

୫-ଟି ଉପରେ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିବାରୁ ସମସ୍ତ କର୍ମଚାରୀ ଏଥିପ୍ରତି ସତର୍କ ଏବଂ ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ ସୂଚନା ଅଧିକାର ଆଇନ କାର୍ଯ୍ୟକାରୀ କରିବାରେ ଯେଉଁସବୁ କାର୍ଯ୍ୟାଳୟ ଅବହେଳା କରୁଛନ୍ତି ସେମାନେ ସେଥିରେ ଉନ୍ନତି ଆଣିବା ସହ ସ୍ୱତଃପ୍ରବୃତ୍ତ ସୂଚନା ପ୍ରଦାନ କରିବାକୁ କହିଥିଲେ। ଏହି ଅବସରରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା ଅନୁରୂପ ମନ୍ତବ୍ୟ ରଖି ସମଗ୍ର ଜିଲାରେ ସବୁ କର୍ମଚାରୀ ଏକ ଟିମ୍ ଭାବେ କାର୍ଯ୍ୟ କଲେ ସରକାରଙ୍କ ୫-ଟି ଆଭିମୁଖ୍ୟ ପୂରଣ ହୋଇପାରିବ ବୋଲି ଉଲ୍ଲେଖ କରିଥିଲେ । ବୈଠକରେ ଉପଜିଲାପାଳ ନିଲୁ ମହାପାତ୍ରଙ୍କ ସମେତ ସମସ୍ତ ବିଭାଗୀୟ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

# ପାରାଦୀପ ଗଲେ ବାଲେଶ୍ୱର ଦଳ

## ଆନ୍ତଃ ଜିଲା ଭଲିବଲ ପ୍ରତିଯୋଗିତା

**ବାଲେଶ୍ୱର ଅଫିସ, ୨୩।୧୧:** ବାଲେଶ୍ୱର ଜିଲା କ୍ରୀଡ଼ାସଂଘର ୧୨ଜଣ ଭଲିବଲ ଖେଳାଳି ପାରାଦୀପଠାରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତଃ ଜିଲା (ସିନିୟର) ଭଲିବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ପାରାଦୀପ ଯାତ୍ରା କରିଛନ୍ତି। ଖେଳାଳିମାନେ ହେଲେ ଜଗନ୍ନାଥ ପ୍ରଧାନ, ଖଗେଶ୍ୱର ଜେନା, ଜଗଦୀଶ ଜେନା, ଚୈତନ୍ୟ ବିଶ୍ୱାଳ, ଶରତ କୁମାର ବେହେରା, ଜଗଦିଶ ରାଉତ, ପୁରୁଷୋତ୍ତମ ଦାସ, ମାଝି ତେଜା, ସୌଭଗ୍ୟ ରଞ୍ଜନ ନାୟକ, ମଜାହିଦ ସାହା, ଚନ୍ଦନ କୁମାର ଜେନା ଓ ଜଗନ୍ନଥ ମହାନ୍ତା । ମ୍ୟାନେଜର ଗୁରୁଚରଣ ପାଣିଗ୍ରାହୀ, କୋଚ୍ ରତ୍ନାକର ପାତ୍ର ଓ ସହକାରୀ କୋଚ ଜନ୍ମେଜୟ ଦେ ମଧ ଖେଳାଳିଙ୍କ ସହିତ ଅଛନ୍ତି । ପାରାଦୀପଠାରେ ୨୩ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଭଲିବଲ ଖେଳ ଅନୁଷ୍ଠିତ ହେବ।

# କୃତୀ ଛାତ୍ର ରାଜ୍ୟସ୍ତରରେ ପୁରସ୍କୃତ

**ବାରିପଦା ଅଫିସ, ୨୩।୧୧:** ଭୁବନେଶ୍ୱର ସ୍ଥିତ ୟୁନିଟ-୯ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାରିପଦାସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରତିଯୋଗିତାରେ ଭାଗ ନେବା ସହ ରାଜ୍ୟସ୍ତରରେ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସେମାନଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ, ଷ୍ଟେଟ ପ୍ରୋଜେକ୍ଟ ଡାଇରେକ୍ଟର ଭୂପେନ୍ଦ୍ର ସିଂ ପୁନିଆ, ଶିକ୍ଷା ସଚିବ ଚିତ୍ର ଅରୁମୁଗମ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ପୁରସ୍କୃତ କରିଥିଲେ। କୃତୀ ଛାତ୍ରମାନେ ହେଲେ ମାନସ ରଞ୍ଜନ ନାଏକ, ସଞ୍ଜୟ ଦାସ, ଶିବ ସିଂ, ସଞ୍ଜୟ ଟୁଡ୍ଡୁ, ସୁଜିତ ସୋରେନ, ସୁନୀଲ ଟୁଡ୍ଡୁ। ସେମାନଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂ, ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ.ପ୍ରଶାନ୍ତ କୁମାର ମହାନ୍ତି, ସମଗ୍ର ଶିକ୍ଷା ଅଭିଯାନର ମାନସ କୁମାର ସ୍ୱାଇଁ, ସପନ କୁମାର ପୃଷ୍ଟି, ଶୈଳବାଳା ବେହେରା ଓ ମନୋଜ କୁମାର ଶର୍ମା ପ୍ରମୁଖ ବାରିପଦାରେ ସମ୍ବର୍ଦ୍ଧନା ଜଣାଇଛନ୍ତି।

# ୨୫ରୁ ମୟୂରଭଞ୍ଜ ମହୋତ୍ସବ

**ବାରିପଦା ଅଫିସ, ୨୩।୧୧:** ମୟୂରଭଞ୍ଜ ଜିଲାରେ କଳା ଓ ସଂସ୍କୃତିର ବିକାଶ ପାଇଁ ଅନୁଷ୍ଠିତ ହୋଇଆସୁଛି ମୟୂରଭଞ୍ଜ ମହୋତ୍ସବ। ଚଳିତବର୍ଷ ଏହି ମହୋତ୍ସବ ଚତୁର୍ଥ ବର୍ଷରେ ପଦାର୍ପଣ କରିଛି। ଆସନ୍ତା ୨୫ରୁ ଆରମ୍ଭ ହୋଇ ଡିସେମ୍ବର ୧ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ପାଳନ ହେବ। ପ୍ରଥମ ଦିନରେ ଜିଲାର ବିଭିନ୍ନ କଳାକାରଙ୍କୁ ନେଇ ପାରମ୍ପରିକ ନୃତ୍ୟ ଗୀତରେ ତାଳେତାଳେ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ଛଉ ପଡିଆ ପର୍ଯ୍ୟନ୍ତ ଆୟୋଜିତ ହେବ କାର୍ନିଭାଲ ଶୋ'। ମୟୂରଭଞ୍ଜ ଜିଲାପାଳ ଓ ଏସ୍‌ପି ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ। ଓଡ଼ିଆ ସିନେ ଜଗତର ସୁପରଷ୍ଟାର ଉତ୍ତମ ମହାନ୍ତି, ବାବୁସାନ, ଅସିତ୍ ପତି, ପପୁ ପମପମ, ସ୍ୱରାଜ ବାରିକ, ସନମିରା, ଅନିମେଶ ଘୋଷ, ଗାୟକ ଅସୀମା ପଣ୍ଡା, ଦିପ୍ତିରେଖା, ସ୍ୱୟମ ପାଢ଼ୀ ପ୍ରମୁଖ ବହୁ ନାମିଦାମୀ କଳାକାର ଏହି ମଞ୍ଚରେ କଳା ପ୍ରଦର୍ଶନ କରି ଲୋକଙ୍କୁ ମନୋରଞ୍ଜନର ଖୋରାଖ ଯୋଗାଇବେ। ଏହି ଉତ୍ସବର ଆସନ୍ତା ୮ ତାରିଖରେ ଝାଡ଼ଖଣ୍ଡ ରାଜ୍ୟପାଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହାସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସୁଦାମ ମାରାଣ୍ଡି, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଚିନ୍ମୟ ସାହୁ, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ରାଜ୍ୟସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ, ତାରାପ୍ରସାଦ ବାହିନୀପତି, ବିଧାୟକ ରମେଶ ଜେନା, ଏମ୍‌ପି ବିଶେଶ୍ୱକର ଟୁଡୁଙ୍କ ସହ ଜିଲାର ସମସ୍ତ ନିର୍ବାଚିତ ପ୍ରତିନିଧି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

EDUCATION

SPOT ADMISSION
B.Ed
Acharya Nagarjuna University
Equivalent to Govt. of Odisha
FREE Practical, Study Material, Form fill-up fees & Weekend Class
NIDT
NO-1 B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

FINANCE

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

FINANCE
Ujjivan ଋଣ ସରକାରୀ ସ୍ୱୀକୃତିପ୍ରାପ୍ତ ପ୍ରଧାନମନ୍ତ୍ରୀ ବେରୋଜଗାର ଯୋଜନା ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ ଓ ସମ୍ପତି ଋଣ ଘରେ ବସି ମାତ୍ର 24 ଘଣ୍ଟାରେ ପାଆନ୍ତୁ।
2% ସୁଧ 45% ଛାଡ
No Guarantor/No Commission
Plot No 428/74, Shahnajaf Rd, Lucknow, Uttar Pradesh 226001
7056051417

ଖର୍ଚ୍ଚ ଋଣରୁ କଟିବ
BALA JI FINANCE
1 ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
063986-75974
ADDRESS: T-51, GAUTAMPURI, DELHI

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଆପଣଙ୍କ ସ୍ୱପ୍ନକୁ କରେ ସାକାର
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ସବୁ ଯୋଜନା ଅଧୀନରେ
ମୁଦ୍ରା ଫାଇନାନ୍ସ
କମ୍ କିମ୍ବା ଖରାପ CIBIL ସ୍କୋରଧାରୀ ବ୍ୟକ୍ତିମାନଙ୍କୁ ମଧ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ବ୍ୟବସାୟ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 40% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
ମହିଳାଙ୍କ ପାଇଁ ବିଶେଷ ରିହାତି
7289999543
8929619951
SCF-14, Aggarwal Estate, South Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

TO LET

TO LET
Warehouse
At Mancheswar Industrial Estate, Bhubaneswar
Covered area of RCC/PEB Structure: Approx 300000 (Three Lacs) SQFT
Contact: balbhadradeve6@gmail.com


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଓଭରଲୋଡିଂ ବାଲି ଗାଡ଼ିରୁ ଜରିମାନା ଆଦାୟ

ବନ୍ତ,୨୩।୧୧(ସ୍ୱ.ପ୍ର.)–ଆନନ୍ଦପୁର–ବନ୍ତ ରାସ୍ତାର ଶ୍ରୀବନ୍ତପୁର ଛକ ନିକଟରୁ ଶନିବାର ୩ଟି ଓଭରଲୋଡିଂ ବାଲି ଟ୍ରକକୁ ଜବତ କରି ତହସିଲ ପ୍ରଶାସନ ପକ୍ଷରୁ ଜରିମାନା ଆଦାୟ କରାଯାଇଛି। ଏହି ରାସ୍ତାରେ ଓଭରଲୋଡିଂ ଗାଡ଼ି ଯାତାୟାତ ବନ୍ଦ କରିବା ପାଇଁ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଦାବି କରିଆସୁଥିଲେ। ଶନିବାର ବନ୍ତ ତହସିଲଦାର ଇନ୍ଦିରା ସାହୁ, ଥାନାଧିକାରୀ ମୀନା ବିନ୍ଧାଣୀ ଓ ଅତିରିକ୍ତ ତହସିଲଦାର ବିଜୟ କୁମାର ସେଠୀ ୩ ଟ୍ରକରୁ ୭୦ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

**ପାଟଣା,୨୩।୧୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ଗୋରାସ ପଞ୍ଚାୟତ କଣ୍ଟିଡ଼ିହା ଗ୍ରାମର ଦାଶରଥୀ ମାଝି ନାମକ ଜଣେ ୨୨ବର୍ଷୀୟ ଯୁବକ ଶୁକ୍ରବାର ପୂର୍ବାହ୍ନରେ ଘର ସଂଘାରେ ଏକ ଷ୍ଟଲକୁ ବେକରେ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଏ ନେଇ ପାଟଣା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୯/୧୯) ରୁଜୁ କରି ଘଟଣାର ତଦନ୍ତ କରୁଛି। ଆତ୍ମହତ୍ୟାର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ସାହାରପଡା ଫାଣ୍ଡି ଅଧିକାରୀ ମନୋହର ମହାନ୍ତ ସୂଚନା ଦେଇଛନ୍ତି।

## ପିଡିଏସ ସାମଗ୍ରୀ ହଡ଼ପ ଘଟଣା ନେଇ ତନାଘନା

**ଯୋଡ଼ା, ୨୩।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ବ୍ଲକ ବାଲାଗୋଡା ପଞ୍ଚାୟତରେ ବାୟୋମେଟ୍ରିକ ମେଶିନରେ ହିତାଧିକାରୀଙ୍କୁ ଟିପ ଚିହ୍ନ ନେଇ ଠକେଇ କରି ପିଡିଏସ ସାମଗ୍ରୀ ହଡ଼ପ ହେବା ଘଟଣାର ତଦନ୍ତ ପ୍ରକ୍ରିୟା ଯୋଗାଣ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି। ଏହି ଠକେଇ ଘଟଣା ନେଇ ଗତ ୧୯ ତାରିଖରେ ପଞ୍ଚାୟତରେ କେତେଜଣ ମହିଳା ହିତାଧିକାରୀ ଯୋଡା ବ୍ଲକ ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିଲେ। ସେମାନେ କାହାକୁ ନ ପାଇ ଏ ସଂକ୍ରାନ୍ତରେ ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରିଥିଲେ। ଧରିତ୍ରୀରେ ଏହି ଖବର ପ୍ରକାଶ ପାଇବା ପରେ ଯୋଡା ବ୍ଲକ ବିଡିଓ ଯୋଗେନ୍ଦ୍ର ନାଏକ ବାଲାଗୋଡା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଏ ସଂକ୍ରାନ୍ତରେ ଚିଠି କରିବା ସକାଶେ ଯୋଗାଣ ବିଭାଗକୁ କହିଥିଲେ। ତଦନୁଯାୟୀ ଯୋଗାଣ ବିଭାଗ ପକ୍ଷରୁ ବାଲାଗୋଡା ପଞ୍ଚାୟତ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ସାହୁଙ୍କୁ ଏହାର ସ୍ପଷ୍ଟୀକରଣ ଦେବା ପାଇଁ ଚିଠି କରାଯାଇଛି। ବିଡିଓ ନାଏକ ସୂଚନା ଦେଇଛନ୍ତି ଯେ, ତଦନ୍ତରେ ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଭିଯୋଗକାରୀ ମହିଳାମାନଙ୍କୁ ବ୍ଲକ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ ଦାଖଲ କରିବାକୁ ସେ ପରାମର୍ଶ ଦେଇଛନ୍ତି।

## ଗୋବିନ୍ଦଚନ୍ଦ୍ର ବିଦ୍‌ବତ୍ତା ପ୍ରତିଯୋଗିତା

**ଖଇରା, ୨୩।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବଣପାରିଆ ପ୍ରାଥମିକ ବିଦ୍ୟାଳୟରେ ଗୋବିନ୍ଦ ଚନ୍ଦ୍ର ବିଦ୍‌ବତ୍ତା ପ୍ରତିଯୋଗିତା ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାର ମୁଖ୍ୟ ପୁରୋଧା କୃଷ୍ଣଚନ୍ଦ୍ର ପତ୍ରୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ରଘୁନାଥ ପତ୍ରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଖଇରା ବ୍ଲକ ଅଧ୍ୟକ୍ଷା ଅଭୀଲିପ୍ସା ସାହୁ ମୁଖ୍ୟଅତିଥି, ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ର ମୁଖ୍ୟବକ୍ତା, ସମିତି ସଭ୍ୟା ନମିତା ବେହେରା, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକ, ପ୍ରାକ୍ତନ ପ୍ରଧାନ ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ, ଗଗନ ବିହାରୀ ପଣ୍ଡା, ସିଆର୍‌ସିସି ଲକ୍ଷ୍ମଣ ସେନ, ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ତ୍ରିପାଠୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସାବିତ୍ରୀମଣି ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଗୋବିନ୍ଦ୍ର ଚନ୍ଦ୍ର ନାମରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନକାରୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଅଙ୍ଗନୱାଡ଼ି କର୍ମୀଙ୍କୁ ଆକ୍ରମଣ ଅଭିଯୋଗ

**ରୂପ୍‌ସା,୨୩।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପ୍‌ସା ଥାନା ଜାମୁନିଆ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀଙ୍କୁ ଶୁକ୍ରବାର ଆକ୍ରମଣ ସହ ଗାଳିଗୁଲଜ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ ଶନିବାର ଏକ ମାମଲା ନଂ. ୮୬/୧୪ ରୁଜୁ କରି ତଦନ୍ତ କରୁଛି। କେନ୍ଦ୍ରରେ ଅଙ୍ଗନୱାଡ଼ି କର୍ମୀ କାର୍ଯ୍ୟରତ ଥିବା ବେଳେ କେତେକ ଅଭିଭାବକ ଓ ଗ୍ରାମବାସୀ ସେଠାରେ ପହଞ୍ଚିଥିଲେ। କେନ୍ଦ୍ରରେ ହେଉଥିବା ଅନିୟମିତତା ସମ୍ପର୍କରେ ତାଙ୍କୁ ପଚାରିଥିଲେ। ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରାଯାଇଥିବା ଏତଲାରେ ଦର୍ଶାଯାଇଛି।






























ଫିଲ୍ମ 'ବାଲା' ବକ୍ସ ଅଫିସ୍‌ରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ କରିବା ଲେଖକ ଓ ନିର୍ଦ୍ଦେଶକଙ୍କ ବିଜୟ।

-ୟାମି ଗୌତମ୍,
ବଲିଉଡ୍ ଅଭିନେତ୍ରୀ



# ଖୁବ୍‌ଶୀଘ୍ର ପଞ୍ଚମ ଧାମ



**ନୂଆଦିଲ୍ଲୀ:** ସନାତନ ଧର୍ମର ମୂଳସଂସ୍କୃତିକୁ ଯୋଡ଼ି ରଖିଛି ୪ ଧାମ। ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଏହାର ଗୁରୁତ୍ୱ କେତେ, ତାହା ଆକଳନ କରିବା ଏକରକମ ଅସମ୍ଭବ। ୧୪୦୦ବର୍ଷ ତଳେ ସନାତନ ଧର୍ମର ସୁରକ୍ଷା ପାଇଁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଦେଶର ଉତ୍ତର ପ୍ରାନ୍ତରେ ବଦ୍ରିନାଥ, ପଶ୍ଚିମରେ ଦ୍ୱାରକା, ପୂର୍ବରେ ଶ୍ରୀଜଗନ୍ନାଥ ଏବଂ ଦକ୍ଷିଣରେ ରାମେଶ୍ୱରମ୍ ଧାମ ସ୍ଥାପନ କରାଯାଇଥିଲା। ଏବେ ଏହାର ପରିସର ଅଧିକ ପରିବ୍ୟାପ୍ତ କରିବାକୁ ଭାରତୀୟ ମୂଳଭୂଖଣ୍ଡଠାରୁ ଦୂରରେ କାମ୍ବୋଡିଆରେ ୫ମ ଧାମର ପରିକଳ୍ପନା କରାଯାଇଛି। ପରିକଳ୍ପନା କରାଯାଇଥିବା ୫ମ ଧାମରେ ମହାଦେବଙ୍କ ୧୮୦ଫୁଟ ଉଚ୍ଚତାର ବିଶାଳ ମୂର୍ତ୍ତି ସ୍ଥାପନ କରାଯିବ। ଏଥିସହ ପାର୍ଶ୍ୱ ଦେବଦେବୀ ଭାବେ ଗଣେଶ, ବୁଦ୍ଧଙ୍କ ପ୍ରତିମୂର୍ତ୍ତି ମଧ୍ୟ ପୂଜା ପାଇବେ।

ପଞ୍ଚମ ଧାମର ଆବଶ୍ୟକତା ସମ୍ପର୍କରେ ବରିଷ୍ଠ ଆର୍‌ଏସ୍‌ଏସ୍ ନେତା ତଥା ଟ୍ରଷ୍ଟ ସଦସ୍ୟ ଇନ୍ଦ୍ରେଶ କୁମାର କହିଛନ୍ତି, ଦକ୍ଷିଣପୂର୍ବ ଏସିଆର ପ୍ରମୁଖ ଦେଶ ଭିତରୁ କାମ୍ବୋଡିଆ ଅନ୍ୟତମ। ଏଠାକାର ମୋଟ ଜନସଂଖ୍ୟାର ୯୭% ବୌଦ୍ଧ ଧର୍ମାବଲମ୍ବୀ। ଏଠାରେ ପଞ୍ଚମ ଧାମର ପ୍ରତିଷ୍ଠା କରାଗଲେ ସନାତନ ଏବଂ ହିନ୍ଦୁ ସଂସ୍କୃତିର ପ୍ରଚାର ପ୍ରସାର ହୋଇପାରିବ। ମନ୍ଦିର ଟ୍ରଷ୍ଟବୋର୍ଡର ମୁଖ୍ୟ ଗୁରୁଜୀ କୁମାରନ୍ ସ୍ୱାମୀ କୁହନ୍ତି, ଏହାର ନିର୍ମାଣରେ ୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ।

ସେ ଆହୁରି ମଧ୍ୟ କହିଛନ୍ତି, ବିଶ୍ୱର ସବୁଠାରୁ ବୃହତ୍ ହିନ୍ଦୁ ମନ୍ଦିର କମ୍ପ୍ଲେକ୍ସ 'ଆଙ୍କରୱାଟ'ରେ ରହିଛି। ପରିକଳ୍ପିତ ପଞ୍ଚମ ଧାମଠାରୁ ଏହାର ଦୂରତା ୩୦ କିମି। ଦେଶବିଦେଶର ପର୍ଯ୍ୟଟକ, ଧର୍ମାବଲମ୍ବୀଙ୍କ ପାଇଁ ଦ୍ୱାଦଶ ଶତାବ୍ଦୀରେ ନିର୍ମିତ 'ଆଙ୍କରୱାଟ' ମନ୍ଦିର ଆକର୍ଷଣ ସାଜିଛି। ଏଠାକୁ ଆସୁଥିବା ଯାତ୍ରୀମାନେ ୫ମ ଧାମକୁ ମଧ୍ୟ ପରିଦର୍ଶନ କରିବେ। ବିଦେଶରେ ଭାରତୀୟ ଧର୍ମସଂସ୍କୃତିର ପ୍ରଚାର ଲାଗି ପ୍ରଥମଥର ପାଇଁ ଏପରି ଯୋଜନା କାର୍ଯ୍ୟକାରୀ କରାଯାଉଛି। କାମ୍ବୋଡିଆରେ ସ୍ଥାପିତ ହେବାକୁ ଥିବା ମନ୍ଦିର ଏହାର ଏକ ଅଂଶବିଶେଷ ବୋଲି ସେ କହିଛନ୍ତି।

# କାମ ବଦଳରେ କମ୍ପ୍ରୋମାଇଜ୍‌କୁ ନା

ମଞ୍ଜରୀ ଫଡ୍‌ନିସ



**ମୁମ୍ବାଇ:** 'ରୋକ୍ ସକୋ ତୋ ରୋକ୍ ଲୋ', 'ଜାନେ ତୁ ୟା ଜାନେ ନା' ଏବଂ 'ଗ୍ରାଣ୍ଡ ମସ୍ତି' ଭଳି ଫିଲ୍ମର ମୁଖ୍ୟ ନାୟିକା ମଞ୍ଜରୀ ଫଡ୍‌ନିସ ଏକ ବଡ଼ ଖୁଲାସା କରିଛନ୍ତି। ସେ ବଲିଉଡ୍‌ରେ ୧୫ବର୍ଷରୁ ଊର୍ଦ୍ଧ୍ୱ ସମୟ କାଟିସାରିଲେଣି। ଏହି ସମୟ ମଧ୍ୟରେ ହିନ୍ଦୀ ବ୍ୟତୀତ ତେଲୁଗୁ, ମଲୟାଲମ୍, ତାମିଲ୍ ଏବଂ କନ୍ନଡ଼ ଫିଲ୍ମରେ ମଧ୍ୟ ସେ ଅଭିନୟ କରିଛନ୍ତି। ତେବେ ବଲିଉଡ୍‌ରେ ତାଙ୍କୁ କାମ ବଦଳରେ କମ୍ପ୍ରୋମାଇଜ୍ କରିବାର ସର୍ତ୍ତ ମିଳିବାରୁ ସେ କମର୍ଶିଆଲ୍ ବିଗ୍ ବଜେଟ୍ ଫିଲ୍ମରୁ ନିଜକୁ ଦୂରେଇ ନେଲେ ବୋଲି କହିଛନ୍ତି।

ମଞ୍ଜରୀ ନିଜ ଫିଲ୍ମ 'ଇଣ୍ଡିପେଣ୍ଡେନ୍ସ' ପାଇଁ ଏବେ ଚର୍ଚ୍ଚାରେ ରହିଛନ୍ତି। ଫିଲ୍ମର ପ୍ରିମିୟର ଭାରତର ୫୦ତମ ଅନ୍ତଃରାଷ୍ଟ୍ରୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହେବ। ଏନେଇ ମଞ୍ଜରୀ ଏବେ ଗୋଆରେ ନିଜ ଫିଲ୍ମର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଏହି ଅବସରରେ ନିଜ ୧୫ବର୍ଷର କ୍ୟାରିୟର୍ ବିଷୟରେ ଆଲୋଚନା କରି ଏକ ଜାତୀୟ ଗଣମାଧ୍ୟମ ସାମ୍ନାରେ କିଛି ବଡ଼ ଖୁଲାସା କରିଛନ୍ତି ମଞ୍ଜରୀ। ସେ କହିଛନ୍ତି, କାମ ବଦଳରେ କମ୍ପ୍ରୋମାଇଜ୍ କରିବାକୁ ସର୍ତ୍ତ ରଖାଯିବାରୁ ସେ ଅନେକ ବଡ଼ ବଡ଼ ନିର୍ଦ୍ଦେଶକ ଏବଂ ଷ୍ଟାର୍‌ଙ୍କ ସହ କାମ କରିବାକୁ ମନା କରିଦେଇଥିଲେ ଏବଂ କିଛି ପ୍ରଯୋଜକ ତାଙ୍କୁ ଭଲ ଭଲ ଫିଲ୍ମରୁ ଏହି କାରଣ ଲାଗି ବାହାର କରିଦେଇଥିଲେ। ନିଜ ଟ୍ୟାଲେଣ୍ଟ ଉପରେ ଭରସା ରଖି ସେ ଚୁପ୍‌ଚାପ୍ ରାସ୍ତା ବଦଳାଇଦେଇଥିଲେ କିନ୍ତୁ କମ୍ପ୍ରୋମାଇଜ୍ କରି ନ ଥିଲେ ବୋଲି କହିଛନ୍ତି। ନିର୍ଦ୍ଦେଶକ, ପ୍ରଯୋଜକମାନେ ଖୋଲାଖୋଲି କମ୍ପ୍ରୋମାଇଜ୍ କଥା ରଖିବାରୁ ସେ ବିଗ୍ ବଜେଟ୍ କମର୍ସିଆଲ୍ ଫିଲ୍ମ ଦୁନିଆରୁ ନିଜକୁ ଦୂରେଇନେଲେ ବୋଲି କହିଛନ୍ତି। ଏଥିପାଇଁ ଦୀର୍ଘ ସମୟ ଧରି ସେ ଡିପ୍ରେଶନରେ ମଧ୍ୟ ଥିଲେ। ତେବେ ବଲିଉଡ୍‌ରେ ଜବରଦସ୍ତି ହୁଏ ନାହିଁ କିନ୍ତୁ ବଲିଉଡ୍‌ର ସତ ହେଲା, ଏଠାରେ କମ୍ପ୍ରୋମାଇଜ୍ ହୁଏ ବୋଲି ମଞ୍ଜରୀ କହିଛନ୍ତି। ଅନ୍ୟପକ୍ଷେ ଜାତୀୟସ୍ତରୀୟ ଚଳଚ୍ଚିତ୍ର ମହୋତ୍ସବରେ ନିଜ ଫିଲ୍ମର ପ୍ରିମିୟର ପ୍ରଦର୍ଶିତ ହେବା ନେଇ ମଞ୍ଜରୀ ଖୁବ୍ ଉତ୍ସାହିତ ଅଛନ୍ତି।

## ସାକ୍ଷୀ ରହିଲେ ବିମାନ ଯାତ୍ରୀ



# ୩୭ ହଜାର ଫୁଟ୍ ଉପରେ ବାହାଘର

**ମେଲବୋର୍ନ:** ବାହାଘରକୁ ଅବିସ୍ମରଣୀୟ କରିବା ସକାଶେ ଭୂମିରୁ ୩୭ ହଜାର ଫୁଟ ଉପରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ଦମ୍ପତି। ସିଡ୍‌ନୀରୁ ଅକ୍‌ଲାଣ୍ଡ ଯାଉଥିବା ଏକ ଫ୍ଲାଇଟରେ ନ୍ୟୁଜିଲାଣ୍ଡର କୈଥୀ ଓ ଅଷ୍ଟ୍ରେଲିଆର ଡେଭିଡ୍ ଭେଲିଏଣ୍ଟ ବିବାହ କରିଥିବା ଘଟଣା ଏବେ ନଜରକୁ ଆସିଛି। ଫ୍ଲାଇଟ୍ ଟେକ୍ ଅଫ୍ କରିବା ପରେ ଡେଭିଡ୍ କୈଥୀଙ୍କୁ ପ୍ରପୋଜ୍ କରିଥିଲେ। ଏହାପରେ ଫ୍ଲାଇଟ୍‌ଟି ଅଧାରାସ୍ତାରେ ପହଞ୍ଚିବା ପରେ ବିବାହ ବିଧି ଆରମ୍ଭ ହୋଇଥିଲା। ଦମ୍ପତିଙ୍କ ଇଚ୍ଛା ମୁତାବକ ଏୟାରଲାଇନ୍ସ ପକ୍ଷରୁ ବାହାଘର ପାଇଁ ସମସ୍ତ ଆୟୋଜନ କରାଯାଇଥିଲା, ମାତ୍ର ଏ ନେଇ ସେମାନଙ୍କଠାରୁ କିଛି ଶୁଳ୍କ ନିଆଯାଇ ନ ଥିବା ଜଣାପଡ଼ିଛି। ବିମାନରେ ଥିବା ଅନ୍ୟ ଯାତ୍ରୀମାନେ ବାହାଘରର ସାକ୍ଷୀ ହୋଇଥିଲେ। ଏ ନେଇ ନବବଧୂ କୈଥୀ କହିଛନ୍ତି, ୨୦୧୩ରେ ସିଡ୍‌ନୀ ବିମାନବନ୍ଦରରେ ଡେଭିଡ୍‌ଙ୍କ ସହ ଦେଖାହୋଇଥିଲା। ବିମାନରେ ଯାତ୍ରା କରିବା ପ୍ରତି ଉଭୟଙ୍କର ଭଲ ପାଇବା ହିଁ ଆମକୁ ଏକାଠି କରିଛି। ଏଥିସହ ବିମାନରେ ବିବାହ କରିବାର ଇଚ୍ଛା ପୂରଣ ହେବା ସହ ଏହା ଖୁବ୍ ସୁନ୍ଦର ମୁହୂର୍ତ୍ତ ଥିଲା ବୋଲି କୈଥୀ କହିଛନ୍ତି। ତେବେ ବିମାନରେ ଯାତ୍ରା କରୁଥିବା ଅନ୍ୟ ଯାତ୍ରୀମାନଙ୍କୁ ପୂର୍ବରୁ ଏ ନେଇ ଇ-ମେଲ୍ ଯୋଗେ ସୂଚନା ଦିଆଯାଇଥିଲା। ଯଦି କେହି ଏହି କାରଣରୁ ବିମାନ ବଦଳାଇବାକୁ ଚାହାନ୍ତି, ତା'ହେଲେ ସେମାନଙ୍କଠାରୁ କୌଣସି ଅତିରିକ୍ତ ଶୁଳ୍କ ନିଆଯିବ ନାହିଁ ବୋଲି ଏୟାରଲାଇନ୍ସ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ।



# ସଫଳତା ପରେ ଫି' ବଢ଼ାଇଲେ ହ୍ରିତିକ୍

**ମୁମ୍ବାଇ:** ବଲିଉଡ୍ ହ୍ୟାଣ୍ଡସମ୍ ହଙ୍କ୍ ହ୍ରିତିକ୍ ରୋଶନଙ୍କ ପାଇଁ ୨୦୧୯ ଅନେକ ସଫଳତା ଆଣିଦେଇଛି। ବର୍ତ୍ତମାନ ସୁଦ୍ଧା ନିଜ କ୍ୟାରିୟରର ସବୁଠାରୁ ବଡ଼ ଦୁଇଟି ଫିଲ୍ମ କରି ସେ ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି। ଫିଲ୍ମ 'ସୁପର୍-୩୦'ରେ ତାଙ୍କ ପରିଶ୍ରମ ଅଭିନୟରେ ଝଲସିଥିଲା। ସେହିପରି ଫିଲ୍ମ 'ୱାର୍' ବକ୍ସ-ଅଫିସ୍‌ରେ ଧମାଲ୍ ମଚାଇଦେଲା। ଏହାସହ ବକ୍ସ-ଅଫିସ୍ ୧୦୦, ୨୦୦ ଏବଂ ୩୦୦ କୋଟି କ୍ଲବ୍‌ରେ ହ୍ରିତିକ୍‌ଙ୍କ ନାଁ ଯୋଡ଼ିହୋଇଗଲା। କେବଳ ବ୍ୟବସାୟିକ ଦୃଷ୍ଟିକୋଣରୁ ନୁହେଁ, ଅଭିନୟ ଦୃଷ୍ଟିରୁ ମଧ୍ୟ ହ୍ରିତିକ୍ ୨୦୧୯ରେ ଖୁବ୍ ପ୍ରଶଂସା ସାଉଁଟିଲେ। ଏଭଳି ଦୁଇଟି ସୁପରହିଟ୍ ଫିଲ୍ମ କରିବା ପରେ ହ୍ରିତିକ୍ ଏବେ ନିଜ ଫି' ବଢ଼ାଇଦେଇଥିବା ଶୁଣିବାକୁ ମିଳିଛି। ଇମ୍‌ତିଆଜ୍ ଅଲୀ, ଆନନ୍ଦ ଏଲ୍. ରାୟ, ସଞ୍ଜୟ ଲୀଲା ଭନ୍‌ସାଲୀ, ଆଦିତ୍ୟ ଚୋପ୍ରା, ଫାରାହ୍ ଖାନ୍, ସାଜିଦ୍ ନାଦିଆଡ୍‌ୱାଲା ଏବଂ କରଣ ଜୋହରଙ୍କ ଭଳି ବଲିଉଡ୍‌ର ନାମୀଦାମୀ ନିର୍ଦ୍ଦେଶକମାନଙ୍କ ସହ କାମ କରିବାକୁ ହ୍ରିତିକ୍ ହେଭି ଫି' ଡିମାଣ୍ଡ କରୁଥିବା ଚର୍ଚ୍ଚା ହେଉଛି। ତେବେ ହ୍ରିତିକ୍ ନିଜ ଫି' କେତେ ପ୍ରତିଶତ ବଢ଼ାଇଛନ୍ତି ସେନେଇ ଠିକ୍ ତଥ୍ୟ ଜଣାପଡ଼ି ନ ଥିଲେ ମଧ୍ୟ ହାଇପେଡ୍ ଆକ୍ଟରଙ୍କ ଭଳି ହ୍ରିତିକ୍‌ଙ୍କ ଡିମାଣ୍ଡ ରହିଥିବା ଆଲୋଚନା ହେଉଛି। ଏପରି କି ସେ ନିଜ ସମସ୍ତ ନୂଆ ଫିଲ୍ମ ସହିତ ପୁରୁଣା ଫିଲ୍ମର ସିକ୍ୱେଲ୍ କରିବାକୁ ମଧ୍ୟ ବର୍ଦ୍ଧିତ ଫି' ହିଁ ଲାଗୁ କରିବେ ବୋଲି ଜଣାପଡ଼ିଛି। ତେବେ ହ୍ରିତିକ୍ ବଲିଉଡ୍‌ରେ ପ୍ରଥମ କଳାକାର ନୁହନ୍ତି, ତାଙ୍କ ପୂର୍ବରୁ ଅନେକ କଳାକାର ସଫଳତା ପାଇବା ପରେ ନିଜର ହାଇ-ଡିମାଣ୍ଡ ଫିଲ୍ମ ନିର୍ମାତା ଓ ନିର୍ଦ୍ଦେଶକଙ୍କ ସାମ୍ନାରେ ରଖିଛନ୍ତି। ହ୍ରିତିକ୍‌ଙ୍କ ପୂର୍ବରୁ କାର୍ତ୍ତିକ ଆର୍ଯ୍ୟନ ଏବଂ ଆୟୁଷ୍ମାନ୍ ଖୁରାନା ମଧ୍ୟ ନିଜର ଫି' ବଢ଼ାଇଛନ୍ତି।

# ମୁସଲମାନଙ୍କୁ ପଢ଼ାନ୍ତି ସଂସ୍କୃତ

**ବଡୋଦରା:** ଦେବ ଭାଷା ସଂସ୍କୃତରେ ପାଣ୍ଡିତ୍ୟ ଅର୍ଜନ କରିବାରେ କୋଣସି ସମ୍ପ୍ରଦାୟ ବାଧକ ସାଜେନି ବୋଲି ପ୍ରମାଣ କରିଛନ୍ତି ଗୁଜରାଟ ବଡ଼ୋଦରାର ଜଣେ ସଂସ୍କୃତ ଶିକ୍ଷକ। ଶିକ୍ଷା ଯେକୌଣସି ସମ୍ପ୍ରଦାୟର ବ୍ୟକ୍ତି ଦେବା ଲାଗି ଯୋଗ୍ୟ ଯାହା ପ୍ରମାଣ କରିଛନ୍ତି ଏହି ଶିକ୍ଷକ ଜଣକ। ମୁସଲମାନ ସମ୍ପ୍ରଦାୟର ଏହି ସଂସ୍କୃତ ଶିକ୍ଷକଙ୍କ ନାମ ଆବିଦ୍ ସୟଦ। ସେ ଏକ ସଂସ୍କୃତସ୍କୁଲ୍‌ରେମୁସଲମାନ ପିଲାମାନଙ୍କୁ ସଂସ୍କୃତ ପଢାନ୍ତି। ସ୍କୁଲରେ ନା ପିଲା ନା ଶିକ୍ଷକ କାହାକୁ କୌଣସି ବିରୋଧର ସମ୍ମୁଖୀନ ହେବାକୁ ପଡିନାହିଁ। ଆବିଦ୍‌ଙ୍କ ବୟସ ୪୬। ସେ ୨୨ ବର୍ଷ ହେବ ଏମ୍‌ଇଏସ୍ ବୟଜ ହାଇସ୍କୁଲ୍‌ରେ ସଂସ୍କୃତ ପଢାଇଆସୁଛନ୍ତି। ସେ କହନ୍ତି, ଶିକ୍ଷାରେ କୌଣସି ସମ୍ପ୍ରଦାୟତା ନାହିଁ। ଯେ କୌଣସି ବ୍ୟକ୍ତି ଶିକ୍ଷାଦାନ କରିପାରିବେ। ଆବିଦ ସର୍ଦ୍ଦାର ପଟେଲ ବିଶ୍ୱବିଦ୍ୟାଳୟରୁ ସଂସ୍କୃତ ଓ ଇଂଲିଶ୍‌ରେ ସ୍ନାତକୋତ୍ତର ହାସଲ କରିଛନ୍ତି। ସେ ମଧ୍ୟ ସ୍କୁଲ୍‌ରେ ସଂସ୍କୃତ ଶ୍ଳୋକ ପଢନ୍ତି। ୧୯୯୮ରୁ ଆବିଦ ସ୍କୁଲରେ ସଂସ୍କୃତ ପଢାଇ ଆସୁଛନ୍ତି। ପିଲାମାନେ ସ୍କୁଲରେ ଆବିଦ୍‌ଙ୍କ ପଢାଶୈଳୀରେ ପ୍ରଭାବିତ ବି ହେଉଛନ୍ତି। ଏବେ ସ୍କୁଲରେ ନବମ ଶ୍ରେଣୀରେ ପଢୁଛନ୍ତି ୧୬୬ ଜଣ ଛାତ୍ର। ଏମାନଙ୍କ ମଧ୍ୟରୁ ଅଧିକାଂଶ ମୁସଲ୍‌ମାନ ଛାତ୍ର ଓ ଏମାନେ ସଂସ୍କୃତ ବି ପଢୁଛନ୍ତି। ଏମିତି କି ସେହି ସ୍କୁଲ୍‌ରୁ ଦଶମ ପରୀକ୍ଷାରେ ଆବିଦ୍‌ଙ୍କ ଝିଅ ଇଜାମା ବାନୁ ସଂସ୍କୃତରେ ୯୮ ପ୍ରତିଶତ ନମ୍ବର ରଖି ପାସ କରିବା ପରେ ଏବେ ବଡୋଦରା ମେଡିକାଲ କଲେଜରେ ପଢୁଛନ୍ତି। ସେଠାରେ ପଢୁଥିବା ମୁସଲମାନ ପିଲା ସଂସ୍କୃତ ଶ୍ଳୋକ ପଢିବା ସହ ଏହି ଭାଷାରେ ମଧ୍ୟ କଥା ବାର୍ତ୍ତା କରି ପାରୁଛନ୍ତି।

ଆଦର୍ଶ ଶିକ୍ଷକ ଆବିଦ୍ ସୟଦ



# ହୋଟେଲରେ ଯାଆଁଳା ଭଉଣୀଙ୍କ ଭିଡ଼

**ମସ୍କୋ:** ରୁଷିଆର ରାଜଧାନୀ ସହର ମସ୍କୋରେ ରହିଛି ଏକ ହୋଟେଲ। ଏଠାରେ ଖାଦ୍ୟ ପରଷୁଥିବା ସମସ୍ତ କର୍ମଚାରୀ ମହିଳା ଏବଂ ଯାଆଁଳା। ହୋଟେଲ ପକ୍ଷରୁ ଯାଆଁଳା ଭଉଣୀମାନଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଥାଏ। ନିୟମ ଅନୁସାରେ କେବଳ ଯାଆଁଳା ଝିଅମାନଙ୍କୁ ଏଠାରେ ଚାକିରି ମିଳିଥାଏ। ଏହି ହୋଟେଲ ହେଉଛି 'ଦି ଟୁଇନ୍ ଷ୍ଟାର୍ ଡିନର୍'। ହୋଟେଲରେ ଖାଦ୍ୟ ଖାଇବା ପାଇଁ ତିନି ମାସ ଆଗରୁ ବୁକିଂ କରିବାକୁ ପଡ଼ିଥାଏ। ଦେଶ ବିଦେଶରୁ ପର୍ଯ୍ୟଟକ ହୋଟେଲର ଯାଆଁଳା ଭଉଣୀମାନଙ୍କୁ ଦେଖିବାକୁ ଆସିଥାନ୍ତି। ଯାଆଁଳା ମହିଳା କର୍ମଚାରୀଙ୍କୁ ନେବା ଆଣିବା କରିବା ପାଇଁ ହୋଟେଲ ପକ୍ଷରୁ ସ୍ୱତନ୍ତ୍ର ବସ୍‌ର ବ୍ୟବସ୍ଥା ରହିଛି। ଏହି ବସ୍ ରାସ୍ତାରେ ଗଲାବେଳେ ଲୋକମାନେ ଯାଆଁଳା ଯୋଡ଼ାଙ୍କୁ ଦେଖିବାକୁ ମଧ୍ୟ ଭିଡ଼ ଜମାଇଥାନ୍ତି।



# ବୃଦ୍ଧ ଦମ୍ପତିଙ୍କ ପ୍ରେମ ଭାଇରାଲ



**ମୁମ୍ବାଇ:** ଆଜିକାଲି ସୋସିଆଲ ମିଡିଆ ଦୈନନ୍ଦିନ ଜୀବନର ଏକ ଅଂଶ ଭାବେ ଉଭାହୋଇଛି। ବିଶେଷ କରି ଯୁବପିଢ଼ି ନିଜର ଭାବନା ନିଃସଙ୍କୋଚରେ ସୋସିଆଲ ମିଡିଆ ମାଧ୍ୟମରେ ବ୍ୟକ୍ତ କରିପାରୁଛନ୍ତି। ତେବେ ଏଭଳି କିଛି ଭାବନା ତଥା ମତାମତ ସୋସିଆଲ୍ ମିଡିଆରେ ଭାଇରାଲ ହେବାକୁ ବେଶି ସମୟ ନେଇ ନ ଥାଏ। ନିକଟରେ ସୋସିଆଲ ମିଡିଆରେ ଭାଇରାଲ ଏକ ଫଟୋ ବିଷୟରେ ଆଜି ଆମେ ଆପଣଙ୍କୁ କହିବୁ, ଯାହା ସଂଯୋଗବଶତଃ କିପରି ରାତାରାତି ଅନେକ ଯୁବପିଢ଼ିଙ୍କୁ ପସନ୍ଦ ମଧ୍ୟ ଆସିପାରିଛି। ପ୍ରେମ କରିବାରେ ବୟସ ବାଧା ସୃଷ୍ଟି କରିପାରେ ନାହିଁ। ବୟସର ଶେଷ ପାହାଚରେ ମଧ୍ୟ ପ୍ରେମୀଯୁଗଳ ପରସ୍ପରକୁ ଚିରନ୍ତନ ପ୍ରେମର ଆନନ୍ଦ ଯୋଗାଇଦେଇପାରିବେ। ସୁଖ, ଦୁଃଖ ବାଣ୍ଟିପାରିବେ। ପରସ୍ପରକୁ ଦେଇଥିବା ଆଜୀବନ ପ୍ରେମ କରିବାର ପ୍ରତିଶ୍ରୁତି ରକ୍ଷା କରିପାରିବେ। ଏହାର ପରିଭାଷାକୁ ବୁଝାଉଥିବା ଭଳି ଏକ ଫଟୋ ନିକଟରେ ସୋସିଆଲ୍ ମିଡିଆରେ ଭାଇରାଲ ହୋଇଛି। ଫଟୋଟି ଟୁଇଟର୍ ୟୁଜର୍ ରଷି ବାଗ୍ରୀ ପ୍ରଥମେ ଶେୟାର କରିଥିଲେ। ରଷି ଶେୟାର କରିଥିବା ଫଟୋଟି କୋଲକାତାର ଏକ ଦମ୍ପତିଙ୍କର। ଗତ ୨୧ ତାରିଖରେ କୋଲକାତା ମେଟ୍ରୋରେ ଫଟୋ ଉଠାଇ ରଷି ଏହି ସୋସିଆଲ୍ ମିଡିଆରେ ପୋଷ୍ଟ କରିଥିଲେ। ଫଟୋରେ ଜଣେ ବୃଦ୍ଧା ମହିଳା ତାଙ୍କ ସ୍ୱାମୀଙ୍କ ବେକରେ ମଫ୍‌ଲର୍ ବାନ୍ଧୁଥିବା ଦେଖିବାକୁ ମିଳିଛି। ଅତିଯତ୍ନର ସହ ମହିଳା ଜଣକ ସ୍ୱାମୀଙ୍କୁ ଶୀତଦାଉରୁ ରକ୍ଷା କରିବାକୁ ମଫ୍‌ଲର୍ ବାନ୍ଧୁଥିବାବେଳେ ଫଟୋଟି ରଷି ଉଠାଇ ସୋସିଆଲ ମିଡିଆରେ ଶେୟାର କରିଥିଲେ। ତେବେ ଫଟୋଟି ବାବଦରେ ସବୁଠାରୁ ମଜାଦାର କଥା ହେଲା, ଦମ୍ପତିଙ୍କ ପଛରେ ଲାଗିଥିବା ଏକ ବିଜ୍ଞାପନ, ଯେଉଁଥିପାଇଁ ଫଟୋଟି ଆଜି ଏତେ ଭାଇରାଲ୍ ହୋଇପାରିଛି। ପ୍ରକୃତରେ ଦମ୍ପତିଙ୍କ ପରସ୍ପର ପ୍ରତି ପ୍ରେମର ଆଦାନପ୍ରଦାନ ବେଳେ ଉଠାଯାଇଥିବା ଏହି ଫଟୋରେ ଦମ୍ପତିଙ୍କ ପଛପଟେ ଏକ ବିଜ୍ଞାପନର ଟ୍ୟାଗ୍ ଲାଇନ୍ ଲେଖାଥିବା ଦେଖିବାକୁ ମିଳିଛି। ଏକ ବୀମା କମ୍ପାନୀର ବିଜ୍ଞାପନ ଟ୍ୟାଗ୍'ଖୁସିୟୋଁ କି ସୁରୱାତ୍, ଔର୍ ଜିନ୍ଦଗୀ ଭର୍ କା ସାଥ୍' ଲେଖାହୋଇଛି, ଯାହା ଏହି ଫଟୋଟି ପାଇଁ ଯଥାର୍ଥ କ୍ୟାପ୍‌ଶନ ସଦୃଶ। ବାସ୍ ଏହି ଦୁଇଟି କଥାକୁ ମିଳାଇ ଫଟୋଟି ସୋସିଆଲ୍ ମିଡିଆରେ ଏବେ ୟୁଜର୍ସଙ୍କ ପ୍ରଥମ ପସନ୍ଦ ପାଲଟିଛି ଓ ଭାଇରାଲ୍ ହେଉଛି। ବୃଦ୍ଧ ଦମ୍ପତିଙ୍କ ପ୍ରେମଭରା ଏହି କ୍ଷଣିକ ମୁହୂର୍ତ୍ତ ଆଜିର ଯୁବପିଢ଼ିଙ୍କୁ ପ୍ରେମର ପ୍ରକୃତ ଭାଷା ବୁଝାଉଛି ବୋଲି ସୋସିଆଲ୍ ମିଡିଆରେ ମତ ଆସୁଛି।

# ଦିବ୍ୟକୁଣ୍ଡରେ ଗାଧୋଇଲେ ଦୃଷ୍ଟିଶକ୍ତି ଫେରିଆସେ

**ଜୟପୁର:** ଆଖିର ମହତ୍ତ୍ୱ ପୂର୍ଣ୍ଣ ଭୂମିକା ରହିଆସିଛି। ଆଖିଠାରୁ ଭଳି ସାଖି ନାହିଁ ବୋଲି ମଧ୍ୟ କୁହାଯାଏ। ଦୃଷ୍ଟିହୀନମାନେ ନିଜ ଆଖିକୁ ନେଇ ଏବେ ବ୍ୟସ୍ତ ହେବାର କିଛି ନାହିଁ। ସେମାନଙ୍କ ଦୃଷ୍ଟିଶକ୍ତି ଫେରି ଆସିବାର ସମ୍ଭାବନା ଅଛି। ରାଜସ୍ଥାନରେ ପ୍ରଭୁ ରାମଦେବ ବାବାଙ୍କ ମନ୍ଦିର ରହିଛି। ଯୋଧପୁରର ମସୁରିୟା ଅଞ୍ଚଳରେ ଥିବା ଏହି ମନ୍ଦିର ପରିସରରେ ରହିଛି ଏକ ଦିବ୍ୟ କୁଣ୍ଡ। ଏହାକୁ ଲୋକେ ପରର୍ଚା ନାଡ଼ି କୁଅ କହିଥାନ୍ତି। ଏଥିରେ ଗାଧୋଇଲେ ଦେଖିପାରୁ ନ ଥିବା ଲୋକଙ୍କର ମଧ୍ୟ ଦୃଷ୍ଟିଶକ୍ତି ଫେରିଆସେ ବୋଲି ବିଶ୍ୱାସ ରହିଛି। ଲୋକେ କୁହନ୍ତି, କୁଣ୍ଡ ପାଣିରେ ଗାଧୋଇଲେ ସମସ୍ତ ପ୍ରକାର ବ୍ୟାଧିରୁ ମୁକ୍ତି ମିଳେ। ଏହା ସହିତ ପ୍ରେତାତ୍ମା ପ୍ରଭାବରୁ ମଧ୍ୟ ମୁକ୍ତି ମିଳିଥାଏ ବୋଲି ସ୍ଥାନୀୟ ବାସିନ୍ଦା କୁହନ୍ତି। ପ୍ରତିବର୍ଷ ଶୀତଋତୁରେ ଏଠାରେ ବଡ଼ ମେଳା ହୋଇଥାଏ। ମେଳାରେ ଦେଶ ବିଦେଶରୁ ଅନେକ ପର୍ଯ୍ୟଟକ ଯୋଗ ଦେଇଥାନ୍ତି। କୁଣ୍ଡରେ ଗାଧୋଇବା ସହିତ ଲୋକେ ଏହାର ପବିତ୍ର ପାଣି ବୋତଲରେ ଘରକୁ ନେଇଥାନ୍ତି।



# ହସ୍ପିଟାଲରେ ତାଲା ପକାଇଲେ ଲୋକେ



ଡାକ୍ତରଖାନା ପରିସରରେ ଆନ୍ଦୋଳନରତ ଲୋକେ।

**ଧାମନଗର, ୨୩।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଏରିଆ ହସ୍ପିଟାଲରେ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ନାହାନ୍ତି। ଏହି ପଦବୀ ପୂରଣ ପାଇଁ ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ ଏ ଦିଗରେ ପଦକ୍ଷେପ ନିଆଯାଉ ନାହିଁ। ଶନିବାର ସକାଳ ପ୍ରାୟ ସାଢ଼େ ୮ଟା ପର୍ଯ୍ୟନ୍ତ ଡାକ୍ତରଖାନା ଖୋଲି ନ ଥିଲା। ଜଣେ ସ୍ଥାନୀୟ ଯୁବକଙ୍କ ମା' ହସ୍ପିଟାଲକୁ ଆସିଥିବା ବେଳେ ଡାକ୍ତରଖାନା ବନ୍ଦ ଥିବା ଦେଖିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଯୁବକମାନେ ଏକାଠି ହୋଇ ଡାକ୍ତରଖାନା ଘେରାଉ କରି ଆନ୍ଦୋଳନ କରିଥିଲେ। ଏଠାରେ ଅବସ୍ଥାପିତ ଅବସରପ୍ରାପ୍ତ ଡାକ୍ତର ବିଳମ୍ବରେ ମେଡିକାଲରେ ପହଞ୍ଚିବାରୁ ସେମାନେ ତାଙ୍କୁ ଆସନକୁ ନ ଛାଡ଼ି ଓଟି ରୁମରେ ବସାଇ ରଖିଥିଲେ। ଧାମନଗର ତହସିଲଦାର ଦୁର୍ଗାଚରଣ ମୁର୍ମୁ, ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡା. ଦୀପକ ନାୟକ ଏବଂ ଧୂଷୁରୀ ଥାନା ଆଇଆଇସି ପ୍ରଫୁଲ୍ଲ କୁମାର ସିଂ ସେଠାରେ ପହଞ୍ଚି ବୁଝାଶୁଝା କରିଥିଲେ। ଆସନ୍ତା ୧ ତାରିଖ ସୁଦ୍ଧା ଏଠାରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଯୁବକମାନେ ଆନ୍ଦୋଳନରୁ ଓହରିଥିଲେ। ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ବେଳେ ଡାକ୍ତରଖାନାରୁ ତାଲା ଖୋଲିଥିଲେ। ୧ ତାରିଖ ସୁଦ୍ଧା ଏହି ହସ୍ପିଟାଲକୁ ଡାକ୍ତର ନ ଆସିଲେ ଧୂଷୁରୀ ବଜାର ସହିତ ରାସ୍ତାରୋକୋ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ଆତ୍ମରକ୍ଷା କୌଶଳ ତାଲିମ ନେଲେ ଛାତ୍ରୀ

**କେନ୍ଦୁଝର, ୨୩।୧୧ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଡୁରୁମୁଙ୍ଗା ଦଧିବାମନ ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ଲାଗି ଆୟୋଜିତ ଆତ୍ମରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିରରେ ଅଧ୍ୟକ୍ଷ ଡକ୍ଟର ତ୍ରୈଲୋକ୍ୟ କୁମାର ପରିଡା ଯୋଗଦେଇ ଛାତ୍ରୀମାନେ ବିଭିନ୍ନ ପ୍ରକାର ଆତ୍ମରକ୍ଷା କୌଶଳ ଶିଖିଲେ ସୁରକ୍ଷିତ ରହିପାରିବେ ବୋଲି କହିଥିଲେ। ମୟୂରାକ୍ଷୀ ମହାନ୍ତ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ଅଧ୍ୟାପକ ପଦ୍ମଲୋଚନ ସାହୁ ଓ ଅଧ୍ୟାପିକା ଜଗଜ୍ଜନନୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଅଜୟ କୁମାର ବେହେରା, ତ୍ରିନାଥ ମହାନ୍ତ, କନିଷ୍ଠ କିରାଣି ରଞ୍ଜିତ କୁମାର ବେହେରା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ବିଜ୍ଞାନମେଳାରେ ୪୫ ପ୍ରକଳ୍ପ

**ବାଲେଶ୍ୱର ଅଫିସ, ୨୩।୧୧:** ବାଲେଶ୍ୱର ଜିଲାର ଅନ୍ୟତମ ଶିକ୍ଷାନୁଷ୍ଠାନ ଟାଉନ ହାଇସ୍କୁଲରେ ବିଜ୍ଞାନମେଳା ଶେଷ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ଜେନା ଓ ବିଚାରକ ଭାବେ ଜିଲା ସ୍କୁଲର ପୂର୍ବତନ ବିଜ୍ଞାନ ଶିକ୍ଷକ ନୃସିଂହ ଚରଣ ନାୟକ ପ୍ରଦୀପ ପ୍ରଜ୍ୱଳନ କରି ବିଜ୍ଞାନ ପ୍ରଦର୍ଶନୀର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ର ତଥା କୁନି ବୈଜ୍ଞାନିକମାନଙ୍କ ଦ୍ୱାରା ଅନ୍ୟୂନ ୪୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ସମସ୍ତ ପ୍ରକଳ୍ପକୁ ବୁଲି ଦେଖିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ସୁଷମା ପାଣିଗ୍ରାହୀ, ରଶ୍ମିରେଖା ବେରା, ନମିତା ମହାପାତ୍ର, ଭାରତୀ ରାଉଳ, ଶିଖାରାଣୀ ପାତ୍ର ପ୍ରମୁଖଙ୍କ ସହଯୋଗରେ ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଜ୍ଞାନ ପ୍ରଦର୍ଶନୀରେ ନବମଶ୍ରେଣୀ (କ)ର ଦୀପଙ୍କର ନନ୍ଦୀଙ୍କ 'ସୋଲାର ସ୍ମାର୍ଟ ସିଟି' ପ୍ରକଳ୍ପ ମନଛୁଆଁ ହୋଇପାରିଥିଲା। ଶିକ୍ଷୟିତ୍ରୀ ଶୋଭନା ମିଶ୍ର, ଅକ୍ଷୟ କୁମାର ପାତ୍ର, ଦାମୋଦର ପଣ୍ଡା, ସୁମତୀ ରାଉତ, ସବିତା ପରିଡ଼ା, ସସ୍ମିତା ଗିରି, ରାଜେନ୍ଦ୍ର ଦେ', ରାମକୃଷ୍ଣ ପଣ୍ଡା, ଗୋପାଳ ପାଲ, ଶଶଧର ନାୟକ, କାର୍ତ୍ତିକ ଜେନା, ଅଜିତ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ନିର୍ମାଣ କାମ ବନ୍ଦ କଲେ କନିଷ୍ଠ ଯନ୍ତ୍ରୀ

**କେନ୍ଦୁଝର ୨୩।୧୧ (ସ୍ୱ.ପ୍ର.):** ସ୍ଥାନୀୟ ସରକାରୀ ଇଞ୍ଜିନିୟରିଂ କଲେଜ ପରିସରରେ ଷ୍ଟାଫ କ୍ୱାର୍ଟର୍ସ କୋଠା ନିର୍ମାଣ ନେଇ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଛି। ନିକଟସ୍ଥ ଏକ ହୁଡ଼ିରୁ ବେଆଇନ ଭାବେ ପଥର କାଟି ସେଠାରେ ନିର୍ମାଣ କାର୍ଯ୍ୟ କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରି ଏହାକୁ ବିରୋଧ କରିଛନ୍ତି। ଏଭଳି ଅଭିଯୋଗ ପାଇବାପରେ ଇଡ୍‌କୋ ପକ୍ଷରୁ ନିର୍ମାଣ କାମ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କନିଷ୍ଠ ଯନ୍ତ୍ରୀ ଗୌତମ ଜେନା ସୂଚନା ଦେଇଛନ୍ତି। ଉଲ୍ଲେଖନୀୟ ଯେ, ଏହି ଷ୍ଟାଫ କ୍ୱାର୍ଟର୍ସ କୋଠା ନିର୍ମାଣ ଲାଗି ପ୍ରାୟ ୩କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଘଟଣାର ତଦନ୍ତ ପରେ ନିର୍ମାଣ କାର୍ଯ୍ୟରେ କୌଣସି ଅନିୟମିତତା ହୋଇଛି କି ନାହିଁ ତାହା ଜଣାପଡ଼ି ବୋଲି ସେ ପ୍ରକାଶ କରିଛନ୍ତି।


**ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା**

"ମୋ ରୋଜଗାର, ମୋ ଅଧିକାର" ଆପଣଙ୍କ ଗ୍ରାମ ଓ ଗ୍ରା.ପ.ମାନଙ୍କରେ ହେଉଥିବା ପଲ୍ଲୀସଭା ଓ ଗ୍ରାମସଭାରେ ଭାଗନେଇ ନିଜ ଗ୍ରାମର ଶ୍ରମ ଅଟକଳ, ବାର୍ଷିକ ପ୍ରକଳ୍ପ ଖସଡ଼ା ଓ ହିତାଧିକାରୀ ଚୟନ କରନ୍ତୁ।

❋ କାର୍ଯ୍ୟକାରୀ ହେଉଥିବା ବ୍ୟକ୍ତିଗତ ପ୍ରକଳ୍ପଗୁଡ଼ିକ ହେଲା:-

ଅନୁସୂଚିତ ଜାତି ଓ ଜନଜାତି ପରିବାର, ମହିଳା ଓ ଭିନ୍ନକ୍ଷମ ମୁଖ୍ୟ ପରିବାର, କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଜଙ୍ଗଲ ଅଧିକାରରେ ପଟ୍ଟା ପାଇଥିବା ପରିବାରଙ୍କ ବ୍ୟକ୍ତିଗତ ଜମିରେ ନିମ୍ନଲିଖିତ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇପାରିବ।

- ସେଚ କୂପ ଖନନ : ଟ.୬୩,୦୦୦/- ଟ. ୧,୬୦,୦୦୦/-
- କୃଷି ପୋଖରୀ : ଟ.୧,୬୭,୦୦୦/- ପର୍ଯ୍ୟନ୍ତ
- ଜିଆ ଖତ/ଗୋବର ଖତ କୁଣ୍ଡ ନିର୍ମାଣ : ଟ.୨୦,୦୦୦/- ଟ. ୧୪,୧୦୦/-
- ଗାଈ ଗୁହାଳ : ଟ.୧,୧୩,୦୦୦/-
- କୁକୁଡ଼ା ଘର : ଟ.୩୯,୦୦୦/-
- ଛେଳି ଗୁହାଳ : ଟ.୪୪,୦୦୦/-
- ଘୁଷୁରି ଆଶ୍ରୟସ୍ଥଳୀ : ଟ.୬୯,୦୦୦/-
- ବ୍ୟକ୍ତିଗତ ବାଡ଼ିରେ/ ବିଲରେ ବୃକ୍ଷରୋପଣ : ହେକ୍ଟର ପିଛା ଟ.୧୫,୦୦୦/-

❋ କାର୍ଯ୍ୟକାରୀ ହେଉଥିବା ସାମୂହିକ ପ୍ରକଳ୍ପଗୁଡ଼ିକ ହେଲା:-

● ପୁରାତନ ପୋଖରୀ/ବନ୍ଧ/କେନାଲ ପୁନରୁଦ୍ଧାର/ଚେକ୍ ଡ୍ୟାମ୍ ● ବୃକ୍ଷରୋପଣ ● ଖେଳପଡ଼ିଆ ● ଗ୍ରାମ୍ୟ ପୋଖରୀର ସୌନ୍ଦର୍ଯ୍ୟକରଣ ● ଚାରା ଉତ୍ପାଦନ (ନର୍ସରୀ) ● ଗ୍ରାମୀଣ ହାଟ ● ପଞ୍ଚାୟତ ପାଠାଗାର, ସୂଚନା ଏବଂ ଚିତ୍ତବିନୋଦନ କେନ୍ଦ୍ର ● ଅଙ୍ଗନୱାଡ଼ି ଗୃହ ନିର୍ମାଣ ● ଅଦରକାରୀ ପାଣି ଭିଜିବା କୁଣ୍ଡ (ସୋକ୍‌ପିଟ୍)

ଯୋଜନା ସମ୍ବନ୍ଧୀୟ କୌଣସି ଅଭିଯୋଗ କିମ୍ବା ସୂଚନା ଜାଣିବା ପାଇଁ ପଞ୍ଚାୟତ ସମିତି ସହ ଯୋଗାଯୋଗ କରନ୍ତୁ।
ପଲ୍ଲୀସଭା ଓ ଗ୍ରାମସଭାରେ ବହୁ ସଂଖ୍ୟାରେ ଯୋଗଦେଇ ନିଜର ଓ ନିଜ ଗ୍ରାମର ବିକାଶରେ ଭାଗୀଦାରି ହୁଅନ୍ତୁ।
"ଆସ ମନରେଗାରେ କାମ କରିବା, ଗାଁକୁ ସୁନ୍ଦର କରି ଗଢ଼ିତୋଳିବା।"

**ପଞ୍ଚାୟତ ସମିତି, ଶେରଗଡ଼, ଗଞ୍ଜାମ**



**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ବରଗଡ଼**

ଚଳିତ ରବି ଋତୁରେ ବରଗଡ଼ ଜିଲ୍ଲାରେ ଥିବା କ୍ଷୁଦ୍ର ଓ ମଧ୍ୟମ ପ୍ରକଳ୍ପ ଗୁଡିକରେ ଥିବା ଚାଷୀମାନଙ୍କୁ କୃଷି ବିଭାଗ ତରଫରୁ ଧାନଚାଷ ପରିବର୍ତ୍ତେ ଅଣଧାନ ଚାଷ ଯଥା ଚିନାବାଦାମ, ସୂର୍ଯ୍ୟମୁଖି, ମୁଗ, ରାଶି ଇତ୍ୟାଦି ଫସଲ ଚାଷ କରିବା ପାଇଁ ଅନୁରୋଧ କରାଯାଉଛି। ଉକ୍ତ ଅଣଧାନ ଚାଷପାଇଁ ସରକାରଙ୍କ ତରଫରୁ ମାଗଣା ବା ରିହାତି ମୂଲ୍ୟରେ ବିହନ, ଘାସମରା ଓ ପୋକମରା ଔଷଧ, ରିହାତି ମୂଲ୍ୟରେ ଅଣୁସାର, ସୁପରଫସଫେଟ ସାର, ବ୍ୟାଟେରୀ ଚଳିତ ସ୍ପ୍ରେଏର, Sprinkler ଇତ୍ୟାଦି ଯୋଗାଇ ଦିଆଯିବ। ଏତଦ ବ୍ୟତୀତ ଉତ୍ପାଦିତ ଦ୍ରବ୍ୟକୁ ସରକାରଙ୍କ ତରଫରୁ ମଣ୍ଡି ଖୋଲାଯାଇ ନିମ୍ନମତେ ସରକାରୀ ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟ କରାଯିବ।

| କ୍ର: ନଂ. | ଫସଲ | ସର୍ବନିମ୍ନ ସହାୟକ ମୂଲ୍ୟ (କ୍ୱିଣ୍ଟାଲ ପ୍ରତି) |
|---|---|---|
| ୧ | ଚିନା ବାଦାମ | ଟ.୫୦୯୦/- |
| ୨ | ମୁଗ | ଟ.୭୦୫୦/- |
| ୩ | ସୂର୍ଯ୍ୟମୁଖୀ | ଟ.୫୬୫୦/- |
| ୪ | ବିରି | ଟ.୫୭୦୦/- |
| ୫ | ରାଶି | ଟ.୬୪୮୫/- |
| ୬ | ମାଣ୍ଡିଆ | ଟ.୩୧୫୦/- |

ଏତଦ ବ୍ୟତୀତ "ଓଡ଼ିଶା ମିଲେଟ ମିଶନ" ଯୋଜନାରେ ବରଗଡ଼ ଜିଲ୍ଲାର ପଦ୍ମପୁର ସବ୍ ଡ଼ିଭିଜନ୍‌ରେ ମାଣ୍ଡିଆ ଚାଷ କରିଥିବା ଚାଷୀମାନେ ନିଜର ନିକଟସ୍ଥ ସେବା ସମବାୟ ସମିତିରେ ପଞ୍ଜୀକୃତ କରିବା ପାଇଁ ଅନୁରୋଧ କରାଯାଉଛି। ତାଙ୍କର ଉତ୍ପାଦିତ ମାଣ୍ଡିଆକୁ ସେବା ସମବାୟ ସମିତିରେ ମଣ୍ଡି ଖୋଲାଯାଇ କ୍ୱିଣ୍ଟାଲ ପ୍ରତି ଟ.୩୧୫୦/-ଦରରେ ଆଦିବାସୀ ଉନ୍ନୟନ ନିଗମ ଦ୍ୱାରା କ୍ରୟ କରାଯିବ। ଆଗ୍ରହୀ ଚାଷୀମାନେ ରବିଋତୁରେ ମାଣ୍ଡିଆ ଚାଷ କଲେ ମଧ କୃଷି ବିଭାଗ ତରଫରୁ ପ୍ରୋତ୍ସାହନ ଦିଆଯିବ।

ସ୍ୱା./- ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ
ବରଗଡ଼



**ଓଡିଶା ବର୍ଯ୍ୟବସ୍ତୁ ପରିଚାଳନା ପ୍ରକଳ୍ପ**
(ରାମ୍‌କୀ ଏନ୍‌ଭିରୋ ଇଞ୍ଜିନିୟରସ୍ ଲିମିଟେଡ୍)
ଗ୍ରାମ: କଞ୍ଚିଚୁଆଁ, ମଙ୍ଗଳପୁର, ସୁକିନ୍ଦା, ଯାଜପୁର, ଓଡିଶା

**ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଦିଆଯାଉଅଛି କି, ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ପାଗ ପରିବର୍ତ୍ତନ ମନ୍ତ୍ରଣାଳୟ ଚିଠି ସଂଖ୍ୟା F. No. 10-10/2009-IA.III ତା:୧୫ ନଭେମ୍ବର ୨୦୧୯ ଅନୁସାରେ ଓଡିଶା ବର୍ଯ୍ୟବସ୍ତୁ ପରିଚାଳନା ପ୍ରକଳ୍ପ (ରାମ୍‌କୀ ଏନ୍‌ଭିରୋ ଇଞ୍ଜିନିୟରସ୍ ଲିମିଟେଡ୍) ର ପ୍ରକଳ୍ପ ସଂପ୍ରସାରଣ ନିମନ୍ତେ ପରିବେଶ ମଞ୍ଜୁରୀର ଅନୁମତି ପ୍ରଦାନ କରିଅଛନ୍ତି।
ଏହି ପରିବେଶ ମଞ୍ଜୁରୀର ଚିଠି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଭୁବନେଶ୍ୱର ଏବଂ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ପାଗ ପରିବର୍ତ୍ତନ ମନ୍ତ୍ରଣାଳୟ ର ୱେବ୍‌ସାଇଟ୍ https://www.environmentclearance.nic.in ରେ ଉପଲବ୍ଧ ଅଟେ।

ପ୍ରଦୀପ୍ତ କୁମାର ଧଳ, ପ୍ରକଳ୍ପ ଅଧିକାରୀ
ଓଡିଶା ବର୍ଯ୍ୟବସ୍ତୁ ପରିଚାଳନା ପ୍ରକଳ୍ପ



**ମତ୍ସ୍ୟ ଉତ୍ପାଦନ ରେ ଓଡ଼ିଶାକୁ ସ୍ୱାବଲମ୍ବୀ କରିବା ପାଇଁ**
**ରାଜ୍ୟ ସରକାରଙ୍କ ପଦକ୍ଷେପ**

- ମତ୍ସ୍ୟ ପୋଖରୀ ଯୋଜନାରେ ନୂତନ ପୋଖରୀ ଖନନ ଓ ମାଛ ଚାଷ କରିବା ପାଇଁ ଖର୍ଚ୍ଚ ବାବଦରେ ହେକ୍ଟର ପ୍ରତି ଟ.୮.୫୦ ଲକ୍ଷ ପ୍ରକଳ୍ପ ମୂଲ୍ୟ ଉପରେ ସମସ୍ତ ବର୍ଗର ଚାଷୀଙ୍କ ପାଇଁ ୫୦% ରିହାତି ର ବ୍ୟବସ୍ଥା
  -ଏହି ଯୋଜନରେ ହିତାଧିକାରୀ ଅତି କମରେ ୦. ୫୦ ଏକରରୁ ସର୍ବାଧିକ ୫ ଏକର ପୋଖରୀ ଖୋଳାଇ ମଧୁର ମାଛ ଚାଷ କରିବା ପାଇଁ ସହାୟତା ଦିଅଯାଉଅଛି ।
- ଗ୍ରାମପଞ୍ଚାୟତ ପୋଖରୀରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କ ଦ୍ୱାରା ସଘନ ମାଛ ଚାଷ କରିବା ପାଇଁ ହେକ୍ଟର ପ୍ରତି ଟ .୯୦,୦୦୦ /- ସହାୟତା ରାଶି ପ୍ରଦାନ ।
  -ବିଗତ ଓ ଚଳିତ ବର୍ଷ ମଧରେ ୩୮୦୦ ହେକ୍ଟର ପରିମିତ ଗ୍ରାମ ପଞ୍ଚାୟତ ପୋଖରୀ ରେ ୪୬୮୯ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଛ ଚାଷ କରି ଆତ୍ମନିର୍ଭରଶୀଳ ହୋଇଛନ୍ତି ।
- ରାଜ୍ୟ ଜଳଭଣ୍ଡାର ଗୁଡିକରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ବଡ ମାଛ ଜାଆଁଳ ଗଚ୍ଛିତ କରିବା ସହିତ ପଞ୍ଜୁରୀରେ ମାଛ ଚାଷ କରିବା ପାଇଁ ପ୍ରୋତ୍ସାହନ ର ବ୍ୟବସ୍ଥା ।
- ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କରେ କ୍ଷାରିପାଣି ଚିଙ୍ଗୁଡି ଚାଷ ପାଇଁ ହେକ୍ଟର ପ୍ରତି ଟ.୧୦.୦୦ ଲକ୍ଷ ପ୍ରକଳ୍ପ ମୂଲ୍ୟ ଉପରେ ସାଧାରଣ ବର୍ଗର ଚାଷୀଙ୍କ ପାଇଁ ୪୦% ଓ ମହିଳା ଓ ତଫସିଲ ଭୁକ୍ତ ଜାତି ଓ ଜନଜାତି ପାଇଁ ୬୦% ରିହାତିର ବ୍ୟବସ୍ଥା ।
- ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ଆଙ୍ଗୁଳିକା ମୁଣ୍ଡା ଜାଆଁଳ ଉତ୍ପାଦନ କରିବା ପାଇଁ ଓ ବର୍ଷସାରା ମାଛ ଜାଆଁଳ ଯୋଗଇ ଦେବା ଲାଗି ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରାଯାଇଛି ।
- ଓଡିଶାର ୪୮୦ କିମି ଦୀର୍ଘ ସମୁଦ୍ର ମଧ୍ୟରୁ ଅଧିକ ମାଛ ଧରିବା ପାଇଁ ପାରମ୍ପରିକ ଡଙ୍ଗା ରେ ଇଞ୍ଜିନ ଯୋଗାଇ ଦେବା ସହିତ ଗଭୀର ସମୁଦ୍ରରୁ ମାଛ ଧରିବା ପାଇଁ Tuna Longliner ଉପରେ ସହାୟତା ରାଶି ପ୍ରଦାନ କରାଯାଉଛି ।
- ମତ୍ସ୍ୟ ସମବାୟ ସମିତି ର ପୁନଃ କାର୍ଯ୍ୟକ୍ଷମ ଓ ସଦସ୍ୟ ମାନଙ୍କର ଅର୍ଥ ନୈତିକ ମାନଦଣ୍ଡର ବିକାଶ ପାଇଁ ସମବାୟ ସମିତି ପିଛା ଟ. ୨.୦୦ ଲକ୍ଷ ଆବର୍ତ୍ତନ ପାଣ୍ଠି (Revolving fund) ଯୋଗାଇ ଦିଆଯାଉଛି ।

ଏତଦ୍ ବ୍ୟତିତ APICOL ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ କୃଷି ଉଦ୍ୟୋଗ ଯୋଜନାରେ ମତ୍ସ୍ୟଚାଷକୁ ବ୍ୟବସାୟିକ କୃଷିରେ ପରିଣତ କରିବା ପାଇଁ –

୧. ବ୍ୟବସାୟିକ ମାଛ /ଚିଙ୍ଗୁଡି ଉତ୍ପାଦନ
୨. ମାଛ ଜାଆଁଳ / ଆଙ୍ଗୁଳିକା ଜାଆଁଳ ଉତ୍ପାଦନ
୩. ମାଛ ଖାଦ୍ୟ ପ୍ରକ୍ରିୟାକରଣ
୪. ସମନ୍ୱିତ କୃଷି
୫. ମାଛ ଓ ଚିଙ୍ଗୁଡି ପ୍ରକ୍ରିୟାକରଣ ଶିଳ୍ପ
୬. ବରଫ କଳ ଏବଂ ତାପ ନିରୋଧକ (Insulated van)

କୃଷି ଭିତ୍ତିକ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ସାଧାରଣ ବର୍ଗ ପାଇଁ ୪୦% ଓ ମହିଳା, ଏବଂ ତଫସିଲ ଭୁକ୍ତ ଜାତି ଓ ଜନଜାତି ପାଇଁ ୫୦% ରିହାତିର ତଥା ସର୍ବୋଚ୍ଚ ଟ. ୫୦ ଲକ୍ଷ ପର୍ଯ୍ୟନ୍ତ ସ୍ଥାୟୀ ପୁଞ୍ଜି ରିହାତି ର ବ୍ୟବସ୍ଥା ।

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**
ଫୋନ୍ - ୦୬୭୧ - ୨୪୧୪୦୬୧, ଫ୍ୟାକ୍ସ - ୦୬୭୧ - ୨୪୧୦୫୨୧
E-mail : director.odifish@gmail.com
DSPL - 160
06015/13/0021/1920



**OPPORTUNITY FOR ENTREPRENEURS/ INSTITUTIONS IN ODISHA TO START AUTHORIZED LEARNING CENTER**

To impart following Courses at our ALCs

Who can Apply?
- Training & Skill Development Organisations
- School, ITIs, Polytechnics & Colleges
- Private Computer Training Institutes
- Individual IT Entrepreneurs

Registration started Apply Today

OKCL Creating a Knowledge Lit World
OS-CIT Odisha State-Certificate in Information Technology
KLiC Courses Gateway to Knowledge Lit Careers
KLiC ENGLISH Language Skills Communication Skills & Soft Skills
Mastering Competitive Exams
eSchool Enriching Education Experience
OKCL OOM OKCL Olympiad Movement

All Courses will be delivered through eLearning mode.

OKCL is a Corporation promoted by the Higher Education Department of Government of Odisha, & Maharashtra Knowledge Corporation Ltd.(MKCL)

ODISHA KNOWLEDGE CORPORATION LIMITED (OKCL)

For details Contact: Phone : 0674-6676767, 7106767 (from 10 a.m. to 6 p.m.)
Whatsapp No. : 76828 503 13 Log on to : www.okcl.org



**GREEN PLEDGE**

- I shall do my best for protecting the Earth.
- I shall adopt such practices that minimize wastage.
- I shall reuse whatever I can.
- I shall take care to clean up the environment.
- I shall create awareness on restricted use of plastic.
- I shall plant more trees.
- I shall conserve energy and water.
- I shall adopt GREEN GOOD DEEDS.

Save Tree Save Water Save Energy Save Animal

**Centre for Environmental Studies (CES)**
Department of Forest & Environment, Govt. of Odisha
CRP-Ekamra Kanan Road, Nayapalli, Bhubaneswar-751015
Ph. : 0674-2551853, www.cesodisha.org



GRIDCO Empowering Odisha

**ଶକ୍ତି ସଂରକ୍ଷଣ ହିଁ ଶକ୍ତି ଉତ୍ପାଦନ**

- ପୂଜା ମଣ୍ଡପକୁ ଆଇନ୍‌ସମ୍ମତ ବିଦ୍ୟୁତ୍ ସଂଯୋଗ ନେଇ ଆଲୋକିତ କରନ୍ତୁ । ସବିଶେଷ ବିବରଣୀ ପାଇଁ ନିକଟସ୍ଥ ବିଦ୍ୟୁତ୍ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
- ବିଦ୍ୟୁତ୍ ସୁରକ୍ଷା ନିୟମ ମାନି ଚଳନ୍ତୁ ଏବଂ ସୁରକ୍ଷିତ ଭାବରେ ରୁହନ୍ତୁ।
- ବିଦ୍ୟୁତ୍ ଚୋରି ଏକ ଦଣ୍ଡନୀୟ ଅପରାଧ ଅଟେ । ବିଦ୍ୟୁତ୍ ଚୋରିରୁ ନିବୃତ୍ତ ରୁହନ୍ତୁ ଏବଂ ଅନ୍ୟକୁ ନିବୃତ୍ତ ରହିବାକୁ କୁହନ୍ତୁ।
- ଛାତ ଉପରେ ସୌର ବିଦ୍ୟୁତ୍ ପ୍ଲାଣ୍ଟ ଯନ୍ତ୍ର ସ୍ଥାପନ କରି ବିଦ୍ୟୁତ୍ ଶକ୍ତି ପାଆନ୍ତୁ । ଏଥିପାଇଁ ସରକାର ରିହାତି ବ୍ୟବସ୍ଥା କରିଛନ୍ତି।

**ଗ୍ରୀଡ୍‌କୋ ଲିମିଟେଡ୍**
ଜନପଥ, ଭୁବନେଶ୍ୱର-୭୫୧ ୦୨୨
www.gridco.co.in
CIN-L401090R1995SGC003960
Sobhagya

ଶକ୍ତି ବଞ୍ଚାଅ, ଦେଶ ବଞ୍ଚାଅ

# SUNDAY classifieds




## BRIDE WANTED

Wanted brahmin brides for 37/5.8"/MA BEd. and 29/5.6"/B.Tech immediately. "AKANKSHYAGROUP" 7978736177. D-68217

39 ବର୍ଷୀୟା ବରପାତ୍ର ପାଇଁ OBC ପାତ୍ରୀ ଆବଶ୍ୟକ। 7653970770. D-15391

Karan bride for 32/5.5"/B.Com MBA Bengali Brahmin bride for 29/5.10"/B.Tech 7978736177. D-68218

ଡାଇମଣ୍ଡ କମ୍ପାନୀ, ସୁରଟରେ ଚାକିରୀ କରୁଥିବା 35 ବର୍ଷିୟ ବରପାତ୍ର ପାଇଁ, ଯେ କୌଣସି ଜାତିର କନ୍ୟାପାତ୍ରୀ ଆବଶ୍ୟକ। ଯୋଗାଯୋଗ: 9348544047, 9238600228. D-15393

Son age 30 B.Tech, M.Tech NIT Bhopal Phd IIT Hyderabad working Scientist Govt. of India (Caste-no-bar) 8144589551. D-15314

Brahmin son DOB 15.12.1994, 5'6", B.Tech CSE Software Engineer in Mumbai, Bhanjanagar (Gm) 7735217172, 8763379359. D-15311

## GROOM WANTED

ଜାତିବନ୍ଧନ ନୁହେଁ। 36,5.4,M.Com, PGDCA, Govt. Bank Clerk. ମାସିକ ଆୟ 38,000/-, କିନ୍ତୁ ଅବିବାହିତ, ଛାଡ଼ପତ୍ର ପ୍ରାପ୍ତ, ବିପତ୍ନୀକ ଗ୍ରହଣୀୟ ହେବେ। 9111335221. D-15390

Now Matrimonial ads. only on Wednesday & Sunday Book 1 Get 1 FREE

ନୟାଗଡ଼ ବାସିନ୍ଦା ଏକମାତ୍ର ଝିଅ (୨୫ବର୍ଷ), ଓଡ଼ିଆ ଭଣ୍ଡାରି ଜାତି, ମଧ୍ୟବିତ୍ତ ପରିବାର ପାଇଁ ପୁଅ ଖୋଜୁଛୁ। ମୋ: ୮୮୨୦୪୬୫୨୨୫. D-15389

Brahmin bride 28year, 4'.11", B.Tech, Meena, working in Bangalore. Suitable match may call - 7978080191. D-15392

Wanted suitable groom for khandayat girl 1984, 3/2, 5'4", working in USA as software professional. 9437306173. D-68516

Girl age 29 B.Tech NIT MBA lift Delhi working in MNC Mumbai vishwokarma Caste-no-bar 7008986005. D-15313

ବାଙ୍ଗାଲୋରରେ ଚାକିରି କରୁଥିବା ବ୍ରାହ୍ମଣ M.Com, 31 ବୟସର ଝିଅ ପାଇଁ ପୁଅ ଆବଶ୍ୟକ। 8088210274. D-15312




## HIRE

JCB Machine Excavators 38T, 21T, 10T, 8T, Excavator & Loader- 2DX, 3DX, JCB Compactor, JCB Load all available for hire/sale. Contact immediately: 9556240228, 9937292015. Email- enquiry@kttorissa.com D-15185




## SALE

**Gharabari boundary plot Infocity-2 near 200ft. road side. Direct owner- 8144391451.** D-68429

Plot for sale Nakhara & Sundarpada, Bhubaneswar. Gharabari demarcated 30' wide road. Immediate registration & possession. Contact: 7008683329, 9348243488. D-67719

**100ft. Revenue ପିଚୁରାସ୍ତାକୁ ଲାଗି ଘରବାରି, ବାଉଣ୍ଡାରୀ Commercial/ Residential ପ୍ଲଟ୍ 14,40,000/- ଧଉଳି ଶାନ୍ତିସ୍ତୁପ ପାଖରେ ମିଳୁଛି। 9437033320.** D-68426

1430sqft. plot at near DAV School, Pokhariput, Bhubaneswar @ 3,000/- per sqft., BDA Road. Contact: 9861125539, 9040521173. D-67255

**Do you want a land in Bhubaneswar, Sundarpada near Xavier University at Lowprice? Litigation free land, first possession then registration. 8847851850.** D-68413

Independent Duplex house for sale at Gadakana, corner plot, 2200sqft. plinth over 2400sqft. plot. Contact: 7326049403. D-15268

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-15139

Sale! 2BR, 1265sqft., 2bath, 2balcony, kitchen, puja. Gudiapokhari Chhaka, 7/8kms. from Rabi Talkies Square, Bhubaneswar. 9437562371. D-67254

"Plot near Gita College 2400sqft. new 100' to Infosys Road". Contact: 8072428923. D-15089

**Gated community plot sale in Uttara Sqft.650/-, 2/3BHK flat available Hanspal, GGP Colony, Patia, Khandagiri. 8763886496, 8763887357.** D-68422

Tankapani Road Sai Temple backside East facing plots available. Immediate registration & possession. Simplex B.J.E.M-(2) 15,80,000/-, Duplex 26,50,000/-. 7735738102. D-15361

**ଭୁବନେଶ୍ୱର ପିପିଲି Tol gate ପରେ NH କୁ ଲାଗିକି Plot sqft. 650/-, 8249070901, 9438272948.** D-68430

Ready to move 2BHK flats near (BJEM School-II) Tankapani Road, Bhubaneswar. 9776080988, 9437493502. D-63964

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-15140

4300sqft. converted land at Kalinga Nagar near BDA Housing, 10500sqft. near Mancheswar, 6 acres N.H facing land at Bhandari Pokhari, Bhadrak for sale. Contact details: 9337413323, 7008388915. D-67727

**Bhubaneswar Pitapalli NH ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି। 8338065148.** D-68420

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-15126

**Bhubaneswar Kesura SBI, କଲୋନୀକୁ ଲାଗି ଘରବାରି ପାଚେରୀସହ ଏବଂ Airport ଠାରୁ 5k.m. ସୁନ୍ଦରପଦାରେ plot ବିକ୍ରିହେବ। 9078736851.** D-68428

**ଭୁବନେଶ୍ୱର ବାଲିଅନ୍ତାରେ Ready to move Duplex, Tamandoରେ yellowzone plot କିଣନ୍ତୁ। 9348767829.** D-68427

Plot for sale near Bhubaneswar, Andilo- 1250/-, Pahala-1800/-, 1400/- Nakhara-1100/-, 1320/-, SC plot Pahala- 1300/-: 9438101895. D-15364

Commercial plot Hanspal and Pahala mainroad side 5000/ 15000sqft.- 7992916484. D-15317

**30' revenue ରାସ୍ତାଥାଇ 3200sqft. ଘରବାରି, BDA yellowzone boundary plot AIIMS Hospital ପାଖରେ ବିକ୍ରିହେବ। 6370292040.** D-68424

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

Gharabari boundary immediate construction plot at Atala near Hanspal square, Bhubaneswar 30ft. wideroad, electricity- 9438419823, 9437286655. D-68610

**Gharabari plot at Balianta, Bhingarpur and Bagalpur. Immediate possession & registration. Contact: 9437147826.** D-15246

SC house ready to move 24,00,000/- Hanspal (Finance available)- 8093465134. D-68612

Versa hermitage- 1BHK, studio flats available for sales at the holy land of Puri (Hurry, few flats left) 9861930740, 9437030740. D-68180

ଭୁବନେଶ୍ୱର ଓ ପୁରୀ (BDA & PKDA) ଏରିଆ ଭିତରେ ପ୍ଲଟ୍, ଘର, ଆପାର୍ଟମେଣ୍ଟ କିଣିବା ବା ବିକିବାପାଇଁ ଯୋଗାଯୋଗ କରନ୍ତୁ। ଯୋଗାଯୋଗ: 9438109040/ 8144658008. D-15344

**ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890.** D-68431

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲଓ୍ୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68432

**2 bedroom (Apartment) ready to move flat at Pokhariput, Bhubaneswar, buyers directly contact Deepak- 9937329999.** D-68029

4/5 BHK duplex with gated community at Balianta. Land- 1400 & Construction- 2200 @ 60,00,000/- and 2600 @ 70,00,000/- Mplanets: 9938219397, 9861022055. D-15369

Agriculture land for sale Patrapada Gahir near AIIMS. Broker excuse. 8895549929. D-67728

**33000 Sft. IDCO corner plot sale at Mancheswar, Bhubaneswar. Only directly buyer contact Deepak- 9937329999.** D-68030

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68192

## PURCHASE

Wanted land and building to purchase from SC persons within Bhubaneswar Municipality. Contact: 8249568766. D-68614

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୫୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Do you want to construct buildings on your own plot ? Contact: Sachi Pattanaik, B.Tech (Civil)- 9338401309, 9439143273. D-67510

Build your home @ 1150/-, 1250/-, 300/- with TataRod, ultratech, Konark Cement, branded fittings. 7327043914. D-68191

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-15367

Structural Engineer (40years experience) design for building design consultancy. Contact: Prof. G P Meher, Bhubaneswar. 6309629747. D-63963

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68404




2BR flat at Shreya Villa Tamando, with garage. Contact: 9437018686, 9937018686. D-15363

Two bedroom flat Choudhury Bazar, mainroad Cuttack for rent. 9619615404, 9040400517. D-67726

Single room for Residential/ Office/ Coaching center at Laxmisagar. 7008920669. D-15386

For residential/ office purposes at Phulnakhara, Bhubaneswar- Cuttack. 9437442108, 917057510886. D-67509

Three bedroom on rent infront ISKCON Temple, Nayapalli, Bhubaneswar. 9619615404, 9556406079. D-67725

160000sqft. vacant land with boundary wall and outhouse to-let or lease for commercial purpose at Totapada adjacent to NH-16 near Khorda. Contact: 7854918287. D-60955

2BHK, 1BHK, Marble flats at main road, Unit-8, Soubhagya Nagar, Bhubaneswar. 9000004523. D-67720

2BHK house for rent near Gosagareswar Temple, Ratharoad, Old-town BBSR, 9437357543. D-15205




Shivam logistic packers movers. Household/ car relocation countrywide. 9777044177, 9338461133. D-15348




Rejuvenate and ayurvedic full body massage by smart therapist. 9114402304. D-68145

Kajal Ayurvedic massage club fully relaxed by smart lady, home service available- 9937637219. D-67000

Refresh your body with smart and expert therapist, Contact: 6370668486. D-68182

Sai herbal Spa refresh your body with smart and expert therapist, contact: 7608062524. D-68184

Full body herbal massage with refreshment expert therapist. 7381239385, 06742540855. D-68185

Experience full body massage with us (expert). Call: 7377048581, 06742597822. D-68186

Herbal full body massage by smart / expert therapist. Contact: 8338067247. D-68187

Summer special mesmerizing offer expert therapeutic refreshing massage appointment. 9668374480. D-68188

Ayurvedic full body massage ladies & gents smart therapist, 9337349409. D-68707

Newly open full body massage by ladies, gents therapist. 8018656899 D-60852

Ayurvedic full body massage by ladies, gents therapist. 7008773793 D-60853

Ayurvedic full body massage ladies & gents smart therapist, 9668814589. D-68706

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଅଷ୍ଟମ ଜନ୍ମବାର୍ଷିକୀ ଶୁଭେଚ୍ଛା



**ଅମ୍ଲାନ୍ ପଟ୍ଟନାୟକ (ଲିପୁ)**
ଗାନ୍ଧିନଗର, ଜଟଣୀ

ତୁମ ଜନ୍ମଦିନ ଅବସରରେ ଅନେକ ଶୁଭେଚ୍ଛା। ତୁମର ଭବିଷ୍ୟତ ଉଜ୍ଜ୍ୱଳ ଓ ସୁଖମୟ ହେଉ ଏବଂ ତୁମର ଚଲାପଥ କୁସୁମିତ ହେଉ, ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୁଭେଚ୍ଛାସହ:
ଜେଜେମା', ବଡ଼ବାପା, ବଡ଼ମା', ପାପା, ମାମା, ଦାଦା, ଖୁଡ଼ୀ, ବାବୁଦାଦା, ଆଇ, ମାମୁ, ମାଇଁ, ଲୁନାମାମୁ, ମଉସା, ମାଉସୀ, ପୁପୁ, ସିପୁ, ଡୁଗୁ, ଗୁଡ଼ି, ନବ୍ୟୋୟା, ଲିନା ପରିବାରବର୍ଗ।
ଧ–୧୫୩୭୪

## CLASSIFIED BOOKING STATIONS

**CUTTACK**
**DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR**
**DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**JOGESWAR DAS**
Rayagada Mob: 06856222611, 9437234611

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878.

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020
Email ID: amamaddcare@gmail.com
Whatsapp & Mobile No: 9937426436, 9853380364

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12 Chinmaya Choudhury Ph:9338991113, 9439811130 Email: anitaadvt@gmail.com

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR Prabina Kumar Mohanty Ph: 9337336614, 7008967858

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ସରୋଜ କୁମାର ମାହାନ୍ତି**
ରାମେଶ୍ୱର ପାଟଣା, ଓଲ୍ଡ ଟାଉନ୍, ଭୁବନେଶ୍ୱର–୨
ଆବିର୍ଭାବ: ୨୦।୧୨।୧୯୪୯
ତିରୋଧାନ: ୧୪।୧୧।୨୦୧୯

ଆପଣଙ୍କ ଏକାଦଶାହ ପାଳନ ଅବସରରେ ଆପଣଙ୍କ ଆତ୍ମାର ସଦ୍‌ଗତି କାମନା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:**
ଭଉଣୀ: ରେନୁ ଅପା, ମାନି ଅପା, ଝୁନି ଅପା, ଭାଇ: ସନ୍ତୋଷ, ଶୁକାନ୍ତ, ଭାଇବୋହୂ: ଝୁନୁ, ମାନୁ, ଜ୍ୱାଇଁ: ଟିଟୁ, ନାତୁଣୀ: ସାଙ୍ଗୀ, ଝିଆରୀ: ଲିଜା, ଲିଝି, ଲିପ୍‌ସା, ଇଷା, ପୁତୁରା: ପୁପୁଲ୍, କିଞ୍ଚୁ, ଗୁଗୁଲ୍ ବନ୍ଧୁ ଓ ପରିବାରବର୍ଗ।
ଧ–୫୯୮୬୬

## ସଂକ୍ଷେପରେ

### ସହରାଞ୍ଚଳ ବେରୋଜଗାରୀ ହାର ହ୍ରାସ

ନୂଆଦିଲ୍ଲୀ,୨୩-୧୧: ଚଳିତ ବର୍ଷ ଜାନୁୟାରୀ ମାର୍ଚ୍ଚ ସମୟରେ ସହରାଞ୍ଚଳରେ ବେରୋଜଗାରୀ ହ୍ରାସ ଘଟିଥିବା ଜଣାପଡିଛି। ଏହି ସମୟରେ ବେରୋଜଗାରୀ ହାର ୯.୩% ରହିଛି, ଯାହା ୪ ତ୍ରୈମାସ ମଧ୍ୟରେ ସର୍ବନିମ୍ନ ସ୍ତର। ସରକାରଙ୍କ ପକ୍ଷରୁ ପ୍ରକାଶ ପାଇ ନ ଥିବା ଏକ ରିପୋର୍ଟ ଆଧାରରେ ଏହି ତଥ୍ୟ ଏକ ଗଣମାଧ୍ୟମ ହାତରେ ଲାଗିଛି। ଅର୍ଥନୈତିକ ଅଭିବୃଦ୍ଧି ହ୍ରାସ ଏବଂ ନିଯୁକ୍ତିକୁ ନେଇ ସରକାରଙ୍କୁ ବିଭିନ୍ନ ମହଲରୁ ସମାଲୋଚନା ଶୁଣିବାକୁ ମିଳୁଥିବା ନୂଆ ତଥ୍ୟ ସାମାନ୍ୟ ଆଶ୍ୱସ୍ତି ପ୍ରଦାନ କରିବ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ଏହାର ପୂର୍ବ ତ୍ରୈମାସରେ ବେରୋଜଗାରୀ ହାର ୯.୯% ରହିଥିଲା। ଗ୍ରାମାଞ୍ଚଳ ବେରୋଜଗାରୀ ସମ୍ପର୍କରେ ଏବେ ଯାଏ କୌଣସି ତଥ୍ୟ ସାମ୍ନାକୁ ଆସି ନ ଥିବା ବେଳେ ସହରାଞ୍ଚଳ ନିଯୁକ୍ତି ସଂକ୍ରାନ୍ତ ବିସ୍ତୃତ ତଥ୍ୟ ଶୀଘ୍ର ପ୍ରକାଶ ପାଇବ ବୋଲି ଜଣାପଡିଛି।

### ଏଜିଆର୍‌କୁ ନେଇ ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିଶନ

ନୂଆଦିଲ୍ଲୀ,୨୩-୧୧: ଟେଲିକମ୍ କମ୍ପାନୀଙ୍କଠାରୁ ଆଡ୍‌ଜଷ୍ଟେଡ ଗ୍ରସ୍ ରେଭିନ୍ୟୁ (ଏଜିଆର୍) ସଂଗ୍ରହ ଲାଗି ସୁପ୍ରିମକୋର୍ଟ ନିକଟରେ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ସପକ୍ଷରେ ଏହି ରାୟ ଆସିଥିବା ବେଳେ ଏହାର ପୁନର୍ବିଚାର ଲାଗି ପ୍ରମୁଖ ଟେଲିକମ୍ କମ୍ପାନୀଗୁଡିକ ସୁପ୍ରିମକୋର୍ଟଙ୍କୁ ନିବେଦନ କରିଛନ୍ତି। କମ୍ପାନୀଗୁଡ଼ିକ ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ସହ ରିଭ୍ୟୁ ପିଟିଶନ ଦାଏର କରିଛନ୍ତି। ଟେଲିକମ କମ୍ପାନୀଙ୍କଠାରୁ ୨୪,୦୦୦ କୋଟି ଟଙ୍କା ସଂଗ୍ରହ କରିବା ଲାଗି ନିର୍ଦ୍ଦେଶ ରହିଛି। ଡିଓଟି ସୂଚନା ମୁତାବକ ଏୟାରଟେଲ ଉପରେ ୨୧,୬୮୨ କୋଟି, ଭୋଡାଫୋନ ଉପରେ ୧୯,୮୨୪ କୋଟି, ରିଲାଏନ୍ସ କମ୍ୟୁନିକେଶନ ୧୬୪୫୬ କୋଟି, ବିଏସ୍‌ଏନ୍‌ଏଲ୍ ୨୦୯୯ କୋଟି ଏବଂ ଏମ୍‌ଟିଏନ୍‌ଏଲ୍ ଉପରେ ୨୫୩୭ କୋଟି ଟଙ୍କା ରହିଛି।

> ଜେମ୍ସ ଏବଂ ଜୁଏଲେରୀ ଶିଳ୍ପର ସମସ୍ୟାକୁ ଧ୍ୟାନରେ ରଖି ଆମଦାନୀ ଟିକସ ହ୍ରାସ ପ୍ରସଙ୍ଗକୁ ସରକାର ବିଚାର କରୁଛନ୍ତି।
> – ପୀୟୂଷ ଗୋୟଲ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ



> ୨୦୨୫ ସୁଦ୍ଧା ଘରୋଇ ବଜାରରେ କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ ମାନୁଫାକ୍‌ଚରିଂ ୨ ଗୁଣ ବଢି ୧.୪୮ ଲକ୍ଷ କୋଟି ଛୁଇଁପାରେ।
> – କମଲ ନନ୍ଦୀ, ସଭାପତି, କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ ନିର୍ମାତା ସଂଘ



## ଆୟୁଷ୍ମାନ ଭାରତ ଯୋଜନା
# ଘରୋଇ ହସ୍ପିଟାଲ ପାଇବେ ପ୍ରୋତ୍ସାହନ

ନୂଆଦିଲ୍ଲୀ,୨୩-୧୧

- ଯୋଜନାର ସଫଳ ରୂପାୟନକୁ ଗୁରୁତ୍ୱ
- ଅଧିକ ଲୋକଙ୍କ ନିକଟରେ ପହଞ୍ଚାଯିବ
- ବଜେଟରେ ମିଳିଛି ୬,୨୦୦ କୋଟି
- ମୋଟ ୨୦ ହଜାର ହସ୍ପିଟାଲ ସାମିଲ

୨୦୧୮ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆୟୁଷ୍ମାନ ଭାରତ ଯୋଜନା ଶୁଭାରମ୍ଭ ଘୋଷଣା କରିଥିଲେ। ଏହା ମୋଦି କେୟାର ଭାବେ ପରିଚିତ ଥିବା ବେଳେ ଏଥିରେ ଘରୋଇ ହସ୍ପିଟାଲଗୁଡିକର ଯୋଗଦାନକୁ ପ୍ରୋତ୍ସାହନ ମିଳିବ ବୋଲି ଜଣାପଡିଛି। ଅଧିକ ଲୋକ କିଭଳି ଏହି ଯୋଜନାର ଲାଭ ନେବେ ତାକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ କେନ୍ଦ୍ର ସରକାର ଗ୍ରହଣ କରିବେ। ଲୋକଙ୍କ ମଧ୍ୟରେ ସଚେତନତା ଅଭାବରୁ ଏହି ଯୋଜନା ଲୋକାଭିମୁଖୀ ହୋଇ ପାରିନାହିଁ। ଦେଶ ମଧ୍ୟରେ ଲୋକଙ୍କୁ ଉତ୍ତମ ଚିକିତ୍ସା ସୁବିଧା ଯୋଗାଣ ଲକ୍ଷ୍ୟରେ ଗରିବ ଲୋକମାନଙ୍କୁ ୫ ଲକ୍ଷ ଟଙ୍କାର ବୀମା କଭର ପ୍ରଦାନ କରାଯାଉଛି। ଏହି ଯୋଜନା ଅନ୍ତର୍ଗତ ୧୦ କୋଟି ପରିବାରର ୫୦ କୋଟି ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ଯୋଜନା ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ଯୋଜନାର ଲାଭ ୧୦ କୋଟି ଲୋକଙ୍କୁ ମିଳିଥିବା ଜଣାପଡିଛି। ନ୍ୟାଶନାଲ ହେଲ୍‌ଥ ଅଥରିଟି(ଏନ୍‌ଏଚ୍‌ଏ) ତଥ୍ୟ ମୁତାବକ ଏହି ପ୍ରୋଗ୍ରାମରେ ୨୦ ହଜାର ହସ୍ପିଟାଲ ଯୋଡି ହୋଇଛନ୍ତି। ଏହା ମଧ୍ୟରେ ୬୦% ଘରୋଇ ହସ୍ପିଟାଲ ସାମିଲ ରହିଛି। ଘରୋଇ ସହଭାଗିତା ବଢିଲେ ଏହି କାର୍ଯ୍ୟକ୍ରମ ସଫଳ ହେବାର ଅଧିକ ସମ୍ଭାବନା ରହିଥିବା ସରକାର କହିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନା ଲାଗି ବଜେଟରେ ୬,୨୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଥିବା ଜଣାପଡିଛି। ଯୋଜନାର ଲାଭ ମୋଟ ୧୦ କୋଟି ଲୋକ ନେବାକୁ ଥିବା ବେଳେ ଏହା ମଧ୍ୟରେ ଗ୍ରାମାଞ୍ଚଳର ୮ କୋଟି ପରିବାର ଏବଂ ସହରାଞ୍ଚଳର ୨ କୋଟି ପରିବାର ସାମିଲ ରହିଛି।

ଯୋଜନାର ଲାଭ ନେବାକୁ ଥିବା ଲୋକଙ୍କର ବୟସର କୌଣସି କଟକଣା ରଖାଯାଇ ନାହିଁ। ମହିଳା, ବାଳିକା ଏବଂ ବରିଷ୍ଠ ଲୋକମାନଙ୍କୁ ଉକ୍ତ ଯୋଜନାରେ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ହୋଇଛି। କର୍କଟ, ହାର୍ଟ ଅପରେଶନ ଭଳି ଜଟିଳ ରୋଗଗୁଡିକୁ ଏଥିରେ ସାମିଲ କରାଯାଇଛି। ମୋଦି କେୟାର ଯୋଜନାକୁ କ୍ୟାଶ୍‌ଲେସ ଏବଂ ପେପରଲେସ ଭାବେ ପ୍ରସ୍ତୁତ କରାଯାଇଛି। ଦେଶର କୌଣସି ବି ସ୍ଥାନରେ ଯୋଜନାର ଲାଭ ଲୋକମାନେ ନେଇପାରିବେ।

### ଜାନୁୟାରୀରୁ ମହଙ୍ଗା ହେବ ଏସି, ଫ୍ରିଜ୍

ନୂଆଦିଲ୍ଲୀ,୨୩-୧୧

ଆଗାମୀ ଦିନରେ ୫ ଷ୍ଟାର ବିଶିଷ୍ଟ ରେଫ୍ରିଜରେଟର ମୂଲ୍ୟ ବୃଦ୍ଧି ହେବାର ବିଶେଷ ସମ୍ଭାବନା ରହିଛି। ନୂଆ ଏନର୍ଜି ଲେବଲିଂ ନିୟମ ଜାନୁୟାରୀ ପହିଲାରୁ ଲାଗୁ ହେବାକୁ ଥିବା ବେଳେ ୫ ଷ୍ଟାର ରେଫ୍ରିଜରେଟର ପ୍ରସ୍ତୁତି ପ୍ରାୟ ୬ ହଜାର ଟଙ୍କା ହେବ ବୋଲି କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ ଆଣ୍ଡ ଆପ୍ଲାଏନସେସ୍ ମାନୁଫାକ୍‌ଚର୍ସ ଆସୋସିଏଶନ (ସିଇଏଏମ୍‌ଏ) ପକ୍ଷରୁ କୁହାଯାଇଛି। ନୂଆ ନିୟମ ମୁତାବକ ପାରମ୍ପରିକ କ୍ରୋମ ବଦଳରେ ଭେକ୍ୟୁମ ପ୍ୟାନେଲ ବ୍ୟବହାର କରିବାକୁ ପଡିବ। ଏହା ଉଦ୍ୟୋଗ ଲାଗି ଚ୍ୟାଲେଞ୍ଜିଂ ହେବ ବୋଲି ଶିଳ୍ପ ପକ୍ଷରୁ କୁହାଯାଇଛି।

### ଜିଏସ୍‌ଟି ଢାଞ୍ଚାରେ ପରିବର୍ତ୍ତନ ନେଇ ଏନ୍.କେ. ସିଂଙ୍କ ଗୁରୁତ୍ୱ

ନୂଆଦିଲ୍ଲୀ,୨୩-୧୧

ଜିଏସ୍‌ଟି ଢାଞ୍ଚାରେ ବଡ଼ଧରଣର ପରିବର୍ତ୍ତନ ନେଇ ଅର୍ଥ କମିଶନ ଅଧ୍ୟକ୍ଷ ଏନ୍.କେ. ସିଂ ଶନିବାର ଗୁରୁତ୍ୱାରୋପ କରିଛନ୍ତି। ବିଶେଷ କରି ଜିଏସ୍‌ଟିରେ ରହିଥିବା ଜଟିଳ ଅନୁପାଳନ ପଦ୍ଧତିକୁ ସଜାଡିବା ଉପରେ ସେ ମତ ରଖିଛନ୍ତି। ଏହାବାଦ ବାରମ୍ବାର ଟିକସ ସ୍ଲାବ ପରିବର୍ତ୍ତନ କରିବା ଯୋଗୁ ଏହା ରାଜସ୍ୱ ହ୍ରାସର ଏକ କାରଣ ପାଲଟିଛି। ଏଦିଗକୁ ବିଚାର କଲେ ଟିକସ ସଂଗ୍ରହରେ ଉନ୍ନତି ଆସିବ। ସେହିଭଳି କେନ୍ଦ୍ର ପ୍ରାୟୋଜିତ ଯୋଜନା ହ୍ରାସ, ଆର୍ଥିକ ନିଷ୍ପତ୍ତି କ୍ଷେତ୍ରରେ ନୀତିଆୟୋଗର କୌଣସି ସ୍ୱତନ୍ତ୍ରତା ନ ଥିବାରୁ ଏହାକୁ ସିଂ ସମାଲୋଚନା କରିଛନ୍ତି।

### ୟୁନିୟନ ଏଏମ୍‌ସିର ଲାର୍ଜ ଆଣ୍ଡ ମିଡ୍ କ୍ୟାପ୍ ଫଣ୍ଡ

ନୂଆଦିଲ୍ଲୀ,୨୩-୧୧

ୟୁନିୟନ ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ପ୍ରାଇଭେଟ ଲିମିଟେଡ ପକ୍ଷରୁ ୟୁନିୟନ ଲାର୍ଜ ଆଣ୍ଡ ମିଡକ୍ୟାପ୍ ଫଣ୍ଡର ଉନ୍ମୋଚନ କରାଯାଇଛି। ଏଥିରେ ଦୃଢତା ଏବଂ ଅଭିବୃଦ୍ଧିର ମିଶ୍ରଣ ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହି ସ୍କିମରେ ବ୍ଲୁଚିପ ଏବଂ ଉଦୀୟମାନ ବ୍ଲୁଚିପ୍ କମ୍ପାନୀର ମିଶ୍ରଣର ନିବେଶ କରାଯିବ। ଏହା ଉଭୟ ମିଡକ୍ୟାପ ଓ ଲାର୍ଜ କ୍ୟାପ ନିବେଶ ବିକଳ୍ପ ପ୍ରଦାନ କରୁଛି। ବିପଦରମାତ୍ରା ଅନୁସାରେ ସୁପରିୟର ରିଟର୍ନ ପ୍ରଦାନ କରିବା ଲାଗି ଏହା ଏକ ସୁଦୃଢ ଏବଂ ନୂଆ ନିବେଶ ପ୍ରକ୍ରିୟା ବୋଲି ୟୁନିୟନ ଏଏମ୍‌ସି ପକ୍ଷରୁ କୁହାଯାଇଛି।

## ଏନ୍‌ପିଏ ଲୁଚାଇବା ବନ୍ଦ କରନ୍ତୁ ବ୍ୟାଙ୍କ: ଆର୍‌ବିଆଇ ଡେପୁଟି ଗଭର୍ନର

ନୂଆଦିଲ୍ଲୀ,୨୩-୧୧



ଏନ୍.ଏସ୍. ବିଶ୍ୱନାଥନ

ଏବେ ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ସ୍ଥିତି ଭଲ ନ ଥିବା ବେଳେ ଅନାଦାୟ ଋଣ (ଏନ୍‌ପିଏ) ବୋଝ ବଢ଼ି ବଢ଼ି ଚାଲିଛି। ଏଭଳି ସ୍ଥିତିରେ ବ୍ୟାଙ୍କ ଏନ୍‌ପିଏ କିମ୍ବା ଋଣ ଠକେଇ ଭଳି ବିଷୟକୁ ଲୁଚାଇବା ବନ୍ଦ କରନ୍ତୁ ବୋଲି ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ନର ଏନ୍.ଏସ୍. ବିଶ୍ୱନାଥନ କହିଛନ୍ତି। ଏଥି ଯୋଗୁ ବ୍ୟାଙ୍କଗୁଡିକ ବୃହତ୍ ପରିମାଣରେ କ୍ଷତି ସହୁଛନ୍ତି। ଏହାକୁ ଧ୍ୟାନରେ ରଖି ତୁରନ୍ତ ଭିତ୍ତିରେ ରିପୋର୍ଟ କରିବା ଉପରେ ଯତ୍ନବାନ ହେବାକୁ ବିଶ୍ୱନାଥନ କହିଛନ୍ତି। ବ୍ୟାଙ୍କଗୁଡିକ ଏଥି ସଂକ୍ରାନ୍ତ ରିପୋର୍ଟ ଠିକ୍ ଭାବେ ନ କଲେ ବ୍ୟାଙ୍କଗୁଡିକର କାର୍ଯ୍ୟଶୈଳୀ ଏବଂ ରିସ୍କ ନେବା କ୍ଷମତା ବିଶେଷ ଭାବେ ପ୍ରଭାବିତ ହେବ। ଏଭଳି ଘଟଣା ସମୟ ସମୟରେ ନଜରକୁ ଆସୁଛି। ରିଜର୍ଭ ବ୍ୟାଙ୍କ ନିରୀକ୍ଷଣରେ ଏହାର ଖୁଲାସା କରାଯାଉଛି। ନିୟାମକ ଅନୁପାଳନ ଦ୍ୱାରା ବ୍ୟାଙ୍କ ସେମାନଙ୍କ ଆର୍ଥିକ ସ୍ଥିତିକୁ ଦୃଢ ରଖିପାରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ବଜାରରେ ନୂଆ ଆକ୍ଟିଭ ହର୍ଲିକ୍ସ

ନୂଆଦିଲ୍ଲୀ,୨୩-୧୧

ଜିଏସ୍‌କେ କଞ୍ଜ୍ୟୁମର ହେଲ୍‌ଥ କେୟାର ପକ୍ଷରୁ ପ୍ରାପ୍ତବୟସ୍କଙ୍କ ଲାଗି ନୂଆ ଆକ୍ଟିଭ ହର୍ଲିକ୍ସ ବଜାରକୁ ଆସିଛି। ପୋଷଣ ଆବଶ୍ୟକତାର ବର୍ଦ୍ଧିତ ଚାହିଦାକୁ ଧ୍ୟାନରେ ରଖି ଏଭଳି ପ୍ରଡକ୍ଟ ବଜାରକୁ ଆସିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ସମୟରେ ବ୍ୟସ୍ତତା ଯୋଗୁ ଉଚିତ ଖାଦ୍ୟ ଗ୍ରହଣ ଲାଗି ଲୋକମାନେ ସକ୍ଷମ ହେଉ ନାହାନ୍ତି। ଶିଶୁଙ୍କ ତୁଳନାରେ ପ୍ରାପ୍ତବୟସ୍କଙ୍କ ନିକଟରେ ଡାଏଟ ଆବଶ୍ୟକତା ଭିନ୍ନ ରହିଥାଏ। କମ୍ପାନୀର ଏହି ନୂଆ ପ୍ରଡକ୍ଟରେ ଫାଇବର ଏବଂ ଅନ୍ୟ ମାଇକ୍ରୋ ନ୍ୟୁଟ୍ରିଏଣ୍ଟ ରହିଛି। ଏହାକୁ ଗ୍ରାହକ ସୁଲଭ ମୂଲ୍ୟରେ ଲାଭ କରିପାରିବେ। ଦୈନନ୍ଦିନର ଶକ୍ତି ଏବଂ ପୋଷଣ ଆବଶ୍ୟକତାକୁ ବିଚାର କରି ଏଭଳି ଏକ ପ୍ରଡକ୍ଟ ପ୍ରସ୍ତୁତ ହୋଇଥିବା ଜିଏସ୍‌କେସିଏଚ୍ ଇଣ୍ଡିଆ ସବ୍‌କଣ୍ଟିନେଣ୍ଟ ଏରିଆ ମାର୍କେଟିଂ ଲିଡ ବିକ୍ରମ ଭେଲ କହିଛନ୍ତି।

DSPL-159



### ସାପ କାମୁଡ଼ା ପ୍ରତି ସାବଧାନ

- ସମୟ ନଷ୍ଟ ନକରି ଯଥାଶୀଘ୍ର ଆହତ ବ୍ୟକ୍ତିକୁ ନିକଟସ୍ଥ ଡାକ୍ତରଖାନାକୁ ନେଇ ଯାଆନ୍ତୁ।
- ସାପ କାମୁଡ଼ିଥିବା ବ୍ୟକ୍ତିଙ୍କୁ ସ୍ଥିର ଓ ଶାନ୍ତ ରଖନ୍ତୁ। ସାହାସ ଓ ସାନ୍ତ୍ୱନା ଦେବାକୁ ଚେଷ୍ଟା କରନ୍ତୁ।
- ଆହତ ବ୍ୟକ୍ତିଙ୍କୁ ଏକୁଟିଆ ଛାଡନ୍ତୁ ନାହିଁ ବା ଶୋଇବାକୁ ଦିଅନ୍ତୁ ନାହିଁ।
- ଆହତ ଅଙ୍ଗକୁ ହଲଚଲ କରନ୍ତୁ ନାହିଁ ବା ବ୍ୟକ୍ତିଙ୍କୁ ଚାଲିବାକୁ ଦିଅନ୍ତୁ ନାହିଁ।
- କ୍ଷତ ଅଙ୍ଗରୁ ମୁଦି, ବ୍ରେସଲେଟ୍, ଅନ୍ୟାନ୍ୟ ଅଳଙ୍କାର, ଘଣ୍ଟା ଇତ୍ୟାଦି ଓ ଜୋତା ଯଥାଶୀଘ୍ର ବାହାର କରି ଦିଅନ୍ତୁ।
- କ୍ଷତ ଅଙ୍ଗରେ ବିଷ ସଂଚରଣ ରୋକିବା ପାଇଁ ରଶି କିମ୍ବା ତାର ବାନ୍ଧନ୍ତୁ ନାହିଁ। ଏହାଦ୍ୱାରା ଅଙ୍ଗ ନଷ୍ଟ ହେବାର ଅଧିକ ସମ୍ଭାବନା ଥାଏ।
- କ୍ଷତ ସ୍ଥାନକୁ ଛୁରୀ କିମ୍ବା କୌଣସି ଅସ୍ତ୍ରରେ ଖଣ୍ଡିଆ କରି ରକ୍ତ ବାହାର କରିବାକୁ ଚେଷ୍ଟା କରନ୍ତୁ ନାହିଁ।
- କ୍ଷତ ସ୍ଥାନକୁ ପାଟିରେ ଚୋଷି ବିଷ ବାହାର କରିବାକୁ ଚେଷ୍ଟା କରନ୍ତୁ ନାହିଁ। କ୍ଷତ ଉପରେ ବରଫ ମାଲିସ୍ କରନ୍ତୁ ନାହିଁ।
- ଅନ୍ଧବିଶ୍ୱାସରେ ଗୁଣିଆ ବା ଝଡାଫୁଙ୍କାରେ ଆଦୌ ସମୟ ନଷ୍ଟ କରନ୍ତୁ ନାହିଁ।
- ଆହତ ବ୍ୟକ୍ତିଙ୍କୁ ନିଶାଦ୍ରବ୍ୟ, ଚେରମୂଳି ଇତ୍ୟାଦି ଦିଅନ୍ତୁ ନାହିଁ ବା କ୍ଷତ ସ୍ଥାନରେ କୌଣସି ଔଷଧ ଲଗାନ୍ତୁ ନାହିଁ।



### ଜଳ ସଂପର୍କିତ ଦୁର୍ଘଟଣା (ବୁଡ଼ି ମରିବା) ଓ ଏହାର ପ୍ରତିକାର

- ପୋଖରୀ, ନଦୀକୁ ଛୋଟପିଲାମାନଙ୍କୁ ଏକୁଟିଆ ଛାଡ଼ନ୍ତୁ ନାହିଁ।
- ଘର, ସ୍କୁଲ ବା ଜନବସତି ପାଖରେ ଜଳାଶୟ ଥିଲେ, ଏହାର ଚାରିପାଖରେ ବାଡ଼ ଦିଅନ୍ତୁ।
- ଅଜଣା ପାଣିରେ ପଶନ୍ତୁ ନାହିଁ।
- ଜଳାଶୟଗୁଡ଼ିକ ପାଖରେ ଦିଆଯାଇଥିବା ସୁରକ୍ଷା ଉପଦେଶ ଓ ସୁରକ୍ଷା ଚିହ୍ନମାନଙ୍କ ବିଷୟରେ ଅବଗତ ରୁହନ୍ତୁ।
- ମାଦକ ଦ୍ରବ୍ୟ ସେବନ କରି ପାଣିରେ ପଶନ୍ତୁ ନାହିଁ।
- ସମୁଦ୍ର କୂଳରେ ଲାଇଫ୍ ଗାର୍ଡ଼ ଥିବା ସ୍ଥାନରେ ସ୍ନାନ କରନ୍ତୁ।



### ଶୀତ ପ୍ରବାହ ପାଇଁ ସତର୍କତା

- ଭୀଷଣ ଶୀତ ହେଉଥିବା ସମୟରେ ଯଥାସମ୍ଭବ ଘର ଭିତରେ ରୁହନ୍ତୁ।
- ଯାତାୟତ କରୁଥିବା ସମୟରେ ଯଥେଷ୍ଟ ଶୀତବସ୍ତ୍ର ପରିଧାନ କରନ୍ତୁ। ମୁଣ୍ଡରେ ଟୋପି/ ମଫଲର ଏବଂ ପାଦରେ ଜୋତାମୋଜା ବ୍ୟବହାର କରନ୍ତୁ।
- ଏକୁଟିଆ ରହୁଥିବା ବୟସ୍କ ବ୍ୟକ୍ତି ତଥା ଶିଶୁମାନଙ୍କ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।
- ଜେନେରେଟର କିମ୍ବା ଷ୍ଟୋଭ ବ୍ୟବହାର କରୁଥିଲେ ନିର୍ଗତ ବିଷାକ୍ତ ଧୂଆଁକୁ ଘର ବାହାରକୁ ଯିବାର ବ୍ୟବସ୍ଥା କରନ୍ତୁ।
- ଯଥାସମ୍ଭବ ଗରମ ଖାଦ୍ୟ ଖାଆନ୍ତୁ ଓ ଉଷୁମ ପାଣି ପିଅନ୍ତୁ। ଅତ୍ୟଧିକ ଥଣ୍ଡା ପାଣି ବ୍ୟବହାର କରନ୍ତୁ ନାହିଁ।
- ଶୀତଦାଉରୁ ରକ୍ଷା ପାଇବା ପାଇଁ ନିଆଁ ଦ୍ୱାରା ଉତ୍ତାପ ଗ୍ରହଣ କରୁଥିଲେ ବା ବୈଦ୍ୟୁତିକ ଉପକରଣ ବ୍ୟବହାର କରୁଥିଲେ ସମ୍ଭାବ୍ୟ ଅଗ୍ନିକାଣ୍ଡ ପ୍ରତି ସତର୍କ ରୁହନ୍ତୁ।
- ଗୃହପାଳିତ ପଶୁ ଓ ପକ୍ଷୀମାନଙ୍କୁ ରାତିରେ ବାହାରେ ରହିବାକୁ ଦିଅନ୍ତୁ ନାହିଁ। ଥଣ୍ଡାରୁ ରକ୍ଷା ପାଇବା ପାଇଁ ସେମାନଙ୍କୁ ଘୋଡାଇ ରଖନ୍ତୁ।
- ଶୀତ ଯୋଗୁଁ ଯଦି ଅସୁସ୍ଥ ଅନୁଭବ କରୁଥାନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।
- ଆପଣଙ୍କ ଅଞ୍ଚଳରେ ଶୀତ ପ୍ରବାହ ସମ୍ବନ୍ଧରେ ଜାଣିବା ପାଇଁ ଟି.ଭି., ରେଡ଼ିଓ ଓ ସମ୍ବାଦପତ୍ରରେ ଦିଆଯାଉଥିବା ସୂଚନା ପ୍ରତି ଧ୍ୟାନ ଦିଅନ୍ତୁ।

OSDMA
ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ
ରାଜୀବ ଭବନ, ଭୁବନେଶ୍ୱର

ସଚେତନତା ଓ ସତର୍କତା ହିଁ ସୁରକ୍ଷା

24007/13/0011/1920

ଜ୍ଞାପକ ସଂଖ୍ୟା 22552/F&E ତା21-11-19
ଏହାର ଏକ କିତା ନକଲ ସମସ୍ତ ପରିଶିଷ୍ଟ ସହିତ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ, କୋରାପୁଟ/ବନଖଣ୍ଡୀୟ ଅଧିକାରୀ, ରାୟଗଡା ବନଖଣ୍ଡଙ୍କ ଅବଗତି ଓ ତୁରନ୍ତ ଆଜ୍ଞାପାଳନ ନିମନ୍ତେ ପ୍ରେରଣ କରାଗଲା ।

ଜଙ୍ଗଲ ଜମିକୁ ଅଣଜଙ୍ଗଲ ବ୍ୟବହାର ପାଇଁ ଦେବା ପୂର୍ବରୁ ଏହି ଜଙ୍ଗଲ ଜମିର ସମସ୍ତ କ୍ଷତିପୂରକ କର ଉପଯୁକ୍ତ Head of Account ରେ ବ୍ୟବହାରକାରୀ ସଂସ୍ଥାଙ୍କ ତରଫରୁ ପଇଠ ହେବା ବନଖଣ୍ଡୀୟ ଅଧିକାରୀ ସୁନିଶ୍ଚିତ କରାଇବେ । ଏହାଛଡ଼ା, ଦିଆଯିବାକୁ ଥିବା ଅନ୍ୟ ସମସ୍ତ ପାଣ୍ଠି ଉପଯୁକ୍ତ Head of Account ରେ Adhoc CAMPA ରେ ବ୍ୟବହାରକାରୀ ସଂସ୍ଥାଙ୍କ ତରଫରୁ ପଇଠ ହେବା ବନଖଣ୍ଡୀୟ ଅଧିକାରୀ ଜଙ୍ଗଲ ଜମି ହସ୍ତାନ୍ତର ପୂର୍ବରୁ ସୁନିଶ୍ଚିତ କରାଇବେ । ଜଙ୍ଗଲ ଓ ବନ୍ୟପ୍ରାଣୀ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀର ତ୍ରୈମାସିକ ଅନୁପାଳନ ପତ୍ର ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ବନଖଣ୍ଡୀୟ ଅଧିକାରୀ, ରାୟଗଡ଼ା ବନଖଣ୍ଡଙ୍କୁ ଦେବାପାଇଁ ନିର୍ଦ୍ଦେଶ ଦେବେ ଯଦ୍ଵାରା ସମସ୍ତ ସର୍ତ୍ତାବଳୀର ଅନୁପାଳନ ହୋଇପାରିବ ।

ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥାଙ୍କ ପ୍ରତି ଥିବା ସମସ୍ତ ନିର୍ଦ୍ଦେଶ ତୁରନ୍ତ ପାଳନ ହେବା ସୁନିଶ୍ଚିତ କରିବା ପାଇଁ ବନଖଣ୍ଡୀୟ ଅଧିକାରୀ, ରାୟଗଡ଼ା ବନଖଣ୍ଡଙ୍କୁ ନିର୍ଦ୍ଦେଶ ଦିଆଗଲା ।

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା 22553/F&E ତା21-11-19
ଏହାର ଏକ କିତା ନକଲ ସମସ୍ତ ପରିଶିଷ୍ଟ ସହିତ ଇସ୍ପାତ ଓ ଖଣି ବିଭାଗ / ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ / ଜିଲ୍ଲାପାଳ ରାୟଗଡ଼ାଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା 22554/F&E ତା21-11-19
ଏହାର ଏକ କିତା ନକଲ ସମସ୍ତ ପରିଶିଷ୍ଟ ସହିତ ମାନ୍ୟବର ମନ୍ତ୍ରୀଙ୍କ ଅବଗତି ନିମନ୍ତେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ନିକଟକୁ ପ୍ରେରଣ କରାଗଲା ।

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା 22555/F&E ତା21-11-19
ଏହାର ଏକ କିତା ନକଲ ସମସ୍ତ ପରିଶିଷ୍ଟ ସହିତ ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ଖଣି ନିଗମ, ଭୁବନେଶ୍ୱରଙ୍କ ଅବଗତି ଓ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଭାରତ ସରକାରଙ୍କ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଙ୍କ ତା 24/07/2013 ରିଖ ପତ୍ର ସଂଖ୍ୟା F.No. 7-23/2012-FC ଦ୍ୱାରା ପ୍ରେରିତ ମାନ୍ୟବର ଜାତୀୟ ସବୁଜ ପ୍ରାଧିକରଣଙ୍କ ଅପିଲ ସଂଖ୍ୟା 7/2012 ର ତା 07/11/2012 ଆଦେଶକ୍ରମେ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ତୁରନ୍ତ ନିମ୍ନଲିଖିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ:-

1. ଜଙ୍ଗଲ ଜମି ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଦିଆଯାଇଥିବା ଅନୁମୋଦନ ସହିତ କେନ୍ଦ୍ର ସରକାରଙ୍କ ଅନୁମୋଦନରେ ଦିଆଯାଇଥିବା ସମସ୍ତ ସର୍ତ୍ତାବଳୀକୁ, ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ, ଦୁଇଟି ବହୁଳ ପ୍ରସାରିତ ସମ୍ବାଦପତ୍ରରେ, ଗୋଟିଏରେ ଇଂରାଜୀ ଓ ଅନ୍ୟଟିରେ ସ୍ଥାନୀୟ ଭାଷାରେ ପ୍ରକାଶିତ କରିବେ ।
2. କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପ୍ରଦତ୍ତ ଜଙ୍ଗଲ ଜମି ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଦିଆଯାଇଥିବା ଅନୁମୋଦନ ଆଦେଶର ନକଲକୁ ସ୍ଥାନୀୟ ସ୍ୱାୟତ୍ତ ଶାସନ ମୁଖ୍ୟ, ମ୍ୟୁନିସିପାଲିଟି ମୁଖ୍ୟ ଓ ଏ ସମ୍ପର୍କିତ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ପ୍ରେରଣ କରିବେ ଏବଂ ସେମାନେ ଏହାକୁ ୩୦ ଦିନ ପର୍ଯ୍ୟନ୍ତ ପ୍ରଦର୍ଶିତ କରାଇବେ ।
3. ରାଜ୍ୟସରକାରଙ୍କ ଉପରୋକ୍ତ ଆଦେଶର ଅନୁପାଳନ ପତ୍ର ବନଖଣ୍ଡ ଅଧିକାରୀ ରାୟଗଡ଼ା ବନଖଣ୍ଡ, ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ କୋରାପୁଟ/ପ୍ରଧାନ ମୁଖ୍ୟ ବନସଂରକ୍ଷକ ଓଡ଼ିଶା ଏବଂ ଜଙ୍ଗଲ ଓ ପରିବେଶ ବିଭାଗଙ୍କ ଅବଗତି ନିମନ୍ତେ ପ୍ରେରଣ କରିବେ ।

ଏ ସମସ୍ତ ବ୍ୟତୀତ, ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ସମସ୍ତ କ୍ଷତିପୂରକ କର ଲାଗୁହୋଇଥିବା ଦରରେ ପୂର୍ଣ୍ଣରୂପେ, ପ୍ରଦାନ କରିବେ । ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଦେବାକୁ ଥିବା ସମସ୍ତ ପାଣ୍ଠି ଉପଯୁକ୍ତ Head of Account ରେ ପ୍ରଦାନ କରିବେ ।

ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଜଙ୍ଗଲ ଓ ବନ୍ୟପ୍ରାଣୀ ଅନୁମୋଦନରେ ଦିଆଯାଇଥିବା ସମସ୍ତ ସର୍ତ୍ତାବଳୀର ତ୍ରୈମାସିକ ଅନୁପାଳନ ପତ୍ର ବନଖଣ୍ଡ ଅଧିକାରୀ, ରାୟଗଡ଼ା ବନଖଣ୍ଡଙ୍କୁ ପ୍ରେରଣ କରିବେ ।

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା 22556/F&E ତା21-11-19
ଏହାର ଏକ କିତା ନକଲ ସମସ୍ତ ପରିଶିଷ୍ଟ ସହିତ O.I.C, State Portal, N.I.C, ସୂଚନା ଓ ପ୍ରଯୁକ୍ତି ବିଭାଗ, ରାଜ୍ୟ ସଚିବାଳୟ, ଭୁବନେଶ୍ୱର/ M/s Luminous Infosys Pvt Ltd, Sadhana, N-6/373, ନୟାପଲ୍ଲୀ, ଜୟଦେବ ବିହାର, ଭୁବନେଶ୍ୱର-୧୫ଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ସମସ୍ତଙ୍କ ସୂଚନା ନିମନ୍ତେ ଭାରତ ସରକାରଙ୍କ ପରିବେଶ ଓ ବନ ମନ୍ତ୍ରଣାଳୟଙ୍କ ପ୍ରଥମ ପର୍ଯ୍ୟାୟ ଅନୁମୋଦନ ପତ୍ର ସହିତ ଏହି ପତ୍ରକୁ ଜଙ୍ଗଲ ଓ ପରିବେଶ ବିଭାଗର website ରେ ତୁରନ୍ତ ସ୍ଥାନିତ କରିବାପାଇଁ ଅନୁରୋଧ କରାଗଲା । ମାନ୍ୟବର ଜାତୀୟ ସବୁଜ ପ୍ରାଧିକରଣଙ୍କ ଅପିଲ ନମ୍ବର 7/2012ରେ ତା 7/11/2012 ରିଖରେ ଦିଆଯାଇଥିବା ଆଦେଶ ମୁତାବକ ଏହା ଆବଶ୍ୟକ, ତେଣୁ ଏହା ନିଶ୍ଚିତ ରୂପେ କରାଯିବାକୁ ଅନୁରୋଧ ।

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା 9746/F&E ତା21-11-19
ଏହାର ଏକ କିତା ନକଲ ସମସ୍ତ ପରିଶିଷ୍ଟ ସହିତ ଉପ ଶାସନ ସଚିବ, କାର୍ଯ୍ୟାଳୟ ସଂସ୍ଥାପନ ଶାଖା, ଜଙ୍ଗଲ ଓ ପରିବେଶ ବିଭାଗଙ୍କ ପତ୍ର ସଂଖ୍ୟା 21646/F &E ତା 22/11/2016ରିଖ ସମ୍ବନ୍ଧରେ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସ୍ୱତନ୍ତ୍ର ଶାସନ ସଚିବ

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ
ଭାରତ ସରକାର
ପୂର୍ବାଞ୍ଚଳ ଆଞ୍ଚଳିକ କାର୍ଯ୍ୟାଳୟ
A/3, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751023
ଟେଲିଫୋନ : ୦୬୭୪-୨୩୦୧୨୧୩, ୨୩୦୧୨୪୮, ୨୩୦୨୪୫୨, ୨୩୦୨୪୫୩, ଫାକ୍ସ - ୦୬୭୪-୨୩୦୨୪୩୨,
E-mail : roez.bsr-mef@nic.in

No.5-ORC394/2019-BHU ତା.14.11.2019 ରିଖ
ପ୍ରାପ୍ତେଷୁ,
**ପ୍ରମୁଖ ସଚିବ**
ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର
ଭୁବନେଶ୍ୱର

**ବିଷୟ:** ରାୟଗଡ଼ା ଜିଲ୍ଲାର କାଶୀପୁର ତହସିଲ ଅନ୍ତର୍ଗତ ଶାଶୁବୋହୂମାଳି ବକ୍ସାଇଟ PL ବ୍ଲକ ର ପ୍ରୋସ୍ପେକ୍ଟିଙ୍ଗ ପାଇଁ ସରକାରୀ ଅନୁମତି ମିଳିଥିବା ସମୁଦାୟ 4225.084 ହେକ୍ଟର କ୍ଷେତ୍ରଫଳ ମଧ୍ୟରୁ 38.230 ହେକ୍ଟର (15.404 ହେକ୍ଟର ଜଙ୍ଗଲ ଜମି ଓ 22.826 ହେକ୍ଟର ଅଣ ଜଙ୍ଗଲ ଜମି) ଜମିରେ ଖଣିଜ ପଦାର୍ଥ ଅନ୍ୱେଷଣ ନିମିତ୍ତ 470ଟି ଗର୍ତ୍ତ ପାଇଁ ଅଣ ଜଙ୍ଗଲ ବ୍ୟବହାର ନିମନ୍ତେ ଓଡ଼ିଶା ଖଣି ନିଗମକୁ ଅନୁମତି ପ୍ରଦାନ ।

ମହାଶୟ,

ଉପରୋକ୍ତ ବିଷୟକୁ ବନ ସଂରକ୍ଷକ ଆଇନ ଧାରା 2 ଅନୁସାରେ କେନ୍ଦ୍ର ସରକାରଙ୍କ ଅନୁମୋଦନ ନିମିତ୍ତ ରାଜ୍ୟ ସରକାରଙ୍କ ପ୍ରେରିତ ତା24/09/2019 ରିଖ ପତ୍ର ସଂଖ୍ୟା 10F(Cons)-84/19-17873/F&E କୁ ଆପଣଙ୍କ ଧ୍ୟାନ ଆକର୍ଷଣ କରୁଛି ।

2. ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ ବିଚାର ପୂର୍ବକ ଏବଂ ତା.06/11/2019 ରିଖ ଦିନ ଅନୁଷ୍ଠିତ ଆଞ୍ଚଳିକ କ୍ଷମତାପନ୍ନ କମିଟିଙ୍କ ନିର୍ଣ୍ଣୟ ଅନୁସାରେ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏତଦ୍ୱାରା ରାୟଗଡା ଜିଲ୍ଲାର କାଶୀପୁର ତହସିଲ ଅନ୍ତର୍ଗତ ଶାଶୁବୋହୂମାଳି ବକ୍ସାଇଟ PL ବ୍ଲକ ର ପ୍ରୋସ୍ପେକ୍ଟିଙ୍ଗ ପାଇଁ ସରକାରୀ ଅନୁମତି ମିଳିଥିବା ସମୁଦାୟ 4225.084 ହେକ୍ଟର ମଧ୍ୟରୁ 38.230 ହେକ୍ଟର (15.404 ହେକ୍ଟର ଜଙ୍ଗଲ ଜମି ଓ 22.826 ହେକ୍ଟର ଅଣଜଙ୍ଗଲ ଜମି) ଜମିରେ ଖଣିଜ ପଦାର୍ଥ ଅନ୍ୱେଷଣ ନିମିତ୍ତ 470 ଟି ଗର୍ତ୍ତ ପାଇଁ ଅଣ ଜଙ୍ଗଲ ବ୍ୟବହାର ନିମନ୍ତେ ଓଡିଶା ଖଣି ନିଗମକୁ ବନ ସଂରକ୍ଷଣ ଆଇନ ଧାରା 2 ଅନୁସାରେ ଜଙ୍ଗଲ ଜମିର ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଓଡିଶା ଖଣି ନିଗମକୁ ନୀତି ଦୃଷ୍ଟିରୁ ଅନୁମୋଦନ (conveys approval), ନିମ୍ନଲିଖିତ ସର୍ତ୍ତାବଳୀ ସହ ପ୍ରଦାନ କରୁଛନ୍ତି :-

(i) ଖଣିଜ ପଦାର୍ଥ ଅନ୍ୱେଷଣ ନିମିତ୍ତ ଜମି ବ୍ୟବହାରକାରୀ ସଂସ୍ଥା ସର୍ବାଧିକ 102 ଟି ଗର୍ତ୍ତ ପାଇଁ 3.90 ହେକ୍ଟର ଜଙ୍ଗଲ ଜମି ଓ ରାସ୍ତା ନିର୍ମାଣ ପାଇଁ 11.504 ହେକ୍ଟର ଜଙ୍ଗଲ ଜମି ବ୍ୟବହାର କରିପାରିବେ ।
(ii) ମନ୍ତ୍ରଣାଳୟର ପତ୍ର ସଂଖ୍ୟା 5-3/2007-FC, ତା24/12/2018 ରିଖ ଅନୁସାରେ ଯେଉଁ ଜଙ୍ଗଲ ଜମିର ଘନତା ୦.୧ ରୁ ୦.୪ ମଧ୍ୟରେ ଥିବ ତା ପାଇଁ ସମୁଦାୟ ପ୍ରୋସ୍ପେକ୍ଟିଙ୍ଗ ପଟ୍ଟା ଧାରୀ ଜମିର ୨% ହିସାବରେ NPV ଏବଂ ଯେଉଁ ଜଙ୍ଗଲ ଜମିର ଘନତା ୦.୪ ରୁ ୦.୭ ମଧ୍ୟରେ ଥିବ, ତା ପାଇଁ ସମୁଦାୟ ପ୍ରୋସ୍ପେକ୍ଟିଙ୍ଗ ପଟ୍ଟା ଧାରୀ ଜମିର ୫% ହିସାବରେ NPV ଜମି ବ୍ୟବହାରକାରୀ ସଂସ୍ଥା ଠାରୁ ଆଦାୟ କରାଯିବ ।
(iii) ଯେଉଁ NPV ସରକାରୀ ଖାତାରେ ଜମା କରାଯାଇଥିବ, ତାହା ଆଉ ଫେରସ୍ତ କରାଯିବ ନାହିଁ । ତଥାପି ଯେଉଁ NPV ପ୍ରୋସ୍ପେକ୍ଟିଙ୍ଗ ପଟ୍ଟା ଧାରୀ ଜମି ପାଇଁ ଜମା କରାଯାଇଥିବ ତାହା ଧାରା ୨ ଜଙ୍ଗଲ (ସଂରକ୍ଷଣ) ନିୟମ ୧୯୮୦ ହିସାବରେ ଜଙ୍ଗଲ ଜମି କୁ ଖଣି ଖନନ ପାଇଁ ଅଣ ଜଙ୍ଗଲ ବ୍ୟବହାର କରିବା ପାଇଁ ନିଆଯାଉଥିବା ଅନୁମୋଦନ ସମୟରେ ସନ୍ତୁଳନ କରାଯିବ ।
(iv) ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ପ୍ରତି ଗର୍ତ୍ତ ପାଇଁ ୨୦ ଟି ଲେଖାଏଁ ଗଛ ଲଗାଇବା ପାଇଁ scheme କରାଯିବ । scheme ତିଆରି କରିବା, ଗଛ ଓ ଗଛ ଲଗେଇବା ଖର୍ଚ୍ଚ ଜମି ବ୍ୟବହାରକାରୀ ସଂସ୍ଥା ବହନ କରିବା ରାଜ୍ୟ ସରକାର କାର୍ଯ୍ୟକାରୀ ଯୋଜନା ରେ ପ୍ରଦାନ କରାଯାଇଥିବା ବିବରଣୀ ହିସାବରେ ବନ୍ଦ ହୋଇଥିବା ଗର୍ତ୍ତ କିମ୍ବା କ୍ଷୟ ହୋଇଥିବା ଜଙ୍ଗଲ ଜମିରେ ଗଛ ଲଗାଯିବ ।
(v) ବନ ସଂରକ୍ଷଣ ଆଇନ ଧାରା 2 ଅନୁସାରେ ଖଣିଜ ପଦାର୍ଥ ଅନ୍ୱେଷଣ ନିମିତ୍ତ କେନ୍ଦ୍ର ସରକାରଙ୍କ ଅନୁମୋଦନ କେବଳ ଖଣିଜ ସମ୍ପଦ ମୂଲ୍ୟାୟନ ଓ ମାନଚିତ୍ର ପ୍ରସ୍ତୁତି ପାଇଁ ଉଦ୍ଦିଷ୍ଟ ଏବଂ ଭବିଷ୍ୟତରେ ଏହା ରାଜ୍ୟ ସରକାରଙ୍କୁ ବନ ସଂରକ୍ଷଣ ଆଇନ ଧାରା 2 (ii) ଅନୁସାରେ ଖଣି ନିମିତ୍ତ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ବା ଅନ୍ୟ ସଂସ୍ଥାକୁ ଜଙ୍ଗଲ ଜମି ଅନୁମୋଦନ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ ।
(vi) ରାଜ୍ୟ ସରକାର ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଠାରୁ NPV ଏବଂ CA ଖର୍ଚ୍ଚ ଦାବୀ କରିବା ଉଚିତ ଏବଂ ତାହା Ad-hoc CAMPA ଖାତା ରେ e-portal ମାଧ୍ୟମରେ ଜମା କରାଯିବା ଉଚିତ ।
(vii) ଖଣିଜ ଦ୍ରବ୍ୟ ଅନୁସନ୍ଧାନ କାମ କଲାବେଳେ ନିକଟସ୍ଥ ବନ୍ୟଜୀବଙ୍କର କୌଣସି କ୍ଷତି ନହେବା ପାଇଁ ସମସ୍ତ ପଦକ୍ଷେପ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ନେବେ ।
(viii) ଜଙ୍ଗଲ ଜମିରେ ପ୍ରବେଶ କରିବା ଓ ଗର୍ତ୍ତ ଖୋଳିବା ପାଇଁ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ସମ୍ପୃକ୍ତ ବନଖଣ୍ଡ ଅଧିକାରୀଙ୍କ ଠାରୁ ଅନୁମତି ନେବେ ଏବଂ ଗର୍ତ୍ତ ଖୋଳିବା ଅଗ୍ରଗତି ସମ୍ପର୍କରେ ଓ ଅନ୍ୱେଷଣ କାର୍ଯ୍ୟ ସମାପ୍ତ ହେବାପରେ ସମ୍ପୃକ୍ତ ବନଖଣ୍ଡ ଅଧିକାରୀଙ୍କୁ ରିପୋର୍ଟ ଦେବେ ।
(ix) ଅନ୍ୱେଷଣ କାର୍ଯ୍ୟ ସମାପ୍ତ ହେବାପରେ ଗର୍ତ୍ତ ଗୁଡ଼ିକୁ ସମ୍ପୃକ୍ତ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ବନ୍ଦ କରିବେ ।
(x) ରାଜ୍ୟ ସରକାରଙ୍କ ପ୍ରସ୍ତାବ ଅନୁସାରେ ଅନ୍ୱେଷଣ କାର୍ଯ୍ୟରେ କୌଣସି ଗଛ କଟାଯିବ ନାହିଁ । ଗର୍ତ୍ତ ଖୋଳିବା ପାଇଁ ସ୍ଥାନ ପ୍ରସ୍ତୁତି ନିମନ୍ତେ ଆବଶ୍ୟକ ହେଲେ କେବଳ ବୁଦା ସଫା କରିବା ଓ ଡାଳ କଟା ଯାଇପାରେ ।
(xi) ନିକଟବର୍ତ୍ତୀ ଅଞ୍ଚଳର ବୃକ୍ଷଲତା ବା ଜୀବଜନ୍ତୁଙ୍କର କୌଣସି କ୍ଷତି ହେଲେ ସେଥିପାଇଁ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଦାୟୀ ରହିବେ । କୌଣସି କ୍ଷତି ହେଲେ ସମ୍ପୃକ୍ତ ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ କ୍ଷତିପୂରଣ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଦେବେ ।
(xii) ଅନୁମତି ମିଳିଥିବା ବ୍ୟତୀତ ଅନ୍ୱେଷଣ କାର୍ଯ୍ୟରେ ବ୍ୟବହୃତ ଯନ୍ତ୍ରପାତି ପରିବହନ ପାଇଁ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା କୌଣସି ନୂଆ ରାସ୍ତା ନିର୍ମାଣ କରିବେ ନାହିଁ । ସମ୍ପୃକ୍ତ ବନଖଣ୍ଡ ଅଧିକାରୀଙ୍କୁ ପୂର୍ବରୁ ଜଣାଇ ବର୍ତ୍ତମାନ ଥିବା ରାସ୍ତାକୁ ଜମି ବ୍ୟବହାରକାରୀ ସଂସ୍ଥା ବ୍ୟବହାର କରିପାରିବେ । ଅନ୍ୱେଷଣ କାର୍ଯ୍ୟ ପରେ ଅସ୍ଥାୟୀ ରାସ୍ତାଗୁଡିକୁ ବର୍ତ୍ତମାନ ଥିବା ଜଙ୍ଗଲ ଅବସ୍ଥାକୁ ପୁନରୁଦ୍ଧାର କରାଯିବ ।
(xiii) ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଦ୍ୱାରା ଜଙ୍ଗଲ ଜମିରେ ଅନ୍ୟ କୌଣସି ନିର୍ମାଣ କାର୍ଯ୍ୟ ହେବ ନାହିଁ ।
(xiv) ଗର୍ତ୍ତର ବ୍ୟାସ ବା ସଂଖ୍ୟାରେ କୌଣସି ପରିବର୍ତ୍ତନ ହେଲେ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପୂର୍ବରୁ ଆଞ୍ଚଳିକ କାର୍ଯ୍ୟାଳୟକୁ ଜଣାଇବାକୁ ପଡିବ ।
(xv) ଅନ୍ୱେଷଣ କାର୍ଯ୍ୟରେ ନିକଟବର୍ତ୍ତୀ ଅଞ୍ଚଳର ବନ୍ୟଜୀବଙ୍କର କୌଣସି କ୍ଷତି ନହେବା ନିମନ୍ତେ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଯଥେଷ୍ଟ ପଦକ୍ଷେପ ଗ୍ରହଣ କରିବେ । କୌଣସି କ୍ଷତି ହେଲେ ସମ୍ପୃକ୍ତ ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ କ୍ଷତିପୂରଣ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଦେବେ ।
(xvi) ଅଣଜଙ୍ଗଲ ବ୍ୟବହାର ପାଇଁ ଅନୁମୋଦିତ ଜଙ୍ଗଲ ଜମିରେ କୌଣସି ଶ୍ରମିକ ବସତି ନିର୍ମାଣ ହେବ ନାହିଁ ଓ ସୂର୍ଯ୍ୟାସ୍ତ ପରେ କୌଣସି କାର୍ଯ୍ୟ ହେବ ନାହିଁ ।
(xvii) ଅନ୍ୱେଷଣ କାର୍ଯ୍ୟ ନିମନ୍ତେ ପ୍ରସ୍ତାବିତ ଜଙ୍ଗଲ ଜମି ଯଦି ଜଙ୍ଗଲ ଅଧିକାର ଆଇନ 2006 ବଳରେ କୌଣସି ବ୍ୟକ୍ତିକୁ ଦିଆଯାଇଥାଏ, ଉକ୍ତ ବ୍ୟକ୍ତିକୁ ଉପଯୁକ୍ତ କ୍ଷତିପୂରଣ ଦେଇ ଉକ୍ତ ସ୍ଥାନରେ ଗର୍ତ୍ତ କରାଯିବ କିମ୍ବା ଅନ୍ୟ ସ୍ଥାନରେ ଉକ୍ତ ଗର୍ତ୍ତ କରାଯିବ ।
(xviii) ଉକ୍ତ ଅନୁମୋଦନ ତାରିଖଠାରୁ 2 ବର୍ଷ ପର୍ଯ୍ୟନ୍ତ ଏହି ଅନୁମୋଦନ ବୈଧ ରହିବ ଏବଂ ରାଜ୍ୟ ସରକାରଙ୍କଠାରୁ ଔଚିତ୍ୟ ସମ୍ପର୍କରେ ରିପୋର୍ଟ ମିଳିଲେ ଅନୁମୋଦନ ସମୟ ଅଧିକ ଏକ ବର୍ଷ ବୃଦ୍ଧି କରାଯାଇପାରେ ।
(xix) ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ସର୍ତ୍ତାବଳୀ ଉଲ୍ଲଙ୍ଘନ କଲେ ଅନ୍ୱେଷଣ କାର୍ଯ୍ୟ ନିମନ୍ତେ ଦିଆଯାଇଥିବା ଅନୁମୋଦନ ସମ୍ପୃକ୍ତ ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ନିଲମ୍ବନ କରାଯିବ । ରାଜ୍ୟ ସରକାରଙ୍କ ନୋଡାଲ ଅଫିସର (FCA) ଏହି ଘଟଣାର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟକୁ ଦେବେ ।
(xx) ଅନ୍ୱେଷଣ କାର୍ଯ୍ୟରେ ସଂଗୃହୀତ ନମୁନା କେବଳ ଅନୁସନ୍ଧାନ ନିମନ୍ତେ ବ୍ୟବହାର କରାଯିବ ଏବଂ କୌଣସି ପ୍ରକାର କିଣାବିକା ବା ବାଣିଜ୍ୟ ନିମନ୍ତେ ବ୍ୟବହାର କରାଯିବ ନାହିଁ ।
(xxi) ବନ୍ୟଜୀବ ରହିବାରେ କୌଣସି ବିଘ୍ନ ନଘଟିବା ପାଇଁ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଅନ୍ୱେଷଣ କାର୍ଯ୍ୟରେ କମ୍ ଶବ୍ଦ ସୃଷ୍ଟି ହେବା ପାଇଁ ସମସ୍ତ ପଦକ୍ଷେପ ନେବେ ଏବଂ ରାତି ସମୟରେ ଓ ସମ୍ପୃକ୍ତ ରାଜ୍ୟ ଜଙ୍ଗଲ ବିଭାଗ, ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ନିର୍ଦ୍ଦେଶ ଦେଇଥିବା ଦିନବେଳେ ଅନ୍ୱେଷଣ କାର୍ଯ୍ୟ ବନ୍ଦ ରହିବ ।
(xxii) ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଙ୍କର ପତ୍ର ସଂଖ୍ୟା F.No.11-96/2009-FC ତା.04/07/2014 ରିଖ ଗର୍ତ୍ତ ଖନନ ସମ୍ବନ୍ଧୀୟ ପଥପ୍ରଦର୍ଶକ ନିର୍ଦ୍ଦେଶକୁ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଓ ରାଜ୍ୟ ସରକାର ପାଳନ କରିବେ ।
(xxiii) ଏ ସମସ୍ତ ସର୍ତ୍ତାବଳୀରୁ ଯେ କୌଣସି ସର୍ତ୍ତର ଉଲଙ୍ଘନ ବନ ସଂରକ୍ଷଣ ଆଇନ 1980 ର ଉଲଙ୍ଘନରୂପେ ପରିଗଣିତ ହେବ ଓ ଏହି ମନ୍ତ୍ରଣାଳୟର ତା 28.03.2019 ରିଖ ପତ୍ର ସଂଖ୍ୟା 5-2/2017-FC ଦ୍ୱାରା ପ୍ରଚଳନ କରାଯାଇଥିବା ବନ ସଂରକ୍ଷଣ ଆଇନର ବିସ୍ତୃତ ନିର୍ଦ୍ଦେଶାବଳୀ ସହାୟକ ପୁସ୍ତିକାର [Hand Book of Comprehensive Guidelines of Forest (Conservation) Act] ଅଧ୍ୟାୟ 1 ଅନୁଚ୍ଛେଦ 1.21 (iii) ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
(xxiv) ଜଙ୍ଗଲ ଓ ବନ୍ୟଜୀବଙ୍କ ସଂରକ୍ଷଣ, ସୁରକ୍ଷା ଓ ଉନ୍ନୟନ ନିମିତ୍ତ ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ବିଭିନ୍ନ ସମୟରେ ନିର୍ଦ୍ଧାରିତ ସମସ୍ତ ସର୍ତ୍ତାବଳୀ ରାଜ୍ୟ ସରକାର ଓ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ପାଳନ କରିବେ ।
(xxv) ରାଜ୍ୟ ସରକାର ଓ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଏହି ପ୍ରକଳ୍ପ ପାଇଁ ଲାଗୁ ହେଉଥିବା ସମସ୍ତ ଆଇନ, ନିୟମାବଳୀ, ନିର୍ଦ୍ଦେଶାବଳୀ, ଅଦାଲତ ଓ ଜାତୀୟ ସବୁଜ ପ୍ରାଧିକରଣଙ୍କ ଏହି ପ୍ରକଳ୍ପ ସମ୍ବନ୍ଧୀୟ ସମସ୍ତ ଆଦେଶ ପାଳନ କରିବେ ।

3. ଉପରୋକ୍ତ ଅନୁମୋଦନର ଅନୁଚ୍ଛେଦ 2 ସର୍ତ୍ତାବଳୀ ପାଳନ ସମ୍ବନ୍ଧରେ 6 ମାସିକ ଅନୁପାଳନ ପତ୍ର, ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ପ୍ରତି 6 ମାସ ରେ ମନ୍ତ୍ରଣାଳୟର ଆଞ୍ଚଳିକ କାର୍ଯ୍ୟାଳୟକୁ ପଠାଇବେ ।

ଆପଣଙ୍କ ବିଶ୍ୱସ୍ତ
(ଏ କେ ଜେନା)
ବୈଷୟିକ କର୍ମଚାରୀ (ବନବିଜ୍ଞାନ)

ଏହାର ଏକ କିତା ନକଲ ନିମ୍ନଲିଖିତ ଅଧିକାରୀ/ସଂସ୍ଥାଙ୍କୁ ପ୍ରେରଣ କରାଗଲା :-
1. ଉପ ମହା ନିର୍ଦ୍ଦେଶକ, ବନବିଭାଗ, ROHQ, ବନବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଇନ୍ଦିରା ପର୍ଯ୍ୟାବରଣ ଭବନ, ଅଗ୍ନି ବ୍ଲକ, ଆଲିଗଞ୍ଜ, ଜୋରବାଗ ରୋଡ, ନୂଆ ଦିଲ୍ଲୀ 110003
2. ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ନୋଡାଲ ଅଫିସର (FCA), ବନ ବିଭାଗ, ଓଡିଶା ସରକାର, ଅରଣ୍ୟ ଭବନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର 751023.
3. ଖଣି ନିର୍ଦ୍ଦେଶକ, ଇସ୍ପାତ ଓ ଖଣି ବିଭାଗ, ଓଡିଶା ସରକାର, ଭୁବନେଶ୍ୱର, ଓଡିଶା ।
4. ବନଖଣ୍ଡ ଅଧିକାରୀ, ରାୟଗଡା ବନଖଣ୍ଡ, ରାୟଗଡା, ଓଡିଶା ।
5. ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ଖଣି ନିଗମ, ଓ.ଏମ୍.ସି. ହାଉସ, ଭୁବନେଶ୍ୱର, 751001, ଓଡ଼ିଶା ।
6. Guard File

# କୋହଲିଙ୍କ ଶତକ, ଦୃଢ଼ ସ୍ଥିତିରେ ଭାରତ

### ବିରାଟଙ୍କ କୃତିତ୍ୱ
- ଅଧିନାୟକଭାବେ ୨୦ତମ ଟେଷ୍ଟ ଶତକ
- ଖେଳାଳିଭାବେ କ୍ୟାରିୟରର ୨୭ତମ ଶତକ
- ଅନ୍ତର୍ଜାତୀୟ କ୍ରିକେଟରେ ୭୦ତମ ଶତକ
- ଅଧିନାୟକଭାବେ ସର୍ବାଧିକ ୪୧ ଅନ୍ତର୍ଜାତୀୟ ଶତକ
- ପ୍ରଥମ ଭାରତୀୟଭାବେ ଦିବାରାତ୍ର ଟେଷ୍ଟରେ ଶତକ

### ଭାରତ ପାଇଁ ପ୍ରଥମ ଶତକ

| | |
|---|---|
| ଟେଷ୍ଟ | ଲାଲା ଅମରନାଥ(୧୯୩୩-୩୪) |
| ଦିବାରାତ୍ର ଟେଷ୍ଟ | ବିରାଟ କୋହଲି(୨୦୧୯-୨୦) |
| ଦିନିକିଆ | କପିଳ ଦେବ(୧୯୮୩) |
| ଦିବାରାତ୍ର ଦିନିକିଆ | ସଞ୍ଜୟ ମଞ୍ଜରେକର(୧୯୯୧) |
| ଟି୨୦ | ସୁରେଶ ରାଇନା(୨୦୧୦) |
| ଦିବାରାତ୍ର ଟି୨୦ | ରୋହିତ ଶର୍ମା(୨୦୧୫) |



କୋଲ୍‌କାତା, ୨୩।୧୧

ପିଙ୍କ୍ ବଲ୍ ଦିବାରାତ୍ର କ୍ରିକେଟ ଟେଷ୍ଟରେ ଭାରତ ପକ୍ଷରୁ ପ୍ରଥମ ଶତକ ହାସଲ କରିଛନ୍ତି ଅଧିନାୟକ ବିରାଟ କୋହଲି। ସ୍ଥାନୀୟ ଇଡେନ୍ ଗାର୍ଡେନ୍ସରେ ଚାଲିଥିବା ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ବିରାଟଙ୍କ ଶତକ ସହାୟତାରେ ଭାରତ ଦୃଢ଼ ସ୍ଥିତିରେ ରହିଛି। ଚା' ବିରତି ପୂର୍ବରୁ ଏହାର ପ୍ରଥମ ଇନିଂସ୍‌କୁ ୩୪୭/୯ରେ ଘୋଷଣା କରି ୨୪୧ ରନ୍‌ରେ ଅଗ୍ରଣୀ ଲାଭ କରିଛି ଟିମ୍ ଇଣ୍ଡିଆ। ବାଂଲାଦେଶ ପ୍ରଥମ ଇନିଂସ୍ ୧୦୬ ରନ୍‌ରେ ସୀମିତ ରହିଥିଲା। ଖବର ମିଳିବା ବେଳକୁ ବାଂଲାଦେଶ ଦ୍ୱିତୀୟ ଇନିଂସରେ ୬ରନ୍‌ରେ ୨ଟି ଉଇକେଟ୍ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି।

ଶୁକ୍ରବାର ପ୍ରଥମ ଦିବସ ଶେଷସୁଦ୍ଧା ଭାରତ ୩ ଉଇକେଟ ହରାଇ ୧୭୪ ରନ୍ କରିଥିଲା। କୋହଲି ୫୯ ଓ ଅଜିଙ୍କ୍ୟ ରାହାନେ ୨୩ ରନ୍‌ରେ ଅପରାଜିତ ଥିଲେ। ଦ୍ୱିତୀୟ ଦିବସରେ ଏହି ଦୁଇ ବ୍ୟାଟ୍ସମ୍ୟାନ ଭଲ ଆରମ୍ଭ କରିଥିଲେ। ରାହାନେ କ୍ୟାରିୟରର ୨୨ତମ ଅର୍ଦ୍ଧଶତକ ହାସଲ କରିଥିବାବେଳେ କୋହଲି ଶତକ ଆଡ଼କୁ ମୁହାଁଇଥିଲେ। ୬୫ ବଲ୍‌ରୁ ୫୦ ରନ୍ ପୂରଣ କରିଥିବା ରାହାନେ ବ୍ୟତିଗତ ୫୧(୭ ଚୌକା) ରନ୍ କରିଥିବାବେଳେ ତାଇଜୁଲ ଇସ୍‌ଲାମଙ୍କ ବଲ୍‌ରେ ଏବାଦତ ହୋସେନଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ବିରାଟ କିନ୍ତୁ ଥିଲେ ଦୃଢ଼ନିଶ୍ଚିତ। ଆତ୍ମବିଶ୍ୱାସର ସହ ବ୍ୟାଟିଂ ଜାରି ରଖି ସେ ପ୍ରଥମ ସେସନରେ ହିଁ ଶତକ (୧୫୯ ବଲ୍‌ରୁ ୧୦୦ ରନ୍, ୧୨ ଚୌକା) ପୂରଣ କରିଥିଲେ। ଲଞ୍ଚ୍ ବ୍ରେକ୍ ବେଳକୁ ଭାରତ ୪ ଉଇକେଟ ହରାଇ ୨୮୯ ରନ୍ କରିଥିଲା। ଲଞ୍ଚ୍ ବ୍ରେକ୍ ପରେ ଜାଡେଜା ଆଉ କୌଣସି ରନ୍ ଯୋଗ କରିବା ପୂର୍ବରୁ ଆଉଟ ହୋଇଥିଲେ। ସେ ୧୨ ରନ୍ କରିବାକୁ ସକ୍ଷମ ହୋଇଥିଲେ। ଶତକ ହାସଲ ପରେ କେତେକ ଦର୍ଶନୀୟ ଶଟ୍ ଖେଳିଥିବା ବିରାଟ ବ୍ୟକ୍ତିଗତ ୧୩୬(୧୯୪ ବଲ, ୧୮ ଚୌକା) ରନ୍ କରିଥିବାବେଳେ ଆଉଟ ହୋଇଥିଲେ। ଏବାଦତ୍ ହୋସେନଙ୍କ ବଲ୍‌ରେ କୋହଲିଙ୍କ ଚିତ୍ତାକର୍ଷକ କ୍ୟାଚ୍ ନେଇଥିଲେ ବଦଳ ଖେଳାଳି ତାଇଜୁଲ ଇସ୍‌ଲାମ। ଅଧିନାୟକ ଭାବେ ଏହା ଥିଲା କୋହଲିଙ୍କର ୨୦ତମ ଓ ମୋଟ ୨୭ତମ ଶତକ। ଅନ୍ତର୍ଜାତୀୟ କ୍ରିକେଟରେ ଏହା ଥିଲା ତାଙ୍କର ୭୦ତମ ଶତକ। କୋହଲିଙ୍କ ବିଦାୟ ପରେ ଅଭିଜ୍ଞ ରବିଚନ୍ଦ୍ରନ ଅଶ୍ୱିନ, ଉମେଶ ଯାଦବ ଓ ଇଶାନ୍ତ ଶର୍ମା ଶୀଘ୍ର ଆଉଟ ହୋଇଥିଲେ। ଅଶ୍ୱିନ ୯ ରନ୍ କରିଥିବାବେଳେ ଉମେଶ ଓ ଇଶାନ୍ତ ଖାତା ଖୋଲିପାରି ନ ଥିଲେ। ବାଂଲାଦେଶ ପକ୍ଷରୁ ଏବାଦତ୍ ହୋସେନ ଓ ଅଲ୍-ଅମିନ ହୋସେନ ୩ଟି ଲେଖାଏ, ଆବୁ ଜାୟେଦ ୨ଟି ଓ ତାଇଜୁଲ ଇସ୍‌ଲାମ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ: ୧୦୬।
ଭାରତ ପ୍ରଥମ ଇନିଂସ: ୩୪୭/୯/ଘୋଷଣା (କୋହଲି-୧୩୬, ଚେତେଶ୍ୱର ପୂଜାରା-୫୫, ରାହାନେ-୫୧, ଏବାଦତ୍-୩/୯୧, ଅଲ୍ ଅମିନ-୩/୮୫, ଆବୁ ଜାୟେଦ-୨/୭୭, ତାଇଜୁଲ ଇସ୍‌ଲାମ-୧/୮୦)।

## ମିର୍ଜାଙ୍କୁ ଐତିହାସିକ ଅଲିମ୍ପିକ ଯୋଗ୍ୟତା

ନୂଆଦିଲ୍ଲୀ, ୨୩।୧୧: ଅଶ୍ୱ ଚାଳନାରେ ଦୁଇଥର ଏସୀୟ ପଦକ ବିଜେତା ଫୱାଦ ମିର୍ଜା ୨୦୨୦ ଟୋକିଓ ଅଲିମ୍ପିକକୁ ଯୋଗ୍ୟତା ହାସଲ କରିଛନ୍ତି। ଏଥିସହ ଦୀର୍ଘ ୨୦ ବର୍ଷ ଅପେକ୍ଷାର ଅନ୍ତପରେ ଭାରତୀୟ ଅଶ୍ୱାରୋହୀ ଭାବେ ୨୭ ବର୍ଷୀୟ ମିର୍ଜା କ୍ରୀଡ଼ାର ସର୍ବୋଚ୍ଚ ପ୍ରତିଯୋଗିତାକୁ ଟିକେଟ୍ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଚଳିତ ମାସ ପ୍ରାରମ୍ଭରେ ୟୁରୋପୀୟ ଷ୍ଟେଜ୍ ସମାପ୍ତ ହେବାପରେ ଫୱାଦ ସାଉଥ୍ ଇଷ୍ଟ ଏସିଆ ଓ ଓସନିଆ ଗ୍ରୁପ୍-ଜି'ର ବ୍ୟକ୍ତିଗତ ଇଭେଣ୍ଟରେ ଶୀର୍ଷ ସ୍ଥାନରେ ରହିଥିଲେ। ଅର୍ଜୁନ ପୁରସ୍କାର ବିଜେତା ମିର୍ଜା ୬ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟରୁ ମୋଟ୍ ୬୪ ପଏଣ୍ଟ ହାସଲ କରିଛନ୍ତି। ତେବେ ଅନ୍ତର୍ଜାତୀୟ ଅଶ୍ୱଚାଳନା ଫେଡେରେଶନ ପକ୍ଷରୁ ଏନେଇ ବିଧିବଦ୍ଧ ଭାବେ ଫେବୃୟାରୀ ୨୦ରେ ଘୋଷଣା ହେବ। ପୂର୍ବରୁ କେବଳ ୨ଜଣ ଭାରତୀୟ ଅଶ୍ୱାରୋହୀ ଅଲିମ୍ପିକକୁ ଯୋଗ୍ୟତା ହାସଲ କରିଥିଲେ। ୧୯୯୬ରେ ସ୍ୱର୍ଗତ ୱିଙ୍ଗ୍ କମାଣ୍ଡର ଆଇଜେ ଲାମ୍ବା ଓ ୨୦୦୦ରେ ଇମତିଆଜ ଆନିସ ଯଥାକ୍ରମେ ଆଟଲାଣ୍ଟ ଓ ସିଡ୍‌ନୀ ଅଲିମ୍ପିକରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।

## ଅଷ୍ଟ୍ରେଲିଆର ପଲା ଭାରି

ବ୍ରିସ୍‌ବେନ, ୨୩।୧୧(ଏଏଫ୍‌ପି)

ଅଭିଜ୍ଞ ଓପନର ଡେଭିଡ ୱାର୍ନର ଓ ଯୁବ ବ୍ୟାଟ୍ସମ୍ୟାନ ମାର୍ନସ ଲାବୁସ୍କାନଙ୍କ ବୃହତ ଶତକ ସହାୟତାରେ ଅଷ୍ଟ୍ରେଲିଆ ଭ୍ରମଣକାରୀ ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ସ୍ଥିତି ଦୃଢ଼ କରିଛି। ସ୍ଥାନୀୟ ଗାବା ଷ୍ଟାଡିୟମରେ ଚାଲିଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପାକିସ୍ତାନ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ଇନିଂସରେ ପାକିସ୍ତାନ ୮୬.୨ ଓଭରରେ ୨୪୦ ରନ କରି ଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ୧୫୭.୪ ଓଭରରେ ୫୮୦ ରନ କରି ଅଲଆଉଟ ହୋଇଥିଲା। ଫଳରେ ଅଷ୍ଟ୍ରେଲିଆ ୩୪୦ ରନର ବୃହତ୍ ଅଗ୍ରଣୀ ହାସଲ କରିଥିଲା।

ଦ୍ୱିତୀୟ ଇନିଂସ ଆରମ୍ଭ କରି ପାକିସ୍ତାନ ଶନିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୭ ଓଭରରେ ୩ ଉଇକେଟ ହରାଇ ୬୪ ରନ ସଂଗ୍ରହ କରିଛି। ଫଳରେ ୭ ଉଇକେଟ ହାତରେ ରଖି ପାକିସ୍ତାନ ଏବେ ୨୭୬ ରନ ପଛରେ ପଡି ଇନିଂସ ପରାଜୟ ଏଡାଇବା ପାଇଁ ସଂଘର୍ଷ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ଶାନ ମାସୁଦ ୨୭ ଓ ବାବର ୨୦ ରନ କରି ଅପରାଜିତ ରହିଛନ୍ତି। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ଷ୍ଟାର୍କ ୨ ଓ କୁମିନ୍ସ ଗୋଟିଏ ଉଇକେଟ ହାସଲ କରିଛନ୍ତି।

## ୱାଟଲିଂଙ୍କ ଶତକ: ନ୍ୟୁଜିଲାଣ୍ଡ ଅଗ୍ରଣୀ

ମାଉଣ୍ଟ ମାଉନଗାନୁଇ, ୨୩।୧୧(ଏଏଫପି)

ସ୍ଥାନୀୟ ବେ ଓଭାଲ ଗ୍ରାଉଣ୍ଡରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ଅଗ୍ରାଣୀ ହାସଲ କରିଛି। ଉଇକେଟକିପର ବ୍ୟାଟ୍ସମ୍ୟାନ ବିଜେ ୱାଟଲିଂଙ୍କ ଅପରାଜିତ ଶତକ ଓ ଟେଲ ଏଣ୍ଡରଙ୍କ ଦମ୍‌ଦାର ବ୍ୟାଟିଂ ସହାୟତାରେ ନ୍ୟୁଜିଲାଣ୍ଡ ଇଂଲଣ୍ଡକୁ ନିରାଶ କରିଛି। ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୧୨୪ ଓଭରରେ ୩୫୩ ରନ କରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ଆରମ୍ଭ କରି ଶନିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୪୧ ଓଭରରେ ୬ ଉଇକେଟ ହରାଇ ୩୯୪ ରନ ସଂଗ୍ରହ କରିଛି। ଫଳରେ ନ୍ୟୁଜିଲାଣ୍ଡ ୪ ଉଇକେଟ ହାତରେ ରଖି ୪୧ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ୱାଟଲିଂ ୧୧୯ ରନର ଶତକୀୟ ପାଳି ଖେଳି ଓ ମିଚେଲ ସାଣ୍ଟନର ୩୧ ରନ କରି ଅପରାଜିତ ରହିଛନ୍ତି।

**ବାରବାଟୀ ଦିନିକିଆ**

## ସ୍ଥିତି ଅନୁଧ୍ୟାନ କଲେ ଡିସିପି

କଟକ ଅଫିସ, ୨୩।୧୧

ଡିସେମ୍ବର ୨୨ରେ ହେବାକୁଥିବା ଭାରତ-ୱେଷ୍ଟଇଣ୍ଡିଜ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ନିମନ୍ତେ କଟକ ଡିସିପି ଅଖିଳେଶ୍ୱର ସିଂ ଶନିବାର ବାରବାଟୀ ଷ୍ଟାଡିୟମର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଷ୍ଟାଡିୟମରେ ପୋଲିସ ବ୍ୟବସ୍ଥା କିପରି ରହିବ ସେନେଇ ଡିସିପି ବିଭିନ୍ନ ବରିଷ୍ଠ ପୋଲିସ ଅଧିକାରୀ ଓ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପଦାଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟପକ୍ଷରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ରୁ ଓସିଏକୁ ପାଣ୍ଠି ଆସିଥିବା ଜଣାପଡ଼ିଛି। ଏହାର ଉପଯୋଗ କରାଯାଇ ଫନୀ ଝଡ଼ରେ ହୋଇଥିବା କ୍ଷୟକ୍ଷତିର ମରାମତି ୧୫ଦିନ ଭିତରେ ଶେଷ କରାଯିବ ବୋଲି ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି।

ଡିସିପି ସିଂ ମ୍ୟାଚ୍ ସମୟରେ ଦର୍ଶକଙ୍କ ପାଇଁ ହେବାକୁ ଥିବା ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ବିଶେଷ ଦୃଷ୍ଟି ଦେଇଥିଲେ। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ଉପରେ ଗୁରୁତ୍ୱ ଦେଇଥିଲେ। ଖେଳାଳିମାନେ ଗେଟ୍ ନଂ-୧୪ ଦେଇ ଷ୍ଟାଡିୟମକୁ ଆସିବେ। ଭୁବନେଶ୍ୱର ପୋଲିସ ଖେଳାଳିଙ୍କୁ ସୁରକ୍ଷିତ ନେବାଆଣିବା ଦାୟିତ୍ୱରେ ରହିବ। କଟକର ଟ୍ରାଫିକ୍ ବ୍ୟବସ୍ଥା କଡାକଡ଼ି କରାଯିବ ବୋଲି ଡିସିପି କହିଥିଲେ। ଷ୍ଟାଡିୟମ ବାହାରେ ବାରିକେଡ୍ ବ୍ୟବସ୍ଥା ନେଇ ମଧ୍ୟ ଆଲୋଚନା ହୋଇଥିଲା। ଏହାଛଡ଼ା ନକଲି ଟିକେଟ ବିକ୍ରି ପ୍ରତି ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ଡିସିପି କହିଛନ୍ତି। ଅନ୍ୟପକ୍ଷରେ ପ୍ରସ୍ତୁତି ଆରମ୍ଭ ହୋଇସାରିଛି ବୋଲି ଓସିଏ ସମ୍ପାଦକ ସଞ୍ଜୟ କହିଥିଲେ। ଭାଙ୍ଗିଥିବା କର୍ପୋରେଟ୍ ବକ୍ସ, ପ୍ରେସ୍ ଗ୍ୟାଲେରି, ସ୍ପେଶାଲ ଏନ୍‌କ୍ଲୋଜର ପ୍ରଭୃତି ସ୍ଥାନ ଆଉ ୧୫ଦିନ ଭିତରେ ମରାମତି ହୋଇଯିବ ବୋଲି ସେ ପ୍ରକାଶ କରିଛନ୍ତି।



ଓସିଏ କର୍ମକର୍ତ୍ତାଙ୍କ ସହ ବାରବାଟୀ ଷ୍ଟାଡିୟମ ସ୍ଥିତି ଅନୁଧ୍ୟାନ କରୁଛନ୍ତି କଟକ ଡିସିପି ଅଖିଳେଶ୍ୱର ସିଂ।

**୭ନଂ ଗ୍ୟାଲେରିର ରିପୋର୍ଟକୁ ଅପେକ୍ଷା**

ଗ୍ୟାଲେରି ନଂ-୭ର ସିଟ୍ ସଂଖ୍ୟା ୫୨୮୨। ଏହି ଗ୍ୟାଲେରିକୁ ହାତଛଡ଼ା କରିବାକୁ ଚାହୁଁନି ଓସିଏ। ଫନୀରେ ଏହା ଭାଙ୍ଗିଥିବାରୁ ଏହାର ଟିକେଟ ବିକ୍ରି ହେବା ନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ। ଏହାର ସ୍ଥିତି କିଭଳି ଅଛି ସେହି ରିପୋର୍ଟକୁ ଅପେକ୍ଷା କରାଯାଇଛି। ଦୁଇଟି ସରକାରୀ ଏଜେନ୍ସି ଗ୍ୟାଲେରି ନଂ-୭ର ଅନୁଧ୍ୟାନ କରି ଫେରିଛନ୍ତି। ସୋମବାର ଦୁଇଟି ଯାକ ଏଜେନ୍ସି ରିପୋର୍ଟ ଦେବା ପରେ ନିଷ୍ପତ୍ତି ନିଆଯିବ ବୋଲି ସମ୍ପାଦକ ସଞ୍ଜୟ କହିଥିଲେ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


Hero
ଭାରତର ବିଶ୍ୱାସ
ବିଶ୍ୱରେ ବିଶ୍ୱସନୀୟ
DESTINI 125
ଲୟାଲ୍ଟି ଏକ୍ସଚେଞ୍ଜ ସୁବିଧା ₹2000**
ନଗଦ ସୁବିଧା ₹1500*
କମ ସୁଧର ହାର 6.99%#
କମ ଡାଉନପେମେଣ୍ଟ ₹3999#
DESTINI 125
9 CRORE+ HEROES
World leading brands from the House of Hero
Splendor+ Super Splendor iSmart+ Passion Pro Glamour HF Deluxe Xtreme 200R Maestro Edge Pleasure Destini 125
HeroFinCorp.
HeroMotoCorpIndia @HeroMotoCorp HeroMotoCorpLimited
TheHeroMotoCorp heromotocorp.com
India's First 5 Year Warranty *Conditions apply
Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. **Loyalty or exchange benefit of upto Rs. 2000 is applicable on selected models only.*Cash benefit of upto Rs. 1500 is applicable on selected models only. Cash benefit and loyalty/ Exchange schemes can't be clubbed. #Finance scheme is at the sole discretion of the Financier subject to its respective T&Cs. For more details, please contact your nearest Authorized Hero Outlet.^As per cumulative dispatch numbers till 15th September 2019. T&C applied.
For Institutional and Bulk Sales please write to bhubaneshwar@heromotocorp.com
ଅଥରାଇଜ୍ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799766329. ବାଲେଶ୍ୱର: ନୀଲମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ତଶୀଖୋଲ: ଏସ୍.କେ. ହୀରୋ - 7799766362. କଟକ: ହେମଗିରି ହୀରୋ - 7799766366. ସତୀ ହୀରୋ - 7799766401. ଏସେନ୍ ହୀରୋ - 7799766425. ଜଗତସିଂହପୁର: ତ୍ରିଶୂଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. ଜଳେଶ୍ୱର: ସାଇ ହୀରୋ - 7799766407. ଜଟଣୀ: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ପୁରୀ: ସଞ୍ଜୀବ ହୀରୋ - 8448389695.
ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ - 9238551897. ବାଲୁଗାଁ: ମହାମୟୀ ମୋଟର୍ସ - 8327793865. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 9853471301. ଖୋର୍ଦ୍ଧା: ବିନେଶ ଟ୍ରେଡିଂ କମ୍ପାନୀ - 9861242100. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ - 9437185858. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 9438139116. ପିପିଲି: ଶ୍ରୀରାମ ମୋଟର୍ସ - 9437110789. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 9437055552. ରାହାମା: ଶରକା ଅଟୋମୋବାଇଲ୍ସ - 9937018532. ରାଇରଙ୍ଗପୁର: ନା ସାକନରୀ ମୋଟର୍ସ - 7978560171. ସୋରୋ: ଦୁଲକିଲ ମୋଟର୍ସ - 9861594852. ଉଦଳା: ମହାବୀର ମୋଟର୍ସ - 9853290346.


MARUTI SUZUKI ARENA
REMEMBER November Offer
ନଭେମ୍ବରରେ କିଣିବାର
ସବୁଠାରୁ ସୁବର୍ଣ୍ଣ ସୁଯୋଗ ।
ନିଜର ନୂତନ ମାରୁତି ସୁଜୁକୀ କାର ଉପରେ ସବୁଠାରୁ
ଆକର୍ଷଣୀୟ ଅଫର୍ସର ଲାଭ ଉଠାନ୍ତୁ ।
BIGGER SAVINGS
ALTO ₹53,000* ALTO K10 ₹48,000* SWIFT ₹55,000* VITARA BREZZA ₹68,000*
DZIRE ₹60,000* CELERIO ₹50,000* EECO ₹40,000*
GOLD COIN OFFER
ADDITIONAL GOLD COIN UP TO 2 GRAM^
ALTO ALTO K10 SWIFT VITARA BREZZA DZIRE CELERIO EECO
E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Karthik.M@maruti.co.in
JYOTE MOTORS
BHUBANESWAR: LEWIS ROAD: CALL: 9776615020, 9776615035, 9776615032
NAYAPALLI: CALL: 7381355999, 7381366999
KEONJHAR: CALL: 8599019854, 7064493469
BARIPADA: CALL: 9437102597. BHADRAK: CALL: 7381064240
NAYAGARH: CALL: 7381028515. BALASORE: CALL: 7064499108
SKY AUTOMOBILES
BHUBANESWAR: CALL: 9776645711. CUTTACK: CALL: 9776677771, 7381873818.
DHENKANAL: CALL: 9776900005. JAJPUR: CALL: 9776900777.
NARAYANI MOTORS
BHUBANESHWAR: CALL: 7381094890/ 0674-2588474, 0674-2588475, 0674-2588473.
PURI: CALL: 9583022035. PARADEEP: CALL: 9583022034/ 06722-228044.
ODYSSEY MOTORS
ANGUL: CALL: 7752076136, 9776901481.
PALLAHARA: CALL: 7873565435, 9437831123.
*Offer includes consumer, corporate and exchange offer (Wherever Applicable). Terms and Conditions apply. The terms and conditions are subject to change without any prior notice. All offers are brought to you by Maruti Suzuki dealers only. Offers may vary from city to city and variant to variant for all models. Parts and accessories shown may not be a part of standard equipment.
^Additional gold coin offer up to 2 gram is valid on selected models and variants. Get 2 gm Gold Coin on purchase of New ALto and 1gm Gold Coin on purchase of Swift (Petrol) variant. ^Offer valid from 18th to 30th November. Colors shown may vary from actual body color due to printing on paper. Images used are for illustration purposes only. Offers valid till 30th November 2019.

୪୬
ଧରିତ୍ରୀ
DHARITRI
ରବିବାର, ନଭେମ୍ବର ୨୪/୨୦୧୯ | Sunday, November 24/2019 | ପୃଷ୍ଠା-୧

**ବିଧାନସଭା ଶୀତ ଅଧିବେଶନ**

# ବିରୋଧୀଙ୍କ ରହୁନି ତାଳମେଳ

ଅନୀଲ ଦାସ
ଭୁବନେଶ୍ୱର,୨୪।୧୧

ଚଳିତ ମାସ ୧୩ ତାରିଖରୁ ଆରମ୍ଭ ହୋଇଛି ଷୋଡ଼ଶ ବିଧାନସଭାର ଶୀତ ଅଧିବେଶନ। ଦୀର୍ଘ ଏକ ମାସ ଧରି ଚାଲିବାକୁ ଥିବା ଏହି ଅଧିବେଶନ ଆରମ୍ଭରୁ ହୋଇଛି ବେଶ୍ ସରଗରମ। ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ(ପିଇଓ)ସ୍ମିତାରାଣୀ ବିଶ୍ୱାଳଙ୍କ ରହସ୍ୟଜନକ ମୃତ୍ୟୁ ଏବଂ ଧାନ ବିକ୍ରି ପାଇଁ ସରକାର ଆରମ୍ଭ କରିଥିବା ଟୋକନ ବ୍ୟବସ୍ଥାକୁ ନେଇ ବିଧାନସଭା ହୁଲୁସ୍ଥୁଲ ହୋଇଛି। ପ୍ରସଙ୍ଗ ଗୋଟିଏ ଥିଲେ ମଧ୍ୟ ବିରୋଧୀ ଦୁଇଫାଳ ହୋଇଯାଇଛନ୍ତି। ଭାଜପା ଓ କଂଗ୍ରେସ ପୃଥକ୍ ପୃଥକ୍ ଢଙ୍ଗରେ ସରକାରଙ୍କୁ ଅଡୁଆରେ ପକାଇଛନ୍ତି। ଏମିତିକି ସ୍ମିତାରାଣୀ ପ୍ରସଙ୍ଗକୁ ନେଇ ସରକାର ମୁଲତବୀ ଆକାରରେ ଆଲୋଚନା କରିବାକୁ ବାଧ୍ୟ ହୋଇଛନ୍ତି। ଖାଲି ସେତିକି ନୁହେଁ, ବିଧାନସଭାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ବିବୃତି ଦେବାକୁ ବାଧ୍ୟ ହୋଇଛନ୍ତି। ହେଲେ ସ୍ମିତାରାଣୀଙ୍କ ମୃତ୍ୟୁକୁ ଆତ୍ମହତ୍ୟା ଦର୍ଶାଇ ବିରୋଧୀଙ୍କ ଦାବିକୁ ସରକାର ବାଏଁ ବାଏଁ ଉଡ଼ାଇ ଦେଇଛନ୍ତି। ଅପରପକ୍ଷରେ ମନ୍ତ୍ରୀ ଓ ଶାସକ ଦଳର ଅଧିକାଂଶ ସଦସ୍ୟଙ୍କ ଅନୁପସ୍ଥିତିକୁ ନେଇ ମଧ୍ୟ ବିରୋଧୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ସରକାର। କେବଳ ବିରୋଧୀ ନୁହଁନ୍ତି ବାଚସ୍ପତି ମଧ୍ୟ ଏନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରି କି ଗୃହରେ ଉପସ୍ଥିତ ରହିବାକୁ ମଧ୍ୟ କଡ଼ା ତାଗିଦ କରିଛନ୍ତି। ମୁଖ୍ୟ ବିରୋଧୀ ଦଳ ଭାଜପା ନିଜ ଢଙ୍ଗରେ ବିଭିନ୍ନ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରୁଥିବାବେଳେ କଂଗ୍ରେସ ଭିନ୍ନ ରଣ କୌଶଳକୁ ଆପଣାଇଥିଲା। କେତେବେଳେ ସ୍ମିତାରାଣୀ ପ୍ରସଙ୍ଗ ତ ଆଉ କେତେବେଳେ ଧାନ ବିକ୍ରିକୁ ନେଇ ବିରୋଧୀଙ୍କ ଟାର୍ଗେଟ ପାଲଟିଛନ୍ତି ସରକାର।

ସ୍ମିତାରାଣୀ ଓ ନାରୀ ନିର୍ଯାତନା ପ୍ରସଙ୍ଗକୁ ନେଇ ପ୍ରଥମ ଦିବସରେ ବିରୋଧୀ ଦଳ ବିଧାନସଭାରେ ହଙ୍ଗାମା କରିଥିଲେ। ଦୁଇଦିନ ଗୃହ ଅଚଳ କରିବା ପରେ କଂଗ୍ରେସ ଚୁପ୍‌ହୋଇ ଗୃହ କାର୍ଯ୍ୟରେ ସହଯୋଗ କରିଥିଲା। କିନ୍ତୁ ଭାଜପା ସ୍ମିତାରାଣୀଙ୍କ ରହସ୍ୟଜନକ ମୃତ୍ୟୁକୁ ନେଇ ଗୃହରେ ମୋଶନ ଆଣିବାକୁ ଅଡ଼ି ବସିଥିଲା। ସିବିଆଇ ତଦନ୍ତ ଦାବିରେ ପ୍ରତିବାଦକୁ ଆହୁରି ଶାଣିତ କରିଥିଲା।

- ସ୍ମିତାରାଣୀ, ଚାଷୀ, ଟୋକନ ବଢ଼ାଇଛି ଅଡୁଆ
- ପ୍ରସଙ୍ଗକୁ ନେଇ ବିରୋଧୀ ଦୁଇଫାଳ



ଦୁଇଦିନ ହଙ୍ଗାମା ପରେ ଭାଜପା ସଦସ୍ୟମାନେ ମୁହଁରେ କଳାପଟି ବାନ୍ଧି ଗୃହରେ ନୀରବ ପ୍ରତିବାଦ କରିଥିଲେ। ଏପରିକି ଗୃହକୁ ନ ଆସି ବିଧାନସଭା ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ନିକଟରେ ବସି ସରକାରଙ୍କ ଉପରେ ଚାପ ପକାଇଥିଲେ। ସିବିଆଇ ତଦନ୍ତ ଦାବି ନେଇ ରାଜ୍ୟପାଳ ନିକଟରେ ଫେରାର ହୋଇଥିଲେ। ବୁଝା ଶୁଝା ପରେ ଭାଜପା ସଦସ୍ୟମାନେ ଗୃହକୁ ଫେରିଥିଲେ। ହେଲେ ବାଚସ୍ପତି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କୁ କହିବାକୁ ସୁଯୋଗ ନ ଦେବାରୁ ପୁଣି ଭାଜପା ଖପ୍ପା ହୋଇଥିଲା। ଗୃହ ନ ଚଳାଇ ଦେବାକୁ ଧମକ ମଧ୍ୟ ଦେଇଥିଲା। ମାତ୍ର ପାର୍ଲାମେଣ୍ଟରେ ବିଜେଡିର ଭୂମିକାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୂୟସୀ ପ୍ରଶଂସା କରିବା ପରେ ରାଜ୍ୟ ଭାଜପାର ରଣନୀତି ଗୋଳମାଳ ହୋଇଯାଇଥିଲା। ରଣହୁଙ୍କାର ଛାଡୁଥିବା ଭାଜପା ସଦସ୍ୟମାନେ ସୁନା ପିଲାଭଳି ଗୃହ କାର୍ଯ୍ୟରେ ସହଯୋଗ କରିଥିଲେ। ଏନେଇ କଂଗ୍ରେସ ମଧ୍ୟ ଭାଜପାକୁ କଟୁ ସମାଲୋଚନା କରିଥିଲା। ବିଧାନସଭାରେ ହୋ ହଲ୍ଲା ନ କରି ମୌନବ୍ରତ ସମ୍ପର୍କରେ ସଫେଇ ଦେଇ ବିରୋଧୀ ଦଳ ନେତା କହିଥିଲେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବିଧାନସଭାକୁ ଅଚଳ ନ କରିବାକୁ ଦଳ ନିଷ୍ପତ୍ତି ନେଇଥିଲା। ସ୍ମିତାରାଣୀ ପ୍ରସଙ୍ଗକୁ ନେଇ ଉଭୟ କଂଗ୍ରେସ ଓ ଭାଜପା ଶୂନ୍ୟକାଳ ଠାରୁ ଆରମ୍ଭ କରି ମୁଲତବୀ ଆଲୋଚନାବେଳେ ତେରେଛା ବାଣ ମାରିଥିଲେ ମଧ୍ୟ ସରକାରଙ୍କୁ ଏହାର କିଛି ଫରକ ପଡି ନ ଥିଲା। କହିବାକୁ ଗଲେ ଏହି ବିଷୟ ଏକ ପ୍ରକାର ଶୀତଳଭଣ୍ଡାରକୁ ଚାଲି ଯାଇଛି। ସରକାରଙ୍କ ପ୍ରଚାର ପତ୍ରରେ ମହାତ୍ମା ଗାନ୍ଧୀଙ୍କ ହତ୍ୟାକୁ ଏକ ଆକସ୍ମିକ ଘଟଣା ବର୍ଣ୍ଣନା କରିବାକୁ ନେଇ କଂଗ୍ରେସ ସରକାରଙ୍କୁ ସଣ୍ଢୁଆଶି ଆକ୍ରମଣ କରିଥିଲା। ଏପରିକି ବିଜେଡି –ଭାଜପା ମଧ୍ୟରେ ଗୁପ୍ତ ବୁଝାମଣା ଥିବାନେଇ ପ୍ରଶ୍ନ ଉଠାଇଛି। ଭାଜପା ସଦସ୍ୟମାନେ ଏନେଇ ମୁହଁ ଖୋଲି ନ ଥିଲେ ମଧ୍ୟ ଶାସକ ଦଳର ସଦସ୍ୟ ମଧ୍ୟ ସରକାରୀ ପ୍ରଚାରପତ୍ରରେ ମହାତ୍ମା ଗାନ୍ଧୀଙ୍କ ଏଭଳି ଚିତ୍ରଣକୁ ନାପସନ୍ଦ କରିଥିଲେ। ଏନେଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ମଧ୍ୟ ବାଚସ୍ପତିଙ୍କ ନିର୍ଦ୍ଦେଶରେ ଗୃହରେ କୈଫିୟତ ଦେବାକୁ ପଡ଼ିଥିଲା। ଏଥିପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗର ଜଣେ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ବିଭାଗର ଦୁଇଜଣ କର୍ମଚାରୀଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଧାନ କିଣା ପାଇଁ ଟୋକନ ବ୍ୟବସ୍ଥା ଗୃହକୁ ଆହୁରି ଉଷ୍ମ କରିଥିଲା। ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ସରକାରଙ୍କୁ କାଠଗଡ଼ାରେ ଛିଡ଼ା କରିଥିଲେ। ଏ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସଫେଇ ଦେଇଥିଲେ ମଧ୍ୟ ବିରୋଧୀ ଶାନ୍ତ ହୋଇ ନ ଥିଲେ। ପଶ୍ଚିମ ଓଡ଼ିଶାରେ ମୁଣ୍ଡ ଟେକିଥିବା ଚାଷୀ ଆନ୍ଦୋଳନର ତାତିକୁ ଶୀତଳ କରିବାକୁ ସରକାର ବାଧ୍ୟହୋଇ ପଶ୍ଚିମ ଓଡ଼ିଶାର ଦୁଇଜଣ ନେତା ମନ୍ତ୍ରୀ ସୁଶାନ୍ତ ସିଂ ଓ ସରକାରୀ ଉପମୁଖ୍ୟ ସଚେତକ ରୋହିତ ପୂଜାରୀଙ୍କୁ ପଠାଇଥିଲେ। ଉଭୟ ଏହି ଆନ୍ଦୋଳନ ପ୍ରଶମିତ କରିବାରେ ମଧ୍ୟ ସଫଳ ହୋଇଥିଲେ। ପ୍ରତିଶ୍ରୁତିକୁ ବିଶ୍ୱାସ କରି ଚାଷୀମାନେ ଆନ୍ଦୋଳନରୁ ହଟି ଯାଇଥିଲେ। ବୁକ ସର୍କୁଲାର–୪୭କୁ ସରକାରୀ ଅଧିକାରୀ ମାନୁ ନ ଥିବା ନେଇ କଂଗ୍ରେସ କ୍ଷୋଭ ପ୍ରକାଶ କରିଥିଲା। ଅଧିକାରୀମାନେ ଜନ ପ୍ରତିନିଧିଙ୍କୁ ଅଣଦେଖା କରୁଥିବା ଅଭିଯୋଗ ଉଠିଲା। ଏଥିରେ ବାଚସ୍ପତିଙ୍କ ହସ୍ତକ୍ଷେପ ଲୋଡ଼ିଲା କଂଗ୍ରେସ। ଅଭିଯୋଗ କଲେ ସମ୍ପୃକ୍ତ ଅଧିକାରୀଙ୍କୁ ସଦାଚାର କମିଟିକୁ ଡାକିବାକୁ ବାଚସ୍ପତି କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଲଘୁ ଖଣିଜ ସମ୍ପଦ ଲୁଟ୍‌କୁ ନେଇ ବିଧାନସଭାରେ ବିରୋଧୀ ସରକାରଙ୍କ ଉପରେ ଗର୍ଜିଥିଲେ। ଯାଜପୁର ଜିଲା ଡଙ୍କାରୀ ପାହାଡ଼ କେଲେଙ୍କାରୀକୁ ନେଇ ବିରୋଧୀ ସରକାରଙ୍କୁ ଜୋରଦାର ଆକ୍ରମଣ କରିବା ସହ କୈଫିୟତ ତଲବ କରିଥିଲେ। ହଇଗୋଳ ମଧ୍ୟରେ ୨୦୧୯–୨୦ ଆର୍ଥିକ ବର୍ଷ ପାଇଁ ୮ ହଜାର କୋଟିର ଅତିରିକ୍ତ ବଜେଟକୁ ଗୃହରେ ଉପସ୍ଥାପନ କରିବାରେ ସଫଳ ହୋଇଥିଲେ। ତେବେ ଆଗକୁ ବିରୋଧୀମାନେ କେଉଁ ପ୍ରସଙ୍ଗରେ ସରକାରଙ୍କୁ ଘେରିବେ ଓ ଏହାକୁ ସରକାର କିଭଳି ଢଙ୍ଗରେ ମୁକାବିଲା କରିବେ ତାହା ଉପରେ ସମସ୍ତ ନଜର ରହିଛି।

# ଥାଲାସେମିଆ ଶିଶୁଙ୍କ ଜୀବନ ସହ ଖେଳ

ନିର୍ମଳ ପଣ୍ଡା
କଟକ ଅଫିସ,୨୪।୧୧

- ରକ୍ତଭଣ୍ଡାର ରକ୍ତରେ ଏଚ୍‌ଆଇଭି
- ୭ ଚିହ୍ନଟ ହେଲେଣି, ଅଜଣାରେ ଅନେକ



ଥାଲାସେମିଆ ରୋଗରେ ଆକ୍ରାନ୍ତ ଶିଶୁଙ୍କ ଜୀବନ ପ୍ରତିଏବେ ଘୋର ବିପଦ। ବିପଦ ପୁଣି ସ୍ୱାସ୍ଥ୍ୟ ବିଭାଗ ଆଡୁ ସୃଷ୍ଟି ହୋଇଛି। ଏହି ଶିଶୁମାନଙ୍କୁ ନିୟମିତ ରକ୍ତ ଦିଆ ନ ଗଲେ ସେମାନଙ୍କ ମୃତ୍ୟୁ ଘଟିବ। କିନ୍ତୁ ଏବେ ରକ୍ତ ନେଇ ସେମାନେ ମୃତ୍ୟୁମୁଖରେ ପଡୁଛନ୍ତି। ବିଶେଷକରି ରକ୍ତ ନେବା ପରେ ଏହି ଶିଶୁମାନେ ପ୍ରାଣଘାତି ଏଚ୍‌ଆଇଭି ଓ ହେପାଟାଇଟିସ୍ ସି, ବି ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଓଡ଼ିଶା ଥାଲାସେମିଆ କେୟାର ସୋସାଇଟି ପକ୍ଷରୁ ଏଭଳି ସଙ୍ଗିନ ଅଭିଯୋଗ ହୋଇଛି।

ସୋସାଇଟି ସମ୍ପାଦକ ନିରାକାର ପଣ୍ଡା କହିଛନ୍ତି, ୧୦ ବର୍ଷ ମଧ୍ୟରେ ଆମ ଜାଣିବାରେ ରକ୍ତଭଣ୍ଡାରରୁ ରକ୍ତ ନେଇ ୪ ଜଣ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁଙ୍କ ଘର ଚୌଦ୍ୱାର, ଯାଜପୁର ଓ ଭୁବନେଶ୍ୱର ଅଞ୍ଚଳରେ। ୨୦୦୯ରେ ଭୁବନେଶ୍ୱର ବିଏମ୍‌ସି ହସ୍ପିଟାଲରେ ୨ ଜଣ, ୨୦୧୩ରେ ଚୌଦ୍ୱାର ଅଞ୍ଚଳର ୬ ବର୍ଷର ଜଣେ ଶିଶୁ ଓ ଏହାର କିଛିଦିନ ପରେ ଯାଜପୁର ଅଞ୍ଚଳର ଜଣେ ୭ ବର୍ଷର ଶିଶୁଙ୍କର ମୃତ୍ୟୁ ଘଟିଥିବା ପଣ୍ଡା କହିଛନ୍ତି। ଜଗତ୍‌ସିଂହପୁର ଅଞ୍ଚଳର ଜଣେ ୧୪ ବର୍ଷର ନାବାଳକ ରକ୍ତଭଣ୍ଡାରରୁ ରକ୍ତ ନେଇ ଏଚ୍‌ଆଇଭି ପଜିଟିଭ ଚିହ୍ନଟ ହୋଇଛନ୍ତି। ତାଙ୍କର ଏବେ ଚିକିତ୍ସା ଚାଲିଥିବା ପଣ୍ଡା କହିଛନ୍ତି। ବର୍ତ୍ତମାନ ପାଖାପାଖି ୭ଜଣ ଶିଶୁ ଏଚ୍‌ଆଇଭି ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମାଆବାପା ଏଚ୍‌ଆଇଭି ନେଗେଟିଭ ଥିବାବେଳେ ସେମାନେ ଏଚ୍‌ଆଇଭି ପଜିଟିଭ ଚିହ୍ନ ହେବା ଚିନ୍ତାର ପ୍ରସଙ୍ଗ ହୋଇଛି। ଏପରି କି ଥାଲାସେମିଆରେ ଆକ୍ରାନ୍ତ ନିଜ ପୁଅ ରକ୍ତଭଣ୍ଡାରରୁ ରକ୍ତ ନେଇ ହେପାଟାଇଟିସ୍ ସି ଭଳି ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇଥିବା ପଣ୍ଡା କହିଛନ୍ତି। ବାଲେଶ୍ୱର ଅଞ୍ଚଳରେ ପାଖାପାଖି ୭୦ ଜଣ ଥାଲାସେମିଆ ରୋଗରେ ଆକ୍ରାନ୍ତ ଶିଶୁ ରକ୍ତଭଣ୍ଡାରରୁ ରକ୍ତ ନେଇ ଏଚ୍‌ଆଇଭି, ହେପାଟାଇଟିସ ସି'ରେ ଆକ୍ରାନ୍ତ ହୋଇଥିବା ଭଳି ସମ୍ବେଦନଶୀଳ ଖବର ଅଧିକ ଚିନ୍ତା ବଢାଇଛି। ସୂଚନାଥାଉ କି, ରାଜ୍ୟରେ ମୋଟ୍ ୨୫ହଜାର ଶିଶୁ ଥାଲାସେମିଆରେ ଆକ୍ରାନ୍ତ ଅଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଶିଶୁ ପ୍ରତି ସପ୍ତାହରେ ରକ୍ତ ନେଉଥିବାବେଳେ ଆଉ କେତେଜଣ ୧୫ ଦିନ ଓ ୧ ମାସରେ ରକ୍ତ ନେଉଛନ୍ତି। ମାତ୍ର ରକ୍ତ ଭଣ୍ଡାରର ସ୍ଥିତି ଏବେ ଏହିପରି ରହିଛି। ମୁଖ୍ୟତଃ ନାଟ୍ ପିସିଆର୍ (ନ୍ୟୁକ୍ଲିକ ଏସିଡ୍ ଟେଷ୍ଟିଂ ପଲିମରାସ୍ ଚେନ୍ ରିଆକ୍ସନ) ମେଶିନ ନ ଥିବାରୁ ଏଭଳି ଅବସ୍ଥା ଉପୁଜିଛି। କାରଣ ବିଭିନ୍ନ ସମୟରେ ସଂଗ୍ରହ କରାଯାଉଥିବା ରକ୍ତରେ ଏହି ମାରାତ୍ମକ ଭୂତାଣୁଗୁଡିକୁ ନାଟ୍ ପିସିଆର୍ ମେଶିନ ଦ୍ୱାରା ଚିହ୍ନଟ କରାଯାଇଥାଏ। ମାତ୍ର ରାଜ୍ୟର ୩ଟି ମେଡିକାଲ କଲେଜ ସମେତ କ୍ୟାପିଟାଲ ହସ୍ପିଟାଲରେ ଏହି ବ୍ୟବସ୍ଥା ଥିବାବେଳେ ବାକି ଅଞ୍ଚଳଗୁଡ଼ିକରେ ଅନ୍ଧାରୁଆ ଭାବେ ସଂଗୃହୀତ ରକ୍ତକୁ ଥାଲାସେମିଆ ରୋଗୀମାନଙ୍କୁ ପ୍ରଦାନ କରାଯାଉଛି। ଯଦ୍ୱାରା ସେମାନେ ଜୀବନ ବଞ୍ଚାଇବା ପାଇଁ ରକ୍ତ ନେଇ ଜୀବନ ହରାଉଛନ୍ତି। ଉଦାହରଣ ଭାବେ ଦେଖିଲେ ଗତବର୍ଷ ଏସ୍‌ସିବି ମେଡିକାଲରେ ମୋଟ୍ ୪୭ହଜାର ୟୁନିଟ୍ ରକ୍ତକୁ ନାଟ୍ ପିସିଆର୍ ମାଧ୍ୟମରେ ପରୀକ୍ଷା କରାଯାଇଥିଲା। ସେଥିରୁ ୧୧୭ ୟୁନିଟ୍ ରକ୍ତରେ ଏଚ୍‌ଆଇଭି ଓ ହେପାଟାଇଟିସ ଭୂତାଣୁ ଚିହ୍ନଟ ହୋଇଥିଲା। ଏଥିରୁ ପ୍ରମାଣ ମିଳୁଛି ଯେ, ରାଜ୍ୟର ଅନ୍ୟ ବ୍ଲଡ୍ ବ୍ୟାଙ୍କଗୁଡ଼ିକରେ ☞ପୃଷ୍ଠା–୪



# କୃଷି ଓ କୃଷକର ପ୍ରଗତି ପାଇଁ ରାଜ୍ୟ ସରକାରଙ୍କ ସମୟୋପଯୋଗୀ ଅଭିନବ ପଦକ୍ଷେପ

- କୃଷି କ୍ଷେତ୍ରରେ ନିବେଶକୁ ପ୍ରୋତ୍ସାହିତ କରିବା ପାଇଁ କାଳିଆ ଯୋଜନା ।
- ସେଚାଞ୍ଚଳ ବୃଦ୍ଧି ପାଇଁ ଜଳନିଧି ଓ ସୌର ଜଳନିଧି ।
- କୃଷି ଯନ୍ତ୍ରପାତି ଓ ପ୍ରମାଣିତ ବିହନ ରିହାତିରେ ଯୋଗାଣ ପାଇଁ ସିଧାସଳଖ ଚାଷୀଙ୍କ ଆକାଉଣ୍ଟକୁ (DBT) ରିହାତି ଅର୍ଥ ପ୍ରଦାନ ।
- ସନ୍ତୁଳିତ ଓ ରିହାତି ସହ ଉପଯୁକ୍ତ ମୂଲ୍ୟରେ ରାସାୟନିକ ସାର ବିକ୍ରୟ ପାଇଁ POS ମେସିନ୍ ସବୁ ଡିଲରଙ୍କୁ ଯୋଗାଇ ଦିଆଯାଉଛି ।
- ଫସଲରେ କୀଟ ରୋଗ ଜନିତ କ୍ଷତି କମ୍ କରିବା ପାଇଁ ଇ-ରୋଗ ପୋକ ସର୍ବେକ୍ଷଣର ବ୍ୟବସ୍ଥା କରାଯାଇଛି ।
- ସମସ୍ତ କୃଷକ ଭାଇ ଓ ଭଉଣୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଛି ।
- ଉତ୍ପାଦନ ଖର୍ଚ୍ଚ କମାଇବା ପାଇଁ ଭଡ଼ା ସୂତ୍ରରେ କୃଷି ଯନ୍ତ୍ରପାତି ଯୋଗାଣ ପାଇଁ Custom Hiring Centre ର ବ୍ୟବସ୍ଥା କରାଯାଉଛି ।
- ମଣ୍ଡି ବ୍ୟବସ୍ଥା ସୁଦୃଢ଼ କରିବା ସହ ଡାଲି ଓ ତୈଳବୀଜ ଫସଲ ସହଜରେ ଓ ଉଚିତ୍ ମୂଲ୍ୟରେ ବିକ୍ରି ପାଇଁ ମୂଲ୍ୟ ସହାୟକ ଯୋଜନା ପ୍ରଣୟନ କରାଯାଇଛି ।
- ଗୁଣାତ୍ମକ ମାନର ପୁଷ୍ଟିକର ଖାଦ୍ୟ ପାଇବା ପାଇଁ ମିଲେଟ୍ ମିଶନ ଜରିଆରେ କୃଷକ ଭାଇ ଓ ଭଉଣୀମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ଏବଂ ପୁଷ୍ଟି ଶସ୍ୟ (Millet)ର ଆୟତନ ବୃଦ୍ଧି ପାଇଁ ପ୍ରୟାସ କରାଯାଉଛି ।
- କୃଷିର ସର୍ବାଙ୍ଗୀନ ବିକାଶ ଓ କୃଷକର ଉନ୍ନତି ପାଇଁ ଏକ ଅଧିକ କ୍ରିୟାଶୀଳ କୃଷି ନୀତି ପ୍ରଣୟନ କରାଯାଉଛି ।
- କୃଷକମାନଙ୍କ ନିକଟରେ ବୈଜ୍ଞାନିକ ଚାଷର ବାର୍ତ୍ତା ପହଞ୍ଚାଇବା ପାଇଁ ଏମ୍-କିଷାନ କାର୍ଯ୍ୟକ୍ରମରେ ୩୦ ଲକ୍ଷ ୨୫ ହଜାର ଜଣ କୃଷକଙ୍କୁ ପଞ୍ଜିକୃତ କରାଯାଇଛି । ସେହିପରି 'ଆମ କୃଷି' ଯୋଜନାରେ ୫ ଲକ୍ଷ ୬୦ ହଜାର କୃଷକଙ୍କୁ ପଞ୍ଜିକୃତ କରାଯାଇ SMS ଏବଂ IVR ବାର୍ତ୍ତା ପହଞ୍ଚାଯାଉଛି ।
- ଜୈବିକ କୃଷିକୁ ପ୍ରାଧାନ୍ୟ ଦିଆଯାଇ ଓଡ଼ିଶା ଜୈବିକ କୃଷି ନୀତି ୨୦୧୮ ପ୍ରଣୟନ କରାଯାଇଛି ।
- ବିଭିନ୍ନ ଫସଲକୁ ବଜାର ଆଧାରିତ କରିବା ପାଇଁ ତଥା କୃଷକମାନଙ୍କୁ ଉପଯୁକ୍ତ ମୂଲ୍ୟ ପ୍ରଦାନ କରିବା ପାଇଁ ଆଦିବାସୀ ବହୁଳ ଜିଲ୍ଲାମାନଙ୍କରେ କୃଷି ଉତ୍ପାଦନ ପୁଞ୍ଜ (Agriculture Production Cluster) ଗଠନ କରାଯାଇଛି ।
- ସେହିପରି କୃଷକ ଉତ୍ପାଦକ ସଂଗଠନ (Farmer Producers Organisation) ଗୁଡ଼ିକ ଗଠନ ପାଇଁ FPO ନୀତି ପ୍ରଣୟନ କରାଯାଇଛି ।
- କୃଷକମାନେ ନିଜେ ନିଜର ଆବଶ୍ୟକତା ପାଇଁ ଉତ୍ପାଦନ କରିଥିବା ବିଭିନ୍ନ କୃଷି ଯନ୍ତ୍ରପାତିକୁ ଲୋକ ଲୋଚନକୁ ଆଣି ସେହି ଉଦ୍ଭାବକ କୃଷକମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ 'ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ' କାର୍ଯ୍ୟକାରୀ କରାଯାଇଛି ।









DSPL-157

01034/13/0029/1920

## କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର

## ମହାଭାରତ ଯୁଗରୁ

# ବିରଜାକ୍ଷେତ୍ର



ବରାହମାଧବ ବା ବରାହ ବିଷ୍ଣୁଙ୍କ ଉପସ୍ଥିତି ଯୋଗୁ ଯାଜପୁରକୁ ବରାହକ୍ଷେତ୍ର ବୋଲି କୁହାଯାଏ। ବରାହମାଧବଙ୍କ ଉତ୍ପତ୍ତି ସମ୍ପର୍କରେ ବିରଜାକ୍ଷେତ୍ର ମହାତ୍ମ୍ୟରେ ବର୍ଣ୍ଣନା କରାଯାଇଛି। ଆର୍ଯ୍ୟଙ୍କ ଆର୍ଯ୍ୟେତର ଜାତିମାନଙ୍କ ଉପରେ ପ୍ରଭୁତ୍ୱ ଓ ପ୍ରଭାବ ସମ୍ପର୍କରେ ଏହି ଆଖ୍ୟାୟିକାରୁ ସ୍ପଷ୍ଟ ସୂଚନା ମିଳେ। ସୁଦୂର ଅତୀତରେ ଯାଜପୁର ଓ ବିରଜା ମଣ୍ଡଳ ପୂର୍ବ ଆଣବ ରାଜ୍ୟର ଅଂଶବିଶେଷ ଥିଲା। ରାଜା ଅଣୁଙ୍କର ବଂଶଧର ଅସୁରରାଜ ବଳି ବୈତରଣୀ ତୀରସ୍ଥ ତାଙ୍କ ରାଜଧାନୀରୁ ସମଗ୍ର କଳିଙ୍ଗଦେଶ ଶାସନ କରୁଥିଲେ। ଯାଜପୁର ସହରର ନିକଟବର୍ତ୍ତୀ ବୈତରଣୀର ଉତ୍ତର ତୀରରେ ଅବସ୍ଥିତ ବଳିଘାଇ ଗ୍ରାମରେ ବଳିଠାକୁର ନାମକ ଦେବତାଙ୍କୁ ଲୋକମାନେ ପୂଜା ଉପାସନା କରୁଥିବା ତାତ୍ପର୍ଯ୍ୟପୂର୍ଣ୍ଣ। ପୂର୍ବ ଆଣବ ରାଜ୍ୟର ଅଂଶସ୍ୱରୂପ ଅଙ୍ଗ, ବଙ୍ଗ, କଳିଙ୍ଗ, ପୁଣ୍ଡ୍ର ଓ ସୁହ୍ମ ରାଜ୍ୟଗୁଡିକର ଗଠନ ସମ୍ପର୍କରେ ମହାଭାରତ, ମତ୍ସ୍ୟପୁରାଣ, ବାୟୁପୁରାଣ, ବିଷ୍ଣୁ ପୁରାଣ, ଭାଗବତ ପୁରାଣ ଓ ବ୍ରହ୍ମାଣ୍ଡ ପୁରାଣ ଆଦିରେ ବର୍ଣ୍ଣନା କରାଯାଇଛି। ଆର୍ଯ୍ୟମାନଙ୍କ ସମଗ୍ର ଭାରତ ବର୍ଷରେ ବସତି ସ୍ଥାପନ ଏବଂ ବିଶେଷତଃ ଦକ୍ଷିଣାପଥ ଅଧିକାର ସମୟରେ ଯାଜପୁର ଅଞ୍ଚଳର ଐତିହାସିକତା ସମ୍ପର୍କରେ ଉପରୋକ୍ତ ଆଖ୍ୟାୟିକାରୁ ଯଥେଷ୍ଟ ପ୍ରମାଣ ମିଳେ। ଏହାବାଦ ମହାଭାରତ ପୁରାଣରେ ଯାଜପୁରର ସ୍ଥାନ ରହିଛି। ପାଣ୍ଡବମାନଙ୍କ ତୀର୍ଥଯାତ୍ରା କାଳରେ ସେମାନେ ବୈତରଣୀ ତଟସ୍ଥ ବିରଜଃ-ତୀର୍ଥକୁ ଆସିଥିଲେ। ଏହି ବିରଜଃ ତୀର୍ଥ ହେଉଛି ଆଧୁନିକ ଯାଜପୁର।



ଏହି ବର୍ଣ୍ଣନା ପ୍ରସଙ୍ଗରେ କୁହାଯାଇଛି ଯେ, ଭାଇମାନଙ୍କୁ ସଙ୍ଗରେ ଧରି ରାଜା ଯୁଧିଷ୍ଠିର ସମୁଦ୍ର ତୀର ଦେଇ କଳିଙ୍ଗ ଜାତି ବାସକରୁଥିବା ଅଞ୍ଚଳ ପ୍ରତି ଅଗ୍ରସର ହୋଇଥିଲେ। ଏହି ଅଞ୍ଚଳରେ ବୈତରଣୀ ନଦୀ ପ୍ରବାହିତ ହେଉଥିଲା। ସେହି ପବିତ୍ର ବୈତରଣୀ ନଦୀ ତୀରରେ ଧର୍ମଦେବତା ଯଜ୍ଞ ଓ ପୂଜାନୁଷ୍ଠାନ ସମ୍ପନ୍ନ କରିଥିଲେ। ବୈତରଣୀର ଉତ୍ତରତୀର ଯଜ୍ଞ ଓ ଅନ୍ୟାନ୍ୟ ଧର୍ମାନୁଷ୍ଠାନ ପାଇଁ ପ୍ରଶସ୍ତ ସ୍ଥାନ ରୂପେ ବିବେଚିତ ହେଉଥିବାରୁ ସେଠାରେ ବହୁ ମୁନିଋଷି ବାସ କରୁଥିଲେ। ପୂଜାବିଧି ଆଚରଣ ପୂର୍ବକ ଓ ବୈଦିକ କ୍ରିୟାନୁଷ୍ଠାନ ଦ୍ୱାରା ମୁନିଋଷିମାନେ ଦେବତାମାନଙ୍କୁ ପୂଜା ଓ ପ୍ରାର୍ଥନା କରୁଥିଲେ। ଏଣୁ ବୈତରଣୀ ତୀରସ୍ଥ ଯାଜପୁରକୁ ଯଜ୍ଞପୁର ବୋଲି ଚିହ୍ନିତ କଲେ ଅସମୀଚୀନ ହେବ ନାହିଁ। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ ବେଳକୁ ଦକ୍ଷିଣ ଭାରତରେ ଆର୍ଯ୍ୟ ସଭ୍ୟତାର ପ୍ରସାର ଓ ପ୍ରଭାବ ସୁଦୃଢ଼ ହୋଇ ସାରିଥିଲା। ବୈଦିକ ସନାତନ ଧର୍ମ ବ୍ୟାପକ ଭାବେ ପ୍ରସାର ଲାଭ ମଧ୍ୟ କରିଥିଲା। ତେଣୁ ଖ୍ରୀଷ୍ଟପୂର୍ବ ସପ୍ତମ ଓ ଅଷ୍ଟମ ଶତାବ୍ଦୀରୁ ଦକ୍ଷିଣ ଭାରତରେ ଆର୍ଯ୍ୟଧର୍ମର ପ୍ରସାର ଆରମ୍ଭ ହୋଇଥିବା ମନେହୁଏ।

ଆର୍ଯ୍ୟ ବୈଦିକ ଧର୍ମର ପ୍ରଚାରକମାନେ ଯାଜପୁର ଅଞ୍ଚଳ ଦେଇ ଦକ୍ଷିଣ ଭାରତକୁ ଗମନ କରିଥିଲେ। ସେମାନେ ସେମାନଙ୍କ ଧର୍ମର ପ୍ରସାର କରିବା ସମୟରେ ପ୍ରଥମେ ବୈତରଣୀ ନଦୀ ତୀରରେ ଯଜ୍ଞ ସମ୍ପାଦନ କରିଥିବା ଅନୁମାନ କରାଯାଏ। ବୈତରଣୀକୁ ସର୍ବପାପହାରିଣୀ ବୋଲି ପ୍ରଚାର କରି ଏହି ନଦୀର ଆଧ୍ୟାତ୍ମିକ ଗୁରୁତ୍ୱ ପ୍ରତିପାଦନ କରିଥିଲେ। ଏଣୁ ସେମାନେ ଯାଜପୁର ସନ୍ନିକଟ ବୈତରଣୀର ଉତ୍ତର ତୀରକୁ ଏକ ତୀର୍ଥ ବୋଲି ଘୋଷଣା କରିଥିଲେ। ମହାଭାରତ ଯୁଦ୍ଧ ପରେ ଓ ନନ୍ଦ ବଂଶ ରାଜତ୍ୱ ପୂର୍ବରୁ କଳିଙ୍ଗରେ ପ୍ରାୟ ୩୨ ଜଣ ଶାସକ ରାଜତ୍ୱ କରିଥିଲେ। ଏହି ସମୟ ମଧ୍ୟରେ ଦନ୍ତପୁର କଳିଙ୍ଗର ରାଜଧାନୀ ଥିଲା। ଐତିହାସିକ ଗବେଷଣାରୁ ଉପଲବ୍ଧ ହୁଏ ଯେ, ମହାଭାରତ ଯୁଦ୍ଧ ପରଠାରୁ ଖ୍ରୀ.ପୂ. ୩୫୦ ପର୍ଯ୍ୟନ୍ତ ଦନ୍ତପୁର ରାଜଧାନୀ ସହର ଥିଲା। ପୁନଶ୍ଚ ଦୀର୍ଘ ୬୦୦ ବର୍ଷ ପରେ ତୃତୀୟ ଶତାବ୍ଦୀର ଶେଷ ଭାଗରେ ଦନ୍ତପୁର କଳିଙ୍ଗର ରାଜଧାନୀ ଥିବାର ମଧ୍ୟ ଜଣାଯାଏ। ତୃତୀୟ ଓ ଚତୁର୍ଥ ଶତାବ୍ଦୀରେ ଦନ୍ତପୁର ରାଜା ଗୁହଶିବଙ୍କ ରାଜଧାନୀ ଥିଲା। ଐତିହାସିକମାନଙ୍କ ମତରେ ଗୁହଶିବ ହେଉଛନ୍ତି ବିରଜାମଣ୍ଡଳ ବା ଆଧୁନିକ ଯାଜପୁର ଅଞ୍ଚଳର ପ୍ରାଚୀନ ରାଜା। ସେ ବୌଦ୍ଧ ଧର୍ମର ଜଣେ ପ୍ରଧାନ ପୃଷ୍ଠପୋଷକ ଥିଲେ। କଳିଙ୍ଗ ମାହିଷ୍ୟ(ମେଦିନୀପୁର) ଓ ମହେନ୍ଦ୍ରଗିରି ଅଞ୍ଚଳକୁ ନେଇ ଏକ ବିଶାଳ ସାମ୍ରାଜ୍ୟର ସେ ଶାସକ ଥିଲେ।

କେତେକ ବିଶିଷ୍ଟ ଐତିହାସିକ ଓ ଗବେଷକଙ୍କ ମତରେ ପ୍ରାଚୀନ ଯାଜପୁର ଦନ୍ତପୁର ସଂଲଗ୍ନ ଏକ ସହର ଥିଲା। ବୌଦ୍ଧଧର୍ମର ପ୍ରଥମ ପ୍ରସାର ସମୟରେ ଦନ୍ତପୁର ପ୍ରାଚୀନ ଯାଜପୁର ନିକଟରେ ଅବସ୍ଥିତ ଥିଲା। ଏବେ ଏହାର ଆପାତଃ ପ୍ରମାଣ ଯାଜପୁର ଅଞ୍ଚଳରେ କୋଣ ଅନୁକୋଣରେ ଉପଲବ୍ଧ ବୌଦ୍ଧଧର୍ମର ପ୍ରଚୁର ଅବଶେଷରୁ ମିଳିଥାଏ। ନିକଟ ଅତୀତରେ ଯାଜପୁର ଅଞ୍ଚଳର ଉଦୟଗିରି ଓ ଲଳିତଗିରି ଉତ୍‌ଖନନରୁ ବୁଦ୍ଧଦେବଙ୍କ ଦେହାବଶେଷ ମିଳିଛି। ଭାରତବର୍ଷରେ ଏ ପର୍ଯ୍ୟନ୍ତ ଏଭଳି ଦେହାବଶେଷ ଅନ୍ୟ କୌଣସିଠାରେ ମଳିନାହି। ବିଭିନ୍ନ ଦିଗରୁ ପ୍ରମାଣିତ ହୋଇ ସାରିଛି ଯେ, ୪ର୍ଥ ଓ ୫ମ ଶତାବ୍ଦୀର ଗୁପ୍ତଶାସକମାନଙ୍କ ସମୟରେ ସମଗ୍ର ବିରଜା ମଣ୍ଡଳରେ ବ୍ରାହ୍ମଣ୍ୟ ଧର୍ମର ପୁନରୁଦ୍ଧାର ଘଟିଥିଲା। ବିରଜା ପୀଠକୁ ବୌଦ୍ଧଧର୍ମର ପ୍ରଭାବରୁ ମୁକ୍ତ କରାଯାଇ ଶାକ୍ତପୀଠରେ ପରିଣତ କରାଯାଇଥିଲା। ଫଳତଃ ବିଷ୍ଣୁ, ସୂର୍ଯ୍ୟ, ଶିବ ଓ ଶକ୍ତି ଉପାସକ ଗୁପ୍ତ ଶାସକମାନେ ଯାଜପୁରକୁ ଏକ ସମନ୍ୱୟର କ୍ଷେତ୍ର ଭାବେ ପ୍ରତିଷ୍ଠା କରି ପାରିଥିଲେ। ଯାଜପୁରରେ ପରିଦୃଷ୍ଟ ହେଉଥିବା ଗରୁଡ ସ୍ତମ୍ଭ, ଭୋଗ ଶୟନ ବିଷ୍ଣୁ ପ୍ରତିମା, ସ୍ଥାନକ ବିଷ୍ଣୁ ପ୍ରତିମା ଓ ଆୟୁଧ ପୁରୁଷ, ଶ୍ରୀବରାହ, ଶ୍ରୀରାମ, ଦ୍ୱିଭୁଜ ଓ ଚତୁର୍ଭୁଜ ମହିଷମର୍ଦ୍ଦିନୀ ମୂର୍ତ୍ତି, ଏକମୁଖ, ତ୍ରିମୁଖ ଓ ଚତୁର୍ମୁଖ ଶିବଲିଙ୍ଗ ଆଦି ଚାରୁକଳାଯୁକ୍ତ ସ୍ଥାପତ୍ୟ ଗୁପ୍ତ ଓ ପରବର୍ତ୍ତୀ ଯୁଗର ପ୍ରଭାବ ବହନ କରେ। ଏଣୁ ଏହି ଅଞ୍ଚଳରେ ଗୁପ୍ତ ଶାସନ ପ୍ରତିଷ୍ଠାର ସମ୍ଭାବନାକୁ ସମ୍ପୂର୍ଣ୍ଣ ଭାବେ ଏଡ଼ାଇ ଦିଆଯାଇ ନ ପାରେ। ଖ୍ରୀଷ୍ଟପୂର୍ବ ଷଷ୍ଠ-ସପ୍ତମ ଶତାବ୍ଦୀ କାଳରୁ ଯାଜପୁର ଭାରତବର୍ଷର ସାଂସ୍କୃତିକ ପରମ୍ପରାରେ ଏକ ପ୍ରଧାନ ସ୍ଥାନ ରୂପେ ବିଦିତ ହୋଇ ଆସିଛି।

**-ହର୍ଷବର୍ଦ୍ଧନ ବେହେରା, ଯାଜପୁର**






## ବଢୁଛି ଶୀତ, ସଜେଇ ହେଉଛି ପ୍ରକୃତିରାଣୀ









# କଶ୍ମୀରର ଅନୁଭୂତି ବାଣ୍ଟୁଛି ଦରଗୁଡ଼ିଶିଳା

ବଣ ପାହାଡ଼ ଘେରା କେନ୍ଦୁଝର ଜିଲାର ପ୍ରାକୃତିକ ପରିବେଶ ବେଶ୍ ମନୋରମ। ବିଶେଷ କରି ଶୀତ ଋତୁର ଆଗମନରେ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ଗୁଡ଼ିକରେ ପ୍ରକୃତିରାଣୀର ଅପୂର୍ବ ସୌନ୍ଦର୍ଯ୍ୟ ଦେଖିବାକୁ ମିଳେ। ଏଭଳି ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ବା ଏଠାକାର କଶ୍ମୀର ଭାବେ ପରିଚିତ ଆନନ୍ଦପୁର ଉପଖଣ୍ଡର 'ଦରଗୁଡ଼ିଶିଳା'। ଶୀତ ଋତୁର ଆଗମନରେ ସଜେଇ ହୋଇ ସାରିଛି ଦରଗୁଡ଼ିଶୀଳା। ବୈତରଣୀ ନଦୀ ଶଯ୍ୟାରେ ପାହାଡ଼ ଜଙ୍ଗଲ ଘେରା ପରିବେଶ ମଧ୍ୟରେ ଏହି ପର୍ଯ୍ୟଟନସ୍ଥଳୀ ପର୍ଯ୍ୟଟକଙ୍କୁ ବିଶେଷଭାବେ ଆକର୍ଷିତ କରିପାରୁଛି। ବଣଭୋଜି ପାଇଁ ଏଠାକୁ ଜିଲା ଓ ଜିଲା ବାହାର ଅଞ୍ଚଳରୁ ପର୍ଯ୍ୟଟକମାନଙ୍କ ଗହଳି ଲାଗିଥାଏ। ଏଠାକାର ପରିବେଶ ପର୍ଯ୍ୟଟକଙ୍କୁ ମତୁଆଲା କରୁଥିବା ବେଳେ ବୈତରଣୀ ନଦୀର ସ୍ୱଚ୍ଛ ପାଣିରେ ଗାଧୋଇବା ନିଆରା ଅନୁଭୂତି ଦେଇଥାଏ। ନଦୀଶଯ୍ୟା ଉପର ପାହାଡ଼ରେ କୁହୁଡ଼ିର ଦୃଶ୍ୟ ଶୀତଳ ପରିବେଶରେ ପର୍ଯ୍ୟଟକ ଏହାକୁ ଏଠାକାର କଶ୍ମୀର ଭାବେ ବିବେଚନା କରୁଛନ୍ତି। ଏହି ପର୍ଯ୍ୟଟନସ୍ଥଳୀ ନିକଟରେ ବୈତରଣୀ ନଦୀରେ ୫ଶହ କୋଟି ଟଙ୍କା ବ୍ୟୟରେ ବିଦ୍ୟୁତ ଉତ୍ପାଦନ ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରକଳ୍ପ ଯୋଗୁ ଏହି ପର୍ଯ୍ୟଟନସ୍ଥଳୀର ଗୁରୁତ୍ୱ ପୂର୍ବ ଅପେକ୍ଷା ଯଥେଷ୍ଟ ବୃଦ୍ଧି ପାଇଛି। ୨୦ନମ୍ବର ଜାତୀୟ ରାଜପଥ ଘଷିପୁରାଠାରୁ ଘଟଗାଁ ତାରିଣୀ ଅଭିମୁଖେ ଯିବା ବାଟ କୋଲିମାଟି ପଞ୍ଚାୟତର କୁମଡ଼ ଛକରୁ ଡାହାଣ ପାର୍ଶ୍ୱକୁ ଜଙ୍ଗଲିଆ ରାସ୍ତାରେ ୧୬ କି.ମି. ପରେ ପଡ଼ିବ ଜିଲାର ଏହି ପ୍ରମୁଖ ପର୍ଯ୍ୟଟନସ୍ଥଳୀ 'ଦରଗୁଡ଼ିଶିଳା'।

– ଜିତେନ୍ଦ୍ର ସାହୁ, ଘସିପୁରା

## ଏମାନେ ଯାହା କହନ୍ତି

■ ଦରଗୁଡ଼ିଶିଳା ଭଳି ପର୍ଯ୍ୟଟନ ସ୍ଥଳ ସମଗ୍ର ରାଜ୍ୟରେ ଅନନ୍ୟ। ଭୋଜିଭାତ କରିବା ସହିତ ବୈତରଣୀ ନଦୀର ନୀଳ ଜଳରାଶିରେ ଗାଧୋଇବା ଅନୁଭୂତି ଏକଦମ୍ ନିଆରା। ମୁଁ, ମୋ ସ୍ତ୍ରୀ ଏବଂ ଶ୍ୱଶୁର ଘର ପରିବାର ସଦସ୍ୟଙ୍କ ସହ ଏଠାକୁ ଆସି ବଣଭୋଜିର ମଜା ନେଇଥିଲୁ। ଏଠାକାର ସ୍ଥାନୀୟ ଲୋକେ ମଧ ବହୁତ ସହଯୋଗୀ। ଗମନାଗମନ ପାଇଁ ଏଠାକୁ ସ୍ୱତନ୍ତ୍ର ଯାନବାହନର ସୁବିଧା କରାଗଲେ ଏଠାରେ ଆହୁରି ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳନ୍ତା।



– ରୋଶନ ନାୟକ, ପର୍ଯ୍ୟଟକ, ଗଞ୍ଜାମ

■ ଆମେ କଲେଜର ସାଙ୍ଗସାଥୀଙ୍କ ସହିତ ଏଠାକୁ ଅନେକ ଥର ଭୋଜି କରିବାକୁ ଆସିଛୁ। ବଣପାହାଡ଼,



ପ୍ରାକୃତିକ ପରିବେଶରେ ରହିଥିବା ଏହି ସ୍ଥାନ ଅତ୍ୟନ୍ତ ଆନନ୍ଦଦାୟକ। ପାହାଡ଼ର ପାଦଦେଶରେ ପଥର ଦେଇ ବୈତରଣୀର ପାଣି ଝରଝର ହୋଇ ବହିବା ଦୃଶ୍ୟ ବେଶ ମନୋରମ।

– ଶିଲ୍ପା ସାହୁ, ଛାତ୍ରୀ

■ 'ଦରଗୁଡ଼ିଶିଳା' ଭଳି ସ୍ଥାନ ପାଇଁ କୋଲିମାଟି ପଞ୍ଚାୟତ ଭଳି ଆଦିବାସୀ ଅଞ୍ଚଳ ଆଜି ପରିଚିତ ହୋଇଛି। ଏବେ ବି ଏଠାରେ କିଛି ସମସ୍ୟା ରହିଥିବାରୁ ଆସୁଥିବା ପର୍ଯ୍ୟଟକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କୁମଡ଼ ଛକଠାରୁ କାଦବାହାଳି ପର୍ଯ୍ୟନ୍ତ ରାସ୍ତାରେ ଅନେକ ସ୍ଥାନରେ ମରାମତିର ଆବଶ୍ୟକତା ରହିଛି। କାଦବାହାଳିଠାରୁ ଦରଗୁଡ଼ିଶିଳା ପର୍ଯ୍ୟନ୍ତ ରାସ୍ତାରେ ଘାଇ ହୋଇଥିବାବେଳେ ସ୍ଥାନୀୟ କମ୍ପାନୀ ପକ୍ଷରୁ କିଛି ସ୍ଥାନରେ କ୍ରଶର ଗୁଣ୍ଡ ପକାଯାଇଛି। ତେବେ ଏଠାକୁ ସବୁଦିନିଆ ରାସ୍ତା ନିର୍ମାଣ କ୍ଷେତ୍ରରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।



– ରଞ୍ଜିତ ମହାରଣା, ସମିତି ସଭ୍ୟ




## ଆଦିବାସୀଙ୍କ ନିଆରା ଚିତ୍ରକଳା

# ମାଟି କାନ୍ଥରେ କାନଭାସ୍





ଆଦିବାସୀ ସଂସ୍କୃତିରେ ରଙ୍ଗୀନ ଘର ଓ ପାରମ୍ପାରିକ ଚିତ୍ର କଳା ବହୁ ଆଗରୁ ଜଡ଼ିତ। ଆଧୁନିକତାର ଚାକଚକ୍ୟ ସତ୍ତ୍ୱେ ଏବେ ମଧ କେନ୍ଦୁଝର ଜିଲାର ଅନେକ ଆଦିବାସୀ ଗ୍ରାମରେ ଏହାର ଛାପ ଦେଖିବାକୁ ମିଳିଥାଏ। ବିଶେଷ କରି ଏହି ଚିତ୍ର କଳାର ଛାପ ସେମାନଙ୍କ ସୁସଜ୍ଜିତ ଘରଗୁଡ଼ିକରେ ପରିଲକ୍ଷିତ ହୋଇଥାଏ। ମାଟି ଘର କାନ୍ଥରେ ରଙ୍ଗ ବେରଙ୍ଗ ଚିତ୍ର କଳା ନିଆରା। ବିଶେଷ କରି ସାନ୍ତାଳ, ମୁଣ୍ଡା, ଭୂୟାଁ, ଜୁଆଙ୍ଗ ଆଦି ଆଦିବାସୀମାନେ ସ୍ୱଚ୍ଛତା ରକ୍ଷା ସହ ଘରକୁ ସୃଦୃଢ କରି ରଖିବା ପାଇଁ ଏଭଳି ବିଭିନ୍ନ ରଙ୍ଗରେ ରଙ୍ଗାଇଥାନ୍ତି। ବିଭିନ୍ନ ଅଞ୍ଚଳରେ ନାଲି, ନୀଳ, ସବୁଜ, କଳା, ହଳଦିଆ ଆଦି ରଙ୍ଗରେ ରଙ୍ଗେଇ ହୋଇଥିବା ରଙ୍ଗୀନ ଘରଗୁଡ଼ିକ ଯିବାଆସିବା କରୁଥିବା ଲୋକ, ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। କିଏ ଫଟୋ ଉଠାଇ ନେଇଥାନ୍ତି ତ କିଏ ସେଲ୍‌ଫି ନେଇ ସୋସିଆଲ ମିଡିଆରେ ଛାଡ଼ିଥାନ୍ତି। ଲୋକେ ଯେତେ ଆଧୁନିକତାକୁ ସ୍ପର୍ଶ କଲେ ମଧ ଏଭଳି କାରୁକାର୍ଯ୍ୟ ଯିଏ ଦେଖେ ସିଏ କିଛି ସମୟ ପାଇଁ ସେଠି ଛିଡ଼ା ହୋଇ ଦେଖେ। ଏହିଭଳି ଗ୍ରାମକୁ ପ୍ରଶାସନ ତରଫରୁ ପ୍ରୋତ୍ସାହନ ମିଳିଲେ ଏଠାକୁ ଆହୁରି ପର୍ଯ୍ୟଟକ ବୁଲି ଆସିବେ। ଏପରି କି ଏହି ଗ୍ରାମରେ ପର୍ଯ୍ୟଟକଙ୍କ ପାଇଁ ରହିବାର ବ୍ୟବସ୍ଥା କରାଗଲେ ଲୋକେ ପ୍ରାକୃତିକ ପରିବେଶକୁ ବେଶ୍ ଉପଭୋଗ କରିବା ସହ ଗ୍ରାମବାସୀଙ୍କ ଦୈନନ୍ଦିନ ରହିବା ମଧ ଜାଣିପାରିବେ।

ଆଦିବାସୀମାନେ ବିଭିନ୍ନ ପ୍ରକାରର ପ୍ରକୃତି ଦତ୍ତ ରଙ୍ଗ ଜଙ୍ଗଲ, ବିଲଖମାର ତଥା ପାହାଡ଼ରୁ ସଂଗ୍ରହ କରିଥାନ୍ତି। ଏହି ରଙ୍ଗ ମାଟି, ଗଛପତ୍ରରୁ ଆଦି ସଂଗ୍ରହ କରିଥାନ୍ତି। ହେଲେ ଆଜିକାଲି ଜଙ୍ଗଲ ଓ ପାହାଡ଼ ନଷ୍ଟ ହେବାକୁ ବସୁଥିବାରୁ ପ୍ରାକୃତିକ ରଙ୍ଗ ସାହିତ ଅନେକ କେମିକାଲ ରଙ୍ଗ ବ୍ୟବହାର କରୁଛନ୍ତି। ରଙ୍ଗୀନ ମାଟି, ଗଛପତ୍ରର ରସ, ଚେର, ଗଛ ଡାଳ ଆଦିରୁ ବିଭିନ୍ନ ପ୍ରକାରର ରଙ୍ଗ ପ୍ରସ୍ତୁତ କରି ବ୍ୟବହାର କରିଥାନ୍ତି। ପ୍ରାକୃତିକ ରଙ୍ଗ ହୋଇଥିବାରୁ ସ୍ୱାସ୍ଥ୍ୟପକ୍ଷେ କେମିକାଲ ରଙ୍ଗ ଭଳି କ୍ଷତିକାରକ ହୋଇ ନ ଥାଏ ବୋଲି ପରିବେଶବିତମାନେ ମତବ୍ୟକ୍ତ କରିଥାନ୍ତି। ତେବେ ଅଧୁନା ଏ ଥି ସ ହି ତ କେ ମି କା ଲ ରଙ୍ଗର ବ୍ୟବହାର କ ରୁ ଥି ବା ରୁ ଏହି ପୁରୁଣା ପରମ୍ପରା ଲୋପ ପାଇବାକୁ ବସୁଛି।



ବିଭିନ୍ନ ସମ୍ପ୍ରଦାୟର ଲୋକଙ୍କ ପାଇଁ ଚିତ୍ରକଳା ଓ ବ୍ୟବହୃତ ଶୈଳୀ ଅଲଗା ଅଲଗା। ଏହା ଦ୍ୱାରା ଘର ଗୁଡିକର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହ ପରିଷ୍କାର ଓ ପରିଛନ୍ନତା ରକ୍ଷା ହୋଇଥାଏ। ସେହିପରି ଘର ପରିବେଶ ଶୀତଳ ରହିଥାଏ ଏବଂ ଦୀର୍ଘସ୍ଥାୟୀ ହୋଇଥାଏ ବୋଲି ସେମାନେ କୁହନ୍ତି। ରଙ୍ଗବେରଙ୍ଗ କାନ୍ଥରେ ବିଭିନ୍ନ ପ୍ରକାରର ଚିତ୍ର ଆଙ୍କିଥାନ୍ତି। ଏହି ରଙ୍ଗୀନ କାନ୍ଥରେ ସେମାନେ ପଶୁପକ୍ଷୀ, ଦେବାଦେବୀ, ବୃକ୍ଷଲତା, ପାହାଡ ଆଦିର ଚିତ୍ର ଆଙ୍କିଥାନ୍ତି। ପରୋକ୍ଷରେ ଏବି ଚିତ୍ର ଦ୍ୱାରା ସେମାନଙ୍କ ଚିନ୍ତାଧାରା ପରିବ୍ୟକ୍ତ କରିଥାନ୍ତି।

ଏହି ରଙ୍ଗ ମାରିବା ସହିତ ଚିତ୍ର କରିବା ପୂର୍ବରୁ ଘରର ଛାତ, କାନ୍ଥ ଓ ଭୂମିକୁ ମାଟି ଲେପି ମରାମତି କରିଥାନ୍ତି। ଏସବୁ ମାଟି ସବୁ ସ୍ଥାନରେ ମିଳେ ନାହିଁ। ଆଦିବାସୀମାନେ ବୁଲାବୁଲି କରି ବହୁ ଦୂରରୁ ପାହାଡ଼, ଜଙ୍ଗଲାଞ୍ଚଳରୁ ସଂଗ୍ରହ କରିଥାନ୍ତି। ମୃତ୍ତିକା କ୍ଷୟ ଯୋଗୁ ସେଭଳି ରଙ୍ଗୀନ ମାଟି ଆଉ ମିଳୁନାହିଁ। ମାଟି ପାଇଁ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇ ଆଣିବାକୁ ପଡୁଥିବା ସ୍ଥାନୀୟବାସୀ କହିଛନ୍ତି। ଆଗଭଳି ଏହି ସବୁ ପ୍ରାକୃତିକ ରଙ୍ଗିନ ମାଟି ତଥା ଗଛପତ୍ରରୁ ସଂଗୃହୀତ ରଙ୍ଗ ମିଳୁ ନ ଥିବାରୁ ଏବଂ ଏହା ବ୍ୟୟବହୁଳ ହେଉଥିବାରୁ ଅନେକ ଏହାକୁ ବ୍ୟବହାର କରୁ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି।

– ନରେଶ ପଟ୍ଟନାୟକ, କେନ୍ଦୁଝର

ପ୍ରଥମ ପୃଷ୍ଠାରୁ...

## ଥାଲାସେମିଆ...

କେତେମାତ୍ରାରେ ଭୂତାଣୁଯୁକ୍ତ ରକ୍ତ ଭରି ରହିଛି ଓ ଉକ୍ତ ରକ୍ତକୁ ଥାଲାସେମିଆ ଶିଶୁମାନଙ୍କୁ ପ୍ରଦାନ କରାଯାଉଛି। ମୁଖ୍ୟତଃ ବାଲେଶ୍ୱର, କୋରାପୁଟ, ଯାଜପୁର, କେନ୍ଦୁଝର, ବାରିପଦା ଆଦି ଅଞ୍ଚଳରେ ଥାଲାସେମିଆ ଶିଶୁମାନଙ୍କ ସଂଖ୍ୟା ଅଧିକ। ମାତ୍ର ଏହିସବୁ ଅଞ୍ଚଳରେ ନାଟ୍ ପିସିଆର ମେଶିନ ନ ଥିବାରୁ ଭୟଙ୍କର ଅବସ୍ଥା ଉପୁଜିଛି। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲର ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗର ମୁଖ୍ୟ ପ୍ରଫେସର ଡା. ପଙ୍କଜ ପରିଡ଼ା କୁହନ୍ତି, ସରକାରଙ୍କ ବିନା ନିର୍ଦ୍ଦେଶରେ ଆମେ ଗଣମାଧ୍ୟମକୁ କୌଣସି ସୂଚନା ଦେଇପାରିବୁ ନାହିଁ। ଅପରପକ୍ଷରେ ରାଜ୍ୟ ରୋଗୀ ଅଧିକାର ମଞ୍ଚର ସଭାପତି ଅମିୟ ଭୂଷଣ ବିଶ୍ୱାଳ କୁହନ୍ତି, ଏଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଆମେ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛୁ, ହେଲେ କୌଣସି ସୁଫଳ ମିଳିନାହିଁ। ଏସ୍‌ସିବି ରକ୍ତ ରୋଗ ବିଭାଗର ଜଣେ ଡାକ୍ତରଙ୍କ କହିବା ଅନୁଯାୟୀ, ଯଦି ସରକାର ନାଟ୍ ପିସିଆର୍ ମେଶିନ କିଣିବାରେ ଅସମର୍ଥ ହେଉଛନ୍ତି ତେବେ ଚତୁର୍ଥ ଜେନେରେଶନର ଏଲିସା ମେଶିନ ବ୍ଲଡ ବ୍ୟାଙ୍କଗୁଡିକରେ ରଖିଲେ ଏହା ରୋଗୀଙ୍କୁ ସୁରକ୍ଷିତ ରକ୍ତ ଦେବାରେ ସମର୍ଥ ହୋଇପାରିବ ବୋଲି କହିଛନ୍ତି।


FUTURE TODAY
Tomorrow is not going to be like today.
Because we're building a world that's stronger, loftier, grander.
The science of construction is changing fast.
And Dalmia Cement Future Labs is at the forefront,
creating better processes and advanced materials.
The technology we have developed is already at work.
In nuclear plants. New-age dams. Airstrips that set faster.
And millions of homes built with a smaller carbon footprint.
While the world dreams of a beautiful tomorrow,
we're already there – building it brick by brick,
and bond by bond.
So what you get in a bag of Dalmia Cement
is not only the finest quality, but also the
shape of tomorrow's world.
Dalmia cement
Dalmia cement
Dalmia cement
FUTURE TODAY
www.dalmiacement.com
Customer care: 1800 420 3031

# ବଲିଉଡ୍ ଆକ୍ଟ୍ରେସ୍‌ଙ୍କ ହ୍ୟାଣ୍ଡବ୍ୟାଗ୍

ମ୍ୟାଚିଂ ହ୍ୟାଣ୍ଡବ୍ୟାଗ୍ ଲୁକ୍‌କୁ କରିଥାଏ ପରଫେକ୍ଟ। ଆଉ ଏହା ଗ୍ଲାମର୍‌କୁ ବି ବଢ଼ାଇଥାଏ। ସେଇଥିପାଇଁ ତ ଆକ୍ଟ୍ରେସମାନେ ଏହା ଉପରେ ଦେଇଥାନ୍ତି ଗୁରୁତ୍ୱ। ତେବେ ଜାଣନ୍ତୁ ବଲିଉଡ୍‌ର କେତେଜଣ ଆକ୍ଟ୍ରେସଙ୍କ ହ୍ୟାଣ୍ଡବ୍ୟାଗ୍‌ର କଲେକ୍ସନ ସମ୍ପର୍କରେ...

### ଜ୍ୟାକଲିନ୍ ଫର୍ନାଣ୍ଡିଜ୍

ଜ୍ୟାକ୍‌ଲିନ୍‌ଙ୍କୁ ଗୁସି ବ୍ରାଣ୍ଡର ବ୍ୟାଗ୍ କ୍ୟାରି କରିବାକୁ ଭଲ ଲାଗେ।


ଜ୍ୟାକଲିନ୍

### ଶିଳ୍ପା ସେଟ୍ଟି

ଶିଳ୍ପା ହେଉଛନ୍ତି ଏମିତି ଜଣେ ସେଲିବ୍ରିଟି, ଯେକି ସବୁବେଳେ ଫ୍ୟାନ୍‌ଙ୍କ ପାଇଁ ନୂଆ ନୂଆ ଫ୍ୟାଶନ୍ ଟ୍ରେଣ୍ଡ ତିଆରି କରିଥାଆନ୍ତି। ତାଙ୍କ ଫ୍ୟାଶନ୍‌ର ଏକ ଅଂଶ ହେଉଛି ବିଭିନ୍ନ ପ୍ରକାରର ଦାମୀ ହ୍ୟାଣ୍ଡବ୍ୟାଗ୍। ସେ ବିଶେଷକରି ଡିଓର୍ ବ୍ରାଣ୍ଡ ବ୍ୟାଗ୍ ବ୍ୟବହାର କରିଥାନ୍ତି।


ଶିଳ୍ପା

### ପ୍ରିୟଙ୍କା ଚୋପ୍ରା

ପ୍ରିୟଙ୍କାଙ୍କର ଦାମୀ ହ୍ୟଣ୍ଡବ୍ୟାଗ୍‌ର ଏକ ଭଲ କଲେକ୍ସନ ଅଛି। ସେ ସବୁବେଳେ କ୍ୱିର୍କି ଓ ଟ୍ରେଣ୍ଡି ଆସେସରିଜ୍ ବ୍ୟବହାର କରନ୍ତି। ତାଙ୍କୁ ଭାଲେଣ୍ଟିନୋ ଗାରାବାନି ରକ୍‌ଷ୍ଟଡ୍ ବ୍ୟାଗ୍ ବହୁତ ପସନ୍ଦ। ଏହା ବ୍ୟତୀତ ସେ ଅନ୍ୟ ବହୁ ଦାମୀ ବ୍ରାଣ୍ଡର ବ୍ୟାଗ୍ ବି ବ୍ୟବହାର କରନ୍ତି।

ଆଲିଆ ଭଟ୍ଟ


### ଆଲିଆ ଭଟ୍ଟ

ଆଲିଆଙ୍କୁ 'ଟିଓଡି'ର ଫ୍ରିଞ୍ଜଡ୍ ବ୍ୟାଗ୍ ବହୁତ ପସନ୍ଦ। ନିଜ ଗ୍ଲାମର୍‌କୁ ବଢେଇବା ପାଇଁ ସେ ଆହୁରି ଅନେକ ସୁନ୍ଦର ଓ ଦାମୀ ବ୍ୟାଗ୍ କ୍ୟାରି କରିଥାଆନ୍ତି।

### ଅନୁଷ୍କା ଶର୍ମା

ଅନୁଷ୍କାଙ୍କ ପ୍ରିୟ ବ୍ୟାଗ୍ କୌଣସି ଫ୍ୟାନ୍ସି ଲକ୍‌ଜ୍ୟୁରୀ ହ୍ୟାଣ୍ଡବ୍ୟାଗ୍ ନୁହେଁ। ବରଂ ଏକ କ୍ୱିର୍କି ଓ ଫନ୍ ବ୍ୟାକ୍‌ପ୍ୟାକ୍ ଅଟେ। 'ଫେଣ୍ଡି' ବ୍ରାଣ୍ଡର ଏହି ବ୍ୟାଗ୍‌ର ମୂଲ୍ୟ ୧୨ ଲକ୍ଷ।



# ସମ୍ପର୍କକୁ ମଜଭୁତ କରେ ...



**ସମ୍ପର୍କକୁ ବି ମଜବୁତ କରିଥାଏ ଉପହାର। ତେବେ ଏହି ଉପହାର କିଭଳି ହେବା ଆବଶ୍ୟକ ଜାଣନ୍ତୁ ସେ ସମ୍ପର୍କରେ କିଛି କଥା..**

- ପ୍ରିୟ ବନ୍ଧୁଙ୍କୁ ଖୁସିରେ ଦେଖିବାକୁ ଚାହୁଁଥିଲେ, ଏମିତି କିଛି ଉପହାର ଦିଅନ୍ତୁ, ଯାହା ସୃଜନଶୀଳ ହୋଇଥିବ। ପର୍ସନାଲାଇଜ୍‌ଡ କଫି ମଗ୍ ହେଉଛି ସେମିତି ଏକ ଉପହାର। ସେଥିରେ ଆପଣ ବନ୍ଧୁଙ୍କ ପାଇଁ କିଛି ବାର୍ତ୍ତା ଦେବା ସହ ପୁରୁଣା ସ୍ମୃତିଭରା ଫଟୋ ଦେଇପାରିବେ। ଏହାକୁ ପାଇ ସେ ନିଶ୍ଚୟ ଖୁସି ହେବେ।
- ଆଜିକାଲି ସମସ୍ତଙ୍କ ହାତରେ ମୋବାଇଲ୍, ଆଉ ପ୍ରତି ମୁହୂର୍ତ୍ତର ଫଟୋ ବି ଉଠା ଯାଉଛି। ତେଣୁ ସେହି ମଧୁର ମୁହୂର୍ତ୍ତର ଫଟୋକୁ ସାଉଁଟି ବନ୍ଧୁଙ୍କ ପାଇଁ ଏକ ମୋମୋରୀ ବୁକ୍ ତିଆରି କରି ଉପହାରସ୍ୱରୂପ ଦେଇପାରିବେ। ସେଥିରେ କିଛି ବାର୍ତ୍ତା ବି ଦେଇପାରିବେ। ବଜାରରେ ବି ସୁନ୍ଦର ସୁନ୍ଦର ମୋମୋରୀ ବୁକ୍ ମିଳୁଛି, ଯାହାକୁ ଆପଣ ଟ୍ରାଏ କରିପାରିବେ।
- ବଜାରରେ ତ ଅନେକ ପ୍ରକାରର କାର୍ଡ ମିଳୁଛି। ହେଲେ ଯଦି ଆପଣ ନିଜ ହାତରେ କାର୍ଡ ତିଆରି କରି ସେଥିରେ ବନ୍ଧୁଙ୍କ ପାଇଁ କିଛି ହୃଦୟସ୍ପର୍ଶୀ ବାର୍ତ୍ତା ଲେଖି ତାଙ୍କୁ ପ୍ରଦାନ କରିବେ, ତେବେ ସେ ନିଶ୍ଚୟ ଖୁସି ହୋଇଯିବେ।
- ପେଣ୍ଡାଣ୍ଟ, ରିଙ୍ଗସ୍, ନେକଲେସ୍, ବ୍ରେସଲେଟ୍ ଭଳି ଅନେକ ଫ୍ୟାଶନେବଲ୍ ଆସେରିଜ୍ ବଜାରରେ ଉପଲବ୍ଧ ହେଉଛି। ଏହିଭଳି କିଛି ଖାସ୍ ଆସେସରିଜ୍ ଆପଣ ନିଜର ଖାସ୍ ବନ୍ଧୁଙ୍କୁ ଉପହାର ଦେଇପାରିବେ।
- ଯଦି ଆପଣଙ୍କ ବନ୍ଧୁ ଚକୋଲେଟ୍ ପ୍ରିୟ, ତେବେ ଏହି ଉପହାର ତାଙ୍କୁ ନିଶ୍ଚୟ ଭଲ ଲାଗିବ। ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ଚକୋଲେଟ୍‌କୁ ଏକ ଗିଫ୍ଟ ହାମ୍ପର ଭାବେ ସଜାଇ ତାଙ୍କୁ ପ୍ରଦାନ କରନ୍ତୁ।
- ବନ୍ଧୁତାର ପ୍ରଗାଢତାକୁ ଦର୍ଶାଏ ହଳଦିଆ ରଙ୍ଗର ଫୁଲ। ଏହି ରଙ୍ଗର ଗୋଲାପ ହେଉକି ଲିଲି ଅବା ଅର୍କିଡ୍, ବନ୍ଧୁଙ୍କ ମୁହଁରେ ହସ ଫୁଟାଇବା ପାଇଁ ଯଥେଷ୍ଟ।
- ଖୁସିର ଅବସରରେ କେକ୍ କାଟିବା ଏବେ ଏକ ଟ୍ରେଣ୍ଡ ପାଲଟିଗଲାଣି। ତେଣୁ ବନ୍ଧୁଙ୍କୁ ଏକ ସୁସ୍ୱାଦୁ ଓ ସୁସଜ୍ଜିତ କେକ୍ ଉପହାର ସ୍ୱରୂପ ଦେଇପାରିବେ।
- ଭଲ କ୍ୱାଲିଟିର ସୁଗନ୍ଧଭରା ପରଫ୍ୟୁମ୍ ଉପହାର ଆପଣଙ୍କ ବନ୍ଧୁତାକୁ ଆହୁରି ମହକାଇ ଦେବ। ତେଣୁ ଏହାକୁ ବି ଟ୍ରାଏ କରିପାରିବେ।
- ବାଲ୍ୟକାଳର ବନ୍ଧୁଙ୍କ ପାଇଁ ଏହାଠୁ ଭଲ ଉପହାର ଆଉ କିଛି ନ ହୋଇପାରେ। ପିଲାଦିନରୁ ଆଜିପର୍ଯ୍ୟନ୍ତ ଥିବା ଫଟୋସବୁକୁ ଏକ କ୍ୟାଲେଣ୍ଡରର ରୂପ ଦେଇ ଉପହାର ଦେଲେ ବନ୍ଧୁ ନିଶ୍ଚୟ ଖୁସି ହେବେ।
- ଯେଉଁମାନଙ୍କର ଆଜିପର୍ଯ୍ୟନ୍ତ ସଫ୍ଟ ଟୟ ଧରି ଶୋଇବା ଅଭ୍ୟାସ ଥାଏ ତାଙ୍କୁ କ୍ୟୁଟ୍ ସଫ୍ଟ ଟୟ ଉପହାର ଦେଇପାରିବେ।

# ସ୍ୱାସ୍ଥ୍ୟ ପାଇଁ ହିତକର ସାଇକେଲିଂ



ଯାତାୟାତ ଲାଗି ସାଇକେଲ ସ୍ୱାସ୍ଥ୍ୟ ପାଇଁ ହିତକର । ଆଜିକାଲିର ଲାଇଫ୍ ଷ୍ଟାଇଲ୍ ଓ ଖାଦ୍ୟପେୟ ଦିନକୁ ଦିନ ଲୋକଙ୍କୁ ରୁଗ୍ଣ କରିଦେଉଛି। ଅଧିକ ଫ୍ୟାଟ୍ ଜାତୀୟ ଖାଦ୍ୟ ସାଙ୍ଗକୁ ବ୍ୟାୟାମର ଅଭାବ ଓ ଅଫିସ୍‌ରେ ବସି ରହି କାମ କରିବା ଯୋଗୁ ପେଟରେ ଚର୍ବି ଜମିବା ଭଳି ସମସ୍ୟା ସୃଷ୍ଟି ହେଉଛି। ଏହି ଚର୍ବି ଯୋଗୁ ଧମନୀଗୁଡିକର ସଙ୍କୋଚନ ପ୍ରସାରଣରେ ସମସ୍ୟା ଦେଖାଦିଏ। ହୃତ୍‌ପିଣ୍ଡ ଉପରେ ଚାପ ପଡିଥାଏ। ଫଳରେ ହୃଦ୍‌ରୋଗ ଆଶଙ୍କା ବଢିଯାଏ। ରକ୍ତଚାପ, ମସ୍ତିଷ୍କ ଆଘାତ ସହ କ୍ୟାନ୍ସର ଭଳି ରୋଗ ହେବାର ଆଶଙ୍କା ସୃଷ୍ଟି ହୁଏ। ପେଟର ଚର୍ବିରୁ ମାରାତ୍ମକ ବିଷ ବି ତିଆରି ହୁଏ। ତେଣୁ ପ୍ରତିଦିନ ଯଦି ଘଣ୍ଟାପ୍ରତି ୫ କି.ମି. ବେଗରେ ଏକଘଣ୍ଟା ସାଇକେଲିଂ କରାଯାଏ, ତେବେ ୨୫୦ରୁ ୩୦୦ କ୍ୟାଲୋରି ଦହନ ହୋଇଥାଏ। ଖାସ୍‌କରି ବାହାରେ ସାଇକେଲିଂ କଲେ ବେଶି ଉପକାର ମିଳିଥାଏ। ତେଣୁ ପ୍ରତିଦିନ ସାଇକେଲିଂ କରିବା ଜରୁରୀ ବୋଲି କୁହନ୍ତି ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ନିରଞ୍ଜନ ତ୍ରିପାଠୀ। ସାଇକେଲିଂ ସ୍ୱାସ୍ଥ୍ୟ ପାଇଁ ଯେତିକି ଉପକାରୀ ପରିବେଶ ପାଇଁ ବି ଏହା ସେତିକି ଭଲ। ଖର୍ଚ୍ଚ ବି ନାହିଁ କହିଲେ ଚଳେ। ତେଣୁ ଧୀରେ ଧୀରେ ସମସ୍ତେ ସାଇକେଲକୁ ସାଥୀଭାବେ ବାଛିନେବା ଭଲ। ଅଫିସ୍ ହେଉକି ଆଖପାଖ ଯେଉଁଠିକୁ ଗଲେ ବି ବାଇକ୍ ବ୍ୟବହାର ନ କରି ଯଦି ସାଇକେଲ ବ୍ୟବହାର କରାଯାଇପାରିବ ପ୍ରଦୂଷଣ ଅନେକାଂଶରେ କମିଯିବ। ଦ୍ରୁତ ଗତି ପାଇଁ ଚାହିଁଲେ ସୋଲାର ସାଇକେଲ୍ ବି ବ୍ୟବହାର କରିପାରିବେ। ଫଳରେ ଗନ୍ତବ୍ୟସ୍ଥଳକୁ ଠିକ୍ ସମୟରେ ପହଞ୍ଚିବା ସହ ବାୟୁ ପ୍ରଦୂଷିତ ହେବାର ଚିନ୍ତା ରହିବନି। ଯେବେ ସମସ୍ତେ ସଚେତନ ହେବେ ତେବେ ଯାଇ ପରିବେଶ ସୁସ୍ଥ ରହିପାରିବ ବୋଲି ବ୍ୟକ୍ତ କରନ୍ତି ଡା. ତ୍ରିପାଠୀ।

# ଏପରି ଲକ୍ଷଣ ଜଣାଇଦିଏ ହାର୍ଟ ଆଟାକ୍‌ର ପୂର୍ବ ସୂଚନା...



**ହାର୍ଟ ଆଟାକ୍ କ୍ଷେତ୍ରରେ କେତେକ ସାଧାରଣ ଲକ୍ଷଣ ଦେଖାଯାଇଥାଏ। ସେ ସମ୍ପର୍କରେ ଜାଣନ୍ତ...**

**ଛାତିରେ ଯନ୍ତ୍ରଣା:** ହାର୍ଟ ପମ୍ପିଂରେ ବାଧା ଯୋଗୁ ଏହା ହୋଇଥାଏ।

**ବାରମ୍ବାର ନିଶ୍ୱାସ ପ୍ରଶ୍ୱାସ ନେବା ବା ଧଡଉଁସଇଁ ହେବା:** ହାର୍ଟକୁ ପର୍ଯ୍ୟାପ୍ତ ପରିମାଣର ରକ୍ତ ପହଞ୍ଚି ନ ପାରିବାରୁ ଏପରି ହୋଇଥାଏ।

**ଗଳାରେ ନିୟମିତ କଫ ରହିବା:** ଏହା ରକ୍ତ ସଞ୍ଚାଳନରେ ଅନିୟମିତତାକୁ ସୂଚାଇ ଥାଏ।

**ସାଧାରଣତଃ ଶୋଇବା ସମୟରେ ପାଦ, ଗଣ୍ଠି ଏବଂ ଗୋଡ ଫୁଲିବା:** ରକ୍ତ ସଞ୍ଚାଳନରେ ଅନିୟମିତତା ଯୋଗୁ ଶରୀରର ତଳ ଅଙ୍ଗକୁ ଆବଶ୍ୟକ ଅନୁସାରେ ରକ୍ତ ପହଞ୍ଚିବାରେ ନାହିଁ।

**ତଳିପେଟ ଫୁଲିବା ସହ ଯନ୍ତ୍ରଣା ହେବା:** ଏହା ମଧ୍ୟ ରକ୍ତ ସଞ୍ଚାଳନ ଯୋଗୁ ହୋଇଥାଏ।

**ଅଳ୍ପ କାମ କରି ଥକି ଯିବା ଏବଂ ଦେହହାତ ଥରିବା:** ହାର୍ଟ ପମ୍ପିଂରେ ଅନିୟମିତତା ଯୋଗୁ ରକ୍ତ ସଞ୍ଚାଳନ ଆବଶ୍ୟକତା ଅନୁସାରେ ନ ହେବାରୁ ଏହା ହୋଇଥାଏ।

**ପିଠିର ଉପର ଭାଗରେ ଯନ୍ତ୍ରଣା:** ଏହା ଆଞ୍ଜିନା ପେନ୍ ଯୋଗୁ ହୋଇଥାଏ।

**ବେକରେ ରହି ରହି ଅଳ୍ପ ଯନ୍ତ୍ରଣା ହେବା:** ଏହା ଆଞ୍ଜିନା ପେନ୍‌କୁ ସୂଚିତ କରିଥାଏ।

**ହାତ ଗୋଡ଼ରେ ଅଳ୍ପ ଅଳ୍ପ ଯନ୍ତ୍ରଣା ରହି ରହି ହେବା:** ଏହା ରକ୍ତସଞ୍ଚାଳନରେ ଅନିୟମିତତାକୁ ସୂଚାଏ।



ଏସବୁ ସମସ୍ୟା ଦେଖାଦେଲେ ଶୀଘ୍ର ଡାକ୍ତରଙ୍କ ସହିତ ପରାମର୍ଶ କରିବା ସହିତ କେତେକ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ। ସେଗୁଡିକ ହେଉଛି:

***ପ୍ରତିଦିନ ଖାଦ୍ୟ କିମ୍ବା ପାନୀୟ ଗ୍ରହଣ ପୂର୍ବରୁ ନିଜର ଓଜନ ଯାଞ୍ଚ:*** ଅତିରିକ୍ତ ଓଜନ ବୃଦ୍ଧି ହାର୍ଟର ସାଧାରଣ କାମରେ ବାଧା ଉତ୍ପନ୍ନ କରିଥାଏ। ଏପରିସ୍ଥଳେ ୦.୫-୧ କିଗ୍ରା ପର୍ଯ୍ୟନ୍ତ ଓଜନ ବୃଦ୍ଧି ମଧ୍ୟ ସମସ୍ୟା ସୃଷ୍ଟି କରେ। ଏପରିସ୍ଥଳେ ଖାଦ୍ୟ ଗ୍ରହଣରେ ଅଙ୍କୁଶ ଲଗାଇବାକୁ ପଡିଥାଏ।

***ଚଳଚଞ୍ଚଳ ରହିବା ସହିତ ଆବଶ୍ୟକ ସମୟରେ ବିଶ୍ରାମ :*** ଚଳଚଞ୍ଚଳ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାତ୍ର କେତେକ ସମୟରେ ଏହା ସମ୍ଭବପର ହୋଇ ନ ଥାଏ । ସେତେବେଳେ ବିଶ୍ରାମ ନେବାର ଆବଶ୍ୟକତା ରହିଛି। କିଛି ହାଲକା ଶାରିରୀକ ଶ୍ରମ କରିବା ସହିତ ଡାକ୍ତରଙ୍କ ସହିତ ପରାମର୍ଶ ପରେ ଚାଲିବା, ସାଇକେଲିଂ, ପହଁରା ଏବଂ ଯୋଗ ଭଳି କିଛି ହାଲକା ବ୍ୟାୟାମ କରିବା ଆବଶ୍ୟକ।



***ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଗ୍ରହଣ :*** ଉପଯୁକ୍ତ ସମନ୍ୱିତ ଖାଦ୍ୟ ଗ୍ରହଣ କରିବା ଆବଶ୍ୟକ। ଖାଦ୍ୟରେ ଅଧାରୁ ଅଧିକ ଫଳ ଏବଂ ସବୁଜ ପନିପରିବା ରହିଲେ ଭଲ। ଏହାଛଡା ଅଳ୍ପ ଚର୍ବି ଥିବା କିମ୍ବା ଚର୍ବି ମୁକ୍ତ କ୍ଷୀର ଖାଦ୍ୟରେ ଗ୍ରହଣ କରିବା ଆବଶ୍ୟକ। ପ୍ରୋଟିନ୍ ମଧ୍ୟରେ ସମୁଦ୍ରଜାତ ଖାଦ୍ୟ, ବିନ୍, ପ୍ରକିୟାକରଣ ହୋଇଥିବା ସୋୟା ଗ୍ରହଣ କରିବା ଭଲ। କଠିନ ଚର୍ବି, ରିଫାଇନଡ୍ ଖାଦ୍ୟଶସ୍ୟ ଏବଂ ଚିନିର ପରିମାଣ ଖାଦ୍ୟରେ କମ୍ କରିବା ପ୍ରୟୋଜନ।

***ଅତ୍ୟଧିକ ଲୁଣ ଠାରୁ ଦୂରେଇ ରହିବା:*** ଶରୀରରେ ସୋଡିୟମ୍‌ର ମାତ୍ରା ବୃଦ୍ଧି ପାଇଲେ ଶରୀରର ଜଳ ଧାରଣ କ୍ଷମତା ବଢ଼ିଥାଏ। ଖାଦ୍ୟରେ ଅତ୍ୟଧିକ ଲୁଣ ରକ୍ତଚାପ ବୃଦ୍ଧି କରିବା ସହିତ ଡାଇୟୁରେଟିକ୍‌ର କାର୍ଯ୍ୟକୁ ପ୍ରଭାବିତ କରିଥାଏ ଫଳରେ ଶରୀରରେ ତରଳ ପଦାର୍ଥର ପୁନଃଧାରଣ କ୍ଷମତା ବୃଦ୍ଧି ପାଇ ଗୋଡ ଫୁଲିବା ସମସ୍ୟା ଦେଖାଯାଇଥାଏ। ଖାଦ୍ୟ ରାନ୍ଧିବା ସମୟରେ ଲୁଣ କିମ୍ବା ଲୋ-ସଲ୍ଟ ନ ପକାଇ ଖାଦ୍ୟ ଗ୍ରହଣ ପୂର୍ବରୁ ଖାଦ୍ୟରେ ଲୁଣ ପକାଇ ଗ୍ରହଣ କଲେ ଭଲ।

***ଆବଶ୍ୟକ ଔଷଧ ଗ୍ରହଣ:*** ଯଦି ଆପଣଙ୍କ ଠାରେ କିଛି ପାର୍ଶ୍ୱପ୍ରତିକ୍ରିୟା ସୃଷ୍ଟି ହେଉଛି ତେବେ କାର୍ଡିଓଲୋଜିଷ୍ଟଙ୍କ ସହିତ ପରାମର୍ଶ କରିବା ଜରୁରୀ।

***ଶାରିରୀକ ଲକ୍ଷଣ ପ୍ରତି ସତର୍କ ଦୃଷ୍ଟି:*** ଏଭଳି ସ୍ଥଳେ ନିରନ୍ତର ଶାରିରୀକ ଲକ୍ଷଣ ପ୍ରତି ସତର୍କ ରହିବା ଆବଶ୍ୟକ। ଶାରିରୀକ ଅବସ୍ଥା ସହଜଜନକ ନୁହେଁ, ମାତ୍ର ଏହା ସହିତ ସମନ୍ୱୟ ରକ୍ଷାକରି ଚଳିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

- ଜୀବନଶୈଳୀରେ ପରିବର୍ତ୍ତନ ଓ ଉପଯୁକ୍ତ ଔଷଧ ଗ୍ରହଣ ଦ୍ୱାରା ଡାଇବେଟିସ୍ ମିଲିଟସ୍ ଏବଂ ଉଚ୍ଚ ରକ୍ତଚାପରେ ନିୟନ୍ତ୍ରଣ ଆଣିବା ଆବଶ୍ୟକ।
- ଧୂମପାନ ସମ୍ପୂର୍ଣ୍ଣ ବନ୍ଦ କରିବା ଆବଶ୍ୟକ।

ହାର୍ଟ ଆଟାକ୍‌ର ଲକ୍ଷଣ ଅନୁସାରେ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା ଏବଂ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିଲେ ପରବର୍ତ୍ତୀ ଜୀବନ ଅପେକ୍ଷାକୃତ ସହଜ ଓ ସରଳ ହୋଇପାରିଥାଏ।

# ଶବ ପାଇଁ ବିଛାନ୍ତି ଶେଯ

ଦିନେଶ ଦେହୁରୀ
ବନ୍ତଲା, ୨୩।୧୧

ଜଣା ହେଉ ଅବା ଅଜଣା, ଶବକୁ ଉପଯୁକ୍ତ ସମ୍ମାନ ଦେବାକୁ ଅନେକେ ଆଗ୍ରହ ଦେଖାନ୍ତିନି। ବଞ୍ଚିଥିବା ବେଳେ ଅତି ଆପଣାର ଲାଗୁଥିବା ମଣିଷଟିଏ ମୃତ୍ୟୁ ପରେ ହଠାତ୍ ଯେମିତି ପର ପରି ସ୍ୱଭାବ ଦେଖାନ୍ତି। ଶ୍ମଶାନରେ ଯେନତେନ ସଂସ୍କାର କାର୍ଯ୍ୟ କରିଦେଲେ କାମ ସରିଯାଏ ବୋଲି ସେମାନେ ଭାବିନିଅନ୍ତି। ହେଲେ ଏ କ୍ଷେତ୍ରରେ ଅନୁଗୋଳ ଜିଲା ବନ୍ତଲା ଥାନା ପୋକତୁଙ୍ଗା ଗ୍ରାମର ଅଚ୍ୟୁତ ଦେହୁରୀ(୮୫)ଙ୍କ କାର୍ଯ୍ୟ ଅତି ପ୍ରଶଂସନୀୟ। କାରଣ ପର-ଆପଣାର ଭାବ ରଖି ନ ଥିବା ଅଚ୍ୟୁତ୍ ନିଜ ଜୀବନକାଳ ମଧ୍ୟରେ ଶତାଧିକ ଶବକୁ ସମ୍ମାନର ସହ ସଂସ୍କାର କରିଛନ୍ତି। କୋକେଇ ବନ୍ଧାଠାରୁ ଶବ ପାଇଁ ଶ୍ମଶାନରେ ଜୁଇର ଶେଯ ପ୍ରସ୍ତୁତ କରିବାରେ ତାଙ୍କ ଭୂମିକା ଜଣେ ନିଆରା ମଣିଷ ଭାବେ ତାଙ୍କୁ ପରିଚିତ କରିପାରିଛି। ସେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଜଣେ ଦେବଦୂତ ବୋଲି ମଧ୍ୟ କେହି କେହି କହିଥାନ୍ତି।



ପୋକତୁଙ୍ଗା ପାଟଣାସାହି କାର୍ତ୍ତିକ ଉତ୍ସବରେ ଅଚ୍ୟୁତ ରୋଷେଇ କରୁଛନ୍ତି।

କେବଳ ଚାଟଶାଳି ମାଟି ମାଡ଼ିଥିବା ଅଚ୍ୟୁତ କୁହନ୍ତି, ପିଲାବେଳେ ଜଙ୍ଗଲରେ ଛେଳି ଚରାଇ ସେ ପେଟ ପୋଷୁଥିଲେ। ତାଙ୍କୁ ଯେତେବେଳେ ୨୦ ବର୍ଷ ହୋଇଥିଲା ଜଣେ ବ୍ୟକ୍ତି ଚେରମୂଳି ଔଷଧ ସମ୍ପର୍କରେ କିଛି ଜ୍ଞାନ ଦେଇଥିଲେ, ଯାହା ତାଙ୍କୁ ପରବର୍ତ୍ତୀ ଅବସ୍ଥାରେ ଗ୍ରାମବାସୀଙ୍କ ନିକଟତର କରିଥିଲା। ସେତେବେଳେ ଗାଁର ପିଲାମାନେ ନାନା ରୋଗରେ ଆକ୍ରାନ୍ତ ହେଉଥିଲେ। ସେ ଜାଣିଥିବା ଚେରମୂଳି ଔଷଧ ଦେଇ ସେ ପିଲାମାନଙ୍କୁ ରୋଗମୁକ୍ତ କରୁଥିଲେ। ଏହା ଧୀରେ ଧୀରେ ପ୍ରଚାର ହେବାରୁ ତାଙ୍କ ନିକଟକୁ ଧୋକୁଟା, ଲାଛବନ୍ଧ, ଶଙ୍ଖପୁର, ନନ୍ଦପୁର, ମଧୁପୁର, ମାଧପୁର, ବ୍ରହ୍ମପୁର, କରତପଟା, ବନ୍ଦନପସି ଆଦି ଗ୍ରାମର ଲୋକେ ଔଷଧ ନେବାକୁ ଆସିଲେ। ବିନା ପାରିଶ୍ରମିକରେ ଏହି କାର୍ଯ୍ୟ ଖୁସି ଦେଉଥିବା ଅନୁଭବ କରିବାପରେ ସେ ଗ୍ରାମବାସୀଙ୍କୁ ବିଭିନ୍ନ କାର୍ଯ୍ୟରେ ସାହାଯ୍ୟ ସହଯୋଗ କରିବା ଆରମ୍ଭ କଲେ। ବିନା ନିମନ୍ତ୍ରଣରେ ସେ କାହାର ବିବାହ ଉତ୍ସବରେ ଯୋଗଦେଉଥିଲେ ତ କାହାର ଶବ ସଂସ୍କାର ପାଇଁ ପହଞ୍ଚି ଯାଉଥିଲେ। ବିଭିନ୍ନ ଯାନିଯାତ୍ରାରେ ମଧ୍ୟ ସେ ଦାୟିତ୍ୱ ମାଗି ତାହାକୁ ସୁଚାରୁରୂପେ ତୁଲାଉଥିଲେ। ବିଶେଷକରି ଗାଁ କି ଆଖପାଖ ଅଞ୍ଚଳରେ କାହାର ମୃତ୍ୟୁ ହେଲେ ସେ ସୁନ୍ଦର ଭାବେ କୋକେଇ ତିଆରି କରିଦେବା ସହ ଶ୍ମଶାନରେ ପହଞ୍ଚି କାଠର ଜୁଇ ପ୍ରସ୍ତୁତ କରିଦେଉଥିଲେ। ଏବେ କିନ୍ତୁ ତାଙ୍କୁ ଆଉ ବିନା ନିମନ୍ତ୍ରଣରେ ଯିବାକୁ ପଡ଼ୁନି। କାରଣ ତାଙ୍କ ସେବା ପ୍ରତି ଲୋକଙ୍କ ମନରେ ଏପରି ଆଦର ଭାବ ଜାଗ୍ରତ ହୋଇଛି ଯେ ଚାରିଆଡୁ ତାଙ୍କ ପାଖକୁ ଡାକରା ଆସୁଛି। ବର୍ତ୍ତମାନ ସୁଦ୍ଧା ସେ ଦୁଇଶହରୁ ଅଧିକ ଶବ ଦାହ କରିସାରିଛନ୍ତି। ଏପରି କାର୍ଯ୍ୟ ତାଙ୍କୁ ଆତ୍ମସନ୍ତୋଷ ଦେଉଥିବାରୁ ଆଗାମୀ ଦିନରେ ଅଧିକ ଲୋକଙ୍କ ସହ ସେ ଜଡିତ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଅଚ୍ୟୁତ କୁହନ୍ତି, ମଣିଷ ଜନ୍ମ ହୋଇଛି ଅନ୍ୟକୁ ସହଯୋଗ କରିବା ପାଇଁ। ସମସ୍ତଙ୍କ ଦୁଃଖ ସୁଖରେ ସାମିଲ ହେବା ପାଇଁ। କୌଣସି କାର୍ଯ୍ୟ କରିବାକୁ ତାଙ୍କୁ କଷ୍ଟ ଲାଗି ନ ଥାଏ। ବୟସ ବଢ଼ିଯାଇଥିଲେ ମଧ୍ୟ ସେ ପୂର୍ବପରି ଚଳଚଞ୍ଚଳ ରହିଛନ୍ତି। ତାଙ୍କର ଯୋଗଦାନ ସବୁ ଜାଗାରେ ରହିଛି ଓ ଆଗାମୀ ଦିନରେ ରହିବ। ଅଚ୍ୟୁତ୍‌ଙ୍କ ଏପରି ନିଆରା କାର୍ଯ୍ୟକୁ ପୋକତୁଙ୍ଗା ଗ୍ରାମର ପୂର୍ବତନ ସରପଞ୍ଚ ସୁରେଶ ପ୍ରଧାନ, କୁମୁଦ ଚନ୍ଦ୍ର ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ପୂର୍ବତନ ସଭାପତି ରତ୍ନାକର ପ୍ରଧାନ, ଗୋକୁଳାନନ୍ଦ ପ୍ରଧାନ, ଶତ୍ରୁଘନ ପ୍ରଧାନ, କୃପାସିନ୍ଧୁ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ବର୍ତ୍ତମାନର ସଭାପତି ପପୁ ପ୍ରଧାନ, ବିବେକାନନ୍ଦ ପ୍ରଧାନ ପ୍ରମୁଖ ଉଚ୍ଚ ପ୍ରଶଂସା କରିଛନ୍ତି। ସେମାନଙ୍କ ମତରେ ଅଚ୍ୟୁତଙ୍କ ଭଳି ଲୋକ ଦୁନିଆରେ ଖୁବ୍ କମ୍ ଅଛନ୍ତି। ତାଙ୍କ ଉପସ୍ଥିତି ଗାଁର ସମସ୍ତଙ୍କୁ ଆନନ୍ଦ ଦେଇଥାଏ। ଏକାଠି ବଞ୍ଚିବା ମରିବାର ବାର୍ତ୍ତା ଦେଇଥାଏ। ଭାଇଚାରା ଓ ନିଃସ୍ୱାର୍ଥପର ସେବା କ'ଣ ତାହା ତାଙ୍କଠାରୁ ହିଁ ଶିଖିବାକୁ ମିଳେ ବୋଲି ଗ୍ରାମବାସୀ କହିବା ସହ ଅଚ୍ୟୁତ୍ ଆମ ପାଇଁ ଦେବଦୂତ ବୋଲି ପ୍ରକାଶ କରିଛନ୍ତି।

# ୨୯ ବର୍ଷ ହେଲା ଚାଲିଛି ମାନସିକ ପୂରଣ

ପରିକ୍ଷିତ ସାହୁ
ବଇଣ୍ଡା, ୨୩।୧୧

ଗୋଟିଏ ପଟେ ବୁଡ଼ି ଯାଉଥିବା କଳା, ସଂସ୍କୃତିକୁ ଉଜ୍ଜୀବିତ କରିବାକୁ ପ୍ରୟାସ ତ ଅନ୍ୟପଟେ ଧାର୍ମିକ ଭାବନା ବା ମାନସିକ ପୂରଣ ପାଇଁ ଚାଲିଛି ପ୍ରଚେଷ୍ଟା। ଏମିତି ବର୍ଷ ପରେ ବର୍ଷ ୨୯ ବର୍ଷ ଧରି ପାଲା ପରିବେଷଣ କରିଆସୁଛନ୍ତି ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନୁକାପଶି ବଇଣ୍ଡା ଗ୍ରାମର ଜଗତ ମୋହନ ମିଶ୍ର।




ଜଗତ ମୋହନ କହିଛନ୍ତି, ୧୯୮୬ରେ ସେ ବିବାହ କରିଥିଲେ। ୪ ବର୍ଷ ବିତିଯିବା ପରେ ବି ପିଲାଟିଏ ନ ହେବାରୁ ସେ ଚିନ୍ତିତ ହୋଇପଡ଼ିଥିଲେ। ପୁଅଟିଏ ହେଲେ ଆଜୀବନ ପାଲା ପରିବେଷଣ କରିବେ ବୋଲି ପ୍ରଭୁ ସତ୍ୟନାରାୟଣଙ୍କ ନିକଟରେ ମାନସିକ କରିଥିଲେ। ଈଶ୍ୱରଙ୍କ କୃପାରୁ ୧୯୯୧ରେ ତାଙ୍କୁ ପୁତ୍ର ସନ୍ତାନଟିଏ ପ୍ରାପ୍ତ ହେଲା। ତେଣୁ ଠାକୁରଙ୍କ ନିକଟରେ କରିଥିବା ମାନସିକ ପୂରଣ ପାଇଁ ସେ ପାଲା ପରିବେଷଣ କ୍ଷେତ୍ରରେ ପାଦ ଦେଲେ। ଗୁରୁ ନବୀନ କୁମାର ରଥଙ୍କଠାରୁ ଶିକ୍ଷା ନେଇ ସେ ୫ଜଣ ସାଥୀଙ୍କୁ ଧରି ପାଲା ଗାୟନ ଆରମ୍ଭ କଲେ। ବର୍ଷକୁ ୧୦୦ରୁ ଅଧିକ ପାଲା ପରିବେଷଣ କରୁଛନ୍ତି। ପାରିଶ୍ରମିକ ବାବଦରେ କଳାକାର ପିଛା ମାତ୍ର ୪ରୁ ୫ଶହ ଟଙ୍କା ପାରିଶ୍ରମିକ ମିଳୁଥିବାରୁ ପରିବାର ଚଳାଇବା ବଡ଼ କଷ୍ଟକର ହେଉଛି। ତଥାପି ଏହାକୁ ନେଇ ସେ କେବେ ନିରାଶ ହୋଇନାହାନ୍ତି କି କାର୍ଯ୍ୟ ପ୍ରତି ବିମୁଖ ଭାବ ପ୍ରକଟ କରିନାହାନ୍ତି। କାରଣ ଈଶ୍ୱରଙ୍କ ଆଶୀର୍ବାଦ ତାଙ୍କ ସହ ପରିବାର ଉପରେ ଥିବାରୁ ସେ ମାନସିକ ପୂରଣ କରିବାକୁ ଜିଇଁଥିବା ଯାଏ ସତ୍ୟନାରାୟଙ୍କ ପାଲା ଗାନ କରି ଚାଲିଥିବେ। ଏହାଛଡ଼ା ସାମାଜିକ, ଧାର୍ମିକ ସଚେତନତା ସୃଷ୍ଟିରେ ପାଲାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହେଲେ ଏହି କଳା, ସଂସ୍କୃତି ଧୀରେ ଧୀରେ ତା'ର ଦିଗ ହରାଉଥିବାରୁ ତାହାକୁ ବଞ୍ଚାଇ ରଖିବା ନିମନ୍ତେ ତାଙ୍କ ଉଦ୍ୟମ ଫଳପ୍ରସୂ ହେଉ ବୋଲି ସେ ଚାହାନ୍ତି। କିଶୋରନଗର ବ୍ଲକ ଅଞ୍ଚଳରେ ସେ ପାଲା ପରିବେଷଣ କରି ୨୧ଟି ପୁରସ୍କାର ପାଇଛନ୍ତି। ଏହାଛଡ଼ା ଜିଲାରୁ ୨୨ଟି ଶ୍ରେଷ୍ଠ ପୁରସ୍କାର ତାଙ୍କୁ ମିଳିଛି। ଗ୍ରାମାଞ୍ଚଳରେ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାର ପ୍ରଚାର ପ୍ରସାର କରାଯାଉଥିବା ବେଳେ ତାଙ୍କ ସାଥୀଙ୍କୁ ଏପରି କିଛି କାର୍ଯ୍ୟ ଦିଆଯାଇଛି। କିନ୍ତୁ କଳାକାରଟିଏ ବଞ୍ଚିବା ପାଇଁ ସେଥିରୁ ମିଳୁଥିବା ପ୍ରାପ୍ୟ ପର୍ଯ୍ୟାପ୍ତ ହେଉନାହିଁ। ଏ ଦିଗରେ ସରକାର ଦୃଷ୍ଟି ଦେବା ସହ କଳାକାରଙ୍କ ଉନ୍ନତି ପାଇଁ ଅଧିକ ଯୋଜନା କଲେ ତାଙ୍କ ପରି ଅନ୍ୟମାନେ ଉପକୃତ ହେବା ସହ କଳା, ସଂସ୍କୃତିକୁ ଅବକ୍ଷୟ ମୁହଁରୁ ଫେରାଇ ଅଣାଯାଇପାରିବ ବୋଲି ଜଗତମୋହନ ପ୍ରକାଶ କରିଛନ୍ତି।



ନିଜ ସାଥୀଙ୍କ ସହ ଜଗତମୋହନ ମିଶ୍ର।






# ବାଳକ ବର


ରୁଦ୍ର ପ୍ରସନ୍ନ ରଥ

ବାଲ୍ୟବିବାହ ଏକ ସାମାଜିକ କୁପ୍ରଥା ବୋଲି ଆମେ ସମସ୍ତେ ଜାଣିଛେ। ବାଲ୍ୟ ବିବାହ ପରି ଏକ ଘୃଣ୍ୟ ପ୍ରଥାକୁ ରୋକିବାକୁ ଯାଇ ଦୀର୍ଘଦିନରୁ ଉଭୟ ସରକାରୀ ଏବଂ ବେସରକାରୀ ସ୍ତରରେ ବ୍ୟାପକ ପ୍ରଚେଷ୍ଟା ଚାଲିଥିଲେ ବି ଏ ଯାଏ ଆମେ ବାଲ୍ୟ ବିବାହକୁ ରୋକିବାକୁ ସଫଳ ହୋଇପାରିନାହେଁ। ଯଦିଓ ଓଡ଼ିଶା ଏବଂ ଭାରତରେ ଏହି ବାଲ୍ୟବିବାହର ସଂଖ୍ୟା ଧୀରେ ଧୀରେ ହ୍ରାସ ପାଇଚାଲିଛି ତେବେ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଆହୁରି ଅନେକ ବର୍ଷ ଲାଗିଯିବ। ତେବେ ବାଲ୍ୟ ବିବାହ ବିଷୟରେ ଆଲୋଚନା କରିବା ବେଳେ ଆମେ ଅନେକ ସମୟରେ ଏଥିରେ ବାଳକଟିଏ ବି ବରବେଶରେ ଥାଏ ଏବଂ ଏହି ବିବାହ ତାକୁ ମଧ୍ୟ ବେଶ୍ ଗଭୀର ଭାବେ ପ୍ରଭାବିତ କରେ ଏ କଥା ଆଲୋଚନା କରିବାକୁ ଭୁଲିଯାଉ।

ଜାତୀୟ ପରିବାର ସ୍ୱାସ୍ଥ୍ୟ ଆକଳନ (ଏନ୍ଏଫ୍ଏଚ୍ଏସ୍-୪) ଅନୁସାରେ ବାଲ୍ୟ ବିବାହ ହେଉଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାର ସ୍ଥିତି ୧୩ତମ ଓ ଓଡ଼ିଶାରେ ଘଟୁଥିବା ମୋଟ ବିବାହର ୨୧.୩ ପ୍ରତିଶତ ହେଉଛି ବାଲ୍ୟ ବିବାହ। ରାଜ୍ୟ ସରକାର କେବଳ ୨୦୧୮ ମସିହାରେ ହିଁ ୪୧୧ଟି ବାଲ୍ୟ ବିବାହ ରୋକିବାରେ ସଫଳ ହୋଇଛନ୍ତି। ଅନେକ କ୍ଷେତ୍ରରେ ନ ମାନିଲେ ବି ବିଶ୍ୱର ବିଭିନ୍ନ ଦେଶରେ ଯେ ବାଲ୍ୟ ବିବାହ ହେଉଛି ତାହା ବେଶ୍ ସହଜରେ କୁହାଯାଇପାରିବ। କେଉଁଠି ସାମାଜିକ ରୀତିନୀତିର ଦୁହାଇ ଦେଇ ତ ଆଉ କେଉଁଠି ପରିବାରରେ ରୋଗଣା ସଦସ୍ୟର ଶେଷ ଇଚ୍ଛାକୁ ପୂରଣ କରିବାକୁ ଯାଇ ଏହି ବିବାହକୁ ଆବଶ୍ୟକ ଜାମା ପିନ୍ଧାଇଦିଆଯାଏ। ବାଳକଟିଏ ନିଜ ଅଜାଣତରେ ବାଳକ ବରରେ ପରିଣତ ହୋଇଥାଏ।

ଭାରତ ପରି ଅନେକ ଦେଶରେ ପୁରୁଷମାନଙ୍କର ବିବାହ ପାଇଁ ଆଇନଗତ ଭାବେ ବୟସ ଧାର୍ଯ୍ୟ କରାଯାଇଛି। ଭାରତରେ ଏହି ବୟସ ସୀମା ୨୧ ବର୍ଷରୁ ଅଧିକ ରଖାଯାଇଛି। ତଥାପି ୨୦୧୦ ମସିହା ବେଳକୁ ବିଶ୍ୱରେ ୨୩ଟି ଦେଶ ଥିଲେ, ଯେଉଁଠି ୧୮ ବର୍ଷରୁ କମ୍ ବୟସର ବାଳକ ବିବାହ କରିପାରିବ ବୋଲି ନିୟମ ଥିଲା। ୟୁନିସେଫ ଦ୍ୱାରା ନିକଟରେ ୮୨ଟି ଦେଶରୁ ନେଇ ପ୍ରସ୍ତୁତ ବିଶ୍ଳେଷଣ ଅନୁଯାୟୀ ଏବେ ବିବାହିତ ଥିବା ଲୋକଙ୍କ ମଧ୍ୟରୁ ପାଖାପାଖି ୧୧.୫ କୋଟି ପୁରୁଷ ବାଳକ ଥିବା ସମୟରେ ହିଁ ବିବାହ କରିଥିଲେ। ଆଉ ଏମାନଙ୍କ ମଧ୍ୟରୁ ୨.୩ କୋଟି ପୁଅଙ୍କ ବିବାହ ସେମାନଙ୍କୁ ୧୫ ବର୍ଷ ହେବା ପୂର୍ବରୁ ହିଁ ହୋଇଥିଲା। ମଧ୍ୟଆଫ୍ରିକା, ନିକାରାଗୁଆ, ମାଲି ଆଉ ମାଡାଗାସ୍କର ପରି ଦେଶରେ ହିଁ ଏହି ବାଳକ ବରଙ୍କ ସଂଖ୍ୟା ଅଧିକ।

୧୮ ବର୍ଷରୁ କମ୍ ବାଳକଟିଏ ପାଦରେ ଅଳତା ଲଗାଇ, ମୁଣ୍ଡରେ ପଗଡି ପିନ୍ଧି ସମାଜର ଦାୟରେ ବର ବେଶ ଧାରଣ କରିଥାଏ। ସାଙ୍ଗମାନଙ୍କ ଗହଣରେ ଝିଅଟିଏକୁ ବୋହୂକରି ଆଣିବା ପାଇଁ ବାହାରିପଡ଼େ ସିନା, ସତରେ କ'ଣ ସେ ବାହାଘରର ଅର୍ଥ ବୁଝିଥାଏ। ସେ ଜାଣି ନ ଥାଏ ଯେ ତା' ଅଜାଣତରେ ତା'ର ପାଠପଢ଼ାରେ ଡୋରି ବାନ୍ଧି ହୋଇଯାଇଛି। ଶାରୀରିକ, ଆର୍ଥିକ ଏବଂ ଭାବନାତ୍ମକ ଦୃଷ୍ଟିରୁ ତଥାପି ପରିଣତ ସଶକ୍ତ ହୋଇ ନ ଥିବା ବାଳକଟି ଜାଣିପାରେ ନାହିଁ ଯେ ଜୀବନ ସଂଗ୍ରାମରେ ଏବେ ତାକୁ ସାଥୀଟିଏ ମିଳିଗଲା ସିନା ହେଲେ ଯାହାକୁ ସେ ହାତ ଧରି ଘରକୁ ଆଣିଛି ତା'ର ଆର୍ଥିକ ଏବଂ ସାମାଜିକ ଆବଶ୍ୟକତା ପୂରଣ କରିବାରେ ସେ ବିଫଳ ବୋଲି। କେବେ ସେ ପାଠପଢ଼ା ଛାଡ଼ି ମୂଲ ଲାଗିବାକୁ ବାହାରିଯାଏ ତ କେତେବେଳେ କାମ ଅନ୍ୱେଷଣରେ ଦାଦନ ଶ୍ରମିକ ପାଲଟି ଦେଶାନ୍ତର ହୋଇଯାଏ। ଅନେକ ସମୟରେ ଏତେ କମ୍ ବୟସରେ ପାରିବାରିକ ଚାପକୁ ସମ୍ଭାଳି ନ ପାରି ବାଳକ ବରଟି ଘରୋଇ ହିଂସାରେ ଲିପ୍ତ ହୋଇଯାଏ। ପାଠପଢ଼ା ଛାଡି ଶିଶୁ ଶ୍ରମିକ ହୋଇ ତଥାପି ବି ଯଦି ଘରୋଇ ଆବଶ୍ୟକତା ନ ମେଣ୍ଟେ ସେ ନିଜକୁ ମଦ କିମ୍ବା ଡ୍ରଗ୍ସ ପରି ନିଶାଦ୍ରବ୍ୟ ହାତରେ ଟେକିଦିଏ। ଏତେ ସତ୍ତ୍ୱେ ବି ବାଳକ ବର ହେବାର କଷ୍ଟ କାହାକୁ ଦେଖାଯାଏ ନାହିଁ। ଯେହେତୁ ପୁରୁଷ କାନ୍ଦି ପାରେନି, ଖୋଲିକରି ନିଜ କଷ୍ଟ କାହାକୁ କହିପାରେନି, ତେଣୁ ତା'ର ଦୁଃଖ ଉପରେ କାହାର ନଜର ବି ପଡ଼େନି।

ଏ ଯାଏ ସରକାରଙ୍କ ତରଫରୁ ବାଲ୍ୟ ବିବାହକୁ ରୋକିବା ପାଇଁ ନିଆଯାଇଥିବା ସମସ୍ତ ନିଷ୍ପତ୍ତି ବି ମହିଳାକୈନ୍ଦ୍ରିକ ବୋଲି ଜଣାପଡ଼େ। କମ୍ ବୟସରେ ବିବାହକୁ ମନାକରୁଥିବା ଝିଅମାନଙ୍କ ପାଇଁ ସରକାରଙ୍କର ଅନେକ ବ୍ୟବସ୍ଥା ଅଛି। ମାତ୍ର ପୁଅମାନଙ୍କ ପାଇଁ ଏପରି ବ୍ୟବସ୍ଥା ନାହିଁ। ଏହା ହିଁ ବୈଷମ୍ୟକୁ ଜନ୍ମ ଦେଉଛି। ଅଳ୍ପ ବୟସରେ ବାହା ହେଉଥିବା ବାଳକମାନଙ୍କୁ ବାହା ଦେବାକୁ ରୋକିବା ଆମର ପ୍ରଥମ କର୍ତ୍ତବ୍ୟ ହେବା ଦରକାର। ଯଦି ଏହା ଘଟିବାକୁ ସମୟ ଲାଗୁଛି, ତେବେ ସେ କ୍ଷେତ୍ରରେ କମ୍ ବୟସରେ ବିବାହ କରିସାରିଥିବା ଦମ୍ପତିଙ୍କୁ ଆଣି ପରିବାର ନିୟୋଜନ, ଘରୋଇ ହିଂସା, ମାଦକ ଦ୍ରବ୍ୟ ସେବନକୁ ରୋକିବା ଉପରେ ତାଲିମ୍ ଦେବା ଆବଶ୍ୟକ। ପୁଣି ଏହି ବାଳକ ବରମାନଙ୍କର ଦକ୍ଷତା ବିକାଶ କରାଇ ସେମାନଙ୍କୁ ଚାକିରି ପାଇଁ ଯୋଗ୍ୟ କରାଯିବା ମଧ୍ୟ ଆବଶ୍ୟକ। ଆବଶ୍ୟକ ପଡ଼ିଲେ ଏମାନଙ୍କ ପାଇଁ ଶିକ୍ଷା ଏବଂ ବୃତ୍ତିର ବ୍ୟବସ୍ଥା ମଧ୍ୟ କରାଯାଇପାରେ। ତେବେ ଯେ ପର୍ଯ୍ୟନ୍ତ ସରକାର ଉକ୍ତ ସମସ୍ୟାକୁ ଗୁରୁତ୍ୱର ସହ ନେଇ ବାଳକ ବରମାନଙ୍କର ସାମଗ୍ରିକ ବିକାଶ କଥା ଚିନ୍ତାକରି ନାହାନ୍ତି ସେ ଯାଏ ଏ କ୍ଷେତ୍ରରେ ବିରାଟବଡ଼ ପରିବର୍ତ୍ତନର ଆଶା କମ୍। ଏଥିରେ ସହାୟତା କରୁଥିବା ମଧ୍ୟସ୍ଥ, ଦଲାଲ, ପୁରୋହିତ ଏପରିକି ଟେଣ୍ଟବାଲାଙ୍କୁ ମଧ୍ୟ ଆଇନର ଗଣ୍ଡି ଭିତରକୁ ନିଆଯାଇ ଦଣ୍ଡିତ କରାଯାଇପାରିବ। ଏମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିଲେ ହିଁ ତାହା ବାଳକ ବରଙ୍କ ମୁଣ୍ଡରୁ ପଗଡ଼ି ଖସାଇବାରେ ସାହାଯ୍ୟ କରିବ।

ମୋ-୭୯୭୮୬୭୧୭୭୬

# ଶ୍ରୀଅରବିନ୍ଦ ଓ ବ୍ରିଟିଶ୍ ସରକାରଙ୍କ ଆତଙ୍କ

ବ୍ରିଟିଶ୍ ସରକାର ସ୍ପଷ୍ଟ ଭାବେ ଦେଖିପାରିଥିଲେ ଯେ, ଭାରତବ୍ୟାପୀ ଯେଉଁ ଜାତୀୟ ଚେତନା ତୀବ୍ର ଭାବରେ ବୃଦ୍ଧି ପାଉଛି ଏବଂ ଦେଶର ଯୁବକମାନେ ଯେଉଁ ବିପ୍ଳବୀ ଜୀବନଧାରାରେ ଉଦ୍‌ବୁଦ୍ଧ ହେଉଛନ୍ତି ସେସବୁର ଏକମାତ୍ର ଉଦ୍‌ଗାତା ଶ୍ରୀଅରବିନ୍ଦ। କିନ୍ତୁ ଦୁର୍ଭାଗ୍ୟ ଯେ, ଏ ସମ୍ପର୍କରେ ସରକାର ନିର୍ଭରଯୋଗ୍ୟ ପ୍ରମାଣ ବିଚାରାଳୟରେ ଉପସ୍ଥାପନ କରିବାକୁ ସମର୍ଥ ହେଲେ ନାହିଁ। ଫଳରେ ଶ୍ରୀଅରବିନ୍ଦଙ୍କ ମୁକ୍ତି ଖବର ସେତେବେଳର ବିଭିନ୍ନ ଖବରକାଗଜ ପୃଷ୍ଠା ମଣ୍ଡନ କଲା। ଇଂଲିଶ ବେଙ୍ଗଲୀ ପ୍ରଶ୍ନ କରିଥିଲା–ଶ୍ରୀଅରବିନ୍ଦଙ୍କ ସମେତ ତାଙ୍କର ଅନୁଗାମୀ ଯେଉଁମାନେ ନିର୍ଦ୍ଦୋଷ ବୋଲି ପ୍ରମାଣିତ ହେଲେ, ସେମାନଙ୍କ ପ୍ରତି କାହିଁକି ଅପରାଧୀ ସୁଲଭ ଆଚରଣ କରାଯାଇଥିଲା। କେଉଁ ଅଧିକାରରେ କର୍ତ୍ତୃପକ୍ଷ ସେମାନଙ୍କୁ ଜଞ୍ଜିରରେ ବାନ୍ଧି ବିଚାରାଳୟକୁ ନେବା ଆଣିବା କରୁଥିଲେ। ସେହି ଦୈନିକରେ କୌତୁକ ଓ କାରୁଣ୍ୟ ଶିରୋନାମାରେ ଜଣେ ଆଇନଜୀବୀ ଲେଖିଥିଲେ– ଦୌରାଜଜ୍ ମି. ବିଚକ୍ରୋଫ୍ଟଙ୍କର ପ୍ରାପ୍ୟ ବିପୁଳ ସମ୍ମାନ। ସେ ତାଙ୍କର ସମ୍ପୂର୍ଣ୍ଣ ନିରପେକ୍ଷତା ପ୍ରତିପାଦିତ କରିଛନ୍ତି– ସମସ୍ତେ ଏହା ସ୍ୱୀକାର କରିବେ। ସମସାମୟିକ ବିଦ୍ୱେଷଭାବ ଓ ଆବେଗ ଦ୍ୱାରା ପ୍ରଭାବିତ ନ ହୋଇ ଜଣେ ନ୍ୟାୟପରାୟଣ ବିଚାରକଙ୍କ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସ୍ଥାପନ କରିଛନ୍ତି। ସରକାର ଏତେ ବିପୁଳ ସମୟ, ଅର୍ଥ ନଷ୍ଟ କରିବାର ଏକମାତ୍ର ହେତୁ ଯେ ଶ୍ରୀଅରବିନ୍ଦଙ୍କୁ ଦଣ୍ଡିତ କରିବାର ଅଭିଳାଷ–ସେ କଥା ସେ ଉତ୍ତମ ରୂପେ ବୁଝି ପାରିଥିଲେ। ଏବେ ଆସନ୍ତୁ ଦେଖିବା ବିଭିନ୍ନ ଖବରକାଗଜରେ ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ପ୍ରକାଶିତ ଖବର। 'ସଞ୍ଜୀବନୀ' ଖବରକାଗଜକୁ ଶ୍ରୀଅରବିନ୍ଦ ଦେଇଥିବା ଏକ ସାକ୍ଷାତ୍‌କାର ବହୁ ପତ୍ରପତ୍ରିକାରେ ପୁନଃ ପ୍ରକାଶିତ ହୋଇଥିଲା। ଲଣ୍ଡନରୁ ପ୍ରକାଶିତ 'ଇଣ୍ଡିଆ'ର ୧୯୦୯ ଜୁନ୍ ୧୮ ତାରିଖ ସଂଖ୍ୟାରୁ ତହିଁ ଉପରେ ସମ୍ପାଦକୀୟରେ ବିଚାରାଧୀନ ବନ୍ଦୀମାନଙ୍କ ପ୍ରତି କିଭଳି ବ୍ୟବହାର କରାଯାଏ ତାହାର ଏକ ବିଚିତ୍ର ଓ ଅତୀବ ଅସ୍ୱସ୍ତିକର ଚିତ୍ର ମିଳେ। ଶ୍ରୀଅରବିନ୍ଦ କୋଲକାତାର ଆଲିପୁର କାରାଗାରରେ ରାଜବନ୍ଦୀ ଭାବରେ ଥିଲେ। ଏକ ନିଭୃତ କକ୍ଷରେ ତାଙ୍କୁ ରଖାଯାଇଥିଲା। ବାତାୟନ ବିହୀନ କ୍ଷୁଦ୍ର କକ୍ଷ। ସାମ୍ନାରେ ଲୌହ ଦଣ୍ଡଶ୍ରେଣୀ। ତାଙ୍କୁ ମାତ୍ର ବାଲଟିଏ ପାଣି ଦିଆଯାଉଥିଲା। ସେତିକିରେ ସ୍ନାନ, ଭୋଜନ, ପାତ୍ର ଧୋଇବା ଆଉ ସବୁ କରିବାକୁ ହୁଏ। ଅର୍ଥାତ୍ ସାରାଦିନ ପାଇଁ ବାଲ୍‌ଟିଏ ପାଣି। ସେ ନିଃସଙ୍ଗ କକ୍ଷରେ ପ୍ରାୟ ଦେଢ଼ମାସ ଅତିବାହିତ କରିଥିଲେ। ସର୍ବଦା ତା' ଭିତରେ ଆବଦ୍ଧ। ପଢ଼ିବାକୁ ଦିଆଯାଏ ନାହିଁ। ରାତିରେ ୩/୪ ଥର ପହରୀ ବଦଳ ବେଳେ ସେମାନେ ମୋ ନିଦ ଭାଙ୍ଗିବା ଯାଏ ଚିତ୍କାର କରନ୍ତି। ଅର୍ଥାତ୍ ନିଦରେ ଶୋଇବାକୁ ମଧ ଦିଆଯାଏ ନାହିଁ। ଡାକ୍ତରଙ୍କ ପରାମର୍ଶ କ୍ରମେ ଦିନକୁ ଦୁଇଥର କକ୍ଷ ସାମ୍ନାରେ ପଦଚାରଣ କରିବାକୁ ଦିଆଗଲା। ଏହାର ଆଠଦଶ ଦିନ ପରେ ବହି ଆଣିବାର ଅନୁମତି ମିଳିଲା। ''ମୁଁ ଘରୁ ଗୀତା ଓ ଉପନିଷଦ ମଗାଇଲି। ମାତ୍ର ଦୁଃଖଦ ବିଡମ୍ବନା ରାତିରେ ଆଲୁଅ ଲିଭାଇ ଦିଆଗଲା। ଶୋଇବା ପାଇଁ ଦୁଇ ଖଣ୍ଡ ରୁକ୍ଷ କମ୍ବଳ ମିଳିଥିଲା। ଚଟାଣରେ ଖଣ୍ଡିଏ ବିଛାଇ ଶୋଉଥିଲି।''

ଲଣ୍ଡନରୁ ପ୍ରକାଶିତ 'ଇଣ୍ଡିଆ' ଆହୁରି ଲେଖିଥିଲା, ଶ୍ରୀଅରବିନ୍ଦ ଗିରଫ ହେବା ସଙ୍ଗେ ସଙ୍ଗେ କଲିକତା ପୋଲିସ କମିଶନର ମି. ହାଲିଡେଙ୍କ ସହ ଶ୍ରୀଅରବିନ୍ଦଙ୍କ କଥୋପକଥନ ବେଶ୍ ବିଶେଷତ୍ୱପୂର୍ଣ୍ଣ। ସେ ଶ୍ରୀଅରବିନ୍ଦଙ୍କୁ କହିଲେ, ''ଏଭଳି ଜଘନ୍ୟ ଅପରାଧରେ ତୁମେ ଅଂଶଗ୍ରହଣ କରି ଲଜ୍ଜିତ ନୁହଁ। ମୁଁ ଉତ୍ତର ଦେଲି– ମୁଁ ଅଂଶଗ୍ରହଣ କରିଛି ବୋଲି ଧରିନେବାର ଅଧିକାର ତୁମକୁ କିଏ ଦେଲା। ହାଲିଡେ କହିଲେ, ମୁଁ ଧରିନେଇ ନାହିଁ ମୁଁ ଜାଣେ। ଉତ୍ତରରେ କହିଲି, ତୁମେ କ'ଣ ଜାଣ ବୋଲି କଳ୍ପନା କରୁଛ ସେକଥା ମୁଁ ଜାଣେନା। ମୁଁ କୌଣସି ସମ୍ପର୍କ ଥିବା ଅସ୍ୱୀକାର କରୁଛି।'' ଏହା ସୂଚିତ କରେ ମି. ହାଲିଡେଙ୍କ ଜାଣିବା କେତେ ଭ୍ରାନ୍ତ ଥିଲା, ତାହା ବିଚାରାଳୟ ଫଳାଫଳରୁ ସ୍ପଷ୍ଟ।

ଶ୍ରୀଅରବିନ୍ଦ କୌଣସି ଗୋଟିଏ ସ୍ଥାନକୁ ଯିବେ ବୋଲି ଶୁଣାଗଲେ ସ୍ଥାନୀୟ ପୋଲିସ ଘୋର ଆତଙ୍କିତ ହୋଇଉଠେ–ସତେ ଅବା ସେ ସ୍ଥାନରେ ପଦାର୍ପଣ କରିବା ଅର୍ଥ ସ୍ଥାନୀୟ ଲୋକେ ସ୍ୱାଧୀନତା ଘୋଷଣା କରିଦେବେ। ନିକଟରେ ଶ୍ରୀଅରବିନ୍ଦ 'ବରିଶାଳ' ନାମକ ଏକ ସ୍ଥାନକୁ ଯିବାର କାର୍ଯ୍ୟକ୍ରମ ଥିଲା। ପୋଲିସ୍ ଇନ୍ସପେକ୍ଟର ସ୍ଥାନୀୟ ଆୟୋଜକମାନଙ୍କୁ ସାକ୍ଷାତ୍ କରି କହିଲେ, ସେମାନେ ଆଉ ଯାହାକୁ ଆଣିବେ ଆଣନ୍ତୁ, ଅରବିନ୍ଦ ବାବୁଙ୍କୁ ନୁହେଁ।

ଶ୍ରୀଅରବିନ୍ଦଙ୍କ ନିକଟକୁ ଯେଉଁ ଚିଠିପତ୍ର ଆସୁଥିଲା ଓ ତା'ର ଉତ୍ତର ଯାଉଥିଲା ସେ ସବୁ ସିଆଇଡି ରିପୋର୍ଟ ଅନୁଯାୟୀ ପୋଷ୍ଟ ଅଫିସରେ ଖୋଲାଯାଇ ତନଖି କରାଯାଉଥିଲା। କାରଣ ବ୍ରିଟିଶ ସରକାରଙ୍କ ନିମନ୍ତେ ଶ୍ରୀଅରବିନ୍ଦ ଥିଲେ ଏକ ଭୟଙ୍କର ଆତଙ୍କ, ଯାହା ବିଚାରାଳୟରେ ପ୍ରମାଣିତ ହୋଇପାରିଲା ନାହିଁ। କୋଲକାତାର ଆଲିପୁର ଦୌରାଜଜ୍‌ଙ୍କ ବିଚାରାଳୟରେ ବିଚାର ଚାଲିଥିବା ଅବସରରେ ବ୍ରିଟିଶ ସରକାରଙ୍କ ଓକିଲ ବାରିଷ୍ଟର ନର୍ଟ୍ଟନ୍ କହିଲେ, ''ଅରବିନ୍ଦ ଘୋଷ ପରି ଗୋଟାଏ ଖୁନୀ ଆସାମୀଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରାଯାଉ। ସେ ଗୋଟାଏ ଭୟଙ୍କର ଆତଙ୍କ।'' ଅନ୍ୟପକ୍ଷରେ ଶ୍ରୀଅରବିନ୍ଦଙ୍କ ତରଫରୁ ବାରିଷ୍ଟର ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ କହିଲେ, ''ଶ୍ରୀଅରବିନ୍ଦ ଏ ବିଚାରାଳୟର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ନୁହନ୍ତି। ସେ ଇତିହାସର ବିଚାରାଳୟରେ ଦଣ୍ଡାୟମାନ। ଇତିହାସ ତାଙ୍କର ବିଚାର କରିବ। ଯେତେବେଳେ ସେ ମନୁଷ୍ୟ ଶରୀରରେ ଅବତୀର୍ଣ୍ଣ ହୋଇଛନ୍ତି, ନିଶ୍ଚିତ ଦିନେ ସେ ଧରାରୁ ବିଦାୟ ନେବେ। କିନ୍ତୁ କେବଳ ଭାରତରେ ନୁହେଁ ଦେଶ ବିଦେଶରେ ତାଙ୍କର ବାଣୀ ଧ୍ୱନିତ ଓ ପ୍ରତିଧ୍ୱନିତ ହେବ। ସ୍ୱଦେଶ ପ୍ରେମର କବି, ଜାତୀୟତାର ବାର୍ତ୍ତାବହ ଓ ଗଭୀର ମାନବବାଦୀ ଭାବରେ ସେ ଏ ଦେଶରେ ପୂଜା ପାଇବେ।'' ତାଙ୍କ ଦୀର୍ଘ ୪୦ ବର୍ଷ ସାଧନାର ସିଦ୍ଧି ଦିବସ ନଭେମ୍ବର ୨୪ ତାରିଖ ୧୯୨୬ ମସିହାରେ ପାଳିତ ହେଲା। ୯୪ତମ ସିଦ୍ଧି ଦିବସରେ ସେ ମହାନ ଆତ୍ମାଙ୍କ ପାଦତଳେ କୋଟି ପ୍ରଣାମ।


ବିମଳ ପ୍ରସନ୍ନ ଦାସ

# ନାରୀର ନିରାପତ୍ତା


ଡ. ତ୍ରିନାଥ ପଟ୍ଟନାୟକ

ଯେଉଁ ବ୍ୟକ୍ତି ଓ ସମାଜ ନାରୀକୁ ଉଚିତ ସମ୍ମାନ ଦେଇଥାଏ, ତାହାକୁ ଆମେ ସୁସ୍ଥ ସମାଜ ବୋଲି କହିଥାଉ। ଯୁଗେ ଯୁଗେ ନାରୀ ନିର୍ଯାତିତା ହୋଇଛି। ସେଥିପାଇଁ ସମାଜ ଦାୟୀ ତଥାପି ନାରୀ ନିର୍ଯାତନାରୁ ନିବୃତ୍ତ ହେବା ପାଇଁ ବିବିଧ ନୀତିନିୟମ ଚଳି ଆସିଛି। ଆଜି ନାରୀଟିଏ ସ୍ୱାଧୀନ ନୁହେଁ। ମଣିଷ ତାକୁ ଲୋଲୁପ ଦୃଷ୍ଟିରେ ଦେଖୁଛି। ନାରୀ ବଳାତ୍କାରର ଶିକାର ହେଉଛି। ଅସମ୍ମାନିତା ହେଉଛି। ସମାଜର ନିନ୍ଦା ସହ୍ୟ କରି ନ ପାରି ଆତ୍ମହତ୍ୟା କରୁଛି। ତଥାପି ସମାଜ ସ୍ଥାଣୁ। କେବଳ ଶାସ୍ତ୍ରବାଣୀକୁ ପଢିଦେଲେ ଚଳିବ ନାହିଁ। କାର୍ଯ୍ୟରେ ଦେଖାଇବାକୁ ହେବ। ''ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ। ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରାଫଳାଃ କ୍ରିୟାଃ।'' ଯେଉଁଠାରେ ନାରୀମାନେ ପୂଜା ବା ଆଦର ପାଆନ୍ତି ସେଠାରେ ଦେବତାମାନେ ଆନନ୍ଦିତ ହୁଅନ୍ତି, କିନ୍ତୁ ଯେଉଁଠାରେ ନାରୀମାନେ ଅନାଦର ପାଆନ୍ତି ସେଠାରେ ସବୁ କର୍ମ ନିଷ୍ଫଳ ହୁଏ।

ପ୍ରାଚୀନ ବିଧି ବିଧାନରେ ନାରୀ ପ୍ରତି ସମାଜର ବିଶେଷ କର୍ତ୍ତବ୍ୟ ଥିଲା, ସମାଜ ନାରୀର ନିରାପତ୍ତା ପ୍ରତି ଦୃଷ୍ଟି ରଖୁଥିଲା। ପରିବାର ମଧ୍ୟ ସଜାଗ ଥିଲେ। ନୀତି ଶାସ୍ତ୍ରରେ କଠିନ ଦଣ୍ଡର ବ୍ୟବସ୍ଥା ଥିଲା। ମହାନିର୍ବାଣ ତନ୍ତ୍ରରେ ଉଲ୍ଲେଖ ଅଛି ଦୁର୍ବଚ୍ୟଂ କଥୟନ ପତ୍ନୀଂ, ଏକାହଃଅଶନଂ ତ୍ୟଜେତ୍। ତ୍ରହ୍ୟଂ ସନ୍ତାଡୟନ ରକ୍ତଂ ପାତୟନ ସପ୍ତ ବାସରାନ। (୧୨/୬୪) ପୁରୁଷ ପତ୍ନୀଙ୍କୁ କଟୁକ୍ତି କଲେ ଦିନେ ଉପବାସ କରି ପ୍ରାୟଶ୍ଚିତ୍ତ କରିବେ। ପ୍ରହାର କଲେ ତ୍ରିରାତ୍ରି ଓ ନିଦାରୁଣ ଆଘାତରେ ରକ୍ତପାତ କଲେ ସ୍ୱାମୀ ସପ୍ତରାତ୍ରି ଉପବାସ କରି ଆତ୍ମ ଶୁଦ୍ଧି କରିବା ଉଚିତ। ଏହା କର୍ତ୍ତବ୍ୟ ମଧ୍ୟ। ତନ୍ତ୍ର ଶାସ୍ତ୍ରରେ ମଧ ନାରୀଙ୍କ ପ୍ରତି ଅଶ୍ଳୀଳ ବାକ୍ୟ ପ୍ରୟୋଗ ନିଷିଦ୍ଧ କରାଯାଇଛି,ଏହା ଦଣ୍ଡନୀୟ ବୋଲି କୁହାଯାଇଛି।

ଯେଉଁ ଆଚାରକୁ ଦଣ୍ଡନୀୟ କରାଗଲା, ତାହା ଯେପରି ମନ ଭିତରେ ମଧ ସ୍ଥାନ ନ ପାଏ, ସେଥିପ୍ରତି ବିଦ୍ୱାନମାନେ ଜାଗ୍ରତ ଥିଲେ। ରାମାୟଣ କଥା ଦେଖାଯାଉ। ସୀତାଙ୍କୁ ଅନୁସନ୍ଧାନ କରିବା ନିମନ୍ତେ ଶ୍ରୀହନୁମାନ ଅଦୃଶ୍ୟ ବେଶରେ ରାବଣର ଅନ୍ତଃପୁରକୁ ଯାଇଛନ୍ତି। ଅନ୍ତଃପୁରରେ କାମାର୍ତ୍ତା ନାରୀମାନେ ନଗ୍ନା ଅବସ୍ଥାରେ ଥିବାରୁ ହନୁମାନ ଭାବୁଛନ୍ତି–ପର ଦାରା ବରୋଧସ୍ୟ ପ୍ରସୁପ୍ତସ୍ୟ ନିରୀକ୍ଷଣଂ ଇଦଂ ଖଲୁ ମମାତାର୍ଥ ଧର୍ମଲୋପଂ କରିଷ୍ୟତି। (ସୁନ୍ଦରାକାଣ୍ଡ–୧୧/୩୯) ବିବସ୍ତ୍ରା, ପ୍ରସୁପ୍ତ ପରସ୍ତ୍ରୀମାନଙ୍କୁ ଦେଖିଲେ ନିଜର ଧର୍ମ ଲୋପ ହେବାର ଶାସ୍ତ୍ର ବଚନ ଅଛି। ମୋର ବର୍ତ୍ତମାନ କର୍ତ୍ତବ୍ୟ କ'ଣ। ମହାଭାରତର ଶାନ୍ତି ପର୍ବରେ ପିତାମହ ଭୀଷ୍ମ ଧର୍ମସମ୍ବନ୍ଧରେ କହିଛନ୍ତି–ଉଦୟୋନ୍ମୁଖ ଆଦିତ୍ୟଙ୍କୁ ଓ ଉଲଗ୍ନା ପରସ୍ତ୍ରୀକୁ ଅବଲୋକନ କରିବ ନାହିଁ। ନିଜ ସ୍ତ୍ରୀଠାରେ ଋତୁକାଳୀନ ମୈଥୁନ ନିର୍ଜନରେ କରିବା କର୍ତ୍ତବ୍ୟ ଅଟେ। (୧୯୩–୧୭)

ନାରୀ ସଂଘଟିତ ପାପର ଦଣ୍ଡ ହେଉଛି ପ୍ରାଣଦଣ୍ଡ। ଯେଉଁମାନେ ନାରୀ ସହିତ ଦୁଷ୍କର୍ମ କରୁଛନ୍ତି ସେମାନଙ୍କୁ ଆଜିକାଲି ମଧ ପ୍ରାଣଦଣ୍ଡ କିମ୍ବା ଅଙ୍ଗଚ୍ଛେଦନ ଦଣ୍ଡ ଦେଲେ ଆପତ୍ତି ରହିବା ଉଚିତ ନୁହେଁ। ନ ହେଲେ ପାଷାଣ୍ଡମାନଙ୍କୁ ନିୟନ୍ତ୍ରଣ କରିବା ଅସମ୍ଭବ ହୋଇଉଠିବ। କଠୋର ଦଣ୍ଡବିଧାନ ନ ଥିବାରୁ ପ୍ରତିଦିନ ନାରୀ ନିର୍ଯାତନା, ବଳାତ୍କାର ବଢ଼ି ବଢ଼ି ଚାଲିଛି। କୁଳ ନାରୀ ଦୂଷିତା ହେଲେ, ଅଶ୍ରୁ ବିସର୍ଜନ କଲେ ସମାଜ ପତନମୁଖୀ ହେବ।

ନାରୀମାନଙ୍କ ନିରାପତ୍ତା ବିଷୟରେ ଦୁଇ ଧରଣର ଲୋକ ମତବ୍ୟକ୍ତ କରନ୍ତି। ଯେଉଁମାନେ ଧର୍ମଭୀରୁ ସେମାନେ ଅକର୍ମଣ୍ୟ ବୋଲି ଧରାଯିବ। ସେମାନେ ନାରୀର ସତୀତ୍ୱ ସମ୍ବନ୍ଧରେ କୁତ୍ସାରଟନା କରନ୍ତି, ନାରୀକୁ ସ୍ୱାଧୀନତା ନ ଦେଇ ଜବତ କରି ରଖିବାରେ ସଚେଷ୍ଟ ଥାନ୍ତି। କାରଣ ସେମାନଙ୍କ ପକ୍ଷରେ ନିଜେ ବୀରତ୍ୱ ହାସଲ କରି ନାରୀର ସମ୍ମାନ ଭାଜନ ହେବା ସମ୍ଭବପର ନୁହେଁ। କର୍ମକୁଶଳ ବିଜ୍ଞବ୍ୟକ୍ତିମାନଙ୍କ ମତରେ ପଶୁ ବଳ ପ୍ରୟୋଗ କରି ନାରୀ ସତୀତ୍ୱକୁ ନଷ୍ଟ କରାଯାଇପାରେ ନାହିଁ। ନାରୀ ସେ ପର୍ଯ୍ୟନ୍ତ ସତୀ ଯେ ପର୍ଯ୍ୟନ୍ତ ସେ ନିଜଆଡୁ ପର ପୁରୁଷ ପ୍ରତି ସମ୍ମତି ଦେଇ ନ ଥାଏ। ଏହାର ଶ୍ରେଷ୍ଠ ଉଦାହରଣ ରାମାୟଣର ଲଙ୍କାକାଣ୍ଡରେ ଦେଖିବାକୁ ମିଳେ। ରାବଣ ବଧ ପରେ ଶ୍ରୀରାମଚନ୍ଦ୍ର ସତୀ ସୀତାଙ୍କୁ ତ୍ୟାଗ କରିବା ନିମନ୍ତେ ଇଚ୍ଛା ପ୍ରକାଶ କଲେ। ସେତେବେଳେ ସୀତାଦେବୀ କହିଥିଲେ– ହେ ନୃପ ଶାର୍ଦ୍ଦୁଳ, ଆପଣ କାହିଁକି ଅନାର୍ଯ୍ୟଙ୍କ ଭଳି ଦାରୁଣ କଥା କହୁଛନ୍ତି– ଆପଣ ଯାହା ଭାବୁଛନ୍ତି ମୁଁ ତାହା ନୁହେଁ। ହେ ପ୍ରଭୁ ରାବଣ ମୋର ଗାତ୍ର ସ୍ପର୍ଶ କରିଥିଲେ ସେତେବେଳେ ମୁଁ ବିବଶ। ତାହା ମୋର ଇଚ୍ଛାକୃତ ନୁହେଁ। ସେ ବିଷୟରେ ଦୈବ ହିଁ ଅପରାଧୀ, ମୁଁ ନୁହେଁ। ମୋର ହୃଦୟ ମୋର ଅଧୀନ, ସେହି ହୃଦୟ ସର୍ବଦା ଆପଣଙ୍କଠାରେ ଅନୁରକ୍ତ। ''ମଦାଧୀନନ୍ତୁ ଯତ୍ତନ୍ନେ ହୃଦୟଂ ତ୍ୱୟି ବର୍ତ୍ତତେ, ପରାଧୀନେଷୁ ଗାତ୍ରେଷୁ କିଂ କରିଷ୍ୟାମି ଅନୀଶ୍ୱରା'' (ଲଙ୍କାକାଣ୍ଡ–୧୧୯/୮/୯)। କିନ୍ତୁ ମୋର ଗାତ୍ର ପରାଧୀନ। ପରାଧୀନ ଅବସ୍ଥାରେ ମୁଁ ପ୍ରଭାବହୀନା। ସୁତରାଂ ମୋର କୌଣସି ଅପରାଧ ହୋଇନାହିଁ।

ସୀତାଦେବୀଙ୍କର ଏହି ଚିରନ୍ତନ ଓ ଶାଶ୍ୱତ ଉକ୍ତି ଭାରତୀୟ ନାରୀର ସ୍ୱାତନ୍ତ୍ର୍ୟ ଓ ପରାଧୀନତା ମଧ୍ୟରେ ସମନ୍ୱୟ ସ୍ଥାପନ କରିଛି। ଏହା ହିଁ ନାରୀର ଆଇନଗତ ପ୍ରତିଷ୍ଠା ବୋଲି ଗ୍ରହଣ କରାଯିବ। ନାରୀର ସମ୍ଭାବ୍ୟ ଶାରୀରିକ ପରାଧୀନତାର ଅନୁବର୍ତ୍ତୀ ବିପଦରୁ ନାରୀକୁ ରକ୍ଷା କରିବା ସମାଜର ଗୁରୁଦାୟିତ୍ୱ।

ମହାଭାରତରେ ଯୁଧିଷ୍ଠିରଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମହାମନା ଭୀଷ୍ମଦେବ କହିଛନ୍ତି–ଇହଲୋକରେ ସ୍ୱାଧ୍ୱୀ ଓ ଅସ୍ୱାଧ୍ୱୀ ଦୁଇପ୍ରକାର ନାରୀ ଅଛନ୍ତି। ମାତ୍ର ଲୋକମାତା ସ୍ୱାଧ୍ୱୀ ସ୍ତ୍ରୀମାନେ ଏହି ସସାଗରା ପୃଥିବୀକୁ ରକ୍ଷା କରୁଛନ୍ତି। ଅବଶ୍ୟ କିଏ ସ୍ୱାଧ୍ୱୀ କିଏ ଅସ୍ୱାଧ୍ୱୀ ବିଚାର କରିବା ସାଧାରଣ ମନୁଷ୍ୟ ପକ୍ଷେ ଅସମ୍ଭବ। ଏଣୁ ସମଗ୍ର ନାରୀ ଜାତିକୁ ସର୍ବଦା ଅତି ସାବଧାନତାର ସହିତ ରକ୍ଷା କରିବା ବିଧେୟ।

ସା/ପୋ–ନିଆଳି, ଜି–କଟକ, ମୋ–୯୯୩୭୮୪୦୩୮୭


**ଦେବଗଡ଼ ଜିଲ୍ଲା ଚାଷୀ ଭାଇ ଭଉଣୀମାନଙ୍କ ପାଇଁ ସୂଚନା**

କୃଷି ବିଭାଗ ଜରିଆରେ ଚାଷୀମାନଙ୍କ ପାଇଁ କେନ୍ଦ୍ରୀୟ ଓ ରାଜ୍ୟ ଯୋଜନା ଜରିଆରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ନିଆଯାଇଛି। ସେହି ଯୋଜନା ମଧ୍ୟରେ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ (ଧାନ, ଡାଲି ଓ ତୈଳବୀଜ ଫସଲ), ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଆତ୍ମା ଯୋଜନା, କୃଷି ଯାନ୍ତ୍ରୀକୀକରଣ, ସମନ୍ୱିତ ଚାଷ ଇତ୍ୟାଦି କାର୍ଯ୍ୟକାରୀ ହେଉଅଛି। ବିଭିନ୍ନ ଯୋଜନା ମାଧ୍ୟମରେ ଚାଷୀମାନଙ୍କୁ ଫସଲ ଅମଳ ପାଇଁ ନୂତନ ଜ୍ଞାନକୌଶଳ ଯୋଗାଇ ଦିଆଯାଉଛି ଏବଂ କାର୍ଯ୍ୟକାରୀ ହେବା ପାଇଁ ଚାଷୀମାନଙ୍କ ପାଇଁ ବିଭିନ୍ନ ପ୍ରକାର କୃଷି ସାମଗ୍ରୀ ଯଥା ବିହନ, ସାର, ଅଣୁସାର, ଜୀବାଣୁସାର, ରୋଗପୋକ ଔଷଧ, ଘାସମରା ଔଷଧ, ବିଭିନ୍ନ କୃଷି ଯନ୍ତ୍ରପାତି ଇତ୍ୟାଦି ରିହାତି ମୂଲ୍ୟରେ ଯୋଗାଇ ଦିଆଯାଉଛି।
ସମସ୍ତ ପ୍ରକାର ପ୍ରୋତ୍ସାହନ ଓ ସହାୟତା ପାଇଁ ନିକଟସ୍ଥ କୃଷି କର୍ମଚାରୀ/କିମ୍ବା ବ୍ଲକ୍‌ର କୃଷି ଅଧିକାରୀ କିମ୍ବା ଜିଲ୍ଲା କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରିପାରିବେ।

**ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, ଦେବଗଡ଼**



**ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର**
(ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା)
**ନିବେଦନ**

ଆଗାମୀ ଭବିଷ୍ୟତକୁ ଦୃଷ୍ଟିରେ ରଖି ଛତ୍ରପୁର ସହରକୁ ଏକ ସବୁଜ ଓ ସୌନ୍ଦର୍ଯ୍ୟକରଣ କରିବା ପାଇଁ ଏବଂ ସହରର ଜନସାଧାରଣଙ୍କ ଆମୋଦପ୍ରମୋଦ ଓ ପ୍ରଗତିଶୀଳ ସହର ରୂପେ ଗଢି ତୋଳିବାକୁ ପରିଷଦ ଅଣ୍ଟା ଭିଡିଅଛି। ଏହା କେବଳ କାର୍ଯ୍ୟାଳୟ ପାଇଁ ଉଦ୍ଦିଷ୍ଟ ନୁହେଁ। ଏଣୁ ଏହି ଯୋଜନାକୁ ନିଜର ମନେକରି ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ସହ ଉକ୍ତ ଜିନିଷକୁ ଚୋରି କିମ୍ବା ନଷ୍ଟ କରିବା ନାହିଁ। ପ୍ରଗତିଶୀଳ ସହରର ବିକାଶରେ କୁଠାରାଘାତ ନ କରି ପରିଷଦ ସମ୍ପତ୍ତିକୁ ନିଜସ୍ୱ ମନେକରି ଏହାର ରକ୍ଷା ନିମିତ୍ତ ଦୃଢ ପଦକ୍ଷେପ ନେବା।

**ପ୍ରଶାସକ-ତଥା-ପ୍ରକଳ୍ପ ନିର୍ଦ୍ଦେଶକ, ଡି.ଆର୍.ଡି.ଏ**
**ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର**

**କାର୍ଯ୍ୟନିର୍ବାହୀ ଅଧିକାରୀ**
**ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର**



**ସମନ୍ୱିତ ଉପକୂଳ ପରିଚାଳନା ପ୍ରକଳ୍ପ, ଓଡ଼ିଶା**

ସମନ୍ୱିତ ଉପକୂଳ ପରିଚାଳନା ପ୍ରକଳ୍ପ ଓଡ଼ିଶାର ୧୯୬ କି.ମି. ବ୍ୟାପି ଉପକୂଳବର୍ତ୍ତୀ ଅଞ୍ଚଳର ଦୁଇଟି ଭାଗରେ ଯଥା ଗୋପାଳପୁର ଠାରୁ ଚିଲିକା ଏବଂ ପାରାଦ୍ୱୀପ ଠାରୁ ଧାମରା ମଧ୍ୟରେ କାର୍ଯ୍ୟକାରୀ ହୋଇଅଛି। ଏହି ପ୍ରକଳ୍ପ ମାଧ୍ୟମରେ ନିମ୍ନୋକ୍ତ ଉଲ୍ଲେଖଯୋଗ୍ୟ ଲକ୍ଷ୍ୟସାଧନ ହୋଇଛି:

୧. ୬୪୦ଟି ସ୍ୱୟଂ ସହାୟକ ଦଳ ମାଧ୍ୟମରେ ୯,୬୦୦ ଉପଭୋକ୍ତାଙ୍କୁ ବିକଳ୍ପ ଜୀବନ-ଜୀବିକା ପ୍ରଦାନ କରାଯାଇଛି, ଯଦ୍ୱାରା ଉପକୂଳବର୍ତ୍ତୀ ସାମୁଦ୍ରିକ ସମ୍ବଳର ଅବକ୍ଷୟ ବହୁଳ ପରିମାଣରେ ରୋକା ଯାଇପାରିଛି।
୨. କେନ୍ଦ୍ରାପଡ଼ା ଜିଲ୍ଲାର ପେଣ୍ଟ ଗ୍ରାମର ତଟବର୍ତ୍ତୀ ଶଯ୍ୟାରେ ଏକ ଜିଓ-ସିନ୍ଥେଟିକ୍ ଟ୍ୟୁବ୍ ପ୍ରୟୋଗ ଦ୍ୱାରା ସାମୁଦ୍ରିକ ଲହଡ଼ିରୁ ଛଅଟି ଗ୍ରାମ ପଞ୍ଚାୟତର, ୫୮ଟି ଗ୍ରାମରେ ବସବାସ କରୁଥିବା ୪୧,୨୨୨ ଲୋକଙ୍କର ଧନ ଓ ଜୀବନକୁ କ୍ଷୟ ଓ ବିପ୍ୱାତରୁ ରକ୍ଷା କରିବା ପାଇଁ ଏକ ସୁଦୃଢ଼ ବନ୍ଧ ନିର୍ମାଣ କରାଯାଇଛି।
୩. ପ୍ରାକୃତିକ ବିପର୍ଯ୍ୟୟ ସମୟରେ ୧୪,୦୦୦ ଲୋକଙ୍କୁ ଆଶ୍ରୟ ପ୍ରଦାନ କରିବା ପାଇଁ ପୁରୀ, ଗଞ୍ଜାମ ଓ କେନ୍ଦ୍ରାପଡ଼ାର ୧୪ଟି ସ୍ଥାନରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳି ନିର୍ମାଣ କରାଯାଇଅଛି।
୪. ୩୨୩ ହେକ୍ଟର ଜମିରେ ଲୁଣା ଜଙ୍ଗଲ ସୃଷ୍ଟି ଦ୍ୱାରା ସେହି ଅଞ୍ଚଳର ଜୈବ ବିବିଧତାର ସମୃଦ୍ଧି କରାଯାଇଅଛି।
୫. ଚିଲିକା ହ୍ରଦ ଚାରିପଟେ ଥିବା ଛଅଟି ସ୍ଥାନରେ ଗୋଷ୍ଠୀଭିତ୍ତିକ ପରିବେଶ ଅନୁକୂଳ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ କରାଯାଇଥିବା ଯୋଗୁଁ ସେହି ଅଞ୍ଚଳର ୫୫ ପ୍ରତିଶତ ରୋଜଗାର ବୃଦ୍ଧି ହୋଇପାରିଛି।
୬. ଚିଲିକା ପାଖରେ ଥିବା ଆର୍ଦ୍ରଭୂମି ଗବେଷଣା ଓ ତାଲିମ କେନ୍ଦ୍ର (ଡବ୍ଲୁ..ଆର୍.ଟି.ସି) ର ଉନ୍ନତିକରଣ ଓ ଗବେଷଣାଗାର ନିମନ୍ତେ ଉପକରଣର ବ୍ୟବସ୍ଥା କରାଯାଇଅଛି।



**ଜୟପୁର ପୌରପରିଷଦ, ଜୟପୁର**

୦୧) ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଆଦେଶ କ୍ରମେ ନିମ୍ନଲିଖିତ ସ୍ଥାନ ମାନଙ୍କ ଠାରେ ୱାର୍ଡ ଅଫିସ ଖୋଲା ହୋଇଛି। ଆପଣଙ୍କ ଅଭିଯୋଗ ସିଧା ସଳଖ ନିଜ ୱାର୍ଡ ଅଫିସ ରେ ଦିନ ଘ ୧୦.୦୦ ଟା ରୁ ଘ ୧୨.୦୦ ଟା ମଧ୍ୟରେ ଦାଖଲ କରିପାରିବେ।

| ୱାର୍ଡ ନଂ | ସ୍ଥାନ | ୱାର୍ଡ ନଂ | ସ୍ଥାନ |
|---|---|---|---|
| 1 | ପରଜା ସାହି ଗୋଷ୍ଠି କେନ୍ଦ୍ର | 15 | ମାଣ୍ଡିଆ ଭଟ୍ଟା ସାହି ଗୋଷ୍ଠି କେନ୍ଦ୍ର |
| 2 | ପାଇକ ସାହି ଗୋଷ୍ଠି କେନ୍ଦ୍ର | 16 | ପୁରୁଣାଗଡ ଗୋଷ୍ଠି କେନ୍ଦ୍ର |
| 3 | ହାନାଗୁଡା ଗୋଷ୍ଠି କେନ୍ଦ୍ର | 17 | କୁମ୍ଭାର ସାହି ଗୋଷ୍ଠି କେନ୍ଦ୍ର |
| 4 | ବିଜୁରାଜନଗର ଗୋଷ୍ଠି କେନ୍ଦ୍ର | 18 | ପି. ଆର. ପେଟା ଗୋଷ୍ଠି କେନ୍ଦ୍ର |
| 5 | ଇନ୍ଦୁ ପାଠାଗାର ଗୋଷ୍ଠି କେନ୍ଦ୍ର | 19 | ବେଡା ସାହି ଗୋଷ୍ଠି କେନ୍ଦ୍ର |
| 6 | ପାରାବେଡ଼ା ଗୋଷ୍ଠି କେନ୍ଦ୍ର | 20 | ମାଛ ବନ୍ଧ ସାହି |
| 7 | କୁନ୍ଦାରିଗୁଡା ଗୋଷ୍ଠି କେନ୍ଦ୍ର | 21 | କୁଞ୍ଜ ବିହାରି କଲ୍ୟାଣମଣ୍ଡପ |
| 8 | ଜେଲ ରୋଡ ଗୋଷ୍ଠି କେନ୍ଦ୍ର | 22 | ଗୋଡିଆ ଧୋବା ସାହି କଲ୍ୟାଣମଣ୍ଡପ |
| 9 | ଗୋପବନ୍ଧୁ ନଗର କଲ୍ୟାଣମଣ୍ଡପ | 23 | ପଞ୍ଚାନନ କଲ୍ୟାଣମଣ୍ଡପ |
| 10 | ସୋରାଜିନୀ ଭବନ କଲ୍ୟାଣମଣ୍ଡପ | 24 | ବୋକ୍ସି ସାହି କଲ୍ୟାଣମଣ୍ଡପ |
| 11 | ମହାରାଣୀପେଟା କଲ୍ୟାଣମଣ୍ଡପ | 25 | ଚନ୍ଦନ ବାଡ ଗୋଷ୍ଠି କେନ୍ଦ୍ର |
| 12 | ଯେ. ଏମ. କ୍ଲୋବ | 26 | ଜଗତଜନନୀ ପାଠାଗାର |
| 13 | ଗୋଷ୍ଠି କେନ୍ଦ୍ର ଦୁର୍ଗା ମଣ୍ଡପ, ଭୂପତି ସାହି | 27 | ତ୍ରିମୂର୍ତ୍ତୀ କଲ୍ୟାଣମଣ୍ଡପ |
| 14 | ବେଲ ରୋଡ ଗୋଷ୍ଠି କେନ୍ଦ୍ର ଦାଶରଥି ସାହି | 28 | ନୂଆ ସାହି ପଞ୍ଚମ ଲାଇନ ଗୋଷ୍ଠି କେନ୍ଦ୍ର |

୦୨) ନାଳ ନର୍ଦ୍ଦମା ରେ ଘରର ଅଳିଆ, ଆବର୍ଜନା ପକାନ୍ତୁ ନାହିଁ। ଏହାକୁ ନେବା ସକାଶେ ପୌରପରିଷଦ ଦ୍ୱାରା ନିୟୋଜିତ ଘରର ଅଳିଆ ସଂଗ୍ରହକାରି କୁ ଦିଅନ୍ତୁ।
୦୩) ପୌରପରିଷଦର ଦେୟ ଯଥା ଗୃହ ଟିକସ ଦୋକାନ ଭଡା ଓ ଅନ୍ୟାନ୍ୟ ଲାଇସେନ୍ସ ଫିଜ ଠିକ ସମୟରେ ପୈଠ କରନ୍ତୁ।
୦୪) ବିନା ଗୃହ ନିର୍ମାଣ ନକ୍ସା ମଞ୍ଜୁରୀରେ ଘର ନିର୍ମାଣ କରନ୍ତୁ ନାହିଁ କିମ୍ବା ପୌରପରିଷଦ ଦ୍ୱାରା ଅନୁମୋଦନ ପ୍ରାପ୍ତ ହୋଇନଥିବା ଲେଆଉଟ ଜମି ରେ ଘର କରିବା ବେ ଆଇନ ଅଟେ। ଏଣୁ ପ୍ଲଟ କ୍ରୟ କରିବା ପୂର୍ବରୁ ଏହା ଯାଞ୍ଚ କରନ୍ତୁ।

ସ୍ୱା/- କାର୍ଯ୍ୟ ନିର୍ବାହୀ ଅଧିକାରୀ






**ଗୃହପାଳିତ ପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ବିଭିନ୍ନ ଉପାୟ**

- ସମସ୍ତ ଗୃହପାଳିତ ପ୍ରାଣୀ ଯଥା – ଗୋରୁ, ମଇଁଷି, ଛେଳି, ମେଣ୍ଢା ଇତ୍ୟାଦିଙ୍କର ନିୟମିତ ମଳ ପରୀକ୍ଷା ନିକଟସ୍ଥ ପ୍ରାଣୀ ଚିକିତ୍ସାଳୟରେ କରାଇ ବ୍ଲକ ପ୍ରାଣୀଚିକିତ୍ସାଧିକାରୀ/ ପ୍ରାଣୀଚିକିତ୍ସକ/ ପ୍ରାଣୀଧନ ନିରୀକ୍ଷକଙ୍କ ପରାମର୍ଶ କ୍ରମେ କୃମି ଔଷଧ ଖୁଆନ୍ତୁ।
- ରୋଗ ଆରମ୍ଭ ହେବା ମାତ୍ରେ ପ୍ରାଣୀଚିକିତ୍ସକଙ୍କ ସହିତ ପରାମର୍ଶ କରି ତୁରନ୍ତ ଚିକିତ୍ସା ବ୍ୟବସ୍ଥା କରନ୍ତୁ।
- ସଂକ୍ରାମକ ରୋଗ ନ ହେବା ପାଇଁ ଯଥା ଶୀଘ୍ର ପ୍ରତିଷେଧକ ଟୀକା ଦେବାର ବ୍ୟବସ୍ଥା କରନ୍ତୁ।
- ବାଛୁରୀଙ୍କୁ ବଜବଜିଆ ଟୀକା ଏବଂ ଗୋରୁଗାଈଙ୍କୁ ସାହାଣା ଟୀକା ପ୍ରଦାନ କରନ୍ତୁ।
- ଗୋରୁଗାଈଙ୍କୁ ପ୍ରତି ୬ ମାସରେ ଥରେ ଫାଟୁଆ ଟୀକା ପ୍ରଦାନ କରନ୍ତୁ।
- ଉପଯୁକ୍ତ ସମୟାନୁସାରେ କୁକୁଡ଼ାଙ୍କୁ ପ୍ରତିଷେଧକ ଟୀକା ଦେବାର ବ୍ୟବସ୍ଥା କରନ୍ତୁ।
- ଗୁହାଳ ବା କୁକୁଡ଼ା ଘରର ପରିମଳ ବ୍ୟବସ୍ଥା ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ।
- ମୃତ ପ୍ରାଣୀଙ୍କୁ ଏଣେତେଣେ ନ ପକାଇ ଗଭୀର ଗାତ ଖୋଳି ଚୂନ ଦେଇ ପୋତି ଦିଅନ୍ତୁ।
- ଯଦି ଆପଣଙ୍କ ଅଞ୍ଚଳରେ କୌଣସି ରୋଗର ମହାମାରୀ ଦେଖାଦିଏ, ତେବେ ନିକଟସ୍ଥ ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀ/ ପ୍ରାଣୀଚିକିତ୍ସକଙ୍କ ସହିତ ତୁରନ୍ତ ଯୋଗାଯୋଗ କରନ୍ତୁ।
- ପ୍ରତିଷେଧକ ଟୀକା ପ୍ରଦାନ ପୂର୍ବରୁ ପ୍ରାଣୀଙ୍କୁ କୃମି ଔଷଧ ଖୁଆଇ ସ୍ୱାସ୍ଥ୍ୟବାନ ରଖନ୍ତୁ।
- ବନ୍ୟା, ବାତ୍ୟା ଓ ବଜ୍ରପାତ ଇତ୍ୟାଦି ପ୍ରାକୃତିକ ଦୁର୍ବିପାକ ସମୟରେ ପ୍ରାଣୀମାନଙ୍କ ସୁରକ୍ଷା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବାର ବ୍ୟବସ୍ଥା କରନ୍ତୁ।
- ସବୁଦିନିଆ ଘାସଚାଷ କରି ଗାଈ, ମଇଁଷି ମାନଙ୍କୁ ଖାଇବାକୁ ଦିଅନ୍ତୁ। ଏହାଦ୍ୱାରା ଦାନା ପାଇଁ ହେଉଥିବା ଖର୍ଚ୍ଚ କମାଇପାରିବେ।
- ସମସ୍ତ ଗୃହପାଳିତ ପ୍ରାଣୀ ଯଥା ଗାଈ, ମଇଁଷି, ଛେଳି, ମେଣ୍ଢା ଇତ୍ୟାଦିର ବୀମାକରଣ କରାଇ ନିଅନ୍ତୁ।
- ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଓ ଚିକିତ୍ସା ପାଇଁ ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ସେବା (MVU) ର ସାହାଯ୍ୟ ନିଅନ୍ତୁ।



ନିର୍ଦ୍ଦେଶକ
ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା,
ଓଡ଼ିଶା, କଟକ

# ପ୍ଲାଷ୍ଟିକର ପଞ୍ଝାରେ ପାଣି, ପବନ ଓ ପ୍ରାଣୀ



ସିଙ୍ଗଲ ୟୁଜଡ୍ ପ୍ଲାଷ୍ଟିକର ସଙ୍କଟ ଘନେଇ ଆସୁଛି। ତା' ପୂର୍ବରୁ ସାରା ବିଶ୍ୱ ସଚେତନ ହେବାରେ ଲାଗିଛି। ହେଲେ ଯେଉଁ ହାରରେ ଏହାର ବ୍ୟବହାର ପୂର୍ବରୁ କରାଯାଇଛି ବା ଏବେ ହେଉଛି ତାହା ଆମକୁ ତଥା ଆମ ପରପିଢ଼ିଙ୍କୁ ଭୋଗିବାକୁ ପଡ଼ିବ। ମାଟି, ପାଣି, ପବନ, ପ୍ରାଣୀ ତଥା ମଣିଷ ଏଥିରୁ ତ୍ରାହି ପାଇପାରିବେ ନାହିଁ। ଏହାକୁ ଥରେ ବ୍ୟବହାର କଲେ ତାହା ପରିବେଶରେ ଶହ ଶହ ବର୍ଷ (ଅତିକମ୍‌ରେ ୪୦୦ ବର୍ଷ)ଧରି ରହିଥାଏ। ଏହା ସହଜରେ ବିଘଟନ ହୋଇପାରେ ନାହିଁ। ଏଣୁ ପରିବେଶକୁ ଏହା ଏତେ ମାତ୍ରାରେ ପ୍ରଦୂଷିତ କରୁଛି ଯେ ତାହା ଗ୍ରୀନଗ୍ୟାସ ନିର୍ଗମନର ଭୟାବହତାଠାରୁ କିଛି କମ୍ ନୁହେଁ। ସିଙ୍ଗଲ ୟୁଜଡ ପ୍ଲାଷ୍ଟିକ ଏବେ ସାଗରକୁ କବଳିତ କରିଛି। ମାଛଠାରୁ ଆରମ୍ଭ କରି ଅନ୍ୟ ସାମୁଦ୍ରିକ ଜୀବ ଭୀଷଣ ଭାବେ ପ୍ରଭାବିତ ହୋଇଛନ୍ତି। ନଦୀ ଜଳରେ ଏହି ସବୁ ଜିନିଷ ଭାସିଯାଇ ସମୁଦ୍ରରେ ଠୁଳ ହେବାରେ ଲାଗିଛି ଓ ଶୈବାଳ ପାଚେରିକୁ କ୍ଷତି ପହଞ୍ଚାଇବାରେ ଲାଗିଛି। ଏହା ଦ୍ୱାରା ବିଭିନ୍ନ ପ୍ରଜାତିର ମାଛ ତଥା ଜଳଜୀବଙ୍କୁ ସେମାନଙ୍କ ଖାଦ୍ୟ ପାଇବାରେ ଘୋର ସଙ୍କଟ ଦେଖାଦେଇଛି ବୋଲି ଏକ ଅନୁଧ୍ୟାନରୁ ଜଣାପଡ଼ିଛି।



ତିମିଠାରୁ ଆରମ୍ଭ କରି ୭୦୦ ପ୍ରଜାତିର ସମୁଦ୍ରିକ ଜୀବ ଏହାକୁ ଖାଇବା ଦ୍ୱାରା ହେଉ କି ଏହା ସଂସ୍ପର୍ଶରେ ଆସିବା ଯୋଗୁ ସେମାନଙ୍କର ମୃତ୍ୟୁ ଘଟୁଛି। ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ପ୍ରତିବର୍ଷ ୧୦୦ ମିଲିୟନ ପ୍ରାଣୀଙ୍କର ମୃତ୍ୟୁ ଘଟୁଛି। ଏବେ ସୁଦ୍ଧା ୫୧ ଟ୍ରିଲିୟନର ବିଭିନ୍ନ ପ୍ରକାର ପ୍ଲାଷ୍ଟିକ ସମୁଦ୍ରରେ ରହିଛି। ସବୁଠାରୁ ଯଦି ବେଶି ପ୍ରଭାବିତ ହେଉଥାନ୍ତି ତେବେ ସେମାନେ ହେଲେ ସାମୁଦ୍ରିକ କଇଁଛ। ପ୍ରାୟ ୫୦ ପ୍ରତିଶତ ସାମୁଦ୍ରିକ କଇଁଛ ପ୍ଲାଷ୍ଟିକ ଖାଇଥାନ୍ତି। ଦେଖାଯାଇଛି ଯେ, ମୃତ କଇଁଛଙ୍କ ମଧ୍ୟରୁ ୫୦-୮୦ଙ୍କ ପେଟରୁ ପ୍ଲାଷ୍ଟିକ ମିଳିଛି। ୫୪ ପ୍ରତିଶତ ତିମି, ଡଲଫିନ ଓ ଶିଲବି ପ୍ଲାଷ୍ଟିକ ଯୋଗୁ ପ୍ରଭାବିତ ହେଉଛନ୍ତି। ଏନଓଏଏ (ନ୍ୟାଶନାଲ ଓସେନଗ୍ରାଫି ଆଣ୍ଡ୍ ଅଟମୋସ୍ଫିୟରିକ ଆଡମିନିଷ୍ଟ୍ରେଶନ)ର ଏକ ଆକଳନରୁ ଜଣାପଡ଼ିଛି ଯେ,୧ ଲକ୍ଷ ସାମୁଦ୍ରିକ ସ୍ତନ୍ୟପାୟୀ ଜୀବଙ୍କ ପ୍ଲାଷ୍ଟିକ ଯୋଗୁ ମୃତ୍ୟୁ ଘଟୁଛି। ୨୧୦୯ରେ ଡଲଫିନ୍‌ଙ୍କ ଉପରେ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ଇଂଲଣ୍ଡ ନିକଟସ୍ଥ ସମୁଦ୍ରରେ ମୃତ ସବୁ ତିମି ଓ ଶିଲଙ୍କ ଠାରେ ପ୍ଲାଷ୍ଟିକ ମିଳିଛି। ଏହା ଗୋରୁଙ୍କ ଉପରେ ଭୀଷଣ ପ୍ରଭାବ ପକାଉଛି। ଭାରତରେ ବି ଗୃହପାଳିତ ପଶୁ ଓ ବୁଲା କୁକୁର ଏହାର ଶିକାର ହେବାରେ ଲାଗିଛନ୍ତି। ୨୦୧୮ରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାଯାଏ ଯେ କେବଳ ରାଜସ୍ଥାନରେ ପୂର୍ବ ୪ ବର୍ଷ ମଧ୍ୟରେ ୧୦୦୦ରୁ ଊର୍ଦ୍ଧ୍ୱ ଗାଈଙ୍କର ମୃତ୍ୟୁ ଘଟିଥିଲା।

# ହଜିବାକୁ ବସିଲାଣି କଟକର ତାରକସି



## ଦୁର୍ଦ୍ଦିନରେ ତାରକସି କାରିଗର

ହଜାରହଜାର ବର୍ଷର ସହର କଟକ। ଐତିହ୍ୟ ଓ ପରମ୍ପରା ଭିତରେ ବଞ୍ଚିଛି ଏଠାକାର ଲୋକଙ୍କ ମାନ ଆଉ ସ୍ୱାଭିମାନ। ଏହା କେବଳ ଗୋଟିଏ ସହରର ନାଁ ନୁହେଁ, ବରଂ ଭାରତ ଭୂଖଣ୍ଡରେ ଓଡ଼ିଶାର ସ୍ୱତନ୍ତ୍ର ପରିଚୟକୁ ବହନ କରୁଥିବା ଏକ କଳାର ମାଟି। ବିଶ୍ୱ ମାନଚିତ୍ରରେ ଉତ୍କୃଷ୍ଟ ତାରକସି କାର୍ଯ୍ୟ ପାଇଁ ଏହି ମାଟିର ରହିଛି ସ୍ୱତନ୍ତ୍ର ପରିଚୟ। ହେଲେ ତାରକସି କଳା ଏବେ ବିଲୁପ୍ତପ୍ରାୟ। ଏବେ ଏହି କଳାକୁ ଏବେ କଳାବାଦଲ ଗ୍ରାସିଛି। ତାରକସି କଳାକୁ ଆଦରି ଜୀବନଜୀବିକାକୁ ଆଗେଇ ନେଉଥିବା କଳାକାରଙ୍କ ଅବସ୍ଥା ଦୁର୍ଦ୍ଦିନରେ ବିତୁଛି। କହିବାକୁ ଗଲେ ବୁଡ଼ିବାକୁ ବସିଲାଣି ତାରକସି କାରଗର କୁଳ। ଏବେ ସହରରେ ହାତଗଣତି ତାରକସି କାରିଗର। ୨୦ବର୍ଷ ପୂର୍ବେ କଟକର ଯେଉଁ ଗଳିରେ ୧୦୦ରୁ ୨୦୦ ତାରକସି କାରିଗର ଥିଲେ ଏବେ ସେଠାରେ ୨ରୁ ୩ଜଣ ଲୋକ ଚାନ୍ଦିକୁ ଚମକାଉଛନ୍ତି। କୌଣସି ବିଶେଷ ସୁବିଧା ସୁଯୋଗ ନ ଥିବାରୁ ପରପିଢ଼ି ମଧ୍ୟ ଏହି କଳାରୁ ମୁହଁ ଫେରାଇଲେଣି। ଏହା ନିଶ୍ଚିତ ଯେ, ତାରକସି କାର୍ଯ୍ୟରେ କୌଣସି ଯୁବପିଢ଼ି ନାହାନ୍ତି। ଏଣୁ ଆଉ ଗୋଟିଏ ପିଢ଼ି ଅତିକ୍ରମ ପରେ କଟକରେ ତାରକସି କାର୍ଯ୍ୟ ପ୍ରାୟ ବନ୍ଦ ହୋଇଯିବାର ସମ୍ଭାବନା ଦେଖା ଦେଇଛି।

## କଟକର ସ୍ଥାନ ନେଲାଣି କୋଲିକତା

ଚାନ୍ଦିକୁ ତରଳାଇ, ଏଥିରୁ ତାର ପ୍ରସ୍ତୁତ କରି ବିଭିନ୍ନ ରୂପ ଦିଆଯାଏ। ଏଭଳି ନିଆରା ଆଉ ସ୍ୱତନ୍ତ୍ର କାର୍ଯ୍ୟର ନାଁ ତାରକସି । ଏକଦା କଟକର ତାରକସି କାରିଗରମାନେ ଦେଶ ବିଦେଶରେ ପରିଚୟ ସୃଷ୍ଟି କରିଥିଲେ। ମାନସିଂପାଟଣା, ମହମ୍ମଦିଆବଜାର ଓ ଡଗରପଡ଼ା ସାହିରେ ହିଁ ଅଧିକ ମାତ୍ରାରେ ତାରକସି କାରିଗରଙ୍କ ଘର। ବିଦେଶର ବିଭିନ୍ନ ସ୍ଥାନରେ ଏହି କାରିଗରଙ୍କ କଳାକୃତି ସ୍ଥାନ ପାଇଛି। କିଛି ବର୍ଷ ପୂର୍ବେ କଲିକତାର କିଛି କାରିଗର କଟକ ଆସି ତାରକସି କାର୍ଯ୍ୟ ଶିକ୍ଷା କରୁଥିଲେ। ଶିଖୁଥିବା କାରିଗରମାନେ ଏବେ କଲିକତାରେ ତାରକସି କାର୍ଯ୍ୟ କରୁଛନ୍ତି। ଏବେ କଟକର ସ୍ଥାନ କଲିକତା ନେଲାଣି। ଏଠାରୁ ଅଧିକ ମାତ୍ରାରେ ତାରକସି କାର୍ଯ୍ୟ କଲିକତାରେ ହେଉଥିବା ଜଣାପଡ଼ିଛି।

## ହଜିଗଲା 'ତାରକସି ହବ୍'

କଟକ ଖପୁରିଆ ଶିଳ୍ପାଞ୍ଚଳ ଭିତରେ କଳିଙ୍ଗ ଫିଲିଗ୍ରୀ ନାମରେ ଏକ ସଂସ୍ଥା ଥିଲା। ରାଜ୍ୟ ସରକାର ଏହାର ପରିଚାଳନା ଦାୟିତ୍ୱରେ ଥିଲେ। ଏଠାରେ ପ୍ରସ୍ତୁତ ତାରକସି ସାମଗ୍ରୀ ବିଦେଶରେ ବିକ୍ରି କରାଯିବା ସହ ମୋଟା ଅଙ୍କର ଅର୍ଥ ରୋଜଗାର ହେଉଥିଲା। ଫଳସ୍ୱରୂପ କାରିଗରମାନେ ଲାଭବାନ ହେଉଥିଲେ। ମାତ୍ର ଅନେକ ବର୍ଷ ହେବ କଳିଙ୍ଗ ଫିଲିଗ୍ରୀ ବନ୍ଦ ହୋଇପଡ଼ିଛି। ଏହାକୁ ତାରକସି ହବ୍‌ରେ ପରିଣତ କରାଯିବ ବୋଲି ବିଭିନ୍ନ ନେତା, ମନ୍ତ୍ରୀ କଟକର ସଭାସ୍ଥଳରେ ଘୋଷଣା କରିଥିଲେ। ଶୁଣିବାକୁ ମିଳିଥିଲା ଯେ, ବାରବାଟୀ ଷ୍ଟାଡିୟମ ସମ୍ମୁଖ କିଲା ପଡ଼ିଆରେ ଏହି ହବ୍ ନିର୍ମାଣ ହେବ। ପରେ ତୁଳସୀପୁରଠାରେ ତାରକସି ହବ୍ ହେବ ବୋଲି କୁହାଯାଉଥିଲା। ଏବେ ହାଡ଼ିଆପଠା ନିକଟରେ କରାଯିବ ବୋଲି ଶୁଣିବାକୁ ମିଳୁଛି। ହେଲେ ଏହି ହବ୍ କେବେ ହେବ ତାହାର ସ୍ପଷ୍ଟ ଉତ୍ତର କାହା ପାଖରେ ନାହିଁ।



## କାଇଁଚରୁ ପ୍ରସ୍ତୁତ ଅଠା

ନିଖୁଣ ତାରକସି କାର୍ଯ୍ୟରେ ଚାନ୍ଦିର ତାରଗୁଡ଼ିକୁ ଯୋଡ଼ିବା ପାଇଁ କାଇଁଚ ଅଠା ବ୍ୟବହାର ହୁଏ। କାଇଁଚକୁ ପଥରେ ଘସି ଏଥିରୁ ବାହାରୁଥିବା ତରଳ ପଦାର୍ଥ(ଅଠା)କୁ ଚାନ୍ଦି ଯୋଡ଼ିବାରେ ବ୍ୟବହାର କରାଯାଏ। ଏଭଳି କାର୍ଯ୍ୟ କେଉଁଠାରେ ହେଉ ନ ଥିବ ବୋଲି କାରିଗରମାନେ କୁହନ୍ତି। ଏହି ଅଠା ଅନ୍ୟ ସମସ୍ତ ଅଠା ଠାରୁ ମଜଭୁତ ବୋଲି କୁହାଯାଏ।

## ପେଟ ପୋଷୁଛି ଦଶହରା ଚାନ୍ଦିମେଢ଼

ଦଶହରାରେ ଚାନ୍ଦି ମେଢ଼ ନିର୍ମାଣ ହୁଏ। ବିଭିନ୍ନ ପୂଜା କମିଟି ଚାନ୍ଦି ମେଢ଼ ଦୌଡ଼ରେ ଅଛନ୍ତି। ଦିନକୁ ଦିନ ଚାନ୍ଦିମେଢ଼ ତାଲିକା ବଢୁଥିବାବେଳେ ଏଥିରୁ କଟକର ତାରକସି କାରୀଗରମାନେ ହିଁ ଲାଭବାନ ହେଉଛନ୍ତି। କଟକ, ଭୁବନେଶ୍ୱର ସମେତ ରାଜ୍ୟର ଯେଉଁ ସ୍ଥାନରେ ବି ଚାନ୍ଦି ମେଢ଼ ହୋଇଛି ସେ ସବୁ କଟକର କାରିଗରଙ୍କ ଦ୍ୱାରା କରାଯାଇଛି। ଏଣୁ ଦଶହରା ଯୋଗୁଁ ଏହି କାରିଗରମାନେ ପେଟ ପୋଷିବକୁ ସକ୍ଷମ ହେଉଛନ୍ତି ବୋଲି କୁହନ୍ତି।

(ରିପୋର୍ଟ: କୁମାରଶ୍ରୀ ସାହୁ, କଟକ)

### କାରିଗରଙ୍କ ମତାମତ



ବଜାରରେ ସବୁ ସାମଗ୍ରୀର ମୂଲ୍ୟ ଦିନକୁ ଦିନ ବଢୁଛି। ଆଗରୁ ୩ହଜାର ଟଙ୍କାରେ ଗୋଟେ କେଜି ଚାନ୍ଦି କିଣୁଥିଲୁ। ଏବେ ଚାନ୍ଦି କେଜିର ମୂଲ୍ୟ ୪୭ହଜାର ଟଙ୍କା ହେଲାଣି। ଗୋଟିଏ ଦିନ ଏହି କାର୍ଯ୍ୟରେ ବସିଲେ ୨୦୦ ଟଙ୍କା। ପାରିଶ୍ରମିକ ମଧ୍ୟ ମିଳୁ ନାହିଁ। ସୂକ୍ଷ୍ମ କାର୍ଯ୍ୟ ହୋଇଥିବାରୁ ବହୁତ ସମୟ ଲାଗେ। ହେଲେ ପରିଶ୍ରମର ମୂଲ୍ୟ ବ୍ୟବସାୟୀମାନେ ବୁଝନ୍ତିନି। କମ୍ ଅର୍ଥ ରୋଜଗାର ଯୋଗୁଁ କେହି ବି ଏହି କାର୍ଯ୍ୟ କରିବାକୁ ପସନ୍ଦ କରୁନାହାନ୍ତି।

**– ବୃନ୍ଦାବନ ସାହୁ, ତାରକସି କାରିଗର, କଟକ**



ଆଉ ଗୋଟିଏ ପିଢ଼ି ପରେ କଟକରେ ତାରକସୀ କାମ ହେବା ପରି ମନେ ହେଉ ନାହିଁ। ଯୁବକମାନେ ଏଥିରେ ପଶିବାକୁ ଇଚ୍ଛା କରୁ ନାହାନ୍ତି। ସରକାର ମଧ୍ୟ ଏହି କଳାକୁ ପ୍ରୋତ୍ସାହନ ଦେବାକୁ ପଛଘୁଞ୍ଚା ଦେଉଛନ୍ତି। ସରକାରୀ ସ୍ତରରେ ଯଦି ଏହି କଳାକୁ ପ୍ରୋତ୍ସାହିତ କରିବାକୁ କିଛି ପଦକ୍ଷେପ ନିଆଯିବ, ତେବେ ଏହି କଳା ବଞ୍ଚିବା ସହିତ କଟକର ଐତିହ୍ୟ, କଳାର ପରିଚୟ ବହନ କରୁଥିବା ଏହି ପେସା ପୁଣି ତା'ର ପରିଚୟ ଫେରିପାଇବ।

**– ପ୍ରଦୀପ ପୃଷ୍ଟି, ତାରକସି କାରୀଗର,କଟକ**

WITH BEST COMPLIMENTS



HOLIDAY RESORT
Raj Kishore Patra (Managing Director)
Chakratirtha Road, Puri - 752002, Odisha, India
Toll Free : 1800 103 9007, Ph : +91 06752 222440
Email: reservation@puriholidayresort.com
www.puriholidayresort.com




ODISHA INDIA'S BEST KEPT SECRET.
ODISHA NEW OPPORTUNITIES

Contributing to 40% of Peak Power Demand of the State
Contributing to 25% of Power demand of the State
Contributing to Sustainable Development of People
Providing the Cheapest Power to Odisha

OHPC PLANTS IN OPERATION
Upper Indravati Hydro Electric Project – 600 MW
Balimela Hydro Electric Project – 510 MW
Upper Kolab Hydro Electric Project – 320 MW
Hirakud Hydro Electric Project – 275.5 MW
Rengali Hydro Electric Project – 250 MW
Chiplima Hydro Electric Project – 72 MW
Machhkund Hydro Electric Project (Odisha Share) – 36 MW

OHPC FUTURE ENDEAVOR
Pump Storage Power Plant at Upper Indravati – 600 MW
Pump Storage Power Plant at Balimela – 500 MW
Pump Storage Power Plant at Upper Kolab – 320 MW
Mandira Small Hydro Electric Project – 10 MW
Kanupur Small Hydro Electric Project – 4.2 MW
Jambhira Small Hydro Electric Project – 3 MW

OHPC SUBSIDIARY COMPANIES / JVs
Green Energy Development Corporation of Odisha Ltd. – GEDCOL
Odisha Coal & Power Ltd. – OCPL
Odisha Thermal Power Corporation Ltd. – OTPC
Baitarani West Coal Company Ltd. – BWCCL
GEDCOL SAIL Power Corporation Ltd. – GSPCL

ODISHA HYDRO POWER CORPORATION LTD.
(A GOLD RATED STATE PSU)
Odisha State Police Housing & Welfare Corporation Building,
Vani Vihar Chowk, Janpath, Bhubaneswar - 751022
Ph : 0674-2542983, 2542802, FAX : 0674-2542102, Website: www.ohpcltd.com

"To Produce World Class Pellets to meet Raw Material requirement of Steel Producers in and around State of Odisha."
With Best Compliments from:
BRPL
BRAHMANI RIVER PELLETS LIMITED
5th Floor, IPICOL House, Bhubaneswar-751022



Always at the service of people in Odisha.

# ପର୍ଯ୍ୟଟନ କ୍ଷେତ୍ରର ଗନ୍ତାଘର ବୌଦ୍ଧ






ବୌଦ୍ଧ ଜିଲା ପର୍ଯ୍ୟଟନସ୍ଥଳର ଗନ୍ତାଘର। ଜିଲାରେ ପ୍ରାଚୀନ କୀର୍ତ୍ତିରାଜି ଓ ବୈଭବ ଭରି ରହିଛି । ଐତିହାସିକ କଳାକୃତି ହେଉ ଅବା ପ୍ରାକୃତିକ ସୌନ୍ଦର୍ଯ୍ୟ ବି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏଥିସହିତ ରହିଛି ଇକୋ ଟୁରିଜିମର ପର୍ଯ୍ୟାପ୍ତ ସୁଯୋଗ । ବୃଦ୍ଧରୁ ବୌଦ୍ଧ ଜିଲା ଭାବେ ନାମିତ ଏହି ଜିଲା ଐତିହାସିକ ଓ ଗବେଷକମାନଙ୍କୁ ଆକୃଷ୍ଟ କରିଥାଏ। ସମଗ୍ର ବୌଦ୍ଧ ଜିଲାରେ ବିକ୍ଷିପ୍ତ ଭାବେ ବୌଦ୍ଧ କୀର୍ତ୍ତିର ଅବଶିଷ୍ଟାଂଶ ଦେଖିବାକୁ ମିଳେ। ବୌଦ୍ଧ ରାଜପ୍ରାସାଦ ନିକଟରେ ପଦ୍ମଫୁଲ ଉପରେ ଥିବା ସିଂହାସନରେ ୭ ଫୁଟ ଉଚ୍ଚର ବୁଦ୍ଧଙ୍କ ପ୍ରତିମୂର୍ତ୍ତି ଜିଲାର ନାମକୁ ସାର୍ଥକ କରୁଛି। ଏହି ବୁଦ୍ଧ ମୂର୍ତ୍ତି ଯୋଡା ପଥରରେ ନିର୍ମିତ। ମୂର୍ତ୍ତିର ଉଭୟ ପାର୍ଶ୍ୱ ସ୍ତମ୍ଭରେ ଦୁଇଜଣ ଗନ୍ଧର୍ବ ହାତରେ ଫୁଲମାଳ ନେଇ ଉଡନ୍ତା ଅବସ୍ଥାରେ ରହିଛନ୍ତି । ଏହିଠାରେ ମାଟିତଳେ ବୁଦ୍ଧବିହାର ଓ ବୌଦ୍ଧ ଧର୍ମର ଶିକ୍ଷା କେନ୍ଦ୍ର ଅବସ୍ଥିତ । ତେବେ ଏହି ବୁଦ୍ଧକୀର୍ତ୍ତି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସଂରକ୍ଷିତ ଥିଲେ ମଧ୍ୟ ରାଜ୍ୟର ପର୍ଯ୍ୟଟନ ମାନଚିତ୍ରରେ ଏହାକୁ ଗୁରୁତ୍ୱ ଦିଆଯାଇ ନ ଥିବାରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁନାହିଁ।

ସେହିପରି ବୌଦ୍ଧ ସହରରୁ ମହାନଦୀ କୂଳେ କୂଳେ ଜଗନ୍ନାଥ ସଡ଼କରେ ୧୭ କିଲୋମିଟର ଗଲେ ପରଗଳପୁର ଓ ଶ୍ୟାମସୁନ୍ଦରପୁର ବୁଦ୍ଧବିହାର ପଡିବ। ଏହି ବୁଦ୍ଧ ବିହାରର ଭଗ୍ନାବଶେଷ ମଧ୍ୟ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସଂରକ୍ଷିତ। ତେବେ ଜିଲାରେ ପର୍ଯ୍ୟଟନର ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଥିବା ବେଳେ ପ୍ରଶାସନିକ ଏବଂ ରାଜନୈତିକସ୍ତରରେ ପ୍ରୟାସ କରାଯାଉ ନ ଥିବାରୁ ଜିଲାକୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ହୋଇପାରୁନାହିଁ। ଜିଲାରେ ପର୍ଯ୍ୟଟନର ପ୍ରଚାର ପ୍ରସାରକୁ ଗୁରୁତ୍ୱ ଦେଇ ପ୍ରୟାସ କରାଗଲେ ଜିଲାକୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଆନ୍ତା । ଜିଲାରେ ଅନେକ ପ୍ରାଚୀନ କୀର୍ତ୍ତିରାଜି ଭରି ରହିଥିଲେ ମଧ୍ୟ ତା'ର ବିକାଶ ହୋଇପାରୁନାହିଁ। ପଶ୍ଚିମ ଓଡ଼ିଶାରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ୫ଟି ସଂରକ୍ଷିତ କୀର୍ତ୍ତିରାଜି ମଧ୍ୟରେ ବୌଦ୍ଧର ଅଷ୍ଟମ ଶତାବ୍ଦୀରେ ଭଞ୍ଜ ରାଜାମାନଙ୍କ ଦ୍ୱାରା ନିର୍ମିତ କାରୁକାର୍ଯ୍ୟରେ ଭରପୂର ଗନ୍ଧରାଡି ମନ୍ଦିର ଓ ନବମ ଶତାବ୍ଦୀରେ ସୋମବଂଶୀଙ୍କ ଦ୍ୱାରା ବୌଦ୍ଧ ସହରରେ ନିର୍ମିତ ରାମେଶ୍ୱର ମନ୍ଦିରରେ ଐତିହାସିକ, ଗବେଷକ ଓ ପର୍ଯ୍ୟଟକମାନଙ୍କ ଦର୍ଶନ ଓ ଗବେଷଣା ପାଇଁ ଅନେକ ସୁଯୋଗ ରହିଛି। ସେହିପରି ହରଭଙ୍ଗା ବ୍ଲକ ବାମଣ୍ଡା ପଞ୍ଚାୟତର ପାତାଳି ଶ୍ରୀକ୍ଷେତ୍ର ନାୟକ ପଡା ଗୁମ୍ଫା ଓ କଣ୍ଟାମାଳ ରେଘାମୁଣ୍ଡାର ଦେଢଶୁର ଭାଇବୋହୂ ପାହାଡର ବିକାଶ ପାଇଁ ରାଜ୍ୟ ସରକାର ଅନୁଦାନ ଯୋଗାଇ ଦେଇଥିଲେ ମଧ୍ୟ ଏହାର ପ୍ରଚାର ପ୍ରସାର ଅଭାବରୁ ପର୍ଯ୍ୟଟକମାନଙ୍କ ଦୃଷ୍ଟି ଆଢୁଆଳରେ ରହିଯାଉଛି। ହରଭଙ୍ଗା ବ୍ଲକର ପ୍ରସିଦ୍ଧ ଶକ୍ତିପୀଠ ମା ଭୈରବୀଙ୍କ ମନ୍ଦିର, ରାମଗଡ ଓ କରଡିଠାରେ ଥିବା ଶିବ ମନ୍ଦିର, ପଦ୍ମତୋଳା ଅଭୟାରଣ୍ୟ, ତଳଗାଁ ଡମକୁଚର ମନଲୋଭା ପ୍ରାକୃତିକ ଦୃଶ୍ୟ, ବାଉଁଶୁଣୀର ପ୍ରସିଦ୍ଧ ଶିବ ମନ୍ଦିର, ବଘିଆପଡାର ପଞ୍ଚୁପାଣ୍ଡବ ମନ୍ଦିର, ମହାନଦୀ ଗର୍ଭରେ ରହିଥିବା ହନୁମାନ ମନ୍ଦିର, ବୌଦ୍ଧର ଜଗନ୍ନାଥ ମନ୍ଦିର, ଭୈରବୀ ମନ୍ଦିର, ଚନ୍ଦ୍ରଚୂଡ ମନ୍ଦିର ଆଦି ଅନେକ କୀର୍ତ୍ତିରାଜି ଜିଲାରେ ପର୍ଯ୍ୟଟନର ଭିତ୍ତିଭୂମି ବିକାଶରେ ସହାୟକ ହୋଇପାରିବ। ସେହିପରି ମହାନଦୀ ଭିତରେ ରହିଥିବା ମର୍ଜାକୁଦ ଇକୋ ଟୁରିଜିମର ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ରାଜ୍ୟ ସରକାର ଯଦି ଏସବୁ ପ୍ରତି ଗୁରୁତ୍ୱ ଦେବା ସହ ବୌଦ୍ଧ ଜିଲାରେ ଥିବା କୀର୍ତ୍ତିରାଜି ଓ ସୌନ୍ଦର୍ଯ୍ୟ ଗୁଡିକର ବିକାଶ କରାଇପାରିଲେ ଜିଲା ପର୍ଯ୍ୟଟନ କ୍ଷେତ୍ରରେ ଏକ ପରିଚିତ ନାଁ ହୋଇପାରିବ ।

**–ଅଜିତ କୁମାର ବାରିକ**



ବିକ୍ରମଖୋଲ ଗୁମ୍ଫାର ପ୍ରାଚୀନ ଶିଳାଲିପି।



# କ୍ଷୟ ହେବାରେ ଲାଗିଛି ବିକ୍ରମଖୋଲ ଗୁମ୍ଫାର ପ୍ରାଚୀନ ଶିଳାଲିପି

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବଞ୍ଜାରୀ ଗ୍ରାମ ସନ୍ନିକଟ ଜଙ୍ଗଲରେ ରହିଛି ପ୍ରାଚୀନ ବିକ୍ରମଖୋଲ ଗୁମ୍ଫା। ଏହା ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମଧ୍ଯରୁ ଅନ୍ୟତମ। ଏହି ଗୁମ୍ଫାରେ ହଜାର ହଜାର ବର୍ଷ ପୂର୍ବେ ଆଦିମାନବ ବସବାସ କରୁଥିବା ବିଶ୍ୱାସ ରହିଛି। ଗୁମ୍ଫାରେ ଅନେକ ପ୍ରାଚୀନ ଶିଳାଲିପି ଦେଖିବାକୁ ମିଳେ, ଯାହା ବର୍ଷତମାମ ପର୍ଯ୍ୟଟକ, ଗବେଷକ ତଥା ପ୍ରକୃତିପ୍ରେମୀଙ୍କୁ ଆକୃଷ୍ଟ କରିଥାଏ। କେନ୍ଦ୍ର ସରକାରଙ୍କ ପକ୍ଷରୁ ବିକ୍ରମଖୋଲକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଯାଇଛି। ମାତ୍ର ଗମନାଗମନ ବ୍ୟବସ୍ଥା, ପାରିପାର୍ଶ୍ୱିକ ଉନ୍ନତି ଓ ପ୍ରଚାର ପ୍ରସାର ଅଭାବରୁ ଆଜି ପର୍ଯ୍ୟନ୍ତ ଏହା ଅବହେଳିତ ଅବସ୍ଥାରେ ପଡ଼ିରହିଛି।

ଝାରସୁଗୁଡ଼ା ସଦର ମହକୁମାରୁ ୨୫ କି.ମି. ଦୂର ତଥା ବେଲପାହାଡ଼-ସୁନ୍ଦରଗଡ଼ ରାସ୍ତା ପାର୍ଶ୍ୱ ଘଞ୍ଚ ଜଙ୍ଗଲ ମଧ୍ୟରେ ଏକ ମନୋରମ ପରିବେଶରେ ରହିଛି ଏହି ପ୍ରାଚୀନ ଗୁମ୍ଫା। ଏଠାକୁ ଯିବାକୁ ହେଲେ ମାଣିକେଶ୍ୱରୀ ମନ୍ଦିରଠାରୁ ଜଙ୍ଗଲ ରାସ୍ତା ଦେଇ ଯିବାକୁ ପଡ଼େ। ଏହି ପର୍ଯ୍ୟଟନସ୍ଥଳୀ ବିକ୍ରମଖୋଲରେ ୧୧୫ ଫୁଟ ଦୈର୍ଘ୍ୟ ଓ ୨୭.୭ ଫୁଟ ଉଚ୍ଚତା ବିଶିଷ୍ଟ ଏକ ପ୍ରାଚୀନ ଗୁମ୍ଫା ରହିଛି। ଗୁମ୍ଫାରେ ଅନେକ ପ୍ରାଚୀନ ଶିଳାଲିପି ରହିଛି, ଯାହାକୁ ଆଜି ପର୍ଯ୍ୟନ୍ତ କେହି ପଢ଼ି ବୁଝିବାକୁ ସକ୍ଷମ ହୋଇପାରିନାହାନ୍ତି। ଅତୀତରେ କିଛି ଗବେଷକ, ଐତିହାସିକ ଗୁମ୍ଫା ଅନୁଧ୍ୟାନ କରି ଶିଳାଲିପି ଉପରେ ବିଭିନ୍ନ ପ୍ରକାର ତଥ୍ୟ ଉପସ୍ଥାପନ କରିଛନ୍ତି। କେତେଜଣ ଗବେଷକଙ୍କ ମତରେ ଖ୍ରୀଷ୍ଟପୂର୍ବ ୪ ହଜାରରେ ଘଞ୍ଚ ଜଙ୍ଗଲ ମଧ୍ୟରେ ଅବସ୍ଥିତ ବିକ୍ରମଖୋଲରେ ଆଦିମାନବ ବାସ କରୁଥିଲେ। ୧୯୫୮ ମସିହାରେ ଏହି ଗୁମ୍ଫା ଲୋକଲୋଚନକୁ ଆସିଥିଲା। ୧୯୯୫ ମସିହାରେ ଏକ ପ୍ରତ୍ନତତ୍ତ୍ୱବିତ ଦଳ ସର୍ବେକ୍ଷଣ ପାଇଁ ଗୁମ୍ଫାକୁ ଯାଇଥିଲେ। ସେମାନେ ରାସାୟନିକ ପ୍ରଲେପ ଦେଇ ଶିଳାଲିପିର ସଂରକ୍ଷଣ ପାଇଁ ଉଦ୍ୟମ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଏହାର ସଂରକ୍ଷଣ ପାଇଁ କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ ବିଶେଷ କିଛି ପଦକ୍ଷେପ ନିଆଗଲା ନାହିଁ। ଫଳରେ ଖରା, ବର୍ଷା, ପବନରେ ଗୁମ୍ଫାରେ ଖୋଦିତ ଶିଳାଲିପିଗୁଡ଼ିକ କ୍ଷୟ ହେବାରେ ଲାଗିଛି। ୨୦ ବର୍ଷ ପୂର୍ବେ ଶିଳାଲିପିରେ ଯେପରି ସ୍ପଷ୍ଟ ଥିଲା ଏବେ ତାହା ଆଉ ଦେଖିବାକୁ ମିଳୁନି। ପର୍ଯ୍ୟଟନ ବିଭାଗ କେବଳ ଗୁମ୍ଫାର ଉପର ମୁଣ୍ଡରୁ ବହୁଥିବା ବର୍ଷାପାଣିକୁ ରୋକିବା ପାଇଁ କଂକ୍ରିଟ କାନ୍ଥ ଏବଂ ଗୁମ୍ଫାକୁ ଯିବା ଆସିବା ପାଇଁ ପାହାଚ ନିର୍ମାଣ କରିଛି। ମାତ୍ର ସମ୍ମୁଖ ଭାଗ ଜଙ୍ଗଲରୁ ଗୁମ୍ଫାକୁ ପଶୁଥିବା ବର୍ଷାପାଣି ଓ ପବନକୁ ରୋକିବା ପାଇଁ କୌଣସି ପ୍ରତିକାର ବ୍ୟବସ୍ଥା କରିନାହାନ୍ତି। ସମୟ ଥାଉ ଥାଉ ଏହି ପ୍ରାଚୀନ ଗୁମ୍ଫାର ସଂରକ୍ଷଣ ଅନିବାର୍ଯ୍ୟ ହୋଇପଡ଼ିଛି। ଯଥାଶୀଘ୍ର ଗୁମ୍ଫାର ସଂରକ୍ଷଣ ଦିଗରେ ପଦକ୍ଷେପ ନ ନେଲେ କିଛିବର୍ଷ ପରେ ଏହି ପ୍ରାଚୀନ ଶିଳାଲିପି ସମୂହ ନିଶ୍ଚିହ୍ନ ହୋଇଯିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

**–ରଞ୍ଜନ ମହାପାତ୍ର**


## ଚୌଦ୍ୱାର ପୌରପରିଷଦ, ଚୌଦ୍ୱାର

ଚୌଦ୍ୱାର ପୌରପରିଷଦ ୪୬ତମ ଜନ୍ମ ବାର୍ଷିକ ଉତ୍ସବ ଅବସରରେ ପ୍ରକାଶ ପାଉଥିବା ''ଧରିତ୍ରୀ'' ଖବରକାଗଜରେ ଚୌଦ୍ୱାର ନଗରବାସୀଙ୍କର ସର୍ବଦା ଉନ୍ନତି କାମନା କରୁଛି ଓ ଶୁଭେଚ୍ଛା ଜଣାଇବା ସହିତ ନିମ୍ନ ପଦକ୍ଷେପ ନେବା ନିମନ୍ତେ ଅଞ୍ଚଳବାସୀଙ୍କୁ ବିନମ୍ର ଅନୁରୋଧ କରୁଅଛି।
(୧) ପରିଷଦର ବକେୟା କର ପୈଠ କରି କରମୁକ୍ତ ହୁଅନ୍ତୁ। (୨) ପରିଷଦ କିମ୍ବା ସରକାରୀ ଜମି ଜବର ଦଖଲ କରନ୍ତୁ ନାହିଁ। (୩) ରାସ୍ତାରେ ଗୃହପାଳିତ ପଶୁମାନଙ୍କୁ ଛାଡ଼ି ଓ ରାସ୍ତା ଉପରେ ଘର ଉପକରଣ ପକାଇ ଯାନ ବାହନର ଯିବା ଆସିବାରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ। (୪) ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣ ଠିକ୍ ସମୟରେ କରାଇ ନିଅନ୍ତୁ। (୫) ନିଜ ପରିବେଶକୁ ସ୍ୱଚ୍ଛ ରଖି ସୁସ୍ଥ ରୁହନ୍ତୁ ଏବଂ ବହୁଳ ପରିମାଣର ବୃକ୍ଷ ରୋପଣ କରନ୍ତୁ। (୬) ଗୃହରୁ ବାହାରୁଥିବା ଓଦା ଓ ଶୁଖିଲା ଅଳିଆ, ଆବର୍ଜନାକୁ ପୃଥକୀକରଣ କରି ପୌର ସଫେଇ କର୍ମଚାରୀଙ୍କୁ ହସ୍ତାନ୍ତର କରନ୍ତୁ।
ଆସନ୍ତୁ ସମସ୍ତେ ମିଳିମିଶି ଏହି ବିକାଶ ଧାରାରେ ସାମିଲ ହେବା ଏବଂ ଚୌଦ୍ୱାର ପୌର ପରିଷଦକୁ ସରସ ସୁନ୍ଦର ଭାବେ ଗଢ଼ି ତୋଳିବା।

ପବିତ୍ର କୁମାର ବେହେରା, ନିର୍ବାହୀ ଅଧିକାରୀ, ଚୌଦ୍ୱାର ପୌରପରିଷଦ
ଶୁଭ୍ରାଂଶୁ ମିଶ୍ର, ଉପ-ଜିଲ୍ଲାପାଳ-ତଥା- ପ୍ରଶାସକ, ଚୌଦ୍ୱାର ପୌରପରିଷଦ

ଶୁଭେଚ୍ଛା ସହ...

## ନିୟନ୍ତ୍ରିତ ବଜାର କମିଟି, ଜଗତ୍‌ସିଂହପୁର

''ଚାଷୀଙ୍କ ଉନ୍ନତି କଳ୍ପେ ସଦାସର୍ବଦା''

ସ୍ୱା./- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଜଗତ୍‌ସିଂହପୁର
ସ୍ୱା./- ଉପ-ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ଜଗତ୍‌ସିଂହପୁର

## ପଞ୍ଚାୟତ ସମିତି ବାଙ୍କୀ, ଡମପଡ଼ା

ଏତଦ୍ୱାରା ବାଙ୍କୀ-ଡମପଡ଼ା ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମସ୍ତ ହିତାଧିକାରୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ୨୦୧୯-୨୦ ଆର୍ଥିକ ବର୍ଷରେ ପାଇଥିବା ସମସ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାସଗୃହଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ନିମନ୍ତେ ମଣ୍ଡଳ ଉନ୍ନୟନ ଅଧିକାରୀ ବାଙ୍କୀ-ଡମପଡ଼ା ଅନୁରୋଧ କରୁଛନ୍ତି ।

ସ୍ୱା./- ମଣ୍ଡଳ ଉନ୍ନୟନ ଅଧିକାରୀ, ବାଙ୍କୀ-ଡମପଡ଼ା ବ୍ଲକ

## ବିଜ୍ଞାପିତ ଅଞ୍ଚଳ ପରିଷଦ, ଆସିକା, ଗଞ୍ଜାମ

ଶୁଭେଚ୍ଛା

ସମସ୍ତ ସହରବାସୀଙ୍କୁ ବିଜ୍ଞାପିତ ଅଞ୍ଚଳ ପରିଷଦ, ଆସିକା ତରଫରୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଆସିକା ସହରକୁ ପ୍ଲାଷ୍ଟିକ୍ ବର୍ଜନମୁକ୍ତ କରିବା ସକାଶେ ପଲିଥିନ୍, ସୋଲଜନିତ ସାମଗ୍ରୀ ବ୍ୟବହାର ଉପରେ ନିଷେଧାଦେଶ। ଯଥା:-

| ନିଷିଦ୍ଧ ପଲିଥିନ୍ ସାମଗ୍ରୀ | ପ୍ରତିବଦଳରେ ବ୍ୟବହାର କରିବା ସାମଗ୍ରୀ |
|---|---|
| ୧. ଯେକୌଣସି ଆକାରର ପଲିଥିନ୍ କ୍ୟାରି ବ୍ୟାଗ୍। | ୧. କାଗଜ, କନା, ଜୁଟ କିମ୍ବା ଖୋଟ ନିର୍ମିତ ଯେକୌଣସି ଆକାରର କ୍ୟାରି ବ୍ୟାଗ୍। |
| ୨. ୨୦୦ ମିଲିଗ୍ରାମ୍‌ରୁ କମ୍ ପ୍ଲାଷ୍ଟିକ୍ ପାଣି ବୋତଲ। | ୨. ୨୦୦ ମି.ଲି. କିମ୍ବା ତଦୂର୍ଦ୍ଧ୍ୱ (PET) ପାଣି ବୋତଲ ବ୍ୟବହାରଯୋଗ୍ୟ। |
| ୩. ଏକ ବ୍ୟବହୃତ ପ୍ଲାଷ୍ଟିକ୍ ନିର୍ମିତ ଥାଳି, ଗିନା, ଚାମଚ, କପ୍, ଗ୍ଲାସ୍, ବୋତଲ, ସୋଲ, ତରଳ ପଦାର୍ଥ ପରିବହନ ପାଇଁ ବ୍ୟବହୃତ ପଲିଥିନ୍। | ୩. କାଗଜ, ଷ୍ଟିଲ କିମ୍ବା ପତ୍ର ଇତ୍ୟାଦିରେ ନିର୍ମିତ- ଥାଳି, ଗିନା, ଚାମଚ, କପ୍, ଗ୍ଲାସ୍ ଇତ୍ୟାଦି। |
| ୪. ପର୍ବପର୍ବାଣି, ବିବାହ, ବ୍ରତ ଏବଂ ବିଭିନ୍ନ ସାମାଜିକ ଉତ୍ସବରେ ସାଜସଜ୍ଜା ପାଇଁ ବ୍ୟବହୃତ ପ୍ଲାଷ୍ଟିକ୍ କିମ୍ବା ସୋଲ, ଫୁଲ ଓ ଫୁଲମାଳ। | ୪. ପ୍ରାକୃତିକ ଫୁଲ ଓ ଫୁଲମାଳ। |

-ଧନ୍ୟବାଦ ସହ-

ଶ୍ରୀ ଅଶୋକ କୁମାର ପଣ୍ଡା, ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଆସିକା

## ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଙ୍କୀ

ଶୁଭେଚ୍ଛା ବାର୍ତ୍ତା

ଦୈନିକ ଖବରକାଗଜ ''ଧରିତ୍ରୀ''ର ସ୍ୱନକ୍ଷତ୍ର ପାଳନ ଉପଲକ୍ଷେ ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦ ଇଲାକାର ସମସ୍ତ ଭାଇ ଭଉଣୀ ଓ ଗୁରୁଜନମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଅଛୁ। ମା ଚର୍ଚ୍ଚିକା ସମସ୍ତଙ୍କର ମଙ୍ଗଳ କରନ୍ତୁ ଏହା ଆମର ପ୍ରାର୍ଥନା। ଏହି ସହରକୁ ସରସ ସୁନ୍ଦର କରି ଗଢ଼ି ତୋଳିବା ଆମ୍ଭର କର୍ତ୍ତବ୍ୟ ଏବଂ ଆପଣଙ୍କର ସହଯୋଗ କାମନା ଆମ୍ଭମାନଙ୍କର ଲକ୍ଷ୍ୟ ଅଟେ। ପରିଷଦର ଦେୟ ଠିକ୍ ସମୟରେ ପୈଠ କରିବା ଆମ ସମସ୍ତଙ୍କର ଲକ୍ଷ୍ୟ ହେଉ। ଆଜି ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ୱାର୍ଡ଼କୁ ବାହ୍ୟମଳମୁକ୍ତ ସହରଭାବେ ଘୋଷଣା କରାଯାଇଅଛି, ଆସନ୍ତୁ ସାମୂହିକ ସଂକଳ୍ପ ନେଇ ଆମ ବାଙ୍କୀ ସହରକୁ ଏକ ଆଦର୍ଶ ସହର ରୂପେ ଗଢ଼ି ତୋଳିବା ପାଇଁ ଚେଷ୍ଟିତ ହେବା।

ଶ୍ରୀଯୁକ୍ତ ବିନୟ ରଞ୍ଜନ ମହାପାତ୍ର, ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଙ୍କୀ
ଶ୍ରୀଯୁକ୍ତ ଅରୁଣ କୁମାର ବିଶ୍ୱାଳ, ଓ.ପ୍ର.ସେ., ପ୍ରଶାସକ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଙ୍କୀ

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଘୁ.ଉଦୟଗିରି

ଘୁ.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦରେ ବାସକରୁଥିବା ସମସ୍ତ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ ସହ ସହରକୁ ଏକ ସୁନ୍ଦର ସ୍ୱାସ୍ଥ୍ୟକର ପରିବେଶ ସହରଭାବରେ ଗଢ଼ିତୋଳିବାକୁ ସମସ୍ତଙ୍କ ସହଯୋଗ କାମନା କରୁଛୁ। ୧. ସହରକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ୨. ପୌର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା କରନ୍ତୁ। ୩. ବିଭିନ୍ନ ଟିକସ ଯଥା ସମୟରେ ପୈଠକରି ରିହାତି ପାଇବାର ସୁଯୋଗ ନିଅନ୍ତୁ। ୪. ପରିଷଦର ବିନା ଅନୁମତିରେ ନୂତନ ଗୃହ ନିର୍ମାଣ କରନ୍ତୁ ନାହିଁ। ୫. ରାସ୍ତା ଓ ନାଳରେ ଅଳିଆ ଆବର୍ଜନା ନ ପକାଇ ଡଷ୍ଟବିନରେ ପକାନ୍ତୁ। ୬. ଗୃହ ନିର୍ମାଣ ସମୟରେ ଉପକରଣ ରାସ୍ତା ଉପରେ ଜମା କରନ୍ତୁ ନାହିଁ। ୭. ଗୃହ ବାହାରେ ମଳତ୍ୟାଗ କରନ୍ତୁ ନାହିଁ। ୮. ସଠିକ୍ ସମୟରେ ଜନ୍ମ ଓ ମୃତ୍ୟୁର ପଞ୍ଜୀକରଣ କରନ୍ତୁ। ୯. ପଲିଥିନ୍ ବ୍ୟବହାର ନ କରି ପ୍ରଦୂଷଣମୁକ୍ତ ସହରାଞ୍ଚଳ ଗଠନରେ ସହାୟକ ହୁଅନ୍ତୁ। ୧୦. ଆର୍ଥିକ ଦୁର୍ବଳ ଥିବା ଜନସାଧାରଣ ଯାହାର ନିଜସ୍ୱ ଜାଗା ଅଛି ଛାତ ଘର ନାହିଁ ସେହି ବ୍ୟକ୍ତିମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ଯୋଗାଇ ଦିଆଯାଉଥିବା ଟ.୨,୦୦,୦୦୦.୦୦ଙ୍କା ଆର୍ଥିକ ସାହାଯ୍ୟ ନେଇ ନିଜ ପକ୍କାଘର ନିର୍ମାଣ କରିବାର ସୁଯୋଗ ନିଅନ୍ତୁ।

ଶ୍ରୀ ସଞ୍ଜୀବ କୁମାର ମହାପାତ୍ର (ଓ.ରା.ସେ), ନିର୍ବାହୀ ଅଧିକାରୀ
ଶ୍ରୀ ଶାନ୍ତନୁ କୁମାର ନାୟକ (ଓ.ପ୍ର.ସେ), ପ୍ରଶାସକ

## ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ଜଗତ୍‌ସିଂହପୁର

ନୂତନ ନଡ଼ିଆ ବଗିଚା, ପାନବରଜ ପ୍ରତିଷ୍ଠା, ପନିପରିବା, ଆଳୁ, ପିଆଜ ଚାଷ, ସୁରକ୍ଷିତ ଚାଷ, ଅମଳର ପରବର୍ତ୍ତୀ ଯତ୍ନ ତଥା ବୁନ୍ଦା ଜଳସେଚନ ପାଇଁ ଉଦ୍ୟାନ କୃଷି ବିଭାଗ, ଜଗତ୍‌ସିଂହପୁର ଜିଲ୍ଲା ତରଫରୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଚାଷୀମାନେ ନିକଟସ୍ଥ ଉଦ୍ୟାନ କୃଷି କର୍ମଚାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ।

ସ୍ୱା./- ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ଜଗତ୍‌ସିଂହପୁର

## ଆସିକା ପଞ୍ଚାୟତ ସମିତି
ଆସିକା (ଗଞ୍ଜାମ)

ଧରିତ୍ରୀ ସ୍ୱନକ୍ଷତ୍ର ଦିବସରେ ଆମର ହାର୍ଦ୍ଦିକ ଅଭିନନ୍ଦନ।

**ଜନସାଧାରଣଙ୍କୁ ନିବେଦନ:** ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଗ୍ରାମାଞ୍ଚଳରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସାମିଲ ହୋଇ ଏହାର ଶତପ୍ରତିଶତ ସୁଫଳ ହାସଲ କରନ୍ତୁ।

ଶ୍ରୀ ହରେକୃଷ୍ଣ ମଲିକ, ଅଧ୍ୟକ୍ଷ, ପଞ୍ଚାୟତ ସମିତି, ଆସିକା
ସତ୍ୟସୁନ୍ଦର ରାଉତ (ଓ.ଏ.ଏସ୍.-୧), ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଆସିକା

## ମତ୍ସ୍ୟ ପୋଖରୀ ଯୋଜନାରେ ୨୦୧୯-୨୦ ବର୍ଷ ପାଇଁ ପୋଖରୀ ଖୋଳିବା ନିମନ୍ତେ ଆବେଦନପତ୍ର ଆହ୍ୱାନ

ଜଗତ୍‌ସିଂହପୁର ଜିଲ୍ଲା — ତାରିଖ: ୧୧।୧୧।୧୯

ଜିଲ୍ଲାରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ସରକାରଙ୍କ ''ମତ୍ସ୍ୟ ପୋଖରୀ ଯୋଜନା''ରେ ୨୦୧୯-୨୦ ବର୍ଷ ପାଇଁ ନୂତନ ପୋଖରୀ ଖନନ ନିମନ୍ତେ ଆଗ୍ରହୀ ଚାଷୀ/ଉଦ୍ୟୋଗୀମାନଙ୍କଠାରୁ ଆବେଦନପତ୍ର ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କଠାରୁ ଆହ୍ୱାନ କରାଯାଉଅଛି। ଏଥିରେ ଜଣେ ଆଗ୍ରହୀ ଚାଷୀ ସର୍ବନିମ୍ନ ୦.୫୦ ଏକର ଏବଂ ସର୍ବାଧିକ ୫.୦ ଏକର ପର୍ଯ୍ୟନ୍ତ ପୋଖରୀ ଖୋଳିପାରିବେ। ଏହାର ପ୍ରକଳ୍ପ ମୂଲ୍ୟ ହେକ୍ଟର ପିଛା ୮.୫୦ ଲକ୍ଷ ଟଙ୍କା ଓ ରିହାତି ପରିମାଣ ଶତକଡ଼ା ୫୦ଭାଗ ରଖାଯାଇଛି। ଉପରୋକ୍ତ ଯୋଜନାରେ ସାମିଲ ହେବା ନିମନ୍ତେ ଆଗ୍ରହୀ ଚାଷୀ ନିକଟସ୍ଥ ବ୍ଲକରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ନିକଟରେ ଅନଲାଇନ୍ ବା ଅଫଲାଇନ୍‌ରେ ଆବଶ୍ୟକୀୟ କାଗଜପତ୍ର ସହ ଆବେଦନ କରିପାରିବେ।
ଏତଦ୍‌ବ୍ୟତୀତ ଯେଉଁ ହିତାଧିକାରୀ ପୂର୍ବରୁ ପୋଖରୀ ଖୋଳିବା ନିମନ୍ତେ ସରକାରୀ ସହାୟତା ପାଇଥିବେ ସେମାନେ ଆଉଥରେ ଅନ୍ତର୍ଭୁକ୍ତ ହୋଇପାରିବେ ନାହିଁ। ଅନ୍‌ଲାଇନ୍‌ରେ ଆବେଦନ କରିବା ନିମନ୍ତେ ନିମ୍ନଲିଖିତ ଓଡ଼ିଶା ଲୋକସେବା ଅଧିକାର ପୋର୍ଟାଲରେ **(www.lokseba-odisha.in)**ରେ ଆବେଦନ କରିପାରିବେ।

ସ୍ୱା./- ଜିଲ୍ଲା ମତ୍ସ୍ୟ ଅଧିକାରୀ, ଜଗତ୍‌ସିଂହପୁର

## ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା
ପଞ୍ଚାୟତ ସମିତି, ଜଗତ୍‌ସିଂହପୁର
ବ୍ଲକସ୍ତରୀୟ ଜନଶୁଣାଣି

ଜଗତ୍‌ସିଂହପୁର ପଞ୍ଚାୟତ ସମିତିର ଗ୍ରାମାଞ୍ଚଳରେ ବସବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ୨୦୧୮-୧୯ ଆର୍ଥିକ ବର୍ଷର ଶେଷ ୧ ବର୍ଷ ଅର୍ଥାତ୍ (ତା୦୧।୦୪।୨୦୧୮ରୁ ୩୧।୦୩।୨୦୧୯) ମଧ୍ୟରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ଜନ ଶୁଣାଣି ପାଇଁ ବ୍ଲକୱାରୀ ଦିନ, ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇଅଛି।
ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଜନସାଧାରଣ, ଯୋଜନା ସହିତ ସମ୍ପୃକ୍ତ ଥିବା ସମସ୍ତ ସରକାରୀ ଅଧିକାରୀ ଓ ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସମାଜସେବୀ, ସାମ୍ବାଦିକ ଓ ତ୍ରିସ୍ତରୀୟ ପଞ୍ଚାୟତିରାଜର ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାକୁ ଜଗତ୍‌ସିଂହପୁର ପଞ୍ଚାୟତ ସମିତିରେ ସଫଳତାର ସହିତ ଆଗେଇ ନେବା ସହ ଆପଣମାନଙ୍କର ବହୁମୂଲ୍ୟ ମତାମତ ଓ ଆପତ୍ତି ଅଭିଯୋଗ ଉପସ୍ଥାପନ କରିପାରିବେ।

| ବିଷୟ ବସ୍ତୁ | ତାରିଖ | ସମୟ | ସ୍ଥାନ |
|---|---|---|---|
| ମନରେଗା କାର୍ଯ୍ୟ ସମ୍ବନ୍ଧରେ | ୨୬।୧୧।୨୦୧୯ | ଦିବା ୧୧.୦୦ ଘଟିକା | ଜଗତ୍‌ସିଂହପୁର ପଞ୍ଚାୟତ ସମିତିର ସମ୍ମିଳନୀ କକ୍ଷ |

ସ୍ୱା./- ମଣ୍ଡଳ ଉନ୍ନୟନ ଅଧିକାରୀ, ପଞ୍ଚାୟତ ସମିତି, ଜଗତ୍‌ସିଂହପୁର

## ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିଃ.
(ରାଜ୍ୟ ସରକାରଙ୍କର ଏକ ସଂସ୍ଥା)
ODISHA STATE CASHEW DEVELOPMENT CORPORATION LTD.
(A Government of Odisha Undertaking)
CIN: U01133OR1979SGC000818
HEAD OFFICE: 2nd Floor, F-4 Block, I.R.C. Village, Bhubaneswar- 751015
Ph.: 0674-2360193, 2360190, 2360195, 2361196, Fax No.: 0674-2360194
Website: www.oscdc.com, Email: contact@oscdc.com

**ପ୍ରଗତି ପଥେ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ...**

- ରାଜ୍ୟରେ କାଜୁଚାଷର ବିକାଶ ଓ ପ୍ରସାର ପାଇଁ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଏକ ଅଗ୍ରଣୀ ତଥା ମୁଖ୍ୟ ବୈଷୟିକ ସଂସ୍ଥା ରୂପେ କାର୍ଯ୍ୟ କରିଆସୁଅଛି। ନିଗମ ଅଧୀନରେ ଥିବା ୩୦ ହଜାର ହେକ୍ଟର ପରିମିତ ଜମିରେ ମୋଟ ୫୭୨ଟି କାଜୁ ଉଦ୍ୟାନ ରହିଛି ଏବଂ ଉକ୍ତ ଉଦ୍ୟାନରୁ ବାର୍ଷିକ ହାରାହାରି ୨୦ ହଜାର ଟନରୁ ଉର୍ଦ୍ଧ୍ୱ କାଜୁ ମଞ୍ଜି ଉତ୍ପାଦନ ହେଉଅଛି। ପ୍ରତିବର୍ଷ ନିଗମ ନିଜ ଜମିରେ ଉନ୍ନତ ମାନର ଅଧିକ ଅମଳକ୍ଷମ କାଜୁ ଉଦ୍ୟାନ ନୂତନ ଭାବେ ସୃଷ୍ଟି କରୁଅଛି।
- ରାଜ୍ୟ ସରକାରଙ୍କର କୃଷି ବିଭାଗ ସହାୟତାରେ ନିଗମ ଉନ୍ନତ ମାନର ଅଧିକ ଉତ୍ପାଦନକ୍ଷମ କଲମୀ କାଜୁ ଚାରା ତଥା ଆବଶ୍ୟକୀୟ ଜ୍ଞାନକୌଶଳ ହିତାଧିକାରୀମାନଙ୍କୁ ଯୋଗାଇ ଦେଇ ଘରୋଇ ଉଦ୍ୟୋଗରେ ନୂତନ କାଜୁ ଉଦ୍ୟାନ ସୃଷ୍ଟି କରିବାରେ ସହାୟକ ହେଉଅଛି।
- ରାଜ୍ୟ ତଥା ରାଜ୍ୟ ବାହାରର ଉନ୍ନତମାନର ଅଧିକ ଅମଳକ୍ଷମ ନୂତନ କାଜୁ ଉଦ୍ୟାନ ସୃଷ୍ଟି ନିମନ୍ତେ କଲମୀ କାଜୁଚାରାର କ୍ରମବର୍ଦ୍ଧିଷ୍ଣୁ ଚାହିଦା ପୂରଣ ପାଇଁ ନିଗମ ତରଫରୁ ରାଜ୍ୟର ବିଭିନ୍ନ ସ୍ଥାନରେ ୨୦ଟି ଉନ୍ନତମାନର କାଜୁଚାରା ଉତ୍ପାଦନ କେନ୍ଦ୍ର (ନର୍ସରୀ) ପ୍ରତିଷ୍ଠା କରାଯାଇ ବାର୍ଷିକ ପ୍ରାୟ ୪୫ଲକ୍ଷରୁ ଉର୍ଦ୍ଧ୍ୱ କଲମୀ କାଜୁ ଚାରା ଉତ୍ପାଦନ କରାଯାଉଅଛି।
- ପରିବେଶ ସନ୍ତୁଳନ ସହିତ ଓଡ଼ିଶାର ଅନୁନ୍ନତ ବର୍ଗ ଲୋକଙ୍କ ଆର୍ଥିକ ଉନ୍ନତି ଆମର ଲକ୍ଷ୍ୟ।

ସଦାନନ୍ଦ ନାୟକ (ଓ.ପ୍ର.ସେ), ପରିଚାଳନା ନିର୍ଦ୍ଦେଶକ
ଅମରେନ୍ଦ୍ର ଦାସ, ଅଧ୍ୟକ୍ଷ

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ନିମାପଡ଼ା

ବିଜ୍ଞାପନ ସଂ. ୧୯୫୦/ ତାରିଖ: ୦୭।୧୧।୧୯

୧. ଠିକ୍ ସମୟରେ ପରିଷଦର ଟିକସ ପୈଠ କରନ୍ତୁ।
୨. ପଲିଥିନ୍‌ର ବ୍ୟବହାରରୁ ନିବୃତ୍ତ ରହନ୍ତୁ।
୩. ପରିଷଦଙ୍କ ବିନାନୁମତିରେ ନୂତନ ଗୃହ ନିର୍ମାଣ କରନ୍ତୁ ନାହିଁ । ଗୃହ ନକ୍ସା (Building Plan) ଅନୁମୋଦନ କରି, ଗୃହ ନିର୍ମାଣ କରନ୍ତୁ।
୪. ଖୋଲା ସ୍ଥାନରେ ମଳତ୍ୟାଗ କରନ୍ତୁ ନାହିଁ ।
୫. ଜନ୍ମ ମୃତ୍ୟୁ ଏବଂ ହିନ୍ଦୁ ବିବାହ ଆଇନ ପଞ୍ଜୀକରଣ ଠିକ୍ ସମୟରେ କରାଇନିଅନ୍ତୁ।
୬. ସରକାରୀ ଜାଗା ଜବରଦଖଲ କରନ୍ତୁ ନାହିଁ ।
୭. ନାଳନର୍ଦ୍ଦମାରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ।
୮. ଗାଈଗୋରୁ ଓ ଗୃହପାଳିତ ପ୍ରାଣୀଙ୍କୁ ସର୍ବସାଧାରଣ ରାସ୍ତାକୁ ଛାଡ଼ନ୍ତୁ ନାହିଁ ।
୯. ସହରକୁ ସ୍ୱଚ୍ଛ, ନିର୍ମଳ ରଖନ୍ତୁ, ଏବଂ ବୃକ୍ଷରୋପଣ କରି ପରିବେଶକୁ ପ୍ରଦୂଷଣ ମୁକ୍ତ ରଖନ୍ତୁ ।

ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ, ପ୍ରଶାସକ, ବିଜ୍ଞାପିତ ଅଞ୍ଚଳ ପରିଷଦ, ନିମାପଡ଼ା
ଶ୍ରୀଯୁକ୍ତ କମଳଜିତ୍ ଦାସ, ଓପ୍ରସେ (ବରିଷ୍ଠ), କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ନିମାପଡ଼ା




# ଉପାନ୍ତ ସହରର ଆକର୍ଷଣ ପ୍ରେମ ପାହାଡ଼



ରାୟଗଡ଼ା ଜିଲ୍ଲାର ୩୪ଟି ସ୍ଥାନକୁ ଚିହ୍ନଟ କରି ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ ଜିଲ୍ଲା ପ୍ରଶାସନ ପର୍ଯ୍ୟଟନ ବିଭାଗକୁ ଯେଉଁ ପ୍ରସ୍ତାବ ତାଲିକା ପଠାଇଛନ୍ତି ସେଥିରେ ପ୍ରେମ ପାହାଡ଼ ରହିଛି। ରାୟଗଡା ସହରରେ ଥିବା ଲଣ୍ଡା ପାହାଡର ସୌନ୍ଦର୍ଯ୍ୟକରଣ ପାଇଁ ପ୍ରଥମେ ଜିଲ୍ଲା ପ୍ରଶାସନ ତାହାର ନାମ ପ୍ରେମ ପାହାଡ଼ ରଖି ଏକ ସୁନ୍ଦର ପର୍ଯ୍ୟଟନ ସ୍ଥଳୀର ରୂପରେଖ କରିଥିଲା। ତତ୍କାଳୀନ ଜିଲାପାଳ ଗୁହା ପୁନମ ତାପସ କୁମାର ପର୍ଯ୍ୟଟନ ବିଭାଗକୁ ଏହାର ସୌନ୍ଦର୍ଯ୍ୟକରଣ ପାଇଁ ପ୍ରସ୍ତାବ ଦେଇଥିଲେ।



ସଂସ୍ଥା) ଦ୍ୱାରା କରାଯାଉଛି। ପ୍ରେମ ପାହାଡର ଚତୁଃପାର୍ଶ୍ୱରେ ୯୦୦ମିଟର ବୃତ୍ତାକାରରେ ସହରବାସୀଙ୍କ ପାଇଁ ପାଦଚଲା ପଥ ନିର୍ମାଣ କରାଯାଇଛି। ତଳୁ ବସି ପାହାଡର ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ୨୯ଟି ଚେୟାର ବ୍ୟବସ୍ଥା କରାଯାଇଛି। ସେହିପରି ପାହାଡର ଚାରିପଟ ପାଚେରି ନିର୍ମାଣ କରାଯାଇଥିବା ବେଳେ ୩ଟି ମୁଖ୍ୟଦ୍ୱାର ନିର୍ମାଣ କରାଯାଇଛି। ପାଦଚଲା ରାସ୍ତା କଡରେ ସିମେଣ୍ଟ କୁଣ୍ଡରେ ବିଭିନ୍ନ କିସମର ଫୁଲଗଛ ଲଗାଯିବା ପାଇଁ ଯୋଜନା ରହିଛି। ଏଥିସହ ପାହାଡ ଉପରେ ୨ଟି ଡେକୋରେଟିଭ୍ ଭିଉ ପଏଣ୍ଟ, ଲୋକେ ବସି ଚା'ପିଇବା ପାଇଁ ଟି-ହାଉସ ଓ ୨ଟି ମସ୍‌ରୁମ୍ ହାଉସ୍ (ଛତୁ ଆକାରର ଘର) ନିର୍ମାଣ କରାଯାଇଛି। ଆଗାମୀ ଦିନରେ ଏହାର ଚତୁଃପାର୍ଶ୍ୱରେ ଆଲୋକ ବ୍ୟବସ୍ଥା କରାଯିବ। ପ୍ରେମ ପାହାଡର ପାଦଚଲା ରାସ୍ତା ନିର୍ମାଣ ହୋଇସାରିଥିବା ଯୋଗୁ ଏଠାକୁ ପ୍ରତିଦିନ ସକାଳେ, ସନ୍ଧ୍ୟାରେ ବରିଷ୍ଠ ନାଗରିକଙ୍କଠାରୁ ଆରମ୍ଭ କରି ମହିଳା, ପୁରୁଷ, ଯୁବକ ଭ୍ରମଣରେ ଆସିଥାନ୍ତି। ପାହାଡର ଗୋଟିଏ ଭାଗରେ




ଏଥିପାଇଁ ୪କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୨୦୧୭ ମାର୍ଚ୍ଚ ୩ରେ ୧କୋଟି ଓ ୨୦୧୮ ଜାନୁୟାରୀ ୧୨ରେ ୨କୋଟି ୧୮ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରାଯାଇଥିଲା। ବର୍ତ୍ତମାନ ପ୍ରେମ ପାହାଡର ସୌନ୍ଦର୍ଯ୍ୟକରଣ ତଥା ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଭାରପ୍ରାପ୍ତ ଜିଲା ପର୍ଯ୍ୟଟନ ଅଧିକାରୀ ସୁରେନ୍ଦ୍ର ଲିମାଙ୍କଠାରୁ ମିଳିଥିବା ସୂଚନା ପ୍ରକାରେ, ଏହାର କାର୍ଯ୍ୟ ଓଟିଡିସି (ଓଡିଶା ପର୍ଯ୍ୟଟନ ଉନ୍ନୟନ

ମହାକାଳେଶ୍ୱରଙ୍କ ଏକ ବିରାଟ ମୂର୍ତ୍ତି ରହିଛି। ଅନ୍ୟଭାଗରେ ଶ୍ରୀ ଗଣେଶ, ଶିବ ମନ୍ଦିର ନିର୍ମାଣ ମଧ୍ୟ କରାଯାଇଛି। ଏହି ପ୍ରେମ ପାହାଡକୁ ସବୁଜବନାନୀରେ ପରିପୂର୍ଣ୍ଣ କରିବା ପାଇଁ ପ୍ରଶାସନଠାରୁ ଆରମ୍ଭ କରି ସହରର ବହୁ ସ୍ୱେଚ୍ଛାସେବୀ ସଙ୍ଗଠନ ଅନେକ ସମୟରେ ଚାରାରୋପଣ କରୁଛନ୍ତି। ବର୍ତ୍ତମାନ ପାହାଡର ଏକ ତୃତୀୟାଂଶରେ କୃତ୍ରିମ ଜଙ୍ଗଲ ସୃଷ୍ଟି ହୋଇଛି।

**ରିପୋର୍ଟ:** ଭାଗ୍ୟଶ୍ରୀ ମିଶ୍ର, ରାୟଗଡ଼ା

# ଦକ୍ଷିଣ ଏସିଆ ପ୍ରସିଦ୍ଧ ପଦ୍ମସମ୍ଭବ ବୌଦ୍ଧ ମହାବିହାର

ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମ ବୁଦ୍ଧ ନିଜ ଜୀବନକାଳ ମଧ୍ୟରେ କେବେ ଓଡ଼ିଶାକୁ ଆସି ନ ଥିଲେ ମଧ ଏଠାରେ ୨୦୦ରୁ ଊର୍ଦ୍ଧ୍ୱ ବୌଦ୍ଧ କୀର୍ତ୍ତି ଦେଖିବାକୁ ମିଳେ। ବୁଦ୍ଧଙ୍କ ଦେହାନ୍ତ ପରେ ତାଙ୍କ ଅନୁଗାମୀମାନେ ୨ ଭାଗ 'ହୀନଯାନ' ଓ 'ମହାଯାନ'ରେ ବିଭକ୍ତ ହୋଇଥିଲେ। ହେଲେ ବର୍ତ୍ତମାନ ବୌଦ୍ଧଧର୍ମରେ 'ବଜ୍ରଯାନ'ଅଧ୍ୟାୟ ଚାଲିଛି। ଏହାର ସୃଷ୍ଟି ଓଡ଼ିଶାରୁ ହିଁ ହୋଇଥିବା ବିଶ୍ୱାସ କରାଯାଏ। ଓଡ଼ିଶାରେ ଲଳିତଗିରି, ରତ୍ନଗିରି, ଉଦୟଗିରି, ଶାନ୍ତିସ୍ତୁପ ସମେତ ଗଞ୍ଜାମ, ବାଲେଶ୍ୱର, ଭଦ୍ରକ ଜିଲା ଏବଂ ଅନ୍ୟ କେତେକ ଅଞ୍ଚଳରେ ମଧ ଅନେକ ବୌଦ୍ଧ କୀର୍ତ୍ତି ରହିଛି। ତେବେ ଓଡ଼ିଶା-ଆନ୍ଧ୍ର ସୀମାରେ ଅବସ୍ଥିତ ଗଜପତି ଜିଲାରେ ରହିଛି ଦକ୍ଷିଣ ଏସିଆର ସବୁଠାରୁ ଉଚ୍ଚତମ ବୌଦ୍ଧ ମନ୍ଦିର। ଏହି ମନ୍ଦିର ପଦ୍ମସମ୍ଭବ ତଥା ବୌଦ୍ଧ ମହାବିହାର ନାମରେ ପରିଚିତ। ଜିଲାର ମୋହନା ବ୍ଲକ୍ ଲୋବାରସିଂ ପଞ୍ଚାୟତ ଅଧୀନ ଜିରାଙ୍ଗଠାରେ ଅବସ୍ଥିତ ଏହି ମନ୍ଦିର ସମଗ୍ର ଦକ୍ଷିଣ ଏସିଆର ଉଚ୍ଚତମ ବୌଦ୍ଧ ମନ୍ଦିର ଭାବେ ପ୍ରସିଦ୍ଧି ଲାଭ କରିଛି।



୧୭ ଫୁଟ ଉଚ୍ଚତା ବିଶିଷ୍ଟ ବୁଦ୍ଧଙ୍କ ପ୍ରତିମୂର୍ତ୍ତି।

ତିବ୍ବତୀୟ ବୌଦ୍ଧ ଧର୍ମଗୁରୁ ଦଲାଇ ଲାମାଙ୍କ ଦ୍ୱାରା ୨୦୧୦ମସିହାରେ ଏହି ମନ୍ଦିର ଉଦ୍‌ଘାଟିତ ହୋଇଥିଲା। ମୁଖ୍ୟତଃ ବୌଦ୍ଧ ଧର୍ମ ଉପରେ ଅଧ୍ୟୟନ ଓ ଅଭ୍ୟାସ ପାଇଁ ମନ୍ଦିରର ନିର୍ମାଣ ହୋଇଥିଲା। ବୌଦ୍ଧ ଧର୍ମର ପ୍ରତିଷ୍ଠାତା ଗୌତମ ବୁଦ୍ଧଙ୍କ ବୌଦ୍ଧ ଧର୍ମର ଦ୍ୱିତୀୟ ବୁଦ୍ଧ ଭାବେ ପରିଚିତ ମହାନ୍‌ଗୁରୁ ପଦ୍ମସମ୍ଭବ ଅଷ୍ଟମ ଶତାବ୍ଦୀରେ ତିବ୍ବତଠାରେ ତାନ୍ତ୍ରିକ ବୌଦ୍ଧ ଧର୍ମର ପ୍ରତିଷ୍ଠା କରିଥିଲେ। ସେହି ମହାନ୍ ଗୁରୁ ପଦ୍ମସମ୍ଭବଙ୍କର ଜନ୍ମ ଓଡ଼ିଶାରେ ହୋଇଥିବାରୁ ତାଙ୍କୁ ସ୍ମରଣ କରିବା ପାଇଁ ଓଡ଼ିଶାର ଗଜପତି ଜିଲା ଅନ୍ତର୍ଗତ ଜିରାଙ୍ଗଠାରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିବା ଏଠାକାର ବୌଦ୍ଧ ମନ୍ଦିରର ମୁଖ୍ୟ ଜିଗ୍ମେରିନ୍ ପୋଛେ ପ୍ରକାଶ କରିଛନ୍ତି। ଏହି ବୌଦ୍ଧ ମନ୍ଦିରଟି ତିବ୍ବତ, ନେପାଳ ଏବଂ ଭୁଟାନର କଳାକୃତିରେ ନିର୍ମାଣ ହୋଇଥିବାବେଳେ ନିର୍ମାଣ କାର୍ଯ୍ୟରେ କେତେକ ସ୍ଥାନୀୟ କାରିଗରଙ୍କ ଭୂମିକା ମଧ ରହିଥିବା ଜଣାପଡ଼ିଛି। ଏହି



ବୌଦ୍ଧ ମନ୍ଦିରଟି ପ୍ରାୟ ୧୦ଏକର ଜମିରେ ଅବସ୍ଥିତ। ସେହିପରି ବୌଦ୍ଧବିହାର ପାଇଁ ପ୍ରାୟ ୮କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାଯାଏ। ସେହିପରି ଏଠାରେ ଥିବା ବୁଦ୍ଧଙ୍କ ପ୍ରତିମୂର୍ତ୍ତିର ଉଚ୍ଚତା ପ୍ରାୟ ୧୭ଫୁଟ ବୋଲି ଜଣାଯାଏ। ଏହି ବୌଦ୍ଧ ମହାବିହାର ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଯାହାକି ଜିଲାର ବିକାଶରେ ଅନେକ ସହାୟକ ହୋଇପାରିଛି ବୋଲି ବୁଦ୍ଧିଜୀବୀ ମତ ଦିଅନ୍ତି। ଜିରାଙ୍ଗ ତଥା ନିକଟସ୍ଥ ଚନ୍ଦ୍ରଗିରିରେ ପ୍ରାୟ ୨୦୦ ବୌଦ୍ଧ ଭିକ୍ଷୁ ବସବାସ କରୁଛନ୍ତି। ତିବ୍ବତୀୟମାନଙ୍କ ପାଇଁ ଏଠାରେ ଏକ ସ୍ୱତନ୍ତ୍ର ବିଦ୍ୟାଳୟ ମଧ ରହିଛି। ମୁଖ୍ୟ ମନ୍ଦିର ବ୍ୟତୀତ ଏଠାରେ ବୌଦ୍ଧ ଭିକ୍ଷୁଙ୍କ ପ୍ରାର୍ଥନା ନିମନ୍ତେ କେତେକ ଛୋଟ ମନ୍ଦିର ମଧ ରହିଛି। ଏଠାରେ ୧୯୬୪ମସିହାରୁ ୧୯୬୭ ମସିହା ମଧ୍ୟରେ ତିବ୍ବତୀୟ ଶରଣାର୍ଥୀମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଥଇଥାନ ବ୍ୟବସ୍ଥା କରାଯାଇଥିଲା। ଏଠାରେ ଏବେ ପ୍ରାୟ ୨୫୦୦ରୁ ଊର୍ଦ୍ଧ୍ୱ ତିବ୍ବତୀୟ ବାସ କରୁଥିବାର ଜଣାପଡ଼ିଛି। ସେମାନଙ୍କ ପାଇଁ ଏଠାରେ ଏକ ତିବ୍ବତୀୟ ଜଡ଼ିବୁଟି ଚିକିତ୍ସାଳୟ ଏବଂ ଏକ ସ୍ୱାସ୍ଥ୍ୟକେନ୍ଦ୍ର ମଧ ଖୋଲାଯାଇଛି। ଏଠାରେ ଥିବା ବାର୍ଦ୍ଧକ୍ୟ ଆବାସିକ ସ୍ଥଳରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ବସବାସ କରୁଛନ୍ତି। ଏହି ତିବ୍ବତୀୟମାନେ ଏଠାରେ ମୁଖ୍ୟତଃ ମକା, ବାଜରା ଆଦି ଚାଷ କରି ଜୀବିକା ନିର୍ବାହ କରନ୍ତି। ବିଦେଶୀ ତୀବ୍ବତୀୟ କୁକୁର ପାଇଁ ଏହି ଅଞ୍ଚଳ ବେଶ୍ ଜଣାଶୁଣା। ଏହା ବ୍ୟତୀତ ଶୀତ ବସ୍ତ୍ର ବ୍ୟବସାୟ ଏମାନଙ୍କ ମୁଖ୍ୟ ଜୀବିକା ଏବଂ ଏହା ସାଧାରଣରେ ବେଶ୍ ଆଦୃତ। ତିବ୍ବତୀୟମାନଙ୍କ ସହାୟତା ପାଇଁ ଏଠାରେ ଏକ ସମବାୟ ସମିତି ମଧ ଖୋଲାଯାଇଥିବା ଜଣାପଡ଼ିଛି।



ଜିରାଙ୍ଗ ବୌଦ୍ଧ ମନ୍ଦିର

## ଧୁମ୍‌ଧାମ୍‌ରେ ପାଳନ ହୁଏ ଦଲାଇଲାମାଙ୍କ ଜନ୍ମଦିନ

ପ୍ରତିବର୍ଷ ଜୁଲାଇ ୮ ତାରିଖରେ ଚନ୍ଦ୍ରଗିରି(ଜିରାଙ୍ଗ)ରେ ବସବାସ କରୁଥିବା ତବ୍ବତୀୟମାନେ ବୌଦ୍ଧ ଧର୍ମଗୁରୁ ଦଲାଇଲାମାଙ୍କ ଜନ୍ମଦିନକୁ ଅତି ଧୁମ୍‌ଧାମ୍‌ରେ ପାଳିଥାନ୍ତି। ଦୀର୍ଘ ଜୀବନ କାମନା କରି ପ୍ରାର୍ଥନା କରିବା ସହ ୩ ଦିନ ଧରି ଅଞ୍ଚଳ ଉତ୍ସବମୁଖର ହୋଇଉଠିଥାଏ। ନିଜର ପାରମ୍ପରିକ ପୋଷାକରେ ପିଲାଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଏକାଠି ହୋଇଥାନ୍ତି। ଏହି ସମୟରେ ଜିରାଙ୍ଗର ପରିବେଶ ଏକ ମିନି ତିବ୍ବତର ଭ୍ରମ ସୃଷ୍ଟି କରିଥାଏ।

## କେମିତି ଯିବେ, କେଉଁଠି ରହିବେ

ଜିରାଙ୍ଗଠାରେ ଅବସ୍ଥିତ ବୌଦ୍ଧ ମହାବିହାର ଓଡ଼ିଶାର ପୁରାତନ ସହର ତଥା ଅବିଭକ୍ତ ଗଞ୍ଜାମ ଜିଲାର ବ୍ରହ୍ମପୁର ସହରଠାରୁ ୮୦କିମି ଏବଂ ଗଜପତି ଜିଲା ସଦର ପାରଳାଖେମୁଣ୍ଡିଠାରୁ ୮୫କିମି ଦୂରରେ ଅବସ୍ଥିତ। ପର୍ଯ୍ୟଟକମାନେ ଏଠାକୁ ଯିବାକୁ ହେଲେ ନିକଟବର୍ତ୍ତୀ ବ୍ରହ୍ମପୁର ଏବଂ ପାରଳାଖେମୁଣ୍ଡି ରେଳଷ୍ଟେଶନ୍‌ରେ ଓହ୍ଲାଇ ସଡ଼କପଥରେ ଯାଇପାରିବେ। ପର୍ଯ୍ୟଟକଙ୍କ ରହିବା ନିମନ୍ତେ ୨ଟି ସରକାରୀ ପାନ୍ଥନିବାସ ଏବଂ ଏକ ହୋଟେଲ୍ ମଧ ରହିଛି।

ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ପର୍ଯ୍ୟଟନସ୍ଥଳୀର ପ୍ରଚାର ପ୍ରସାର କରାଯାଉଛି। ହେଲେ ଏହାକୁ ଅଧିକ ବ୍ୟାପକ କରାଯାଇପାରିଲେ ଏଠାକୁ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ଏବଂ ଜିଲାର ବିକାଶରେ ସହାୟକ ହୋଇପାରିବ ବୋଲି ଜିଲାର ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

**ରିପୋର୍ଟ:** ରଶ୍ମିରଞ୍ଜନ ମିଶ୍ର, ଗଜପତି
















See Career Appointment on every Wednesday & Saturday

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ରବିବାର, ନଭେମ୍ବର ୨୪/୨୦୧୯ Sunday, November 24/2019

# ଶିକ୍ଷକତା ପେସା, ସାହିତ୍ୟ ଯାହାର ନିଶା

## ନିଆରା ମହିଳା

ବରୀ, (ବାଞ୍ଛାନିଧି ସାହୁ)- ପେସା ଶିକ୍ଷକତା ନିଶା ସାହିତ୍ୟିକ। ଏଭଳି ଜଣେ ନିଆରା ମହିଳା ହେଉଛନ୍ତି ବରୀ ବ୍ଲକ୍ ଅଧୀନ କିମ୍ଭୀରିଆପାଳ ପଞ୍ଚାୟତର ମାଳଦା କମଳିନୀ ପାଗଡ଼। ଛୁଟି ଦିନ ହେଲେ କଲମ ଧରି ବସିଯାଆନ୍ତି ସାହିତ୍ୟ ରଚନାରେ। ଦୀର୍ଘ ୩୦ ବର୍ଷ ଧରି ଛାତ୍ରୀ ଅବସ୍ଥାରୁ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇ ନିଜ ସାଧନା ବଳରେ ଏକାଧାରରେ ପାଲଟିଯାଇଛନ୍ତି ସାହିତ୍ୟିକା, କବୟିତ୍ରୀ, ଗାଳ୍ପିକା ଓ ଉପନ୍ୟାସିକା। ଇତି ମଧ୍ୟରେ ୫୦ରୁ ଊର୍ଦ୍ଧ୍ୱ କବିତା, ୧୦ରୁ ଊର୍ଦ୍ଧ୍ୱ ଉପନ୍ୟାସ, ୩୦ରୁ ଊର୍ଦ୍ଧ୍ୱ ଗଳ୍ପ ଲେଖି ବିଭିନ୍ନ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ପେସାରେ ଜଣେ ଶିକ୍ଷୟିତ୍ରୀଭାବେ ସେ ଦୀର୍ଘ ୨୫ ବର୍ଷ ହେଲା କାର୍ଯ୍ୟକରି ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନା କରିଆସୁଛନ୍ତି। ଏତିକିରେ ତାଙ୍କର ସାଧନା ଅଟକି ଯାଇନି ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତରେ ବିଏ ପାସ୍ କଲା ପରେ ସଙ୍ଗୀତ ଜାରି ରଖିଛନ୍ତି। ସଙ୍ଗୀତ ମାଧ୍ୟମରେ ସଂସାରର ଦୁଃଖ କଷ୍ଟକୁ ସେ ଭୁଲି ଯାଆନ୍ତି ବୋଲି କୁହନ୍ତି।







# ସିଙ୍ଗଲ୍ ୟୁଜଡ୍ ପ୍ଲାଷ୍ଟିକ୍ ଧ୍ୱଂସସ୍ତୂପରେ ପୃଥିବୀ

ଶିଳ୍ପାୟନ ସହିତ ଜିନିଷ ପତ୍ର ନେବା ଆଣିବାରେ ସୁବିଧା ପାଇଁ ଲୋକେ ସିଙ୍ଗଲ୍ ୟୁଜଡ୍ ପ୍ଲାଷ୍ଟିକ୍‌ର ବ୍ୟବହାରକୁ ପସନ୍ଦ କରିଥିଲେ। ତେବେ ଦିନେ ଯେ ଏହା ଯୋଗୁ ପୃଥିବୀ ଧ୍ୱଂସସ୍ତୂପରେ ବସିବ ତାହା ମଣିଷ କେବେ ମଧ୍ୟ କଳ୍ପନା କରି ନ ଥିଲା। ଏପ୍ରକାର ପ୍ଲାଷ୍ଟିକ ସହଜରେ ମାଟିରେ ବିଘଟିତ ହୋଇ ପାରି ନ ଥାଏ। ଫଳରେ ଏହା ପରିବେଶ ପ୍ରଦୂଷଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଦୈନନ୍ଦିନ ଜୀବନରେ ଆମେ ବ୍ୟବହାର କରୁଥିବା ପାଣି ବୋତଲ, ଜିନିଷପତ୍ର ଆଣିବାରେ ବ୍ୟବହାର କରୁଥିବା ପଲିଥିନ୍, ଷ୍ଟ୍ର, ଚା କପ୍, ଗ୍ଲାସ୍, ପ୍ଲେଟ୍, ପ୍ୟାକେଜିଂରେ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ୍ ସିଙ୍ଗଲ୍ ୟୁଜଡ୍ ପ୍ଲାଷ୍ଟିକ୍। ଏହାକୁ ଥରେ ମାତ୍ର ବ୍ୟବହାର କରାଯାଇଥାଏ। ପୃଥିବୀରେ ଇ-କମର୍ସ କମ୍ପାନୀଗୁଡ଼ିକ ଦ୍ୱାରା ସିଙ୍ଗଲ୍ ୟୁଜଡ୍ ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ହୋଇଥାଏ। ଭାରତରେ ଏଭଳି କମ୍ପାନୀଗୁଡ଼ିକ ୪୦ ପ୍ରତିଶତରୁ ଅଧିକ ସିଙ୍ଗଲ୍ ୟୁଜଡ୍ ପ୍ଲାଷ୍ଟିକ୍ ବ୍ୟବହାର କରିଥାନ୍ତି। ତେବେ ଏହାର କୁପ୍ରଭାବ ସମ୍ପର୍କରେ ଜଣାପଡ଼ିବା ପରେ ଅନେକ ବଡ଼ ବଡ଼ ଇ-କମର୍ସ କମ୍ପାନୀ ଏହାର ବ୍ୟବହାରକୁ କମ୍ କରିଛନ୍ତି।

ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ଆମେ ବାସ କରୁଥିବା ପୃଥିବୀ ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି। ୟୁରୋପିଆନ୍ ସଂଘ ପକ୍ଷରୁ ୨୦୨୧ ସୁଦ୍ଧା ଏହାର ବ୍ୟବହାର ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଲାଗି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି। ସେହିପରି ଚାଇନାରେ ୨୦୨୫ ସୁଦ୍ଧା ଏହାକୁ ବନ୍ଦ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ପୃଥିବୀରେ ପ୍ରତିବର୍ଷ ୩ଶହ ନିୟୁତ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସୃଷ୍ଟି ହେଉଛି। ସେଥିମଧ୍ୟରୁ ସିଙ୍ଗଲ ୟୁଜଡ୍ ପ୍ଲାଷ୍ଟିକ୍ ୧୫୦ ନିୟୁତ ଟନ୍ ରହିଥାଏ। ସୃଷ୍ଟି ହେଉଥିବା ପ୍ଲାଷ୍ଟିକ୍ ମଧ୍ୟରୁ ପ୍ରାୟ ୧୦ରୁ ୧୩ ପ୍ରତିଶତ ପ୍ଲାଷ୍ଟିକ୍ ମାଟିରେ ବିଘଟନ ହେଉଥିବାବେଳେ ଅବଶିଷ୍ଟ ପ୍ଲାଷ୍ଟିକ୍ ପରିବେଶ ପ୍ରଦୂଷଣ କରିଥାଏ। କେତେକ ଏହାକୁ ଜଳାଇ ଥାନ୍ତି। ଏଥିରୁ ସୃଷ୍ଟି ହେଉଥିବା ବିଷାକ୍ତ ଗ୍ୟାସ୍ ବାୟୁମଣ୍ଡଳରେ ବ୍ୟାପିଯାଇଥାଏ। ଏଭଳି ବାୟୁକୁ ନିଶ୍ୱାସରେ ନେବା ଯୋଗୁ ବହୁ ଶାରୀରିକ ସମସ୍ୟା ସୃଷ୍ଟି ହୋଇଥାଏ। ସେହିଭଳି ଏହା ମୃତ୍ତିକାକୁ ମଧ୍ୟ ପ୍ରଦୂଷିତ କରିଥାଏ।

ପୃଥିବୀ ଧ୍ୱଂସମୁଖ ଆଡ଼କୁ ଅଗ୍ରସର ହେଉଥିବାବେଳେ କେବଳ ସଚେତନତା ସୃଷ୍ଟି ଦ୍ୱାରା ହିଁ ଏହି ସମସ୍ୟାରୁ ମୁକ୍ତି ମିଳି ପାରିବ। କୌଣସି ଦେଶର ସରକାରଙ୍କ ତୁଳନାରେ ଏଥିରୁ ମୁକ୍ତି ପାଇବା ଲାଗି ସାଧାରଣ ଜନତାଙ୍କ ମଧ୍ୟରେ ଆମେ କିଭଳି ଆମ ପୃଥିବୀ ମା'କୁ ସୁରକ୍ଷିତ ରଖିବା, ସେଭଳି ଭାବନା ଜାଗ୍ରତ ହେଲେ ଏଭଳି ସମସ୍ୟାରୁ ସହଜରେ ମୁକ୍ତି ମିଳିପାରିବ।



## ସ୍ୱଚ୍ଛ ଗ୍ରାମ କଣ୍ଟାବଣିଆ

# ବାହାରେ ମଳତ୍ୟାଗ କଲେ ୧ହଜାର ଜରିମାନା



ଗ୍ରାମକୁ ଯିବା ପାଇଁ ହୋଇଥିବା ପ୍ରବେଶ ପଥ

କଥାରେ ଅଛି ଗାଁ ପରିମଳ ଧୋବା ତୁଠରୁ। ଏହାକୁ ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତି ନୟାଗଡ଼ ଜିଲା ସଦର ବ୍ଲକ ବାଲୁଗାଁ ପଞ୍ଚାୟତର କଣ୍ଟାବଣିଆ ଗ୍ରାମବାସୀ। ଗ୍ରାମବାସୀଙ୍କ ଏକତା ଏହି ଗ୍ରାମକୁ ବର୍ତ୍ତମାନ ସ୍ୱଚ୍ଛ ଗ୍ରାମ ରୂପେ ପରିଗଣିତ କରିଛି। ଗ୍ରାମରେ ଥିବା ୪ଟି ପୋଖରୀକୁ ଦେଖିଲେ ଜଣାପଡ଼େ ଏ ଗାଁ କେତେ ସୁନ୍ଦର ତଥା ପରିଷ୍କାରପରିଚ୍ଛନ୍ନ। ଖାଲି ଗାଁ ପୋଖରୀ ନୁହେଁ, ଗ୍ରାମର ପରିବେଶ, ଗ୍ରାମକୁ ଯିବା ପାଇଁ ଥିବା ପ୍ରବେଶ ପଥ ଜଣେ ବାଟୋଇକୁ ଗାଁର ସ୍ୱଚ୍ଛତା ବିଷୟରେ ଜଣାଇଦିଏ। ଖାଲି ଯେ ସ୍ୱଚ୍ଛତା ବଜାୟ ରଖିଛନ୍ତି ତାହା ନୁହେଁ, ଗ୍ରାମବାସୀ ଏକଜୁଟ ହୋଇ ଗ୍ରାମରେ ବିଭିନ୍ନ ପର୍ବପର୍ବାଣିକୁ ମଧ୍ୟ ଧୁମ୍‌ଧାମ୍‌ରେ ପାଳନ କରନ୍ତି। ଗ୍ରାମରେ ଜନ୍ମାଷ୍ଟମୀ ଓ ଦୋଳପୂର୍ଣ୍ଣିମା ପାଳନ ହେଉଥିବା ବେଳେ ପଣାସଂକ୍ରାନ୍ତି ଧୁମ୍‌ଧାମ୍‌ରେ ପାଳନ କରାଯାଏ। ଏହି ପର୍ବପର୍ବାଣି ଗ୍ରାମବାସୀଙ୍କ ମଧ୍ୟରେ ଥିବା ଏକତା ଓ ଭାଇଚାରା ସମ୍ପର୍କକୁ ଜଣାଇଦିଏ। ଗ୍ରାମର ପ୍ରତ୍ୟେକଙ୍କ ଘରେ ଶୌଚାଳୟ ଥିବା ବେଳେ ଲୋକମାନେ ଏହାକୁ ବ୍ୟବହାର କରୁଛନ୍ତି। ଗାଁର ସ୍ୱଚ୍ଛତା ବଜାୟ ରଖିଥିବାରୁ ଏହି ଗ୍ରାମକୁ ୪ ଫେବୃୟାରୀ ୨୦୧୫ ମସିହାରେ ଖୋଲା ମଳମୁକ୍ତ ଗ୍ରାମ ଭାବେ ଘୋଷଣା କରାଯାଇଛି। ଗ୍ରାମକୁ ପ୍ରବେଶ କରିବାବେଳେ ଆପଣଙ୍କୁ ସ୍ୱାଗତ କରିବ ପ୍ରବେଶ ପଥ ତୋରଣ। ତାହା ସାଙ୍ଗକୁ ଗ୍ରାମ ରାସ୍ତାକଡ଼ରେ ଲାଗିଥିବା ଗଛ ଆପଣଙ୍କୁ ବିମୋହିତ କରିବ। ଗ୍ରାମରେ ଯଦି କେହି ବାହାରେ ମଳତ୍ୟାଗ କରନ୍ତି ତାହାହେଲେ ତାଙ୍କୁ ୧୦୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ। ବେଢ଼ାସାହି, ଜେନାସାହି, ତୋଟାସାହି ଗଳି ଗ୍ରାମର ୭ ସାହିରେ ୨୬୨ ପରିବାର ବସବାସ କରୁଥିବା ବେଳେ ଜନସଂଖ୍ୟା ୧୨୫୪। ସମସ୍ତଙ୍କ ଘରେ ଶୌଚାଳୟ ରହିଛି। ଗ୍ରାମରେ ୧୮ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି) ଥିବାବେଳେ ସେମାନେ ଜିଆ ଖତ ଓ ଅନ୍ୟାନ୍ୟ କାର୍ଯ୍ୟ କରି ସ୍ୱାବଲମ୍ବୀ ହୋଇଥିବା ଅଙ୍ଗନୱାଡ଼ି କର୍ମୀ ମଞ୍ଜୁଳା ମହାନ୍ତି କହିଛନ୍ତି। ଗ୍ରାମର ଲୋକମାନେ ଶୌଚାଳୟ ବ୍ୟବହାର କରୁଛନ୍ତି କି ନାହିଁ ତାହାକୁ ପ୍ରତି ମାସରେ ଯାଇ ତଦାରଖ କରନ୍ତି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧିକାରୀମାନେ। ଗ୍ରାମବାସୀ ସକାଳୁ ଘର ଓଳାଇ ଅଳିଆ ପାଇଁ ଉଦ୍ଦିଷ୍ଟ ଥିବା ଡଷ୍ଟବିନ୍‌ରେ ଏହାକୁ ପକାନ୍ତି। ପରେ ଏହାକୁ ସଂଗ୍ରହ କରି ଏକାଠି ରଖାଯାଏ। ସହରରେ ବସବାସ କରୁଥିବା ଲୋକମାନେ ପୌରପରିଷଦ କର୍ମଚାରୀ ସଫା କରିବେ ବୋଲି କହି ରାସ୍ତାକୁ ଅଳିଆ ଫିଙ୍ଗି ଦେଉଥିବାବେଳେ ଗ୍ରାମବାସୀଙ୍କ ଏହି ସ୍ୱଚ୍ଛତା ବାସ୍ତବିକ ପ୍ରଂଶସନୀୟ। ଗ୍ରାମର ଲୋକମାନେ ଚାଷବାସ କରି ଚଳନ୍ତି। ପୂର୍ବରୁ ଚିନିକଳ ଥିବା ବେଳେ ଲୋକମାନେ ଆଖୁଚାଷ କରି ଦି' ପଇସା ରୋଜଗାର କରୁଥିଲେ, ମାତ୍ର ବର୍ତ୍ତମାନ ଏହା ବନ୍ଦ ହୋଇ ପଡ଼ିଥିବାରୁ କମ୍ ଆଖୁ ଚାଷ ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହିଭଳି ସ୍ୱଚ୍ଛ ଗ୍ରାମ ଜିଲାର ଅନ୍ୟ ଗ୍ରାମ ପାଇଁ ଆଦର୍ଶ ପାଲଟିଛି।

**- ରଞ୍ଜନ କୁମାର ପ୍ରଧାନ, ନୟାଗଡ଼**




-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ